# ଧରିତ୍ରୀ DHARITRI
୪୭

ଢେଙ୍କାନାଳ, ମଙ୍ଗଳବାର, ଡିସେମ୍ବର ୧/୨୦୨୦ (୧୬ ପୃଷ୍ଠା) Dhenkanal, Tuesday, December 1/2020 ★★★★★

୧୬ଶ ଭାଗ ୨୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ପ୍ରଥମ ଫିଲ୍ମରେ ୧୭ ଚୁମ୍ବନ**

ବଲିଉଡ୍ ଅଭିନେତ୍ରୀ ମଲ୍ଲିକା ସେରାୱତ ଡେବ୍ୟୁ କରିଥିବା ଫିଲ୍ମ 'ଖ୍ୱାହିଶ୍'ରେ ୧୭ ଚୁମ୍ବନ ଦେଇ ଚର୍ଚ୍ଚାକୁ ଆସିଥିଲେ।

୧୪

୧୬

**ଡେଭିଡ୍ ୱାର୍ନର ଓହରିଲେ**

ଆହତ ସମସ୍ୟା ଯୋଗୁ ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର ଭାରତ ବିପକ୍ଷ ଅବଶିଷ୍ଟ ସୀମିତ ଓଭର କ୍ରିକେଟ ମ୍ୟାଚ ଗୁଡ଼ିକରୁ ଓହରି ଯାଇଛନ୍ତି।



# ଏହି ନାଟକ

**ତଥାଗତ ସତପଥୀ**

ଦୀର୍ଘବର୍ଷ ଚାକିରି କରିବା ପରେ ଭାରତୀୟ ବନ ସେବା (ଆଇଏଫ୍ଏସ୍) ଅଫିସର ଅଭୟକାନ୍ତ ପାଠକଙ୍କୁ ଭିଜିଲାନ୍ସ ଦୁର୍ନୀତି ଅଭିଯୋଗରେ ଗିରଫ କରିଛି। ତାଙ୍କ ପୁଅ ଆକାଶ ମଧ୍ୟ ବଡ଼ ଠକେଇରେ ସମ୍ପୃକ୍ତ ଥିବା ନେଇ ଗିରଫ ହୋଇଛନ୍ତି। ତେବେ ଅଭୟକାନ୍ତଙ୍କ ଦୁର୍ନୀତି ଉପରେ ଶେଷ କଥା କହିବ ନ୍ୟାୟାଳୟ। ତାଙ୍କ ବିରୋଧରେ ଯଦି ଅଭିଯୋଗ ସତ୍ୟ ହୋଇଥାଏ, ତାହାହେଲେ ଏହା ଦିନେ, ମାସେ ବା ବର୍ଷକର କଥା ନୁହେଁ। ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱର କାହାଣୀ ଏବେ ଧରାପଡ଼ିବା ଆଶ୍ଚର୍ଯ୍ୟ ଲାଗୁଛି। ଭିଜିଲାନ୍ସର ଯାଞ୍ଚ ପ୍ରାୟତଃ ଚପରାସୀ, ପିଅନ, କିରାଣି କିମ୍ବା କନିଷ୍ଠ ଯନ୍ତ୍ରୀଙ୍କ ସ୍ତରରେ ଅଧିକାଂଶ ସମୟରେ ଅଟକିଯିବାର ଖବର ସମସ୍ତେ ପଢ଼ନ୍ତି। ବଡ଼ବଡ଼ିଆଙ୍କ ଦୁର୍ନୀତିକୁ ଧରିବାରେ ଓଡ଼ିଶା ଭିଜିଲାନ୍ସ ବିଭାଗର ଇତିହାସ ନାହିଁ। ହଠାତ୍ ନିଦ୍ରାଭଙ୍ଗ ଘଟି ବଡ଼ ମାଛ ଧରିବାକୁ ବନିଶି କଣ୍ଟା ଧରି ଭିଜିଲାନ୍ସ ବିଭାଗ ବାହାରିଲା। ଚୋର ଧରିବା ଏହାର ଦୈନନ୍ଦିନ ବିଷୟ ହେବା ଦରକାର। ତାହା ନ ହୋଇଥିବାରୁ ଭିଜିଲାନ୍ସର ଏହି ବହୁଳ ପ୍ରଚାରିତ ଆକ୍ରମଣ କେବଳ ଆକ୍ରୋଶରେ ଶିକାର କରୁଥିବା ଭଳି ମନେହେଉଛି। ଏବେ ଆଇଏଫ୍ଏସ୍ ଅଫିସର ପାଠକ ଓ ତାଙ୍କ ପୁଅଙ୍କ ସହ ଗଞ୍ଜାମ ଜିଲାର ଗୋପାଳପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀଙ୍କ ସମ୍ବନ୍ଧ ଥିବା ବିଷୟ ଚର୍ଚ୍ଚାକୁ ଆସିବା ପରେ ତାଙ୍କୁ ବିଜୁ ଜନତା ଦଳ (ବିଜେଡି)ରୁ ବହିଷ୍କାର କରାଯାଇଛି। ନୟାଗଡ଼ର ଶିଶୁକନ୍ୟା ପରୀ ହତ୍ୟାକାଣ୍ଡକୁ ନେଇ ଶାସକ ଦଳକୁ ବିରୋଧୀ ଟାର୍ଗେଟ କରିବା ପରେ ପାଠକ-ପ୍ରଦୀପ ଘଟଣା ରାଜ୍ୟ ରାଜନୀତିକୁ ନୂଆ ରୋଚକ ସ୍ତରକୁ ଆଣିଛି। ପରୀ ଘଟଣାରୁ ଦୃଷ୍ଟି ହଟାଇବା ସକାଶେ ସରକାରଙ୍କ ଇଙ୍ଗିତରେ ଏଭଳି କରାଯାଉଛି ବୋଲି କୁହାଯାଉଛି। କାଳେ ଜନସାଧାରଣ ଆକ୍ରମଣାତ୍ମକ ହୋଇଯିବେ, ସେଥିଲାଗି ମାସକ ପୂର୍ବରୁ ବିଧାନସଭାର ଶୀତ ଅଧିବେଶନକୁ ଅଚାନକ ବନ୍ଦ କରିଦିଆଯିବା ମଧ୍ୟ ପ୍ରଶ୍ନ ସୃଷ୍ଟି କରୁଛି।

ପଞ୍ଚଦଶ ବିଧାନସଭାରେ କଂଗ୍ରେସ ବିରୋଧୀ ଦଳ ଭୂମିକା ଗ୍ରହଣ କରିଥିବା ବେଳେ ୨୦୧୯ ଷୋଡ଼ଶ ବିଧାନସଭାରୁ ଭାଜପା ସେ ଆସନ ପାଇଛି। ଉଭୟ ଦଳର ନେତାମାନଙ୍କ କାର୍ଯ୍ୟକଳାପକୁ ଦେଖିଲେ ମନେହୁଏ, ଯେପରି ଡମ୍ବରୁ ବଜାଇ ମାଙ୍କଡ଼ ନଚାଇଲା ଭଳି ସରକାର ସେମାନଙ୍କୁ ନଚାଉଛି। ବିଧାନସଭାକୁ ସାମ୍ନା କରିବାକୁ ଅନିଚ୍ଛୁକ ସରକାର, ବାଡ଼ି ଉଠାଇବା ମାତ୍ରକେ, ବିରୋଧୀ ଦଳ ହୋହଲ୍ଲା କରି କିଛିଦିନ ମଧ୍ୟରେ ବିଧାନସଭା ବନ୍ଦ କରିଦେଉଛନ୍ତି। କୌଶଳ ବା ଷ୍ଟ୍ରାଟେଜି ବଦଳାଇବାର ମଧ୍ୟ ପ୍ରୟୋଜନ ଉଠୁନାହିଁ। ଗଣତନ୍ତ୍ରରେ ବିଧାନସଭା ବା ପାର୍ଲାମେଣ୍ଟ ଲୋକହିତକର ଆଇନ ପ୍ରଣୟନ ସହ ଉନ୍ନତିମୂଳକ କାର୍ଯ୍ୟ କରିବା ଲାଗି ଅଭିପ୍ରେତ। ହେଲେ ଓଡ଼ିଶାରେ କିଛି ବର୍ଷ ହେବ ଦେଖାଯାଉଛି ଯେ, ଅସୁବିଧାଜନକ ସ୍ଥିତି ଆଶଙ୍କା କରି ବିଧାନସଭା ଅଧିବେଶନକୁ ଯଥେଷ୍ଟ ଆଗରୁ ବାରମ୍ବାର ବନ୍ଦ କରିଦିଆଯାଉଛି। ଚଳିତ ଶୀତ ଅଧିବେଶନକୁ ମାସକ ପୂର୍ବରୁ ମୁଲତବୀ କରିଦିଆଯିବା ମନେହେଉଛି ସତେଯେପରି ଶାସକ-ବିରୋଧୀ ସାଲିସ କରି ଏଭଳି କାର୍ଯ୍ୟ କରୁଛନ୍ତି। ଲେଜିସ୍‌ଲେଚର (ବିଧାନମଣ୍ଡଳ)ରେ ବିରୋଧୀ ଦୁର୍ବଳ କିମ୍ବା ଲୋଭୀ ହୋଇଗଲେ ଗଣତନ୍ତ୍ର ଫମ୍ପା ହୋଇଯାଏ। ଓଡ଼ିଶାବାସୀଙ୍କ ଦୁଃଖ ଯେ, ଏଠାରେ ବିରୋଧୀ ସାଜିଥିବା ଦଳ ଓ ତା'ର ନେତୃତ୍ୱ ସମ୍ପୂର୍ଣ୍ଣ ଭାବେ ସାଲିସ ମାଧ୍ୟମରେ ଲାଭ ଉଠାଇବାକୁ ଚେଷ୍ଟା କରୁଛି। କୌଣସି କଷ୍ଟ କିମ୍ବା ରାଜନୈତିକ ଅଭିଯାନ କରିବା ପରିବର୍ତ୍ତେ ଉଷୁମ ଥିବା ଚୌକିରେ ବସିପଡ଼ିବାକୁ ଚେଷ୍ଟିତ। କୌତୂହଳର ବିଷୟ ହେଉଛି, ଅନେକ ବଡ଼ ସମସ୍ୟାକୁ 'ଛୋଟିଆ' କରି ତାକୁ ଚତୁରତାର ସହିତ ରାଜନୈତିକ ପ୍ରସଙ୍ଗ ଭାବେ ଧ୍ୱଂସ କରିଦିଆଯାଉଛି। ପରବର୍ତ୍ତୀ ସମୟରେ ସେହି ପ୍ରସଙ୍ଗକୁ ପୁନର୍ବାର ରାଜନୈତିକ ଆନ୍ଦୋଳନର ରୂପ ଦିଆଯାଇ ପାରୁନାହିଁ। ସବୁଦିନ ସକାଳୁ ଖବରକାଗଜ ପଢ଼ି ସେଥିରେ ପ୍ରକାଶ ପାଉଥିବା କୌଣସି ଅନୈତିକ କାର୍ଯ୍ୟ ବିରୋଧରେ ତୁରନ୍ତ କେତେ ଜଣ ଏକାଠି ହୋଇ ଧ୍ୱନି ଦେଇଦେଲେ ସେହି ସମସ୍ୟା ବା ପ୍ରସଙ୍ଗ ସମାଧି ପାଇଯାଉଛି। ତା' ପରେ ଦଳୀୟ କାର୍ଯ୍ୟାଳୟକୁ ଫେରି ମାଂସ ଭାତ ଭୋଜିରେ ବିପ୍ଳବୀମାନେ ଆପ୍ୟାୟିତ ହେଉଛନ୍ତି। ଭାବୁଛନ୍ତି କେହି କିଛି ବୁଝିପାରୁନାହାନ୍ତି। ସେହିଭଳି କେତେକ ଗଣମାଧ୍ୟମ ସଂସ୍ଥା ନିଜର ସୁବିଧା ତଥା ବ୍ୟକ୍ତିଗତ ପଦପଦବୀ ହାସଲ କରିବା ଲୋଭ ରଖି ଅତିରଞ୍ଜିତ କରି କାହାଣୀ ଛପାଉଛନ୍ତି ପ୍ରଥମ ପୃଷ୍ଠାରେ। ଏହିଭଳି ଚାଞ୍ଚଲ୍ୟକର ଖବର ପରିବେଷଣ କଲେ ପାଠକ କ୍ଷଣିକ ସମୟ ପାଇଁ କୁତୁକୁତୁ ହୋଇପାରନ୍ତି। କିନ୍ତୁ ସେହି ପାଠକମାନେ ଏହାଦ୍ୱାରା ବୋକା ସାବ୍ୟସ୍ତ ହେଉଛନ୍ତି। କାରଣ ସେମାନେ ଭିତିରି କଥା ବୁଝିବାରେ ଅସମର୍ଥ।

ଏବେ ଓଡ଼ିଶାର ଲୋକଙ୍କୁ ଭାବିବାକୁ ହେବ ଯେ, ଆମ ସମ୍ମୁଖରେ ଥିବା ରାଜନୈତିକ ବିକଳ୍ପ ଭିନ୍ନ ପତାକା ଧରିଥାଇପାରନ୍ତି, କିନ୍ତୁ ବାସ୍ତବରେ ସମସ୍ତଙ୍କ ରଙ୍ଗ ଗୋଟିଏ। ଆମେ ଜନସାଧାରଣ ଭକୁଆ ହେଉଛେ। ଦଳୀୟ ଚେଲାଚାମୁଣ୍ଡା ଆମକୁ ଦେଖି ଉତ୍‌ଫୁଲ୍ଲିତ ହେଉଛନ୍ତି। ନେତାମାନେ ନୀରବତା ରକ୍ଷାକରି ଭାଗବଣ୍ଟାରେ ଲାଗି ପଡୁଛନ୍ତି। ଆଉ କେତେ ଦିନ ଏହି ନାଟକ।

# 'ମୋଦି ସରକାର ଏକଚ୍ଛତ୍ରବାଦୀ'

**ନୂଆଦିଲ୍ଲୀ, ୩୦।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ସାମ୍ପ୍ରଦାୟିକ, ଫାସିବାଦୀ ତଥା ଏକଚ୍ଛତ୍ରବାଦୀ ବୋଲି ସୋମବାର ଆନ୍ଦୋଳନରତ କୃଷକମାନେ ଅଭିଯୋଗ କରିଛନ୍ତି। ଏଥିସହିତ ବୁରାରିର ସନ୍ଥ ନିରଙ୍କରୀ ପଡ଼ିଆରେ ଆନ୍ଦୋଳନକାରୀମାନେ ଏକତ୍ର ହେବାକୁ ସରକାର ଦେଇଥିବା ପ୍ରସ୍ତାବକୁ କୃଷକମାନେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଦିଲ୍ଲୀ-ହରିୟାଣା ସୀମାର ସିଙ୍ଘୁଠାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି କ୍ରାନ୍ତିକାରୀ କିଷାନ ସଂଘ, ପଞ୍ଜାବ ଶାଖାର ସଭାପତି ଦର୍ଶନ ପାଲ୍ କହିଛନ୍ତି ଯେ, ମୋଦି ସରକାର ମୁହଁରେ ଗୋଟିଏ କଥା କହୁଥିବାବେଳେ ଅନ୍ୟପଟେ ପିଠିରେ ଛୁରା ମାରୁଛି। ସେ ଭାଜପାକୁ ସାମ୍ପ୍ରଦାୟିକ, ଫାସିବାଦୀ ଓ ଏକଚ୍ଛତ୍ରବାଦୀ ବୋଲି ଅଭିହିତ କରିଛନ୍ତି।

ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବା ଲାଗି ଖୁବ୍‌ଶୀଘ୍ର ଆଉ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ପାଲ୍ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଉଥିବା ପ୍ରସ୍ତାବକୁ ଆମେ ପ୍ରତ୍ୟାଖ୍ୟାନ କରୁଛୁ। ଏଠାରେ ଉଲ୍ଲେଖଯୋଗ୍ୟ, ବୁରାରି ପଡ଼ିଆ ଏକ ଅସ୍ଥାୟୀ ଜେଲ୍ ଭାବେ ବିବେଚିତ ହେଉଥିବାରୁ କୃଷକମାନେ ଏହି ସ୍ଥାନକୁ ଯିବାକୁ ବିରୋଧ କରୁଛନ୍ତି। ଆମେ ଆମର ବାସ୍ତବ ଅସୁବିଧା ବିଷୟରେ କହିବାକୁ ଆସିଛୁ ଏବଂ ପଛକୁ ହଟିବାର ନାହିଁ ବୋଲି ସେ ଦୋହରାଇଛନ୍ତି। ଆନ୍ଦୋଳନ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଏହି ଅବସରରେ ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ଖବରଦାତା ସମ୍ମିଳନୀରେ କହିଛନ୍ତି। ୩୧ ବର୍ଷ ପରେ ଏଭଳି ଘଟଣା ଘଟିଛି। ପୂର୍ବରୁ ମହେନ୍ଦ୍ର ସିଂ ଟିକାଏତ୍ କୃଷକମାନଙ୍କୁ ଏକତ୍ର କରିଥିଲେ। ଚାଷୀମାନେ ସଚେତନ ନୁହନ୍ତି ବୋଲି ଏକ ମିଥ୍ୟା ପ୍ରଚାର କରାଯାଇଛି। ବାସ୍ତବତା ହେଉଛି ପଞ୍ଜାବ ଓ ହରିୟାଣାର ପ୍ରତ୍ୟେକ ପିଲା କୃଷି ଆଇନକୁ ଏକ ନିଷ୍ଠୁର ଆଇନ ବୋଲି ଜାଣିଗଲେଣି। ସୂଚନାଯୋଗ୍ୟ ଯେ, ନିକଟରେ ପାର୍ଲାମେଣ୍ଟରେ କୃଷି ସଂକ୍ରାନ୍ତ ତିନୋଟି ବିଲ୍ ଗୃହୀତ ହୋଇଥିଲା, ଯାହାକୁ ପଞ୍ଜାବ, ହରିୟାଣା ସମେତ ଦେଶର ବିଭିନ୍ନ ଭାଗରେ କୃଷକମାନେ ବିରୋଧ କରିଆସୁଛନ୍ତି।

# ଆଜିଠୁ ଖୋଲିବ ମେଡିକାଲ କଲେଜ

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ)**

ରାଜ୍ୟ ସରକାର ଡିସେମ୍ବର ମାସ ପାଇଁ କୋଭିଡ୍-୧୯ ଗାଇଡ୍‌ଲାଇନ ଜାରି କରିଛନ୍ତି। ଏ ନେଇ ସୋମବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଡିସେମ୍ବର ପହିଲାରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ ଖୋଲିବ। ତେବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏସ୍ଓପି/ଗାଇଡ୍‌ଲାଇନ୍‌କୁ ମେଡିକାଲ କଲେଜ କର୍ତ୍ତୃପକ୍ଷ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ☞ପୃଷ୍ଠା-୪

**କୋଭିଡ୍-୧୯ କଟକଣା**

- ବିଭାଗ ଉପରେ ଶିକ୍ଷାନୁଷ୍ଠାନ ଖୋଲିବା ନିଷ୍ପତ୍ତି
- ଏ ବର୍ଷ ହେବନି ତୋଷାଳି ମେଳା, ଶିଶିର ସରସ




ଧରିତ୍ରୀ
DHARITRI
ମଙ୍ଗଳବାର, ୧ ଡିସେମ୍ବର, ୨୦୨୦





ଭାରତୀୟ ବଂଶୋଦ୍ଭବ ନୀରା ଟଣ୍ଡେନ୍‌ଙ୍କୁ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ହ୍ୱାଇଟ୍ ହାଉସ୍‌ର ପରିଚାଳନା ଓ ବଜେଟ କାର୍ଯ୍ୟାଳୟ ନିର୍ଦ୍ଦେଶକ ନିଯୁକ୍ତି କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେ ବାଇଡେନ୍ ପ୍ରଶାସନର ବଜେଟ ପରିଚାଳନା କରିବେ। ସିନେଟ ଅନୁମୋଦନ କଲେ ଏହି ପଦବୀରେ ନୀରା ପ୍ରଥମ ମହିଳା ହେବେ। ସେ ଏବେ ସେଣ୍ଟର ଫର ଆମେରିକାନ ପ୍ରୋଗ୍ରେସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଛନ୍ତି।

# ବ୍ରହ୍ମପୁତ୍ର ଉପରେ ଚାଇନାର ନଦୀବନ୍ଧ ଯୋଜନା

ବେଜିଂ,୩୦।୧୧

ବ୍ରହ୍ମପୁତ୍ର ନଦୀ ଉପରେ ଚାଇନା ବିଶାଳକାୟ ନଦୀବନ୍ଧ ନିର୍ମାଣ କରିବାକୁ ଯାଉଛି। ଏସମ୍ପର୍କରେ ଚାଇନାର ସରକାରୀ ଖବର କାଗଜ ଗ୍ଲୋବାଲ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଲଦାଖରେ ଭାରତ ଚାଇନା ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏପରିସ୍ଥଳେ ଚାଇନା ଅରୁଣାଚଳ ପ୍ରଦେଶ ନିକଟରେ ବ୍ରହ୍ମପୁତ୍ର ନଦୀର ନିମ୍ନ ଅବବାହିକାରେ ନଦୀବନ୍ଧ କରିବାକୁ ଷଡ଼ଯନ୍ତ୍ର ରଚିଥିବା ଗ୍ଲୋବାଲ ଟାଇମ୍ସରେ ଉଲ୍ଲେଖ କରାଯାଇଛି। ଏନେଇ ଚାଇନାର କମ୍ୟୁନିଷ୍ଟ ସରକାରଙ୍କ ପକ୍ଷରୁ ୧୪ ତମ ପଞ୍ଚବାର୍ଷିକ ଯୋଜନା ଅନ୍ତର୍ଗତ ଏହି ଘୋଷଣା କରାଯାଇଛି। ଏହି ପରିଯୋଜନା ନେଇ ଚାଇନା ପକ୍ଷରୁ କୌଣସି ବଜେଟ ଜାରି କରାଯାଇ ନାହିଁ। ତେବେ ଏହାକୁ ନେଇ ଭାରତ ସହିତ ଚାଇନାର ବିବାଦ ଅଧିକ ବଢ଼ିବାର ଆଶଙ୍କା ରହିଛି। ଏହାର ଉଚ୍ଚତା ୧୮୧ ମିଟର ଏବଂ ଲମ୍ବା ୨.୩୩ କିଲୋମିଟର ହେବା ବୋଲି କୁହାଯାଉଛି। ଚାଇନା ବ୍ରହ୍ମପୁତ୍ର ନଦୀ ଉପରେ ପୂର୍ବରୁ ୧୧ଟି ବନ୍ଧ ନିର୍ମାଣ କରିସାରିଛି। ସେଥି ମଧ୍ୟରେ ସମ୍ପ୍ରତି ନିର୍ମାଣ ହେବାକୁ ଯାଉଥିବା ୟାରଲୁଙ୍ଗ୍ ଜଙ୍ଗ୍‌ବୋ ଜଳ ବିଦ୍ୟୁତ୍ ପରିଯୋଜନା ସର୍ବ ବୃହତ୍। ଏହା ୨୦୩୫ ସୁଦ୍ଧା ଶେଷ ହେବ ବୋଲି କୁହାଯାଉଛି। ଏହା ୨୦୧୫ଠାରୁ କାମ କରିବା ଆରମ୍ଭ କରିଛି। ଏହା ସହିତ ତିବ୍ବତର ବାପୁ, ଜିଈଶି, ଲଙ୍ଗ୍‌ଟା, ଡାକପା, ନାଙ୍ଗ୍, ଡେମୋ, ନାମ୍‌ଚା, ମେଟୋକଠାରେ



## ଭାରତ-ବାଂଲାଦେଶ ହେବେ ପ୍ରଭାବିତ

ମଧ୍ୟ ଚାଇନାର ଜଳବିଦ୍ୟୁତ୍ ଯୋଜନା ରହିଛି। ବ୍ରହ୍ମପୁତ୍ର ନଦୀ ତିବ୍ବତରୁ ଚାଇନା ଅଧିକୃତ ଅଞ୍ଚଳରୁ ବାହାରି ଅରୁଣାଚଳ ଦେଇ ଭାରତରେ ପ୍ରବେଶ କରୁଛି। ପରେ ଏହା ଆସାମ ଦେଇ ବାଲାଂଦେଶରେ ପ୍ରବେଶ କରିଛି। ବର୍ଷର ଅନ୍ୟ ସମୟରେ ନଦୀର ଜଳସ୍ତର ସାମାନ୍ୟ ରହୁଛି। ମାତ୍ର ବର୍ଷା ଦିନେ ଚାଇନାର ନଦୀବନ୍ଧ ପରିଯୋଜନା ଯୋଗୁ ଅଧିକ ବର୍ଷା ଜଳ ନିଷ୍କାସନ ହେଉଥିବାରୁ ଆସାମ ଏବଂ ବାଂଲାଦେଶରେ ପ୍ରତିବର୍ଷ ବନ୍ୟା ସ୍ଥିତି ସୃଷ୍ଟି ହେବାରେ ଲାଗିଛି। ପୁଣି ନୂଆ ନଦୀବନ୍ଧ ନିର୍ମାଣ ହେଲେ ପରିସ୍ଥିତି ସଙ୍କଟ ଜନକ ହେବ ବୋଲି କୁହାଯାଉଛି। ଚାଇନା ଜାଣିଶୁଣି ଏଭଳି କରୁଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ଭାରତ ଏବଂ ବାଂଲାଦେଶ ଉପରେ ପ୍ରଭାବ ପଡ଼ିବ ବୋଲି କୁହାଯାଉଛି।

## କରୋନାରେ ଭାଜପା ବିଧାୟିକାଙ୍କ ମୃତ୍ୟୁ



ଜୟପୁର, ୩୦।୧୧

ରାଜସ୍ଥାନର ରାଜସମନ୍ଦ ଆସନରୁ ୩ ଥର ବିଜୟୀ ହୋଇଥିବା ବିଧାୟିକା କିରନ୍ ମାହେଶ୍ୱରୀ (୫୯) କରୋନାରେ ଆକ୍ରାନ୍ତ ହୋଇ ଶେଷରେ ଆଖି ବୁଜିଛନ୍ତି। କରୋନା ସଂକ୍ରମିତ ହେବା ପରେ ଚିକିତ୍ସା ଲାଗି ତାଙ୍କୁ ଗୁରୁଗାଓଁସ୍ଥିତ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରବିବାର ରାତିରେ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କ ବିୟୋଗରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ବାବା ଆମ୍‌ତେଙ୍କ ନାତୁଣୀଙ୍କ ଆତ୍ମହତ୍ୟା



ଡ. ଶୀତଲ ଆମ୍‌ତେ-କରାଜ୍‌ଗୀ

**ଚନ୍ଦ୍ରପୁର(ମହାରାଷ୍ଟ୍ର), ୩୦।୧୧:** ବାବା ଆମ୍‌ତେଙ୍କ ନାତୁଣୀ ତଥା ଜଣାଶୁଣା ସାମାଜିକ କର୍ମୀ ଡ. ଶୀତଲ ଆମ୍‌ତେ-କରାଜ୍‌ଗୀ ସୋମବାର ସକାଳେ ସ୍ଥାନୀୟ ଆନନ୍ଦବନ ଆଶ୍ରମରେ ଆତ୍ମହତ୍ୟା କରିଛନ୍ତି। ସେ କୌଣସି ଅଜଣା ପଦାର୍ଥ ଇଞ୍ଜେକ୍ସନରେ ନେଇଥିବା ପୋଲିସ କହିଛି। ତାଙ୍କୁ ୱାରୋରା ରୁରାଲ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ମୃତ ଘୋଷଣା କରାଯାଇଛି। ମାଗାସେସେ ପୁରସ୍କାରପ୍ରାପ୍ତ ବାବା ଆମ୍‌ତେ (ମୁରଲୀଧର ଡି. ଆମ୍‌ତେ)ଙ୍କ ନାତୁଣୀ ଶୀତଲ ମହାରୋଗୀ ସେବା ସମିତିର ସିଇଓ ଥିଲେ। ଉକ୍ତ ସଂସ୍ଥା ମହାରାଷ୍ଟ୍ର ସମେତ ବିଭିନ୍ନ ସ୍ଥାନରେ କୁଷ୍ଠରୋଗୀମାନଙ୍କ ପାଇଁ ପ୍ରଶଂସନୀୟ କାର୍ଯ୍ୟ କରିଛି। ୪୦ ବର୍ଷୀୟା ଶୀତଳାଙ୍କର ବାପାମାଆ, ସ୍ୱାମୀ ଓ ଗୋଟିଏ ନାବାଳକ ପୁତ୍ର ରହିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ। ସେ କିଛିଦିନ ହେଲା ମାନସିକ ଉତ୍ତେଜନା ଓ ଅବସାଦରେ ଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି।

### ଉତ୍ପଳ କୁମାର ସିଂ ଲୋକ ସଭା ମହାସଚିବ



ନୂଆଦିଲ୍ଲୀ, ୩୦।୧୧: ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଉତ୍ପଳ କୁମାର ସିଂ ସୋମବାର ବର୍ଷକ ଲାଗି ଲୋକ ସଭାର ନୂଆ ମହାସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଡିସେମ୍ବର ୧ରୁ ସେ କ୍ୟାବିନେଟ ସଚିବ ପାହ୍ୟାରେ ରହି କାର୍ଯ୍ୟ କରିବେ। ପୂର୍ବରୁ ସିଂ ଲୋକ ସଭା ସଚିବ ରହିଥିଲେ। ସ୍ନେହଲତା ଶ୍ରୀବାସ୍ତବଙ୍କ ପରେ ତାଙ୍କୁ ବାଚସ୍ପତି ଲୋକ ସଭାର ମହାସଚିବ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ୧୯୮୬ ବ୍ୟାଚ୍ ଉତ୍ତରାଖଣ୍ଡ କ୍ୟାଡ଼ର୍‌ର ଏହି ଅଧିକାରୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପଦପଦବିରେ ଦକ୍ଷତାର ସହ କାର୍ଯ୍ୟ କରିଆସିଛନ୍ତି। ସେ ଅଢ଼େଇବର୍ଷ ଉତ୍ତରାଖଣ୍ଡର ମୁଖ୍ୟ ସଚିବ ଭାବେ ମଧ କାର୍ଯ୍ୟ କରିଥିଲେ।

### 'କଥା ହୋଇ ଦ୍ୱନ୍ଦ୍ୱ ଦୂର କରନ୍ତୁ ଚାଷୀ'



**ପାଟନା, ୩୦।୧୧:** କେନ୍ଦ୍ରର ନୂଆ କୃଷି ଆଇନକୁ ବିରୋଧ କରି କୃଷକମାନେ ଆନ୍ଦୋଳନ ଜାରି ରଖିଥିବାବେଳେ କେନ୍ଦ୍ର ସରକାରଙ୍କ ସହ ସେମାନେ କଥା ହେବାକୁ ପ୍ରସ୍ତାବ ଦେଇଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ଏହି ଆଇନକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର ପାଇଁ ଆଲୋଚନା କରିବା ଉଚିତ ବୋଲି ନୀତୀଶ କହିଛନ୍ତି। ସୋମବାର ପାଟନାର ଦୀର୍ଘ ୧୨.୫ କିମି ଦିଘା-ଏମ୍ସ ପାଟନା ରାସ୍ତା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ନୀତୀଶ କହିଛନ୍ତି, କେନ୍ଦ୍ର ସରକାର ବାରମ୍ବାର କୃଷକମାନଙ୍କ ସହ କଥା ହେବାକୁ କହୁଛନ୍ତି। ଏହି ବିଲ୍ ଯୋଗୁ ଚାଷୀଙ୍କ କୌଣସି ପ୍ରକାର କ୍ଷତି ହେବନାହିଁ। ଏପରିକି ୨୦୦୬ରେ ସେ ବିହାରର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କୃଷି ଉତ୍ପାଦନ ବଜାର କମିଟି (ଏପିଏମ୍‌ସି)କୁ ହଟାଇ ଦେଇଥିଲେ। ସେବେଠାରୁ ଚାଷୀମାନଙ୍କ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ(ଏମ୍‌ଏସ୍‌ପି) ସୁନିଶ୍ଚିତ କରାଯାଇ ଖରିଫ ଓ ରବି ଫସଲ କ୍ରୟ କରାଯାଉଛି। ପୂର୍ବରୁ ଚାଷୀମାନେ ସେମାନଙ୍କ ଉତ୍ପାଦନକୁ ନିଜ ଜିଲା ଅନ୍ତର୍ଗତ ବଜାର କମିଟିରେ ବିକ୍ରି କରୁଥିଲେ। କିନ୍ତୁ ଏହି ନିୟମ ଦ୍ୱାରା ଚାଷୀ ବିନା ଦ୍ୱିଧାରେ ଦେଶର ଯେକୌଣସି ସ୍ଥାନରେ ସେମାନଙ୍କ ଉତ୍ପାଦ ବିକ୍ରି କରିପାରିବେ। ଏହି ବିଲ୍ ଦ୍ୱାରା ବାସ୍ତବରେ କୃଷକମାନେ ଲାଭବାନ ହେବେ ବୋଲି ନୀତୀଶ କହିଛନ୍ତି।

# 'ଚାଷୀଙ୍କୁ ବିଭ୍ରାନ୍ତ କରୁଛନ୍ତି ବିରୋଧୀ'

ନୂଆଦିଲ୍ଲୀ, ୩୦।୧୧

ନୂଆ କୃଷି ଆଇନକୁ ନେଇ ଚାଷୀମାନଙ୍କୁ ବିଭ୍ରାନ୍ତ କରାଯାଉଛି। ଏହା କୃଷକମାନଙ୍କ ସ୍ୱାର୍ଥ ବିରୋଧୀ ଓ ଭବିଷ୍ୟତ ପ୍ରତି ବିପଦ ବୋଲି ବିରୋଧୀ ଦଳଗୁଡ଼ିକ ଭିତ୍ତିହୀନ ଗୁଜବ ସୃଷ୍ଟି କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କହିଛନ୍ତି। କୃଷକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ନୂଆ ଆଇନ କାର୍ଯ୍ୟକାରୀ କରାଯାଇଛି। ଏହାର ଉଦ୍ଦେଶ୍ୟ ଗଙ୍ଗାଜଳ ଭଳି ପବିତ୍ର ବୋଲି ବାରାଣସୀରେ ଏକ ଜନସଭାକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆ ଆଇନ ଚାଷୀଙ୍କୁ ଅଧିକ କ୍ଷମତା ଓ ବିକଳ୍ପ ଯୋଗାଇଦେବ। ଏହା ପୁରୁଣା ବ୍ୟବସ୍ଥାକୁ ରୋକିବ ନାହିଁ। ଚାଷୀଙ୍କ ସ୍ୱାର୍ଥ ସହ ଖେଳୁଥିବା ବିରୋଧୀମାନେ ଭୁଲ୍ ତଥ୍ୟକୁ ନେଇ ପ୍ରଚାର ଚଳାଇଛନ୍ତି। ଗୁଜବ ସୃଷ୍ଟି କରିବା ବିରୋଧୀଙ୍କ ନୂଆ ଟ୍ରେଣ୍ଡ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ନରେନ୍ଦ୍ର ମୋଦି

ଚାଷୀଙ୍କ ଲାଭ ପାଇଁ ନୂଆ କୃଷି ଆଇନ ଅଣାଯାଇଛି। ଆଗାମୀ ଦିନରେ ସରକାର ଏହାର ଅନୁଧ୍ୟାନ କରିବେ। ପୂର୍ବରୁ କ୍ଷୁଦ୍ର ଚାଷୀ ମଣ୍ଡିରେ ପହଞ୍ଚି ପାରୁ ନ ଥିଲେ। ଏବେ ନୂଆ ଆଇନ ସେମାନଙ୍କୁ କେବଳ ଅଧିକ ବିକଳ୍ପ ଦେବନାହିଁ ବରଂ ସେମାନଙ୍କ ଅଧିକାରର ଆଇନଗତ ସୁରକ୍ଷାକୁ ସୁନିଶ୍ଚିତ କରିବ ବୋଲି ମୋଦି କହିଥିଲେ।

## କୃଷକଙ୍କ ସମର୍ଥନରେ କଂଗ୍ରେସର ସୋସିଆଲ ମିଡିଆ ଅଭିଯାନ

ନୂଆଦିଲ୍ଲୀ, ୩୦।୧୧(ପି.ଟି.)

ଆନ୍ଦୋଳନରତ ଚାଷୀଙ୍କ ସମର୍ଥନରେ କଂଗ୍ରେସ ସୋମବାର ସୋସିଆଲ ମିଡିଆ ଅଭିଯାନ ଆରମ୍ଭ କରିଛି। ମୋଦି ସରକାର କୃଷକଙ୍କ ଉପରେ ଅତ୍ୟାଚାର କରୁଛି। ପ୍ରଥମେ କଳା ଆଇନ ଆଣିଥିବା ସରକାର ଏବେ ଚାଷୀଙ୍କ ଉପରେ ଲାଠିମାଡ଼ କରିଛି। ସରକାର ଭୁଲିଯାଉଛନ୍ତି ଯେ, କୃଷକମାନେ ଯେତେବେଳେ ସ୍ୱର ଉଠାନ୍ତି, ତାହା ସାରା ଦେଶରେ ପ୍ରତିଧ୍ୱନିତ ହୋଇଥାଏ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଆପଣମାନେ ଚାଷୀ ଶୋଷଣ ବିରୋଧରେ ସ୍ୱର ଉଠାନ୍ତୁ ଓ ସ୍ପିକ୍ ଅପ୍ ଫର ଫାର୍ମର୍ସ କ୍ୟାମ୍ପେନ୍‌ରେ ସାମିଲ ହୁଅନ୍ତୁ ବୋଲି ରାହୁଲ ଟ୍ୱିଟ୍ କରିଛନ୍ତି। କଳା କୃଷି ଆଇନକୁ ବିରୋଧ କରି ହଜାର ହଜାର ଚାଷୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ତହଉର ରାଣା ପ୍ରତ୍ୟର୍ପଣ ମାମଲା ଶୁଣାଣି ଫେବୃୟାରୀ ୧୨ରେ

ୱାଶିଂଟନ୍, ୩୦।୧୧(ପି.ଟି.)

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସହ ସମ୍ପୃକ୍ତ ପାକିସ୍ତାନୀ ବଂଶୋଦ୍ଭବ କାନାଡ଼ା ବ୍ୟବସାୟୀ ତହଉର ରାଣା ପ୍ରତ୍ୟର୍ପଣ ମାମଲାର ଶୁଣାଣି ଫେବୃୟାରୀ ୧୨ରେ ଆମେରିକାର ଏକ ଅଦାଲତରେ ହେବ। ଭାରତ ସରକାର ରାଣାଙ୍କୁ ପଳାତକ ଘୋଷଣା କରିଥିଲେ।

୨୦୦୮ରେ ହୋଇଥିବା ମୁମ୍ବାଇ ଆକ୍ରମଣରେ ୬ ଆମେରିକୀୟଙ୍କ ସମେତ ୧୬୬ ଜଣଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ସମ୍ପୃକ୍ତ ରାଣାଙ୍କୁ ପ୍ରତ୍ୟର୍ପଣ କରିବା ଲାଗି ଭାରତର ଅନୁରୋଧ ପରେ ତାଙ୍କୁ ଗତ ଜୁନ୍ ୧୦ରେ ଲସ୍ ଆଞ୍ଜେଲସ୍‌ରେ ପୁନର୍ବାର ଗିରଫ କରାଯାଇଥିଲା। ଡାଭିଡ୍ କୋଲେମାନ ହେଡ୍‌ଲିଙ୍କ ଗିରଫ ପରେ ୨୦୦୯ ଅକ୍ଟୋବରରେ ରାଣାଙ୍କୁ ଆମେରିକା ପୋଲିସ ସିକାଗୋର ଏକ ବିମାନବନ୍ଦରରୁ ଗିରଫ କରିଥିଲା।



ଫେବୃୟାରୀ ୧୨ରେ ପ୍ରତ୍ୟର୍ପଣ ଆବେଦନର ଶୁଣାଣି କରିବା ପାଇଁ ଲସ୍ ଆଞ୍ଜେଲସ୍ ଡିଷ୍ଟ୍ରିକ୍ଟ କୋର୍ଟର ବିଚାରପତି ଜାକ୍ୟୁଲିନ୍ ଚେଲୋନିଆନ୍ କହିଛନ୍ତି। ରାଣା ଚାହିଁଲେ ଡିସେମ୍ବର ୨୧ ସୁଦ୍ଧା ଏନେଇ ପ୍ରତିବାଦ ଦାଏର କରିପାରିବେ। ରାଣା ଯୁଦ୍ଧ ସ୍ଥିତି ଲାଗି ଷଡ଼ଯନ୍ତ୍ର କରିବା ସହ ହତ୍ୟା ଓ ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଷଡ଼ଯନ୍ତ୍ରରେ ତାଙ୍କ ସହ ସାମିଲ ଥିବା ହେଡ୍‌ଲିଙ୍କୁ ଭାରତ ପ୍ରତ୍ୟର୍ପଣ କରିବା ଲାଗି ଆମେରିକା ମନା କରିଥିବାରୁ ତାଙ୍କୁ ମଧ୍ୟ ପ୍ରତ୍ୟର୍ପଣ କରାଯିବ ନାହିଁ ବୋଲି ରାଣା ଯୁକ୍ତି ଦର୍ଶାଇଛନ୍ତି।

## ୮୦୦ ଟଙ୍କାରେ କୋଭିଡ୍ ଆର୍‌ଟି-ପିସିଆର୍ ଟେଷ୍ଟ

ନୂଆଦିଲ୍ଲୀ, ୩୦।୧୧

ରାଜଧାନୀ ଦିଲ୍ଲୀରେ କରୋନା ସ୍ଥିତି ବିଗିଡ଼ିବାରେ ଲାଗିଛି। ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୫.୬ ଲକ୍ଷ ଉପରେ ଅଛି। ଅଧିକରୁ ଅଧିକ ପରୀକ୍ଷା ଉପରେ ଏଠାରେ ଜୋର୍ ଦିଆଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଘରୋଇ ହସ୍ପିଟାଲ ଲାଗି ସୋମବାର କୋଭିଡ୍ ଆର୍‌ଟି-ପିସିଆର୍ ଟେଷ୍ଟ ଦର ୨,୪୦୦ ଟଙ୍କାରୁ ୮୦୦ ଟଙ୍କାକୁ କମାଇ ଦେଇଛନ୍ତି। ଦିଲ୍ଲୀ ସରକାରୀ ହସ୍ପିଟାଲରେ ଏହି ଟେଷ୍ଟ ମାଗଣାରେ କରାଯାଉଛି। କେଜ୍‌ରିୱାଲ ଟ୍ୱିଟ କରି ଏନେଇ ସ୍ପଷ୍ଟ କରିଛନ୍ତି।



ଗୁରୁ ନାନକ ଦେବଙ୍କ ଜନ୍ମ ବାର୍ଷିକୀରେ ନୂଆଦିଲ୍ଲୀର ବଙ୍ଗଲା ସାହିବ୍ ଗୁରୁଦ୍ୱାର ଆଲୋକରେ ସଜ୍ଜିତ ହୋଇଛି।

## 'ଅଗଷ୍ଟ ସୁଦ୍ଧା ୩୦ କୋଟିଙ୍କୁ ଟିକା'

ନୂଆଦିଲ୍ଲୀ, ୩୦।୧୧

୨୦୨୧ ଅଗଷ୍ଟ ସୁଦ୍ଧା ଦେଶର ୩୦ କୋଟି ଲୋକଙ୍କୁ ଟିକା ଦିଆଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ସୋମବାର କହିଛନ୍ତି। ଆଗାମୀ ୪ ମାସ ମଧ୍ୟରେ ଭାରତରେ ଟିକା ଉପଲବ୍ଧ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏଥିଲାଗି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ପ୍ରସ୍ତୁତି ଚାଲିଛି। ତେବେ ଟିକା ନ ଆସିବା ଯାଏ ମହାମାରୀ କରୋନାଠାରୁ ନିଜକୁ ଦୂରେଇ ରଖିବା ଲାଗି ସରକାରଙ୍କ ଗାଇଡ୍‌ଲାଇନ୍ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ପାଳନ କରିବା, ହାତ ସାନିଟାଇଜ୍ କରିବା ନିହାତି ଜରୁରୀ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମତ ଦେଇଛନ୍ତି। ହର୍ଷବର୍ଦ୍ଧନ କହିଛନ୍ତି, ସାରା ବିଶ୍ୱରେ ଭାରତର ଆରୋଗ୍ୟ ହାର ବେଶି।

## ୪ରେ ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୩୦।୧୧(ପି.ଟି.)

ଦେଶରେ କରୋନା ମହାମାରୀ ସ୍ଥିତି ସମ୍ପର୍କରେ ଆଲୋଚନା ଲାଗି କେନ୍ଦ୍ର ସରକାର ଡିସେମ୍ବର ୪ରେ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଅଧ୍ୟକ୍ଷତା କରିବେ। ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ରେ ଭର୍ଚୁଆଲି ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପାର୍ଲାମେଣ୍ଟର ଉଭୟ ଗୃହରେ ସବୁ ଦଳର ନେତା ଏଥିରେ ଭାଗନେବେ।

ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଉକ୍ତ ବୈଠକ ପାଇଁ ସବୁ ଦଳର ନେତାଙ୍କ ସହ ଯୋଗାଯୋଗ କରିଛି। କରୋନା ମହାମାରୀ ଆରମ୍ଭ ହେବା ଦିନଠାରୁ ଏହା ଦ୍ୱିତୀୟ ସର୍ବଦଳୀୟ ବୈଠକ। ଏଥିରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଓ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଯୋଗଦେବେ।

### କୋଭିଡ୍ ସ୍ଥିତି ଆଲୋଚନା ହେବ

ଦିଲ୍ଲୀରେ କରୋନା ସଂକ୍ରମଣ ବଢ଼ି ଚାଲିଥିବାରୁ ଶୀତ ଅଧିବେଶନ ଓ ବଜେଟ ଅଧିବେଶନକୁ ଏକତ୍ର କରିବା ଲାଗି ସରକାର ବିଚାର କରୁଥିବାବେଳେ ଏଭଳି ସର୍ବଦଳୀୟ ବୈଠକ ଡକାଯାଇଛି। ଦୁଇଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ଅହମଦାବାଦ, ହାଇଦ୍ରାବାଦ ଓ ପୁଣେ ଯାଇ ତିନୋଟି ଔଷଧ କମ୍ପାନୀରେ କୋଭିଡ୍ ଟିକା ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

ସୋମବାର ୩୮,୭୭୨ ନୂଆ ମାମଲା ସହ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୯୪ ଲକ୍ଷରେ ପହଞ୍ଚିଛି।

## 'ଆତଙ୍କବାଦ ସବୁଠୁ ବଡ଼ ଆଞ୍ଚଳିକ ଚ୍ୟାଲେଞ୍ଜ'

ନୂଆଦିଲ୍ଲୀ, ୩୦।୧୧(ପି.ଟି.)

ଆତଙ୍କବାଦ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଚ୍ୟାଲେଞ୍ଜ ବୋଲି ସାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ରେ ଭାରତ କହିଛି। ଏହି ଭର୍ଚୁଆଲ ବୈଠକରେ ଭାଗନେଇ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ମୁଖ୍ୟତଃ ସୀମାପାର ଆତଙ୍କବାଦ ପ୍ରସଙ୍ଗରେ କହିବା ସହ ଏହା ବିରୋଧରେ ମିଳିତ ଲଢ଼େଇ ପାଇଁ ଆହ୍ୱାନ ଦେଇଥିଲେ। ପାକିସ୍ତାନକୁ ଇଙ୍ଗିତ କରି ସେ କହିଥିଲେ, କେତେକ ଦେଶ ଆତଙ୍କବାଦକୁ ରାଷ୍ଟ୍ର ନୀତିର ଅଂଶବିଶେଷ କରିଥିବାରୁ ଏହା ଚିନ୍ତାର ବିଷୟ ହୋଇଛି। ଆତଙ୍କବାଦର ମୂଳପୋଛ ହେଲେ ଉକ୍ତ ଅଞ୍ଚଳ ବାସ୍ତବ ସାମର୍ଥ୍ୟକୁ ହୃଦୟଙ୍ଗମ କରିପାରିବ। ଏସ୍‌ସିଓରେ ଜାଣିଶୁଣି ଦ୍ୱିପାକ୍ଷିକ ପ୍ରସଙ୍ଗ ଉଠାଯିବା ଦୁର୍ଭାଗ୍ୟଜନକ ବୋଲି ଭେଙ୍କିୟା କହିଛନ୍ତି।

## କରୋନା ଟିକା ନେଇ ୩ ଟିମ୍ ସହ ମୋଦିଙ୍କ ଆଲୋଚନା

ନୂଆଦିଲ୍ଲୀ, ୩୦।୧୧(ଆଇଏଏନ୍‌ଏସ୍)

କୋଭିଡ୍-୧୯ ଟିକାର ବିକାଶ ଓ ଉତ୍ପାଦନ ପାଇଁ କାର୍ଯ୍ୟ କରୁଥିବା ତିନୋଟି ଟିମ୍ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭର୍ଚୁଆଲ ବୈଠକରେ ବିଭିନ୍ନ ପ୍ଲାଟ୍‌ଫର୍ମର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାରେ ପୁଣେର ଜେନୋଭା ବାୟୋଫାର୍ମାସ୍ୟୁଟିକାଲ୍ସ ଲିଃ, ବାୟୋଲୋଜିକାଲ ଇ ଲିଃ ଏବଂ ହାଇଦ୍ରାବାଦର ଡ. ରେଡ୍ଡିସ୍ ଲାବରେଟୋରିଜ୍ ଲିଃ ଟିମ୍ ଭାଗନେଇଥିଲେ। ସେମାନଙ୍କ ଟିକା ବିଭିନ୍ନ ପର୍ଯ୍ୟାୟ ପରୀକ୍ଷା ସ୍ତରରେ ଥିବାବେଳେ ଆସନ୍ତା ବର୍ଷ ପ୍ରଥମ ଭାଗରେ ସବିଶେଷ ତଥ୍ୟ ଓ ଫଳାଫଳ ମିଳିଯିବ ବୋଲି ଆଶା କରାଯାଉଛି। ଟିକାର ନିୟାମକ ପ୍ରକ୍ରିୟା ଏବଂ ଆନୁଷଙ୍ଗିକ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଟିକା ଓ ଏହାର ସାମର୍ଥ୍ୟ ସମ୍ପର୍କିତ ତଥ୍ୟ ସରଳ ଭାଷାରେ ଜନସାଧାରଣଙ୍କୁ ଜଣାଇବା ଲାଗି ଉଦ୍ୟମ କରାଯିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଏତଦ୍‌ବ୍ୟତୀତ ଟିକାର ପରିବହନ, କୋଲ୍ଡଚେନ୍ ଇତ୍ୟାଦି ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା। ଟିକା ଉତ୍ପାଦନ ସହ ସମ୍ପୃକ୍ତ ସମସ୍ତ ବିଭାଗ ଏହାକୁ ଫଳପ୍ରଦ କରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଭାକ୍ସିନ୍‌ର ବିକାଶ କରିଥିବା କମ୍ପାନୀଗୁଡ଼ିକର ବୈଜ୍ଞାନିକ ଓ ଗବେଷକମାନଙ୍କ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ।

# କୃଷକଙ୍କ ସହ ଆଲୋଚନା ପାଇଁ କେନ୍ଦ୍ର ପ୍ରସ୍ତୁତ

ନୂଆଦିଲ୍ଲୀ, ୩୦।୧୧(ଆଇଏଏନ୍‌ଏସ୍)

ଚାଷୀ ଆନ୍ଦୋଳନକୁ ନେଇ ଦୁଇଦିନ ହେଲା ଭାଜପାରେ ମାନସ ମନ୍ଥନ ଚାଲିଥିବାବେଳେ ଆଲୋଚନା ପାଇଁ କେନ୍ଦ୍ର ପ୍ରସ୍ତୁତ ବୋଲି ସୋମବାର ଏକ ବାର୍ତ୍ତା ପଠାଯାଇଛି। ତେବେ ଆଇନ କୃଷକ ବିରୋଧୀ ନୁହେଁ, ସେମାନଙ୍କୁ ବିଭ୍ରାନ୍ତ କରାଯାଉଥିବା ଦଳ ପକ୍ଷରୁ କୁହାଯାଇଛି। ଆନ୍ଦୋଳନ ପଞ୍ଚମ ଦିନରେ ପହଞ୍ଚିଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସୋମବାର ବରିଷ୍ଠ ନେତାମାନଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଶାହାଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ଅନ୍ୟ ବରିଷ୍ଠ ଭାଜପା ନେତାମାନେ ଉପସ୍ଥିତ ଥିଲେ। ସରକାର କୃଷକମାନଙ୍କ ସହ ନିଃସର୍ତ୍ତ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଥିବା ସୂଚନା ମିଳିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଲୋଚନା ପାଇଁ ସରକାର ଯେକୌଣସି ସମୟରେ କୃଷକମାନଙ୍କୁ ଆମନ୍ତ୍ରଣ କରିପାରନ୍ତି। ଆଲୋଚନା ପୂର୍ବରୁ ଆନ୍ଦୋଳନକାରୀମାନେ ବୁରାରୀ ପଡ଼ିଆକୁ ଯିବା ଲାଗି ଶାହା ପୂର୍ବରୁ ଦେଇଥିବା ପ୍ରସ୍ତାବକୁ କୃଷକମାନେ ପ୍ରତ୍ୟାଖ୍ୟାନ କରିବାର ଦିନକ ପରେ ସରକାର ତାଙ୍କ ଆଭିମୁଖ୍ୟ କୋହଳ କରିଥିବା କେତେକ କୃଷକନେତା କହିଛନ୍ତି।



ଅମିତ୍ ଶାହା

## ବିକ୍ଷୋଭକାରୀ ସାଜିପାରନ୍ତି ସୁପର ସ୍ପ୍ରେଡର

ନୂଆଦିଲ୍ଲୀ, ୩୦।୧୧(ପି.ଟି.)

ଦିଲ୍ଲୀର ବିଭିନ୍ନ ଆନ୍ତଃରାଜ୍ୟ ସୀମାରେ ହଜାର ହଜାର କୃଷକ ୫ ଦିନ ହେଲା ଆନ୍ଦୋଳନ ଜାରି ରଖିଛନ୍ତି। ଆନ୍ଦୋଳନ ସ୍ଥଳରେ ଯେଭଳି ଗହଳି ଲାଗିରହିଛି, ବିକ୍ଷୋଭକାରୀମାନେ କରୋନା ସଂକ୍ରମଣର ସୁପର ସ୍ପ୍ରେଡର ସାଜିପାରନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହା କେବଳ ଦିଲ୍ଲୀ ନୁହେଁ ସାରା ଦେଶ ପାଇଁ ବିପଦ ସୃଷ୍ଟି କରିବ।

ମହାମାରୀ ଆଇନରେ ସଂକ୍ରମଣ ସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଆନ୍ଦୋଳନ ରୋକିବା କ୍ଷମତା ସରକାରଙ୍କର ରହିଛି। ଆଇପିସିର ଧାରା ୨୭୦ ମଧ୍ୟ ପୋଲିସକୁ ମାମଲା ଦାଏର ପାଇଁ କ୍ଷମତା ଦେଇଛି। ମହାମାରୀ ସମୟରେ ଆନ୍ଦୋଳନକୁ ପ୍ରାଧାନ୍ୟ ଦିଆଯିବା ଉଚିତ ନୁହେଁ। ଆନ୍ଦୋଳନକୁ ବନ୍ଦ କରାଯାଇ ନ ପାରିଲେ ସାମାଜିକ ଦୂରତ୍ୱ ରକ୍ଷା ନିୟମକୁ କଡ଼ାକଡ଼ି ପାଳନ କରାଯାଇପାରନ୍ତା, କିନ୍ତୁ ତାହା ହେଉନାହିଁ।

### ଆନ୍ଦୋଳନକୁ ନେଇ ବିଶେଷଜ୍ଞଙ୍କ ଉଦ୍‌ବେଗ

ଆନ୍ଦୋଳନ ସ୍ଥଳରେ କୃଷକଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ ଉତ୍ତରପ୍ରଦେଶ ସହ ଥିବା ଘାଜିପୁର ସୀମାରେ ଦିଲ୍ଲୀ ପୋଲିସ କଂକ୍ରିଟ ବାରିୟର ଲଗାଇବା ସୁରକ୍ଷା ବଢ଼ାଇଛି। ରାଜଧାନୀକୁ ସଂଯୋଗ କରୁଥିବା ଅଧିକ ଜାତୀୟ ରାଜପଥ ଅବରୋଧ କରିବେ ବୋଲି କୃଷକମାନେ ଧମକ ଦେଇଥିବାରୁ ସୁରକ୍ଷା ବଳ ବଢ଼ାଇଦିଆଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୩୨,୮୬,୨୫୪ | ୧୪,୬୯,୨୩୦ | ୪,୩୭,୭୫,୧୩୪ |
| ଭାରତ | ୯୪,୫୭,୫୫୧ | ୧,୩୭,୫୧୭ | ୮୮,୭୯,୩୧୧ |
| ଓଡ଼ିଶା | ୩,୧୮,୭୨୫ | ୧୭୩୯(+୫୩) | ୩,୧୨,୦୬୫ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




## ୨ ଅଧିକାରୀଙ୍କ ସମେତ ୬ ଜଣଙ୍କୁ ଏସ୍ଆଇଟିର ଜେରା

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ଜେଲ ଯାଇଥିବା ଆଇଏଫଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ଆୟବହିର୍ଭୂତ ସମ୍ପତ୍ତିର ଖୋଳତାଡ଼ ପାଇଁ ଭିଜିଲାନ୍ସ ଦ୍ୱାରା ଗଠିତ ସ୍ପେଶାଲ ଇନଭେଷ୍ଟିଗେଶନ ଟିମ୍ (ଏସ୍ଆଇଟି) ସୋମବାର ୨ଜଣ ସରକାରୀ ଅଧିକାରୀଙ୍କ ସମେତ ୬ ଜଣଙ୍କୁ ଗୋପନୀୟ ସ୍ଥାନରେ ଜେରା କରିଛି। ତେବେ ଅଭୟକାନ୍ତଙ୍କ ବେଆଇନ ସମ୍ପତ୍ତି ଠୁଳ କରିବାରେ ସେମାନେ ସହଯୋଗ କରିଥିବା ନେଇ ଏସ୍ଆଇଟି ଜାଣିବାକୁ ପାଇଛି। ଏନେଇ ଆବଶ୍ୟକ ତଥ୍ୟ ପ୍ରମାଣ ସଂଗ୍ରହ କରାଯାଉଛି। ଖୁବ୍‌ଶୀଘ୍ର ସଂପୃକ୍ତ ଅନ୍ୟମାନଙ୍କୁ ପଚରାଉଚରା କରାଯିବ ଓ ଦୃଢ଼ ପ୍ରମାଣ ମିଳିଲେ ଗିରଫ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ମାମଲାରେ ଛନ୍ଦି ହୋଇ ପଡ଼ିଥିବା ପୂର୍ବତନ ଶିକ୍ଷା ମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀ ସମସ୍ତ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି।

# ଟାର୍ଗେଟରେ ପ୍ରଦୀପ, ପାଠକ

ବ୍ରହ୍ମପୁର ଅଫିସ,୩୦।୧୧

**ବ୍ରହ୍ମପୁରରେ ୨ଜଣିଆ ଟିମ୍**

**ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇର ତଦନ୍ତ**

ଏବେ କ୍ରାଇମବ୍ରାଞ୍ଚର ଟାର୍ଗେଟରେ ରହିଛନ୍ତି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଏବଂ ଆଇଏଫଏସ୍ ଅଫିସର ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶ। ଉଭୟ ବାପପୁଅ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଏବଂ ଠକେଇ ଅଭିଯୋଗରେ ଜେଲରେ ଅଛନ୍ତି। ଏହାର ତଦନ୍ତ ପାଇଁ ସୋମବାର ବ୍ରହ୍ମପୁରରେ କ୍ରାଇମବ୍ରାଞ୍ଚର ୨ଜଣିଆ ଟିମ୍ ପହଞ୍ଚିଛନ୍ତି। ଆକାଶ ନିଜକୁ ଟାଟା ମୋଟର୍ସ ଲିମିଟେଡ୍ ପୁଣେର ଏମ୍‌ଡି ବୋଲି ପରିଚୟ ଦେଇ ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଞ୍ଚଳର ବହୁ ବେକାର ଯୁବତୀ ଯୁବକଙ୍କୁ ଚାକିରି ଦେବା ନାଁରେ କୋଟି କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏଥିରେ ବିଜେଡିରୁ ବହିଷ୍କୃତ ହୋଇଥିବା ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସମ୍ପୃକ୍ତି ସମ୍ପର୍କରେ ଖୋଳତାଡ଼ କରାଯାଉଛି। କାରଣ ବିଧାୟକ ପାଣିଗ୍ରାହୀଙ୍କ ଝିଅଙ୍କୁ ଆକାଶ ଆସନ୍ତା ୧୧ ତାରିଖରେ ବିବାହ କରିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା।

କ୍ରାଇମବ୍ରାଞ୍ଚର ୨ଜଣିଆ ଟିମ୍ ସୋମବାର ବ୍ରହ୍ମପୁରରେ ତଦନ୍ତ ଆରମ୍ଭ କରି ଥିବା ଦକ୍ଷିଣାଞ୍ଚଳ ରେଞ୍ଜ୍ ଡିଆଇଜି ସତ୍ୟବ୍ରତ ଭୋଇ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ଟିମ୍‌ରେ ଜଣେ ଇନ୍ସପେକ୍ଟର ରହିଥିବା ଜଣାପଡ଼ିଛି। ଡିଆଇଜିଙ୍କ ଅଫିସ୍‌ରେ କେତେଜଣ ଅଧିକାରୀଙ୍କୁ ନେଇ ଗୋପନ ବୈଠକ କରାଯାଇଥିଲା। ଟାଟା ମୋଟର୍ସ ନାଁରେ ଚାକିରି ଦେବା ଘଟଣାର ବିଭିନ୍ନ ଦିଗକୁ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଚଳାଇଛି। ଏ ସଂକ୍ରାନ୍ତୀୟ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଉଥିବା ଜାଣିବାକୁ ମିଳିଛି। ଅଫିସର-ନେତା-ମାଫିଆ ମିଳିମିଶି କେମିତି ଠକେଇର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ, ତାହାର ତଦନ୍ତ କ୍ରାଇମବ୍ରାଞ୍ଚ ଟିମ୍ ଆରମ୍ଭ କରିଛି।

ପ୍ରାଥମିକ ତଦନ୍ତରୁ ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ ବାଦପୁର ପଞ୍ଚାୟତର ୬୮ ଯୁବତୀଯୁବକ ଠକେଇର ଶିକାର ହୋଇଥିବା ଭିଜିଲାନ୍ସକୁ ପ୍ରମାଣ ମିଳିଛି। ବ୍ରହ୍ମପୁରରେ କୌଣସି ବ୍ୟାଙ୍କରେ ଅଭୟକାନ୍ତଙ୍କ ଟଙ୍କା ଜମା ଅଛି କି ନାହିଁ ସେ ନେଇ ମଧ୍ୟ ଟିମ୍ ଖୋଳତାଡ଼ କରିଛି। ସେହିପରି ବିଧାୟକ ପାଣିଗ୍ରାହୀଙ୍କ ୨ଜଣ ସହଯୋଗୀଙ୍କୁ ଡାକି କ୍ରାଇମବ୍ରାଞ୍ଚ ଜେରା କରିଛି। ପୋଲିସ ସେମାନଙ୍କୁ ତଦନ୍ତରେ ସହଯୋଗ କରିବ ବୋଲି ଡିଆଇଜି ଭୋଇ କହିଛନ୍ତି। ଅନ୍ୟପଟେ ଏନେଇ ଭାଜପା ପକ୍ଷରୁ ରବିବାର ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କୁ ସ୍ମାରକପତ୍ର ଦିଆଯାଇଥିବା ବେଳେ ସୋମବାର କଂଗ୍ରେସ ପକ୍ଷରୁ ଗୋପାଳପୁର ଥାନାରେ ମଧ୍ୟ ଏକ ଦାବିପତ୍ର ଦିଆଯାଇଛି।

# ଟିକାକରଣକୁ ଜନ-ଅଭିଯାନ ରୂପ ଦେବ ଓଡ଼ିଶା

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

**କୋଭିଡ୍ ଟିକାକୁ ନେଇ ଆଶା ଦୃଢ଼ୀଭୂତ**

- ଜନପ୍ରତିନିଧି, ସାମାଜିକ ଅନୁଷ୍ଠାନ, ଏସ୍‌ସିସି ୟୁନିଟ୍ ସାମିଲ୍ ହେବେ
- ୮୩୦୦ ଟିକା ପ୍ରଦାନକାରୀ, ୩୦ ହଜାର ବଣ୍ଟନ କେନ୍ଦ୍ର ପ୍ରସ୍ତୁତ
- ଟିକାକରଣ ପ୍ରସ୍ତୁତିରେ ଓଡ଼ିଶାକୁ ପ୍ରଶଂସା




କୋଭିଡ୍ ଟିକାକୁ ନେଇ ଦିନକୁ ଦିନ ଆଶା ଦୃଢ଼ୀଭୂତ ହେବାରେ ଲାଗିଛି। ଏପରିସ୍ଥଳେ ରାଜ୍ୟରେ ଟିକାକରଣ ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ତେବେ ଏହି ଟିକାକରଣକୁ ଏକ ଜନ-ଅଭିଯାନ ରୂପ ଦେବା ପାଇଁ ଓଡ଼ିଶା ପ୍ରସ୍ତୁତ ଥିବା ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି। ସୋମବାର ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଓଡ଼ିଶା ଟିକାକରଣର ଅଗ୍ରାଧିକାର ତାଲିକା ଓ ବହୁସ୍ତରୀୟ ସମନ୍ୱିତ କାର୍ଯ୍ୟପନ୍ଥା ସହ ପୂର୍ଣ୍ଣପ୍ରସ୍ତୁତ ଅଛି। ଜନସାଧାରଣଙ୍କୁ ଠିକ୍ ଓ ନିର୍ଭରଯୋଗ୍ୟ ସୂଚନା ପ୍ରଦାନ କରାଯିବ। ଭାରତ ସରକାରଙ୍କ ପରବର୍ତ୍ତୀ ଗାଇଡ୍‌ଲାଇନ୍ ଅନୁସାରେ ସମସ୍ତ କାର୍ଯ୍ୟ କରାଯିବ। ନେତୃସ୍ଥାନୀୟ ବ୍ୟକ୍ତି, ପଞ୍ଚାୟତିରାଜ ପ୍ରତିନିଧି ଓ ସାମାଜିକ ଅନୁଷ୍ଠାନଗୁଡ଼ିକୁ ଏଥିରେ ସାମିଲ କରି କୋଭିଡ୍ ଟିକାକରଣକୁ ଏକ ଜନ-ଅଭିଯାନର ରୂପ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟ ଷ୍ଟିଅରିଂ କମିଟି ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟ ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇ ଟିକାକରଣ କାର୍ଯ୍ୟପଦ୍ଧତି ନିର୍ଦ୍ଧାରଣ କରାଯାଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଓ ବିଡିଓଙ୍କ ଅଧ୍ୟକ୍ଷତାରେ ବ୍ଲକ୍ ଟାସ୍କଫୋର୍ସ କମିଟି ଗଠନ କରାଯାଇଛି। ୮୩୦୦ ଟିକା ପ୍ରଦାନକାରୀ ଓ ୩୦ ହଜାର ବିତରଣ କେନ୍ଦ୍ର ନିର୍ଦ୍ଧାରଣ କରାଯାଇଛି। କୋଲ୍ଡଚେନ୍, ଫ୍ରିଜର, ଟିକା ସଂରକ୍ଷଣ ସ୍ଥାନ ଆଦିର ତାଲିକା ସରିଛି। ଆବଶ୍ୟକତା ଅନୁସାରେ ଅଧିକ କୁଲର, ଫ୍ରିଜର ଆଦିର ସଂଗ୍ରହ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଟିକାକରଣ ପରେ ସମ୍ଭାବ୍ୟ ଭେଷଜ ପ୍ରତିକ୍ରିୟାର ଉପଯୁକ୍ତ ଚିକିତ୍ସା ନିମନ୍ତେ ମଧ୍ୟ ବ୍ୟବସ୍ଥା କରାଯାଉଛି ବୋଲି ମହାପାତ୍ର ସୂଚନା ଦେଇଛନ୍ତି।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି, ରାଜ୍ୟ, ଜିଲା ଓ ବ୍ଲକ୍‌ସ୍ତରରେ ନିୟନ୍ତ୍ରଣ କକ୍ଷ ଖୋଲିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ବହୁମୁଖୀ-ସମନ୍ୱୟ ନିମନ୍ତେ ସାମାଜିକ ଅନୁଷ୍ଠାନ, ଏନ୍‌ସିସି ୟୁନିଟ୍‌ଙ୍କ ସହ ଯୋଗାଯୋଗ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶିକା ଶାଲିନୀ ପଣ୍ଡିତ କହିଛନ୍ତି, ଟିକାକରଣ ପାଇଁ ପ୍ରଥମ ପର୍ଯ୍ୟାୟ ଅଗ୍ରାଧିକାର ଗ୍ରୁପ୍‌ର ତାଲିକା ଭାରତ ସରକାରଙ୍କ କୋ-ଉଇନ୍ ୱେବ୍ ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରାଯାଇଛି। ପ୍ରାୟ ୩.୨ ଲକ୍ଷ ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟ ଅନୁଷ୍ଠାନର ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଆଗଧାଡ଼ି କର୍ମକର୍ତ୍ତାଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସ୍ୱତନ୍ତ୍ର ଶାସନ ସଚିବ ଅର୍ଚ୍ଚନା ପଟ୍ଟନାୟକ, ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଡା. ସି.ବି.କେ. ମହାନ୍ତିଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସରେ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, କୋଭିଡ୍ ପରିଚାଳନା ଓ ପ୍ରଶମନ କ୍ଷେତ୍ରରେ ନୀତି ଆୟୋଗର ସାବାସି ପାଇବା ପରେ ବର୍ତ୍ତମାନ ଓଡ଼ିଶା ଜାତୀୟ ସ୍ତରରେ କୋଭିଡ୍ ଟିକାକରଣ ପ୍ରସ୍ତୁତିରେ ଏକ ପ୍ରଶଂସନୀୟ ସ୍ଥିତି ହାସଲ କରିଛି। ଜାତୀୟ ଟିକାକରଣ ଗାଇଡ୍‌ଲାଇନ୍‌ର ସମସ୍ତ ପରିମାପକରେ ଓଡ଼ିଶା ଆଗୁଆ ରହିଥିବା ସୋମବାର କ୍ୟାବିନେଟ୍ ସଚିବ ରାଜୀବ ଗୋଉବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଜଣାପଡ଼ିଛି।










## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆୟୁଷ୍ମାନ୍ କୌସ୍ତୁଭ
ପରିବାରବର୍ଗ


ଆୟୁଷ୍ମାନ୍ କେ.ପି.ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଜିର ମନ୍ତବ୍ୟ

"କରୋନା ଭାଇରସ୍‌ର ଉତ୍ପତ୍ତି ସମ୍ପର୍କରେ ଜଣାପଡ଼ିଲେ ଭବିଷ୍ୟତରେ ଏଭଳି ବିପତ୍ତିକୁ ରୋକାଯାଇପାରିବ।

**–ଟେଡ୍ରୋସ୍ ଆଧାନମ୍ ଘେବ୍ରେୟସସ୍, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାସଚିବ**

# କୋଣାର୍କ ଉତ୍ସବ: ଦୁଲୁକିବ ମୁକ୍ତାକାଶ ରଙ୍ଗମଞ୍ଚ

**ଭୁବନେଶ୍ୱର,(ବ୍ୟୁରୋ)/କୋଣାର୍କ, ୩୦।୧୧(ଡି.ଏନ୍.ଏ.)**

- ସ୍ଥିତି ଅନୁଧ୍ୟାନ କଲେ ପର୍ଯ୍ୟଟନ ସଚିବ, ଜିଲାପାଳ
- ରଙ୍ଗମଞ୍ଚ ଭିତରକୁ ଦୈନିକ ୬ଶହ ଦର୍ଶକଙ୍କୁ ଅନୁମତି
- ପୁରୀ, କୋଣାର୍କ ବେଳାଭୂମିରେ ଲାଗିବ ଏଲ୍ଇଡି ୱାଲ୍

କୋଭିଡ୍ କଟକଣା ମଧ୍ୟରେ ମଙ୍ଗଳବାରଠାରୁ ଆରମ୍ଭ ହେଉଛି ବିଶ୍ୱପ୍ରସିଦ୍ଧ କୋଣାର୍କ ଉତ୍ସବ। ଏଥିପାଇଁ ସୂର୍ଯ୍ୟମନ୍ଦିର ପାଦଦେଶ ଉତ୍ସବମୁଖର ହୋଇଉଠିଥିବାବେଳେ ଦୁଲୁକିବ ମୁକ୍ତାକାଶ ରଙ୍ଗମଞ୍ଚ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୫ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ଚଳିତବର୍ଷ ୫ଟି ଶାସ୍ତ୍ରୀୟ ନୃତ୍ୟର ସମାହାର ଦେଖିବାକୁ ମିଳିବ। ଓଡିଶୀ ସହ ଭାରତନାଟ୍ୟମ୍, ମଣିପୁରୀ, କୁଚିପୁଡ଼ି ଏବଂ କଥକ ନୃତ୍ୟ ମୁଖ୍ୟ ଆକର୍ଷଣ ରହିବ। ଏଥିସହ କୋଣାର୍କର ସ୍ୱର୍ଣ୍ଣାଭ ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ମଧ୍ୟ ସମାନ୍ତରାଳ ଭାବେ ଚାଲିବ। ଏନେଇ ସୋମବାର ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପର୍ଯ୍ୟଟନ ସଚିବ ବିଶାଲ ଦେବ ସୂଚନା ଦେଇଛନ୍ତି। ଏହାପୂର୍ବରୁ ପର୍ଯ୍ୟଟନ ସଚିବଙ୍କ ସହ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଜିଲାପାଳ ବଲୱନ୍ତ ସିଂ, ଅତିରିକ୍ତ ଜିଲାପାଳ ବିନୟ ଭୂଷଣ ଦାଶ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ପରଖିଥିଲେ। ଜନଗହଳିକୁ ଦୃଷ୍ଟିରେ ରଖି ମାସ୍କ ଓ ସାମାଜିକ ଦୂରତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମୁକ୍ତାକାଶ ରଙ୍ଗମଞ୍ଚ ଭିତରକୁ ଦୈନିକ ୬୦୦ ଦର୍ଶକଙ୍କ ପ୍ରବେଶ ପାଇଁ ଅନୁମତି ଦିଆଯାଇଥିବାବେଳେ ରଙ୍ଗମଞ୍ଚ ଗ୍ୟାଲେରିରେ ୬ଫୁଟ ବ୍ୟବଧାନରେ ଦର୍ଶକ ବସିବାର ବ୍ୟବସ୍ଥା ହୋଇଛି। ପ୍ରବେଶ ପଥରେ ବିନା ମାସ୍କରେ କାହାରିକୁ ଛଡ଼ାଯିବ ନାହିଁ। ତେବେ ଅଧିକ ଦର୍ଶକ ଯେପରି କୋଣାର୍କ ନୃତ୍ୟ ମହୋତ୍ସବକୁ ଉପଭୋଗ କରିପାରିବେ ସେଥିଲାଗି ଚନ୍ଦ୍ରଭାଗା ବିଚ୍ ଏବଂ ପୁରୀ ନୀଳାଦ୍ରି ଓ ଗୋଲ୍ଡେନ୍ ବିଚ୍‌ରେ ଏଲ୍ଇଡି ସ୍କ୍ରିନ୍ ଲଗାଯାଇ ଦର୍ଶକମାନେ ଦେଖିବାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି।

ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ପଦ୍ମଶ୍ରୀ ଅରୁଣା ମହାନ୍ତି ଓ ଓଡ଼ିଶା ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ସମବେତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। ସନ୍ଧ୍ୟାର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀଦେବୀ ନୃତ୍ୟାଳୟ ପକ୍ଷରୁ ଶିଲା ଉନ୍ନିକ୍ରିଷ୍ଣନ୍ ଏବଂ ଦଳ ଭାରତନାଟ୍ୟମ୍ ପରିବେଷଣ କରିବେ। ସେହିଭଳି ଦ୍ୱିତୀୟ ସନ୍ଧ୍ୟାରେ ମଣିପୁରୀ ନର୍ତ୍ତଣାଳୟ ପକ୍ଷରୁ ବିବାବତୀ ଦେବୀ ଓ ତାଙ୍କ ଦଳ ଦ୍ୱାରା ମଣିପୁରୀ ନୃତ୍ୟ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସଞ୍ଜଳି ଏନ୍‌ଜେମ୍ବଲ୍ ପକ୍ଷରୁ ଶର୍ମିଳା ମୁଖାର୍ଜୀ ଓ ତାଙ୍କ ଦଳ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ। ୩ୟ ସନ୍ଧ୍ୟାରେ ବାଙ୍ଗାଲୋରସ୍ଥିତ 'ନୃତ୍ୟାନ୍ତର'ର ମଧୁଲିତା ମହାପାତ୍ର ଓ ତାଙ୍କ ଦଳ ଓଡ଼ିଶୀ ନୃତ୍ୟ ଏବଂ ଚେନ୍ନାଇସ୍ଥିତ କଳାସମର୍ପଣ ଫାଉଣ୍ଡେଶନର ବସନ୍ତଲକ୍ଷ୍ମୀ ନର୍ସିହ୍ମାଚାରୀ ଓ ଦଳ କୁଚିପୁଡ଼ି ନୃତ୍ୟ, ୪ର୍ଥ ସନ୍ଧ୍ୟାରେ 'ରନନ୍' ପକ୍ଷରୁ ବିକ୍ରମ ଅୟଙ୍ଗାର ଓ ତାଙ୍କ ଦଳ କଥକ ନୃତ୍ୟ ଏବଂ ରୁଦ୍ରାକ୍ଷ ଫାଉଣ୍ଡେସନ୍ ପକ୍ଷରୁ ବିଚିତ୍ରାନନ୍ଦ ସ୍ୱାଇଁ ଏବଂ ତାଙ୍କ ଦଳ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ। ଅନ୍ତିମ ସନ୍ଧ୍ୟାରେ ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର କଳାକାରମାନେ ଓଡ଼ିଶୀ ନୃତ୍ୟ ଏବଂ ଦୃଷ୍ଟିକୋଣ ଡ୍ୟାନ୍ସ ଫାଉଣ୍ଡେଶନର ଅଦିତି ମଙ୍ଗଳଦାସ ଓ ତାଙ୍କ ଦଳ କଥକ ନୃତ୍ୟ ପରିବେଷଣ କରିବେ।

ସୂଚନାଯୋଗ୍ୟ, ସଚିବଙ୍କ ଗସ୍ତ ସମୟରେ ନିମାପଡ଼ା ଏସ୍‌ଡିପିଓ ପ୍ରଦୀପ ଦଳାଇ,ପର୍ଯ୍ୟଟନ ଅଧିକାରୀ ରତିକାନ୍ତ ପଟ୍ଟନାୟକ, ସରୋଜକାନ୍ତ ପ୍ରଧାନ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ ଶ୍ରୀନିବାସ ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ପୁରୀ ସମୁଦ୍ରରେ ସୋମବାର ମାଛ ମାରିବାକୁ ଯାଉଥିବା ମତ୍ସ୍ୟଜୀବୀଙ୍କ ଟ୍ରଲର।

# ମଡର୍ନା ଟିକା ୧୦୦% ଫଳପ୍ରଦ

**ୱାଶିଂଟନ, ୩୦।୧୧**




ଗୁରୁତର କୋଭିଡ୍ ମାମଲାରେ ମଡର୍ନା ଟିକା ୧୦୦ ପ୍ରତିଶତ ଫଳପ୍ରଦ ବୋଲି କମ୍ପାନୀ ପକ୍ଷରୁ ଦାବି କରାଯାଇଛି। ଶେଷ ପରୀକ୍ଷାର ସମ୍ପୂର୍ଣ୍ଣ ଫଳାଫଳ ଅନୁଯାୟୀ ଏହା ୯୪.୧ ପ୍ରତିଶତ ସଫଳ ଓ ସୁରକ୍ଷାକୁ ନେଇ ଚିନ୍ତା କରିବାର କିଛି ନାହିଁ ବୋଲି କୁହାଯାଇଛି। ଟିକାର ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ନିମନ୍ତେ ସୋମବାର ଆମେରିକା ଓ ୟୁରୋପୀୟ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରାଯାଇଛି। ଆମେରିକାରେ ଫାଇଜର ଓ ବାୟୋଏନ୍‌ଟେକ୍ ପ୍ରସ୍ତୁତ ଟିକା ପରେ ମଡର୍ନାକୁ ଦ୍ୱିତୀୟ ଟିକା ଭାବେ ମଞ୍ଜୁରୀ ମିଳିବାକୁ ଯାଉଛି।

୧୯୬ ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ ୧୮୫ ଜଣଙ୍କୁ ପ୍ଲେସ୍‌ବୋ ଏବଂ ୧୧ ଜଣଙ୍କୁ ଟିକା ଦିଆଯାଇଥିଲା। ୩୦ ଗୁରୁତର କରୋନା ରୋଗୀଙ୍କୁ ପ୍ଲେସ୍‌ବୋ ଦିଆଯାଇଥିଲା ଓ ୧୦୦ ପ୍ରତିଶତ ସଫଳ ହୋଇଥିବା ମଡର୍ନା ରିପୋର୍ଟରେ କୁହାଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା କମ୍ପାନୀ ୨ କୋଟି ଡୋଜ୍ ଆମେରିକାକୁ ଯୋଗାଇଦେବ ବୋଲି କହିଛି।

ପୂର୍ବରୁ ଫାଇଜର ପକ୍ଷରୁ ଟିକାର ଜରୁରୀ ବ୍ୟବହାର ଲାଗି ଆବେଦନ କରାଯାଇଥିଲା। ଉଭୟ ଭାକ୍ସିନ ନୂଆ ଟେକ୍‌ନୋଲୋଜି ସିନ୍ଥେଟିକ ମେସେଞ୍ଜର ଆର୍‌ଏନ୍‌ଏ (ଏମ୍‌ଆର୍‌ଏନ୍‌ଏ) ବ୍ୟବହାର କରିଥିବାବେଳେ ବ୍ରିଟେନ କମ୍ପାନୀ ଅଷ୍ଟ୍ରାଜେନିକା ପୁରୁଣା ପଦ୍ଧତି ଉପଯୋଗ କରିଛି। ଅଷ୍ଟ୍ରାଜେନିକା ଟିକା ହାରାହାରି ୭୦ ପ୍ରତିଶତ ଫଳପ୍ରଦ ହୋଇଥିବା ବେଳେ ଏହାର ଅନ୍ୟ ଏକ ପରୀକ୍ଷାରୁ ୯୦ ପ୍ରତିଶତ ସଫଳତା ମିଳିଛି। ତେବେ ଉକ୍ତ ଫଳାଫଳ ଉପରେ କେତେଜଣ ବୈଜ୍ଞାନିକ ସନ୍ଦେହ ପ୍ରକଟ କରିଛନ୍ତି।

# ବାଇଡେନ୍‌ଙ୍କ ପାଦରେ ଫ୍ରାକ୍ଚର

**ୱାଶିଂଟନ, ୩୦।୧୧(ପି.ଟି.)**

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ କୁକୁର ସହ ଖେଳୁଥିବାବେଳେ ପାଦ ଖସିଯାଇଥିଲା। ଫଳରେ ତାଙ୍କ ପାଦରେ ଫ୍ରାକ୍ଚର ହୋଇଛି। କିଛି ସପ୍ତାହ ପାଇଁ ତାଙ୍କୁ ୱାକିଂ ବୁଟ୍ ବ୍ୟବହାର କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ୨୦ ତାରିଖରେ ବାଇଡେନ୍ ତାଙ୍କର ୭୮ତମ ଜନ୍ମଦିନ ପାଳିଥିଲେ।


ଜୋ ବାଇଡେନ୍

# ଶ୍ରୀଲଙ୍କା ଜେଲ୍‌ରେ ବିଦ୍ରୋହ: ୮ ମୃତ

**କଲମ୍ବୋ, ୩୦।୧୧(ପି.ଟି.)**

ଶ୍ରୀଲଙ୍କା ରାଜଧାନୀ କଲମ୍ବୋ ଉପକଣ୍ଠରେ ଥିବା ଏକ ଜେଲ୍‌ରେ ବିଦ୍ରୋହ ସୃଷ୍ଟି ହୋଇ ୮ ଅନ୍ତେବାସୀ ନିହତ ହେବା ସହ ୩୭ ଜଣ ଆହତ ହୋଇଛନ୍ତି। କେତେଜଣ ବନ୍ଦୀ ଜେଲ୍ ଫାଟକ ଭାଙ୍ଗି ପଳାୟନ ଉଦ୍ୟମ କରିବାରୁ କର୍ତ୍ତୃପକ୍ଷଙ୍କୁ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା। ଅତ୍ୟଧିକ ବନ୍ଦୀ ଥିବା ମାହାରା ଜେଲ୍‌ରେ କରୋନା ସଂକ୍ରମଣକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଗହଳି ଯୋଗୁ ବିଭିନ୍ନ ଜେଲ୍‌ରେ ସଂକ୍ରମଣ ବଢୁଥିବାରୁ କିଛିଦିନ ପୂର୍ବରୁ ଅନ୍ତେବାସୀମାନେ ବିକ୍ଷୋଭ କରିଥିଲେ। ରବିବାର ବିଦ୍ରୋହରେ ୨ ଜଣ ଜେଲର ମଧ୍ୟ ଆହତ ହୋଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ଖୋଲିବ ...

ଦିଆଯାଇଛି। ବିଭିନ୍ନ ସଂସ୍ଥା ଓ ବିଶେଷଜ୍ଞଙ୍କ ସହ ଆଲୋଚନା କରି ସ୍କୁଲ ଓ ଗଣଶିକ୍ଷା ବିଭାଗ ୯ମରୁ ଯୁକ୍ତ ୨ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ନେଇ ନିଷ୍ପତ୍ତି ନେବ। ସେହିପରି କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବା ନେଇ ଉଚ୍ଚ ଶିକ୍ଷା ବିଭାଗ ଏବଂ ଇଞ୍ଜିନିୟରିଂ ଓ ବୈଷୟିକ ବିଶ୍ୱବିଦ୍ୟାଳୟଗୁଡ଼ିକ ଖୋଲିବା ସମ୍ପର୍କରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ନିଷ୍ପତ୍ତି ନେବ। ତେବେ ଏ ନେଇ ସମ୍ପୃକ୍ତ ବିଭାଗ ଏସ୍‌ଓପି ଜାରି କରିବେ। ଡିସେମ୍ବର ୩୧ ପର୍ଯ୍ୟନ୍ତ ମେଡିକାଲ କଲେଜ ବ୍ୟତୀତ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ । ସମ୍ପୃକ୍ତ ବିଭାଗ ଏ ନେଇ ନିଷ୍ପତ୍ତି ନେଇପାରିବେ। ପରୀକ୍ଷା ପରିଚାଳନା, ଖାତା ମୂଲ୍ୟାୟନ, ଅନ୍‌ଲାଇନ ଶିକ୍ଷା ପୂର୍ବଭଳି ଜାରି ରହିବ। ବିଭାଗଗୁଡ଼ିକ ଅନ୍‌ଲାଇନ ଶିକ୍ଷା, ଟେଲି କାଉନସେଲିଂ ପାଇଁ ଶିକ୍ଷକ ଓ ଅଣଶିକ୍ଷକମାନଙ୍କୁ ନିୟୋଜିତ କରିପାରିବେ। ଗବେଷଣାରତ ଏବଂ ପୋଷ୍ଟ ଗ୍ରାଜୁଏଟ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚ ଶିକ୍ଷା ବିଭାଗ ଖୋଲା ରହିବ। ସମସ୍ତ ପ୍ରକାର ଦକ୍ଷତା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ଜାରି ରହିବ। ସ୍ଥାନୀୟ କର୍ତ୍ତୃପକ୍ଷ ଧାର୍ମିକ ସ୍ଥଳରେ ଉପଯୁକ୍ତ କଟକଣା ସହ ପୂଜା ପାଇଁ ଅନୁମତି ଦେଇପାରିବେ। ସିନେମା ହଲ୍, ସୁଇମିଂ ପୁଲ୍, ଥିଏଟର, ଅଡିଟୋରିୟମ, ଆସେମ୍ବ୍ଲି ହଲ୍ ଇତ୍ୟାଦି ପୂର୍ବ ଭଳି ଡିସେମ୍ବର ୩୧ ଯାଏ ବନ୍ଦ ରହିବ। ସ୍ୱରାଷ୍ଟ୍ର ବିଭାଗ ଦ୍ୱାରା ଅନୁମୋଦିତ ଅନ୍ତର୍ଜାତୀୟ ବିମାନ ସେବା ବ୍ୟତୀତ ଅନ୍ୟ ସମସ୍ତ ଅନ୍ତର୍ଜାତୀୟ ଯାତ୍ରୀବାହୀ ବିମାନ ସେବା ଡିସେମ୍ବର ୩୧ ଯାଏ ବନ୍ଦ ରହିବ। ବୃହତ୍ ସାମାଜିକ , ରାଜନୈତିକ, କ୍ରୀଡ଼ା, ଆମୋଦପ୍ରମୋଦ, ସାଂସ୍କୃତିକ ଏବଂ ଧାର୍ମିକ କାର୍ଯ୍ୟକ୍ରମ ଉପରେ କଟକଣା ବଳବତ୍ତର ରହିବ। ବ୍ୟବସାୟିକ ମେଳା ହଲ୍ କ୍ଷମତାର ୫୦ ପ୍ରତିଶତ ଅଥବା ୧୦୦ ଜଣଙ୍କୁ ନେଇ କରାଯାଇପାରିବ। ତୋଷାଳି କ୍ରାଫ୍ଟ ମେଳା, ଶିଶିର ସରସ ଭଳି ବାଣିଜ୍ୟିକ ମେଳା ଉପରେ କଟକଣା ଜାରି କରାଯାଇଛି। ତେବେ କୋଭିଡ୍ ଗାଇଡଲାଇନକୁ କଡ଼ାକଡ଼ି ଭାବେ ଅନୁସରଣ କରିବାକୁ ହେବ। ବିବାହ ଉତ୍ସବ ପାଇଁ ୨୦୦ ଏବଂ ଶୁଦ୍ଧିକ୍ରିୟା ପାଇଁ ସର୍ବାଧିକ ୫୦ ଜଣଙ୍କୁ ଅନୁମତି ଦିଆଯାଇଛି। ଯଦି ବନ୍ଦ ହଲ୍‌ରେ କରାଯାଉଥିବ ତେବେ ସର୍ବାଧିକ କ୍ଷମତାର ୫୦ ପ୍ରତିଶତ ମଧ୍ୟରେ ସୀମିତ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା, ଥର୍ମାଲ ସ୍କ୍ରିନିଂ, ହାତଧୋଇବା ସାନିଟାଇଜର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। କୋଭିଡ-୧୯ ସଂକ୍ରମିତ ଅଞ୍ଚଳରେ ଲକ୍‌ଡାଉନ ଜାରି ରହିବ। ଜିଲା ପ୍ରଶାସନ, ମହାନଗର ନିଗମ କମିଶନର ସଂକ୍ରମିତ ଅଞ୍ଚଳକୁ ଚିହ୍ନଟ କରିବେ। ସଂକ୍ରମିତ ଅଞ୍ଚଳରେ ଅତ୍ୟାବଶ୍ୟକ କାର୍ଯ୍ୟକଳାପ ଜାରି ରହିବ। ଗାଇଡଲାଇନ ଆଧାରରେ କୋଭିଡ ଟେଷ୍ଟ ଜାରି ରହିବ। କୋଭିଡ ସଚେତନତା ଜାରି ରହିବ। କୌଣସି ଅଧିକାରୀ ଜିଲା, ସବ୍‌ଡିଭିଜନ, ସହର କିମ୍ବା ଅନ୍ୟ କୌଣସି ସ୍ଥାନକୁ ଲକ୍‌ଡାଉନ ଘୋଷଣା କରିପାରିବେ ନାହିଁ। ଆବଶ୍ୟକ ହେଲେ ସମ୍ପୃକ୍ତ ଅଧିକାରୀ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଅବଗତ କରାଇବେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକ ୨୦୨୦ ଜୁନ୍ ୩୦ରେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗାଇଡ୍‌ଲାଇନ୍‌କୁ ଅନୁସରଣ କରିବାକୁ କୁହାଯାଇଛି। ରାଜ୍ୟ ଭିତରେ କିମ୍ବା ଅନ୍ୟ ରାଜ୍ୟକୁ ଯାନବାହନ ଚଳାଚଳ ଉପରେ କୌଣସି କଟକଣା ରହିବ ନାହିଁ।ଡିସେମ୍ବର ୩୧ ଯାଏ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ। ପିଲାମାନଙ୍କୁ ଘରେ ରାଶନ ଯୋଗାଇ ଦିଆଯିବା ନେଇ ଗାଇଡଲାଇନରେ ପରାମର୍ଶ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପାରିବାରିକ ପରିସ୍ଥିତି ନିଶ୍ଚିତ ଭଲ ରହିବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପରିବହନ ତଥା ବାଣିଜ୍ୟ ବ୍ୟବସାୟରୁ ସନ୍ତୋଷଜନକ ସୁଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ତଥା ଚଳଚ୍ଚିତ୍ର ପ୍ରଭୃତି ଶୁକ୍ରଙ୍କ ସ୍ୱଗୃହୀ ପ୍ରଭାବରୁ ଉନ୍ନତ ରହିବ। ଈର୍ଷାନ୍ୱିତ ନିଜ ଲୋକମାନେ ଦାଉ ସାଧିପାରନ୍ତି।

**ବୃଷ**
କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ, ଯାହା କି ଆପଣଙ୍କ ସକାଶେ ହିତକର ହେବ । କୃତ୍ତିକା ନକ୍ଷତ୍ରର ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଅଟକି ରହିଯାଇଥିବା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ**
ଆର୍ଥିକ ଦିଗରୁ ଉପକୃତ ହେବେ ଏବଂ ବକେୟା ମଧ୍ୟ ପାଇପାରନ୍ତି। କର୍ମକ୍ଷେତ୍ରରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଅନ୍ୟମନସ୍କତାର ସୁଯୋଗ ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ପୁନର୍ବସୁ ନକ୍ଷତ୍ରର ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**କର୍କଟ**
ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ। ସଙ୍ଗକୁ କଳ୍ପନା ବିଳାସୀ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଦୀର୍ଘଦିନର ଆଶା ଫଳବତୀ ହେବ। ଘରେ ନ ଥିବା ସମୟରେ କୌଣସି ଶୁଭ ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ପୁଷ୍ୟା ନକ୍ଷତ୍ର ସହକର୍ମୀମାନଙ୍କ ଉପଦେଶ ଶୁଣି ମନରେ ବିରକ୍ତି ଅନୁଭବ କରିବେ ।

**ସିଂହ**
କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମକରି ଅଭିଳଷିତ ଜିନିଷ ହାସଲ କରିବେ। ସାମାଜିକ ସ୍ତରରେ ମଧ୍ୟ ସମ୍ମାନ ଲାଭ କରିବାର ଯୋଗ ରହିଛି। ପୂର୍ବାଫାଲଗୁନୀ ନକ୍ଷତ୍ର ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ।

**କନ୍ୟା**
ଲକ୍ଷ୍ୟ ହାସଲ କରିବା ପରିପ୍ରେକ୍ଷୀରେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ। ଅନ୍ୟମାନଙ୍କ ମତକୁ ଅଗ୍ରାଧିକାର ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇବେ। ପୁରାତନ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବାକୁ ପଡ଼ିପାରେ।

**ତୁଳା**
ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କଲେ ଅସୁବିଧାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ, ଯାହା କି ଆପଣଙ୍କ କାମକୁ ଆସିବ । ସ୍ୱାତୀର ନିର୍ମାଣ କାର୍ଯ୍ୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା**
ଅନୁରାଧା ନକ୍ଷତ୍ର ଆଗାମୀ ସମୟର କାର୍ଯ୍ୟ ସକାଶେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ପାଇଁ ସମସ୍ୟାକୁ ବଢାଇ ପାରେ। କର୍ମକ୍ଷେତ୍ର କିମ୍ବା ଯାତ୍ରା ସମୟରେ ଅନ୍ୟମନସ୍କତାରୁ କେତେକ ଭୁଲ୍ କରିପାରନ୍ତି। ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବାର ସୂଚନା ରହିଛି।

**ଧନୁ**
ଅଧିକାଂଶ ସମୟ ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ମାନସିକ ଅସୁସ୍ଥତାର ଅନ୍ୟ ଏକ କାରଣ ହୋଇପାରେ। ପୂର୍ବାଷାଢା ନକ୍ଷତ୍ରର କର୍ମକ୍ଷେତ୍ରର ସମସ୍ୟାର ସମାଧାନ ହୋଇଯିବ। ଆଲୋଚନା ସ୍ଥଳରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ।

**ମକର**
ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଆକସ୍ମିକ ଭାବେ ଭ୍ରମଣ ସୁଯୋଗ ଲାଭ କରିବେ ଏବଂ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ । ଧନିଷ୍ଠା ନକ୍ଷତ୍ରର ବ୍ୟବସାୟିକ କ୍ଷେତ୍ର ମଧ୍ୟମ ପ୍ରକାରର ରହିବ। ସହନଶୀଳତା ଗୁଣରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**କୁମ୍ଭ**
ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡିପାରେ। ଶିକ୍ଷାରେ ସଫଳତା ଲାଭ କରିବେ ଏବଂ ପ୍ରଶଂସିତ ମଧ୍ୟ ହୋଇପାରନ୍ତି। ସାମାଜିକ ସ୍ତରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ପୂର୍ବଭାଦ୍ରବ ନକ୍ଷତ୍ର ନୀଚମନା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ।

**ମୀନ**
କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। କଳା, ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ଆଶା ପୂରଣ ହୋଇଯିବ। ଉତ୍ତରଭାଦ୍ରବ ସକାଶେ ଈର୍ଷାପରାୟଣ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। ପ୍ରତ୍ୟେକ ସ୍ତରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ପ୍ରତିପଦା ମଙ୍ଗଳବାର, ଡିସେମ୍ବର ୧ ତାରିଖ, ବିଶ୍ୱ ଏଡ୍‌ସ ଦିବସ, ରାଶି ନକ୍ଷତ୍ର-ସକାଳ ଘ.୦୮.୩୦ମି. ଗତେ ମୃଗଶିରା/ବୃଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମୃଗଶିରା ନକ୍ଷତ୍ରେ ବିବାହ ପାଣିଗ୍ରହଣ, ସକାଳ ଘ.୦୬.୦୮ମି. ଗତେ ୦୬.୫୨ମି. ମଧ୍ୟେ, ଘ.୦୭.୩୬ମି. ଗତେ ଘ.୧୧.୧୪ମି. ମଧ୍ୟେ, ରାତ୍ରି ଘ.୦୯.୨୪ମି. ଗତେ ଘ.୧୨.୦୨ମି. ମଧ୍ୟେ ଅମୃତ ବେଳା। ସନ୍ଧ୍ୟା ଘ.୦୫.୦୨ମି. ଗତେ ଘ.୦୯.୩୯ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୨.୧୯ମି. ଗତେ ଘ. ୦୩.୪୦ମି. ମଧ୍ୟେ ରାହୁକାଳ।

## classifieds Everyday
0674-2580101, 2549302

real estate

**SALE**

ଭୁବନେଶ୍ୱର ଚନ୍ଦକାଛକରୁ 500mtr. near Nalanda ଓ BCST College ପାଖରେ ଘର ଉପଯୋଗୀ plot ମିଳୁଛି। Immediate registration/ possession. 8895492671, 9348870771. D-70112

ଭୁବନେଶ୍ୱର AMRI Hospital ପଛପଟେ yellowzone plot ନେଇ ଘର କରନ୍ତୁ। 7894216209. D-70106

ସାଇ ବିହାର କଲୋନୀରେ ପିଚୁ ରୋଡ୍‌କୁ ଲାଗି 30' ରାସ୍ତା ଘରବାରି, boundary, ଇଲେକ୍ଟ୍ରିସିଟି ଥାଇ ରଙ୍ଗବଜାର, BJEM-II ନିକଟରେ 1500sqft. 6,75,000/- ଦେଇ ସଙ୍ଗେସଙ୍ଗେ ଘର କରନ୍ତୁ। 9437522339. D-70114

ଟଙ୍କପାଣି ରୋଡ୍ Sai ମନ୍ଦିରରୁ 2km ମଧ୍ୟରେ gharabari boundary plot କିଣନ୍ତୁ। 7008492511. D-69354

Bhubaneswar ସୁନ୍ଦରପଦାରେ 1200sqft. ପ୍ଲଟକୁ 3,60,000/- ଦିଆଯାଉଛି (20 plot available), Lipsa- 9853150290. D-70116

ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166. D-70113

ଭୁବନେଶ୍ୱର AIIMS Hospital ନିକଟରେ 30' ରାସ୍ତାଥାଇ plot immediate registration/ possession. 9937819395. D-70117

to-let

Fully furnished Office space at Prime location of Bhubaneswar, Owner's Contact Number- 9861120421. D-69031

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

10,000sqft. running Poultry farm near Utara, Bhubaneswar. Can be utilised for storage stocks, Godown etc except excise goods. 7809525452, 7978991126. D-69587

healthcare

Newly open full body massage SPA in Bhubaneswar. Contact: 7205058838. D-70037

Refreshing your mind & body with best therapy at Lotus Spa. 8018234866 D-69584

Swarna SPA newly open positively health benefits with expert therapist. 9556978408. D-70034

Get refreshment body massage by expert therapist contact for 7205084157. D-70036

Rejuvenate and Ayurvedic full body massage by smart therapist. 9348123330. D-70038

education

Required 30Nos. of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L. Call - 9439856856, 9776001000. D-19084

**AFFIDAVIT**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମୁଁ ସାଗରିକା ବିଶ୍ୱାଳ, ସ୍ୱାମୀ ଦିଲ୍ଲୀପ୍ କୁମାର ନାୟକ, ଠିକଣା- ସା/ପୋ- ପାଟସୁନ୍ଦରପୁର, କାକଟପୁର, ଜିଲ୍ଲା- ପୁରୀ, ମାନ୍ୟବର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଭୁବନେଶ୍ୱରଙ୍କ ଇଜିଲାସରେ କରିଥିବା ସତ୍ୟପାଠ ସି.ଏଫ୍ ନଂ.- ୩୩ ତା.୧୯।୧୧।୨୦୨୦ ମୁଁ ମୋର ବିବାହ ପରଠାରୁ ସାଙ୍ଗିଆ ବିଶ୍ୱାଳରୁ ନାୟକକୁ ପରିବର୍ତ୍ତନ କରିଅଛି। ସାଗରିକା ବିଶ୍ୱାଳ ଓ ସାଗରିକା ନାୟକ ଗୋଟିଏ ବ୍ୟକ୍ତି, ଏହାପରଠାରୁ ମୁଁ ସାଗରିକା ନାୟକ ଭାବରେ ସର୍ବତ୍ର ପରିଚିତ ହେଲି।
ଧ-୬୯୫୮୮

## ସଂକ୍ଷେପରେ

### ପରୀ ମୃତ୍ୟୁ ମାମଲା
### ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ କଲେ ଏନ୍‌ସିପିସିଆର୍‌

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ):** ନୟାଗଡ଼ ଜିଲା ପରୀ ମୃତ୍ୟୁ ଘଟଣାରେ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନ(ଏନ୍‌ସିପିସିଆର୍‌) ସୋମବାର ନିଜଆଡୁ ମାମଲାକୁ ଗ୍ରହଣକରି ଆସନ୍ତା ୧୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ରିପୋର୍ଟ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ଜନ୍ମ ସାର୍ଟିଫିକେଟ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଦେବାକୁ କମିଶନ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଏଫ୍‌ଆଇଆର୍‌ କପି, ତଦନ୍ତର ଷ୍ଟାଟସ ରିପୋର୍ଟ ଏବଂ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଗ୍ରହଣ କରିଥିବା ରିପୋର୍ଟ ମଧ୍ୟ କମିଶନ ତଲବ କରିଛନ୍ତି। ଭାଜପା ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର ପରୀ ମୃତ୍ୟୁ ନେଇ କମିଶନଙ୍କୁ ସ୍ମାରକପତ୍ର ଦେଇଥିଲେ। କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି। ପରୀ ମୃତ୍ୟୁକୁ ନେଇ ବିରୋଧୀ କଂଗ୍ରେସ ଓ ଭାଜପା ବିଧାନସଭାରେ ଓ ବାହାରେ ହଙ୍ଗାମା କରିଥିଲେ। ରାଜ୍ୟ ସରକାର ଏହି ଘଟଣାର ପ୍ରଥମେ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଇବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ନଭେମ୍ବର ୨୮ରେ ଏଥିପାଇଁ ୫ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍‌ (ଏସ୍‌ଆଇଟି) ଗଠନ କରିଛନ୍ତି।

### ଆଜିଠୁ ୬୯ ରୁଟ୍‌ରେ 'ମୋ ବସ୍‌'

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ):** ସୋମବାର ଡିସେମ୍ବର ପହିଲାରୁ ୬୯ ରୁଟ୍‌ରେ ଗଡ଼ିବ 'ମୋ ବସ୍‌'। ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା ଓ କୋଣାର୍କର ମୋଟ ୭୦ ରୁଟ୍‌ ମଧ୍ୟରୁ କେବଳ ରୁଟ୍‌ ନଂ.୨୯ କଳିଙ୍ଗ ବିହାରରୁ ସାଇ ମନ୍ଦିର ପର୍ଯ୍ୟନ୍ତ ମୋ ବସ୍‌ ଚଳାଚଳ କରିବ ନାହିଁ ବୋଲି ଏହାର ପରିଚାଳନା ଦାୟିତ୍ୱରେ ଥିବା କ୍ୟାପିଟାଲ ରିଜିୟନ୍‌ ଅର୍ବାନ୍‌ ଟ୍ରାନ୍ସପୋର୍ଟ(କ୍ରୁଟ୍‌) ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। କୋଭିଡ୍‌ ଲକ୍‌ଡାଉନ୍‌ ପରେ 'ମୋ ବସ୍‌' ସେବାକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରାଯାଇଥିବାବେଳେ ଅନ୍‌ଲକ୍‌ ପର୍ଯ୍ୟାୟଠାରୁ ଧୀରେ ଧୀରେ ବସ୍‌ ସେବା ଆରମ୍ଭ ହୋଇଥିଲା।

# ପରୀ ପରିବାରକୁ ଭେଟିଲେ ଭାଜପା ବିଧାୟକ

## ସିବିଆଇ ତଦନ୍ତ ଦାବି

**ନୟାଗଡ଼ ଅଫିସ,୩୦।୧୧**

ପରୀ ହତ୍ୟା ଘଟଣାରେ ନୟାଗଡ଼ ଜିଲା ସଦର ଥାନା ଯଦୁପୁର ଗାଁରେ ସୋମବାର ଭାଜପାର ୨୧ ଜଣିଆ ବିଧାୟକ ଦଳ ପହଞ୍ଚିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକଙ୍କ ନେତୃତ୍ୱରେ ବିଧାୟକମାନେ ମୃତା ପରୀଙ୍କ ମା'ବାପା ଓ ଗାଁ ଲୋକଙ୍କୁ ଭେଟି ମତାମତ ନେଇଥିଲେ। ପରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କହିଛନ୍ତି, ପରୀ ଅପହରଣର ଦଶମ ଦିବସରେ ମୃତଦେହ ମିଳିଥିଲା। ମୃତଦେହ ପୋଖରୀକୂଳ ହୁଡା ବାହାରେ ପଡିଥିଲା। ଦୁର୍ଗନ୍ଧ ନ ହେବାର କାରଣ କେମିକାଲ ମିଶା ଯାଇଥିଲା। ସେହିପରି ପରୀ ମା'ବାପାଙ୍କ ପ୍ରତିକ୍ରିୟାରୁ ଜଣାପଡିଛି, ଯଦି ମନ୍ତ୍ରୀଙ୍କ ସମ୍ପୃକ୍ତି ନାହିଁ ସିବିଆଇ ତଦନ୍ତରେ ଅସୁବିଧା କେଉଁଠି ରହୁଛି। ମନ୍ତ୍ରୀ କ୍ଷମତାରେ ରହିଲେ ତଦନ୍ତରେ ବାଧାପ୍ରାପ୍ତ ହେବ। ଅନ୍ୟପକ୍ଷେ ପରୀଙ୍କ ମା'ବାପା ସୁରକ୍ଷିତ ନୁହନ୍ତି। ହତ୍ୟାକାରୀମାନେ ଘରେ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ପଶି ମାରପିଟ୍‌ କରିଥିଲେ। ଏଣୁ ପରୀଙ୍କ ମା'ବାପା ଘର ଛାଡି ଶ୍ୱଶୁର ଘରେ ରହୁଛନ୍ତି। ଭାଜପା ଟିମ୍‌କୁ ଭେଟିବାକୁ ବଡଭାଇଙ୍କ ଘରକୁ ଆସିଥିଲେ। କେବଳ ପରୀ ନୁହେଁ, ରାଜ୍ୟରେ ଅନେକ ଶିଶୁ ଚୋରି ହୋଇଛନ୍ତି। ପରୀ ଘଟଣାରେ ଅଙ୍ଗ ତସ୍କରୀର ସନ୍ଦେହ କରାଯାଉଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ କୁହାଯାଉଥିବା ବାବୁଲି ନାୟକଙ୍କଠାରୁ ତଦନ୍ତ ହେବା ଦରକାର। ଏ ପରିପ୍ରେକ୍ଷୀରେ ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର, ସିବିଆଇ ତଦନ୍ତ ଓ ପରୀ ପରିବାରଙ୍କୁ ନ୍ୟାୟ ଦେବାକୁ ଭାଜପା ଦାବି କରି ଆସୁଛି। ଯଦି ରାଜ୍ୟ ସରକାର ନ ଶୁଣନ୍ତି, ତେବେ କେନ୍ଦ୍ର ସରକାରଙ୍କ ନିକଟରେ ଫେରାଦ ହେବୁ।

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କୁହନ୍ତି, ପରୀ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଭାଜପା ପକ୍ଷରୁ ଆନ୍ଦୋଳନ ଜାରି ରହିବ। ପରୀ ମୃତଦେହ ଉଦ୍ଧାର ବେଳେ କେମିକାଲ ବ୍ୟବହାର ଯୋଗୁ ଗନ୍ଧ ବାହାରୁ ନ ଥିଲା। ଆଖି ଓ କିଡ୍‌ନୀ ପରି ଅଙ୍ଗ ନ ଥିଲା। ମାତ୍ର କେଇ ଖଣ୍ଡ ହାଡ ଓ ଖପୁରି ମିଳିଥିଲା। ଏଣୁ ପରୀର ଶରୀରରୁ ଅଙ୍ଗ ତସ୍କରୀମାନେ କାଢି ନେଇଥିବା ଭଳି ଲାଗୁଛି। ଓଡ଼ିଶାରେ ୫୩୨୯ ଶିଶୁ ବର୍ଷେ ହେଲା ନିଖୋଜ ଅଛନ୍ତି। ସେମାନଙ୍କୁ ପରୀ ଭଳି କରାଯାଇ ଥାଇପାରେ। ଏଣୁ ଓଡ଼ିଶାର ଶିଶୁ ନିଖୋଜକୁ ତଦନ୍ତ ପରିସରଭୁକ୍ତ କରାଯାଉ। ସେ କହିଥିଲେ, ସିବିଆଇ ତଦନ୍ତରେ ୯୦ ଭାଗ ସଫଳତା ମିଳୁଛି। କ୍ରାଇମବ୍ରାଞ୍ଚ ତଦନ୍ତ ଓଡ଼ିଶା ସରକାରଙ୍କର ଅଂଶ ବିଶେଷ। ସେହିଭଳି ଏସ୍‌ଆଇଟି କମିଟିରେ ମଧ୍ୟ ଓଡ଼ିଶା ସରକାରଙ୍କର କର୍ମଚାରୀମାନେ ଅଛନ୍ତି। ଆମେ କିପରି ଆଶା ରଖିବୁ ନ୍ୟାୟ ମିଳିବ। ରାଜ୍ୟ ସରକାର ଅନୁରୋଧ ନ କଲେ ସିବିଆଇ ତଦନ୍ତ ହୋଇପାରିବ ନାହିଁ। ଅପରପକ୍ଷେ ଗୋଟିଏ ବର୍ଷରେ ୬୦ଦିନ ବିଧାନସଭା ଚାଲିବାର ନିୟମ ଅଛି। ସରକାର ବିଧାନସଭାକୁ ସାମ୍ନା କରି ନ ପାରି ଭୟରେ ଚଳିତବର୍ଷ ୧୫ ଦିନରେ ବନ୍ଦ କରିଦେଲେ। ଓଡ଼ିଶାରେ ସାମ୍ବିଧାନିକ ସଙ୍କଟ ଦେଖାଦେଇଛି। ଏ ନେଇ ରାଜ୍ୟପାଳଙ୍କୁ ଭେଟି ପରୀ ଓ ସାମ୍ବିଧାନିକ ସଙ୍କଟ ସମ୍ପର୍କରେ କ'ଣ ପଦକ୍ଷେପ ନିଆଯିବ ସେନେଇ ଆଲୋଚନା କରାଯିବ ବୋଲି ବିଧାୟକ ମିଶ୍ର କହିଛନ୍ତି। ଏହି ଟିମ୍‌ରେ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ମୋହନ ମାଝି, ଭବାନୀ ଭୋଇ, ନୟାଗଡ ଭାଜପା ଜିଲା ସଭାପତି ଲାଲା ମନୋଜ ରାୟ, ଭାଜପା ନେତ୍ରୀ ଇରାନୀ ରାୟ, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ଓ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଆସିଥିଲେ।


ଯଦୁପୁର ଗାଁରେ ଭାଜପା ବିଧାୟକ ଓ ଅନ୍ୟମାନେ।

# ମାସ୍କ ନ ପିନ୍ଧିଲେ ୨୫ ଫୁଟ ଯାଇପାରେ ଛିଙ୍କ

## ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଲା ଆଇଆଇଟି ଭୁବନେଶ୍ୱର

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

କରୋନା ମହାମାରୀକୁ ରୋକିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ମାସ୍କ, ସାମାଜିକ ଦୂରତା ବଜାୟ ରଖିବାକୁ ଗୁରୁତ୍ୱ ଦିଆଯାଉଛି। ତେବେ ଛିଙ୍କିବା ସମୟରେ ମାସ୍କ କାହିଁକି ଗୁରୁତ୍ୱପୂର୍ଣ୍ଣ ଓ ଏହା କେତେଦୂର ସଂକ୍ରମଣ ରୋକିବାରେ ସକ୍ଷମ ତାହାକୁ ନେଇ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଏକ ଅଧ୍ୟୟନ କରାଯାଇଥିଲା। ଉକ୍ତ ଅଧ୍ୟୟନରୁ ଜଣାପଡିଛି, ଖାଲି ମୁହଁରେ ଛିଙ୍କିଲେ ବା କାଶିଲେ ଛୋଟ ବୁନ୍ଦା ଏକ ସ୍ଥିର ପରିବେଶରେ ୨୨ରୁ ୨୫ ଫୁଟ ପର୍ଯ୍ୟନ୍ତ ଯାତ୍ରା କରିପାରିବ। ଫେସ୍‌ ମାସ୍କ ଓ ଫେସ୍‌ ସିଲ୍ଡ ପରି ପ୍ରତିରୋଧକ ବ୍ୟବସ୍ଥା ଥିଲେ ୧ରୁ ୩ଫୁଟ ପର୍ଯ୍ୟନ୍ତ ଛିଙ୍କର ବିନ୍ଦୁ ବ୍ୟାପିଥାଏ। କିନ୍ତୁ ତାହା ଛୋଟ ଛୋଟ ବୁନ୍ଦାକୁ ସମ୍ପୂର୍ଣ୍ଣ ବନ୍ଦ କରିପାରେ ନାହିଁ। ମାସ୍କ ପିନ୍ଧିଥିଲେ ମଧ୍ୟ କାଶ ଓ ଛିଙ୍କିବା ସମୟରେ ହାତ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ସାମାଜିକ ଦୂରତା ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସଂକ୍ରମଣକୁ ରୋକିବାକୁ ୬ ଫୁଟ ସାମାଜିକ ଦୂରତା ରଖିବା ଜରୁରୀ ବୋଲି ଅଧ୍ୟୟନରେ ଦର୍ଶାଯାଇଛି। ଏହି ଅଧ୍ୟୟନଟି ସ୍କୁଲ ଅଫ୍‌ ମେକାନିକାଲ ସାଇନ୍ସର ଆସିଷ୍ଟାଣ୍ଟ ପ୍ରଫେସର ଡ. ଭେଣୁଗୋପାଳ ଅରୁମୁରୁ ଓ ତାଙ୍କ ଟିମ୍‌ ଦ୍ୱାରା ହୋଇଥିଲା। ଏଥିପାଇଁ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର୍‌. ଭି. ରାଜକୁମାର ଉକ୍ତ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

# ଚାକିରି ନାଁରେ ୬ଲକ୍ଷ ଠକେଇ

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ)**

ବ୍ୟାଙ୍କରେ ଚାକିରି କରାଇ ଦେବାକୁ କହି ୬ଲକ୍ଷ ଠକେଇ ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିଛି ନୟାପଲ୍ଲୀ ଥାନା ପୋଲିସ। ସେ ହେଲେ ଭଦ୍ରକ ଜିଲା ବାସୁଦେବପୁର ବେତଡା ଗ୍ରାମର ଜୟନ୍ତୀ ପରିଡା(୩୦)। ଜୟନ୍ତୀ ବାଲେଶ୍ୱର ଜିଲା ନୀଳଗିରି କାଣ୍ଡଗରଡିରେ ରହୁଥିଲେ। ଏହି ସମୟରେ ଠକେଇର ଶିକାର ହୋଇଥିବା ବାଲେଶ୍ୱର ଖନ୍ତାପଡାର ଶୁଭଶ୍ରୀ ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ତାଙ୍କ ବିରୋଧରେ ୧୮୨/୨୦୧୮ ମାମଲା ରୁଜୁ କରିଥିଲା। ତେବେ ଗିରଫ ପରେ ଜୟନ୍ତୀଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଝାରପଡା ଜେଲ୍‌ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଖନ୍ତାପଡ଼ାର ଶୁଭଶ୍ରୀ ପରିବାର ଲୋକଙ୍କ ସହ ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଞ୍ଚଳରେ ରୁହନ୍ତି। ଗିରଫ ହୋଇଥିବା ଜୟନ୍ତୀ ଖନ୍ତାପଡ଼ାରେ ରହୁଥିବାରୁ ଉଭୟଙ୍କ ମଧ୍ୟରେ ଚିହ୍ନା ପରିଚୟ ହୋଇଥିଲା। ଜୟନ୍ତୀ ନିଜକୁ ଷ୍ଟେଟ୍‌ ବ୍ୟାଙ୍କ କଳ୍ପନା ଶାଖାର ପିଓ ଭାବେ ପରିଚୟ ଦେଇ ଶୁଭଶ୍ରୀଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ୬ଲକ୍ଷ ଟଙ୍କା ଦେଲେ ସେ ବ୍ୟାଙ୍କରେ ଚାକିରି କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଶୁଭଶ୍ରୀ ତାଙ୍କ ବାପାଙ୍କ ଆକାଉଣ୍ଟରୁ ଜୟନ୍ତୀଙ୍କୁ ୫ଲକ୍ଷ ୧୦ ହଜାର ଟଙ୍କା ଟ୍ରାନ୍ସଫର କରିବା ସହ ନଗଦ ୯୦ ହଜାର ଟଙ୍କା ଦେଇଥିଲେ। ବହୁବର୍ଷ ବିତିଯାଇଥିଲେ ମଧ୍ୟ ଜୟନ୍ତୀ ଚାକିରି ଦେଇ ନ ଥିଲେ କି ଟଙ୍କା ବି ଫେରାଇ ନ ଥିଲେ।

# ଗତବର୍ଷ ତୁଳନାରେ ଖରିଫ ଧାନ ସଂଗ୍ରହ ୮୫ % ବଢ଼ିଛି

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ)**

- ଖରିଫ ଧାନ ସଂଗ୍ରହ ତ୍ୱରାନ୍ୱିତ ଲାଗି ମନ୍ତ୍ରୀଙ୍କ ନିର୍ଦ୍ଦେଶ
- ୨,୩୮,୪୫୨ ମେଟ୍ରିକ୍‌ ଟନ୍‌ ଧାନ ସଂଗ୍ରହ

ନଭେମ୍ବର ପ୍ରଥମ ସପ୍ତାହରୁ ରାଜ୍ୟରେ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଛି। ସୋମବାର ସୁଦ୍ଧା ରାଜ୍ୟର ୧୧ ଜିଲାରେ ମୋଟ ୨,୩୮,୪୫୨ ମେଟ୍ରିକ୍‌ ଟନ ଧାନ ସଂଗ୍ରହ କରାଯାଇଛି। ଗତବର୍ଷ ଏହି ସମୟରେ ଯେତିକି ଖରିଫ ଧାନ ସଂଗ୍ରହ ହୋଇଥିଲା ତା'ଠାରୁ ଏଥର ୮୫ ପ୍ରତିଶତ ଅଧିକ ହୋଇଥିବା ଜଣାପଡ଼ିଛି। ଗତବର୍ଷ ଏହି ସମୟ ସୁଦ୍ଧା ୧ ଲକ୍ଷ ୨୯ ହଜାର ୫୨ ମେଟ୍ରିକ୍‌ ଟନ ଧାନ ସଂଗ୍ରହ ହୋଇଥିଲା। ଚଳିତ ଥର ବରଗଡ଼ରେ ସର୍ବାଧିକ ୧,୪୨,୧୨୨ ମେଟ୍ରିକ୍‌ ଟନ ଧାନ ସଂଗ୍ରହ ହୋଇଛି। ଗତବର୍ଷ ଏହି ଜିଲାରେ ୬୯,୩୮୦ ମେଟ୍ରିକ୍‌ ଟନ୍‌ ଧାନ ସଂଗ୍ରହ ହୋଇଥିଲା। ଚଳିତ ବର୍ଷ ଏହି ସମୟ ସୁଦ୍ଧା ୧୦୫ ପ୍ରତିଶତ ଅଧିକ ଧାନ ସଂଗ୍ରହ ହୋଇଛି। ସେହିପରି କଳାହାଣ୍ଡିରେ ଗତବର୍ଷ ୧୩,୧୨୬ ଟନ ଧାନ ସଂଗ୍ରହ ହୋଇଥିଲା ବେଳେ ଚଳିତ ବର୍ଷ ଏବେ ପର୍ଯ୍ୟନ୍ତ ୨୮,୮୧୩ ଟନ୍‌ ଧାନ ସଂଗ୍ରହ ହୋଇଛି, ଯାହା ଗତବର୍ଷ ତୁଳନାରେ ୧୧୯ ପ୍ରତିଶତ ଅଧିକ। ସେହିପରି ନୂଆପଡ଼ା ଜିଲାରେ ଗତବର୍ଷ ତୁଳନାରେ ୧୫୪ ପ୍ରତିଶତ ଅଧିକ ଧାନ ସଂଗ୍ରହ କରାଯାଇଛି। ଗତବର୍ଷ ୩୭୩୯ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ଚଳିତ ବର୍ଷ ୯୫୦୫ ମେଟ୍ରିକ୍‌ ଟନ ଧାନ ସଂଗ୍ରହ ହୋଇଛି। ସମ୍ବଲପୁରରେ ଗତବର୍ଷ ଚଳିତ ମାସ ସୁଦ୍ଧା ୧୭,୫୦୧ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ଚଳିତ ବର୍ଷ ଏବେ ସୁଦ୍ଧା ଧାନ ସଂଗ୍ରହରେ ୧୦୧ ପ୍ରତିଶତ ବୃଦ୍ଧି ପାଇ ୩୫,୧୦୩ ଟନ୍‌ରେ ପହଞ୍ଚିଛି। ଏହାସହ ସୁବର୍ଣ୍ଣପୁରରେ ୯୬୨୮ ମେଟ୍ରିକ୍‌ ଟନ୍‌, ବଲାଙ୍ଗୀରରେ ୭୭୧୯ ମେଟ୍ରିକ୍‌ ଟନ୍‌, କୋରାପୁଟରେ ୩୭୩୦ ମେଟ୍ରିକ୍‌ ଟନ୍‌ ଏବଂ ସୁନ୍ଦରଗଡ଼ରେ ୧୧୬୫ ଟନ ଧାନ ସଂଗ୍ରହ କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୧ ଜିଲାର ୩୫୬୮୯ ଚାଷୀ ସେମାନଙ୍କ ଧାନ ବିକ୍ରି କରିଛନ୍ତି। ନାମ ପଞ୍ଜୀକୃତ ହୋଇଥିବା ଚାଷୀଙ୍କଠାରୁ ପି-ପାସ୍‌ ଓ ଆଗୁଆ ଟୋକେନ ପ୍ରଦାନ ମାଧ୍ୟମରେ ଏହି ଖରିଫ ଧାନ ସଂଗ୍ରହ କରାଯାଉଛି। ଧାନ ସଂଗ୍ରହ କାର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ ଓ ବ୍ୟବସ୍ଥିତ ଭାବେ ତ୍ୱରାନ୍ୱିତ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

LIC
ଏଲ୍‌ଆଇସିର ଗୋଲ୍ଡେନ୍‌ ଜୁବିଲୀ ଛାତ୍ରବୃତ୍ତି ଯୋଜନା
ଆର୍ଥିକ ରୂପେ ଦୁର୍ବଳ ପରିବାରର ବିଦ୍ୟାର୍ଥୀଙ୍କ ପାଇଁ

ଶିକ୍ଷା ବର୍ଷ 2019-20 ରେ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଅନ୍ୟୂନ 60% ବା ସମାନ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ପାଇଁ ଏଲ୍‌ଆଇସି ଗୋଲ୍ଡେନ୍‌ ଜୁବିଲୀ ଫାଉଣ୍ଡେସନ୍‌ ରାଷ୍ଟ୍ରୀୟ ସ୍ତରରେ ଛାତ୍ରବୃତ୍ତିର ସହର୍ଷ ଘୋଷଣା କରୁଛି ।

- **ଏଲ୍‌ଆଇସିର ପ୍ରତ୍ୟେକ ମଣ୍ଡଳ କେନ୍ଦ୍ରରୁ 20 ନିୟମିତ ଛାତ୍ରବୃତ୍ତି:** (ପ୍ରତ୍ୟେକ 10, ଛାତ୍ର ଏବଂ ଛାତ୍ରୀ) ଆର୍ଥିକ ରୂପେ ଦୁର୍ବଳ ପରିବାରଙ୍କ ସମ୍ବନ୍ଧିତ ଯିଏ ନିମ୍ନ କ୍ଷେତ୍ରରେ ଉଚ୍ଚ ଶିକ୍ଷା ପ୍ରାପ୍ତ କରିବାକୁ ଚାହାନ୍ତି–
  - (i) ଚିକିତ୍ସା, ଇଞ୍ଜିନିୟରିଂ, କୌଣସି ବି ବିଷୟରେ ସ୍ନାତକ/କୌଣସି କ୍ଷେତ୍ରରେ ଡିପ୍ଲୋମା କୋର୍ସ
  - (ii) ସରକାରଙ୍କ ଦ୍ୱାରା ମାନ୍ୟତା ପ୍ରାପ୍ତ କଲେଜ୍‌ରୁ ବ୍ୟବସାୟିକ କୋର୍ସ/ଶୈକ୍ଷିକ ସଂସ୍ଥାନ ଅଥବା ଔଦ୍ୟୋଗିକ ପ୍ରଶିକ୍ଷଣ ସଂସ୍ଥାନ (ଆଇଟିଆଇ)ରୁ ପ୍ରଶିକ୍ଷଣ ହେତୁ
- ପ୍ରତ୍ୟେକ ଏଲ୍‌ଆଇସି ଡିଭିଜନ୍‌ରୁ **ଛାତ୍ରୀଙ୍କ ପାଇଁ 10 ବିଶେଷ** ଛାତ୍ରବୃତ୍ତି 10 +2 ପାଟର୍ନ୍‌ ପାଇଁ

ସ୍କିମ୍‌ର ସୂଚନା ଏବଂ ଅନ୍‌ ଲାଇନ୍‌ ଆବେଦନ ପାଇଁ **www.licindia.in** ରେ ଲଗ୍‌ ଅନ୍‌ କରନ୍ତୁ ।
ଅନଲାଇନ୍‌ ଆବେଦନ ପତ୍ର ଜମା କରିବାର ଶେଷ ତାରିଖ: **31.12.2020**

With Best Complements From
GIET UNIVERSITY GUNUPUR



WE HAVE ALREADY OFFERED
CAMPUS PLACEMENT
TO 95% OF ELIGIBLE AND WILLING 2020 STUDENTS
GIET UNIVERSITY, GUNUPUR
Ph.: 8118053001, 8118053003, 8118053007

# ଶ୍ରୀଲଙ୍କା ଉପକୂଳ ମୁହାଁଇଛି ବାତ୍ୟା

## ୧୫ ଡିଗ୍ରୀ ତଳେ ୧୦ ସହର

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୋମବାର ଅବପାତ(ଡିପ୍ରେସନ)ରେ ପରିଣତ ହୋଇଛି। ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଅବପାତ ଶ୍ରୀଲଙ୍କାର ତ୍ରିଙ୍କୋମାଲି ଠାରୁ ୭୦୦ କି.ମି. ଏବଂ ପୂର୍ବ-ଦକ୍ଷିଣ-ପୂର୍ବ କନ୍ୟାକୁମାରୀଠାରୁ ୧୧୦୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଗଭୀର ଅବପାତ(ଡିପ୍‌ ଡିପ୍ରେସନ)ରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ବାତ୍ୟା ରୂପ ନେଇ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତିକରି ଶ୍ରୀଲଙ୍କା ଉପକୂଳ ଅତିକ୍ରମ କରିବ। ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ ନ ପଡ଼ିଲେ ମଧ୍ୟ ଆକାଶ ମେଘାଚ୍ଛନ୍ନ ରହିବ। ଫଳରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇବ।

ଡିସେମ୍ବର ୩ ତାରିଖ ଯାଏ ପାଗ ଶୁଖିଲା ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ଶୀତର ପରିମାଣ ସାମାନ୍ୟ ବୃଦ୍ଧି ପାଇଛି। ରାଜ୍ୟର ୧୦ଟା ସହରରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ସୋନପୁର ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ଥିବାବେଳେ ଦାରିଙ୍ଗିବାଡିରେ ୯.୫, ଅନୁଗୋଳରେ ୧୦.୬, ବାରିପଦାରେ ୧୨.୪, ଝାରସୁଗୁଡାରେ ୧୩.୨, କେନ୍ଦୁଝରରେ ୧୨, ବଲାଙ୍ଗୀରରେ ୧୪, ଭବାନୀପାଟଣାରେ ୧୨.୮, କୋରାପୁଟରେ ୧୩, ଫୁଲବାଣୀରେ ୧୧.୩, ଏବଂ କଟକରେ ୧୪.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ଅପମିଶ୍ରିତ ଘିଅ ପ୍ରସ୍ତୁତକାରୀ ଗିରଫ

**କଟକ ସଦର,୩୦।୧୧ (ଡି.ଏନ୍‌.ଏ.)**

କଟକ ସଦର ଥାନା ଅଧୀନ ୪୨ ମୌଜା ଶ୍ରୀରାମ ଗ୍ରାମରେ ରବିବାର ସ୍ଥାନୀୟ ପୋଲିସ ଏକ ଅପମିଶ୍ରିତ ଘିଅ ଓ ତେଲ କାରଖାନା ଉପରେ ଚଢାଉ କରିଥିଲା। ଅପମିଶ୍ରିତ ଘିଅ, ରାଶିତେଲ ଓ ଜଡାତେଲ ପ୍ରସ୍ତୁତ କରିବା ଅଭିଯୋଗରେ ପୋଲିସ ଶ୍ରୀରାମ ଗ୍ରାମର ସୌମ୍ୟରଞ୍ଜନ ପଣ୍ଡାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ମାମଲା(ନଂ.୬୨୪/୨୦) ରୁଜୁ ହୋଇଥିଲା। ସୂଚନାଯୋଗ୍ୟ, ଉକ୍ତ କାରଖାନାରେ ପୋଲିସ ଚଢାଉବେଳେ ୪୩ ହଜାର ଲିଟର ଅପମିଶ୍ରିତ ଘିଅ, ରାଶିତେଲ, ଜଡାତେଲ, ମେଶିନ ସମେତ ୮୮ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଥିଲା।

ସତ୍ୟମେବ ଜୟତେ



## ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ବାର୍ତ୍ତା

ବିଶ୍ୱ ଏକତା, ସହଭାଗୀ ଦାୟିତ୍ୱ - ଏହି ବିଷୟବସ୍ତୁ ଆଧାରରେ ଚଳିତ ବର୍ଷର 'ବିଶ୍ୱ ଏଡ୍‌ସ ଦିବସ' ଡିସେମ୍ବର ୧ ତାରିଖରେ ପାଳନ କରାଯାଉଛି।

ସମ୍ପ୍ରତି କରୋନା ମହାମାରୀର ଭୟାବହତା ଦିଗରେ ସମଗ୍ର ବିଶ୍ୱର ଧ୍ୟାନ କେନ୍ଦ୍ରୀଭୂତ ହେଉଥିବା ବେଳେ ଏଡ୍‌ସ ପରି ଦୁରାରୋଗ୍ୟ ବ୍ୟାଧିର ଗୁରୁତ୍ୱ କମିନାହିଁ। ସ୍ଥାୟୀ ଚିକିତ୍ସା ଅଭାବରେ କେବଳ ବ୍ୟାପକ ଜନସଚେତନତା, ସଂଯମତା ଓ ଦାୟିତ୍ୱସମ୍ପନ୍ନ ଆଚରଣ ଦ୍ୱାରା ଉଭୟ ରୋଗକୁ ପ୍ରତିହତ କରି ହେବ। ଏଥିପାଇଁ ସାରା ବିଶ୍ୱ ଏକଜୁଟ ହୋଇ ସହଭାଗିତାଭିତ୍ତିକ ଉଦ୍ୟମକୁ ଜାରି ରଖିବା ଆବଶ୍ୟକ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଏଡ୍‌ସ ସଂକ୍ରମିତ ବ୍ୟକ୍ତିମାନଙ୍କ ବିରୋଧରେ ଥିବା ସାମାଜିକ ଭେଦଭାବ ଦୂର କରିବା ଓ ଏଥିପାଇଁ ଯୁବପିଢ଼ିଙ୍କୁ ନେତୃତ୍ୱ ଦେବା ନିଶ୍ଚିତ ଭାବରେ ଏକ ଆହ୍ୱାନ। ଏହା ଦ୍ୱାରା ହିଁ ଆମେ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ଭୂମିକା ଗ୍ରହଣ କରିପାରିବା।

ଏହି ଅବସରରେ ଓଡ଼ିଶାକୁ ଏଡ୍‌ସମୁକ୍ତ କରିବା ଦିଗରେ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ସଚେତନ ନାଗରିକ ଭାବରେ ଓଡ଼ିଶାବାସୀଙ୍କ ସହଯୋଗ ମୁଁ କାମନା କରୁଛି।

ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଏକ ସୁସ୍ଥ ସମାଜ ଗଠନରେ ଆମର ଉଦ୍ୟମକୁ ଆହୁରି ଶକ୍ତିଶାଳୀ କରିବା।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ବାର୍ତ୍ତା

ଭୟାବହ ଏଡ୍‌ସର ପ୍ରଭାବକୁ ପ୍ରତିହତ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ମାସ ୧ ତାରିଖକୁ ଆମେ 'ବିଶ୍ୱ ଏଡ୍‌ସ ଦିବସ' ଭାବେ ପାଳନ କରିଥାଉ। ଆମେ ସମସ୍ତେ ମିଳିତ ଭାବେ ଚଳିତ ବର୍ଷର ଅନୁଚିନ୍ତା 'ବିଶ୍ୱ ଏକତା, ସହଭାଗୀ ଦାୟିତ୍ୱ'କୁ ନେଇ ଏହି ଦିବସ ପାଳନ କରିବା।

ପ୍ରତିବର୍ଷ ସାରା ରାଜ୍ୟରେ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ଓ ଏହାର ଅଂଶୀଦାରମାନେ ମିଳିତ ଭାବେ ଏହି ଦିବସ ପାଳନ କରୁଛନ୍ତି। ସଚେତନତା କାର୍ଯ୍ୟକ୍ରମଗୁଡିକ ଯୋଗୁ ଏହି ସଂକ୍ରମଣର ହାର ଆମ ରାଜ୍ୟରେ ହ୍ରାସ ପାଉଛି। ୨୦୩୦ ସୁଦ୍ଧା ଏଡ୍‌ସ ମହାମାରୀକୁ ସମାପ୍ତ କରିବା ପାଇଁ ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ଆମ ସମସ୍ତଙ୍କର ସହଯୋଗ ନିତାନ୍ତ ଆବଶ୍ୟକ। ଆଗାମୀ ଦିନରେ ଏହି ଲକ୍ଷ୍ୟ ହାସଲ ପାଇଁ ଯୁବଗୋଷ୍ଠୀ ନେତୃତ୍ୱ ନିଅନ୍ତୁ। ସବୁ କ୍ଷେତ୍ରରେ ଯୁବଗୋଷ୍ଠୀ ସର୍ବାଗ୍ରେ ରହିଥାନ୍ତି ଏବଂ ଏମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ। ସମାଜର ପ୍ରମୁଖ ବାର୍ତ୍ତାବହ ଭାବେ ସେମାନେ ସମ୍ପ୍ରତି କରୋନା ମହାମାରୀ ଓ ଏଡ୍‌ସ ସଚେତନତା ଦିଗରେ ଲକ୍ଷ୍ୟ ହାସଲ ପାଇଁ ଅବିରତ ପ୍ରୟାସ ଜାରି ରଖିବାକୁ ମୁଁ ଅନୁରୋଧ କରୁଛି।

ସମସ୍ତଙ୍କୁ ନିବେଦନ ଯେ, ଏଚ୍‌.ଆଇ.ଭି. ସଂକ୍ରମଣର ପରୀକ୍ଷଣ ଓ ଚିକିତ୍ସା ଉଭୟ ମାଗଣାରେ ସଠିକ ସମୟରେ କରାନ୍ତୁ ଓ ସଂକ୍ରମିତ ବ୍ୟକ୍ତି ନିୟମିତ ଔଷଧ ସେବନ କରନ୍ତୁ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ମଧୁବାବୁ ପେନସନ୍‌ ଯୋଜନା, ବିନା ମୂଲ୍ୟରେ ବସ୍‌ ପାସ୍‌ ଭଳି ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ସଂକ୍ରମିତ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରାଇବାରେ ସହଯୋଗ କରନ୍ତୁ। ନିଜର ସ୍ଥିତି ଜାଣି ସୁସ୍ଥ ପରିବାର, ସୁସ୍ଥ ସମାଜ ଏବଂ ସୁସ୍ଥ ରାଜ୍ୟ ଗଠନ କରିବାରେ ଯୋଗଦାନ କରନ୍ତୁ।

(ନବକିଶୋର ଦାସ)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଓଡ଼ିଶା



ଭଲ କ'ଣ ମନ୍ଦ କ'ଣ ? ଯାହା ମୋତେ ଆତ୍ମଜ୍ଞାନ ଲାଭ କରିବାରେ ସାହାଯ୍ୟ କରେ- ଯେଉଁଥିରେ ମୋର ଆତ୍ମପ୍ରକାଶ ପାଇଁ ସୃଜନୀଶକ୍ତିର ବୃହତ୍ତର ଓ ବିଶୁଦ୍ଧତର ସମ୍ଭାବନା ଅଛି- ତାହା ହିଁ ମୋ ଲାଗି ଭଲ। ଯାହା ସ୍ୱାଭାବିକ ଅବସ୍ଥାରୁ ମୋତେ ବିଚ୍ୟୁତ କରେ, ଆତ୍ମାର ବିସ୍ତାର ଓ ଉନ୍ନତିକୁ ହୀନତର ଏବଂ ନ୍ୟୂନତର କରେ- ତାହା ହିଁ ମୋ ପକ୍ଷରେ ମନ୍ଦ। -ଶ୍ରୀଅରବିନ୍ଦ

# ବିଶ୍ୱର ନେତୃତ୍ୱ ନେଉଛି ଭାରତ


ଶୈଳେଶ କୁମାର ମାଳବ୍ୟ


ଡ. ଗିରିଶ ଚନ୍ଦ୍ର ଦାଶ

ଜଣେ ବାସ୍ତବ ନେତା କେବଳ ନେତୃତ୍ୱ ଦିଏ ନାହିଁ, ନେତୃତ୍ୱର ରାସ୍ତା ବାହାର କରେ ଓ ପଥପ୍ରଦର୍ଶକ ହୁଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଏଭଳି ଜଣେ ନେତା ପାଇଛି, ଯିଏକି କେବଳ ମହାମାରୀର ସଂକଟ କ୍ଷେତ୍ରରେ ସଫଳତାର ମାର୍ଗ ବାହାର କରୁନାହାନ୍ତି, ବରଂ ଲୋକଙ୍କ ପାଇଁ ଏକ କୋଭିଡ୍- ନିରାପଦ ଜୀବନ ଓ କୋଭିଡ୍ ଅନୁକୂଳ ଜୀବିକା ନିର୍ବାହର ମାର୍ଗ ନିଶ୍ଚିତ କରୁଛନ୍ତି ।

ପ୍ରଧାନମନ୍ତ୍ରୀ ଏବେ ଭୂତାଣୁ ବିରୋଧରେ ତାଙ୍କର ଅଭିଯାନକୁ ଆହୁରି ଜୋରଦାର କରିଛନ୍ତି । ଏଥିପାଇଁ ଟିକାର ବିକାଶ ଓ ପ୍ରସ୍ତୁତି ପ୍ରକ୍ରିୟାକୁ ସେ ତ୍ୱରାନ୍ୱିତ କରିବା କାର୍ଯ୍ୟରେ ହାତ ଦେଇଛନ୍ତି । ଶାସନର ସର୍ବୋଚ୍ଚ ସ୍ଥାନରେ ବସି କେବଳ ନିର୍ଦ୍ଦେଶ ନ ଦେଇ ସେ ନିଜେ ନିକଟରେ ଅହମ୍ମଦାବାଦସ୍ଥିତ ଜାଇଡସ୍ ବାୟୋଟେକ୍ ପାର୍କ, ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ୍ ଏବଂ ପୁଣେସ୍ଥିତ ଭାରତୀୟ ସେରମ୍ ପ୍ରତିଷ୍ଠାନ ପରିଦର୍ଶନ କରି ସେଠାରେ ଟିକା ବିକାଶ କାର୍ଯ୍ୟରେ ନିୟୋଜିତ ବୈଜ୍ଞାନିକ ସମୁଦାୟଙ୍କ ମନୋବଳକୁ ଦୃଢ଼ କରିବା ସହ ସେମାନଙ୍କୁ ଉତ୍ସାହିତ କରିଛନ୍ତି । କେବଳ ଦେଶର ଆବଶ୍ୟକତା ପୂରଣ କରିବା ପାଇଁ ଯଥେଷ୍ଟ ଟିକା ଉତ୍ପାଦନ ନ କରି ପଡ଼ୋଶୀ ରାଷ୍ଟ୍ର ଓ ଅନ୍ୟ ଦେଶଗୁଡ଼ିକର ଆବଶ୍ୟକତା ପୂରଣ କରିବାକୁ ମଧ୍ୟ ସେ ଗୁରୁତ୍ୱ ଦେଉଛନ୍ତି । କରୋନା ବିରୋଧୀ ଟିକାକୁ ବିଶ୍ୱ ହିତରେ ନିୟୋଜିତ କରିବା ତାଙ୍କର ଏହି ଅଭିଯାନର ଉଦ୍ଦେଶ୍ୟ । ସ୍ୱଦେଶୀ ଜ୍ଞାନକୌଶଳରେ ବିପୁଳ ଟିକା ଉତ୍ପାଦନକୁ ପ୍ରୋତ୍ସାହିତ କରିବା ସହ ଆନ୍ତର୍ଜାତିକ ଟିକା ଉତ୍ପାଦନ ପ୍ରକ୍ରିୟାରେ ଭାରତ ଯେପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ, ତାହା ଉପରେ ସେ ଗୁରୁତ୍ୱ ଦେଉଛନ୍ତି । କରୋନା ବିରୋଧୀ ଟିକା ଓ ଔଷଧପତ୍ର ଉତ୍ପାଦନ ପାଇଁ ଆବଶ୍ୟକ ଭିତ୍ତିଭୂମି ଏବଂ ସୁବିଧା ସୁଯୋଗ ସୃଷ୍ଟି କରିବା ସହିତ ଭାରତକୁ ସେ ଏ କ୍ଷେତ୍ରରେ ଏପରି ଏକ ସ୍ଥାନରେ ପହଞ୍ଚାଇଛନ୍ତି, ଯେଉଁଠି କରୋନା ମହାମାରୀ ସମୟରେ ସମଗ୍ର ବିଶ୍ୱ ଭାରତକୁ ଦୁନିଆର ଔଷଧାଳୟ ଭାବେ ମାନ୍ୟତା ପ୍ରଦାନ କରିଛି ।

ବିଶ୍ୱର ଏବେ ଯେଉଁ କେତେକ ଦେଶରେ କରୋନା ଭୂତାଣୁ ସଂକ୍ରମଣ ହ୍ରାସ ପାଇଛି, ସେଥିରେ ଭାରତ ଅନ୍ୟତମ । ଏ କ୍ଷେତ୍ରରେ ନିରନ୍ତର କାର୍ଯ୍ୟକରି ଭାରତ ଏହି ସଫଳତା ହାସଲ କରିଛି । ଗତ ସେପ୍ଟେମ୍ବର ମଧ୍ୟଭାଗରେ ଦେଶରେ କରୋନା ଭୂତାଣୁ ସଂକ୍ରମଣ ସର୍ବୋଚ୍ଚସ୍ତରରେ ଥିଲା ଏବଂ ଦୈନିକ ସଂକ୍ରମଣ ସଂଖ୍ୟା ପ୍ରାୟ ୯୮ ହଜାରରେ ପହଞ୍ଚିଥିଲା । ନଭେମ୍ବର ୨୬ ସୁଦ୍ଧା ଏହି ସଂକ୍ରମଣ ସଂଖ୍ୟା ତଳମୁହାଁ ହୋଇ ପ୍ରାୟ ଅଧାକୁ ହ୍ରାସ ପାଇଛି ଏବଂ ଦୈନିକ ସଂକ୍ରମଣ ସଂଖ୍ୟା ୪୩୧୭୪ ରେକର୍ଡ କରାଯାଇଛି । ଏପ୍ରିଲ ୨୦୨୦ ନଭେମ୍ବର ୨୮ରେ ୧୦ ଲକ୍ଷ ଜନସଂଖ୍ୟାରେ ଭାରତ ଉଭୟ କରୋନା ସଂକ୍ରମଣ ଓ ଆକ୍ରାନ୍ତଙ୍କ ମୃତ୍ୟୁସଂଖ୍ୟା ହିସାବରେ ବିଶ୍ୱର ଯେଉଁସବୁ ଦେଶଙ୍କଠାରୁ ଭଲ ସ୍ଥିତିରେ ଥିଲା । ଭାରତରେ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ସଂକ୍ରମିତଙ୍କ ସଂଖ୍ୟା ଥିଲା ମାତ୍ର ୬୭୩୧ । ଏହି ସମୟରେ ଆମେରିକାରେ ସଂକ୍ରମଣ ସଂଖ୍ୟା ୪୦ ହଜାର, ବ୍ରିଟେନ୍‌ରେ ୨୩୩୭୧, ଫ୍ରାନ୍ସରେ ୩୩୧୯୨୪, ବ୍ରାଜିଲରେ ୨୯୧୨୯ ଏବଂ ଇଟାଲୀରେ ୨୫୪୫୬ ଥିଲା । ସେହିଭଳି କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ହିସାବକୁ ନେଲେ ଦେଖାଯାଏ, ଏହି ସମୟ ମଧ୍ୟରେ ଭାରତରେ ୧୦ ଲକ୍ଷ ଜନସଂଖ୍ୟାରେ ମାତ୍ର ୯୮ ଜଣଙ୍କ ମୃତ୍ୟୁ ଘଟୁଥିବାବେଳେ ଆମେରିକାରେ ଏହା ୮୧୩, ବ୍ରାଜିଲରେ ୮୦୫, ଫ୍ରାନ୍ସରେ ୭୮୦, ସ୍ପେନ୍‌ରେ ୯୫୫, ବ୍ରିଟେନ୍‌ରେ ୮୪୬ ଏବଂ ଇଟାଲୀରେ ୮୮୮ । ଏସବୁ ଦେଶରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭାରତଠାରୁ ଅଧିକ ଭଲ ଥିବା ସତ୍ତ୍ୱେ ସେଠାରେ ଭୂତାଣୁ ସଂକ୍ରମଣର ଭୟାବହତାକୁ ରୋକିବାରେ ସଂପୃକ୍ତ ଦେଶଗୁଡ଼ିକ ଭାରତଠାରୁ ପଛରେ ରହିଛନ୍ତି ।

କରୋନା ମହାମାରୀର ମୁକାବିଲା କରିବାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଆନୁଷ୍ଠାନିକ ସ୍ତରରେ ପଦକ୍ଷେପ ନେବାରେ ଭାରତ ବିଶ୍ୱର ଅନ୍ୟତମ ପ୍ରମୁଖ ରାଷ୍ଟ୍ର ଥିଲା । ୨୦୨୦ ଜାନୁୟାରୀ ୭ରେ ଚାଇନା ସରକାର ଉହାନ ଭୂତାଣୁ (କରୋନା-୧୯) ସଂକ୍ରମଣ ସଂପର୍କରେ ସମଗ୍ର ବିଶ୍ୱକୁ ଅବଗତ କରାଇବାର ଦିନକ ପରେ ଏହି ଆହ୍ୱାନର ମୁକାବିଲା କରିବା ପାଇଁ ଭାରତ ଏକ ମିଶନସ୍ତରୀୟ ବୈଠକ ଡକାଇଥିଲା । ଭାରତ ମଧ୍ୟ ବଛାବଛା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅନ୍ୟତମ ଦେଶ ଭାବରେ ଜାନୁୟାରୀ ୧୭ରୁ ଯାତ୍ରୀମାନଙ୍କର ସ୍କ୍ରିନିଂ ଆରମ୍ଭ କରିବା ସହ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ଓ ଆରଟି-ପିସିଆର ପରୀକ୍ଷା ଆରମ୍ଭ କରିଥିଲା । ସେହିଭଳି ଭାରତ ମଧ୍ୟ ଏପ୍ରିଲ ମାସରୁ ଜନସାଧାରଣଙ୍କ ପାଇଁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଥିଲା । ପ୍ରଧାନମନ୍ତ୍ରୀ ମୋଦି ମାସ୍କ ପିନ୍ଧିବା ଅଭିଯାନର ନେତୃତ୍ୱ ନେଇଥିଲେ, କିନ୍ତୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସେଯାଏଁ ମାସ୍କ ପିନ୍ଧିବା ଉପରେ ବିଶେଷ ଗୁରୁତ୍ୱ ଦେଇ ନ ଥିଲା । ଏହି ସଂଗଠନ ପକ୍ଷରୁ ଜୁନ୍‌ରେ ଭୂତାଣୁ ନିରୋଧ ପାଇଁ ମାସ୍କ ପିନ୍ଧିବାକୁ ସମଗ୍ର ବିଶ୍ୱ ପାଇଁ ଲାଗୁ କରାଯାଇଥିଲା ।

ଜଣେ ଦୂରଦ୍ରଷ୍ଟା ଜନନେତା ହିସାବରେ ପ୍ରଧାନମନ୍ତ୍ରୀ ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଲକ୍‌ଡାଉନ ତୁରନ୍ତ ଲାଗୁ କରିବା ପରିବର୍ତ୍ତେ ଏ ସଂପର୍କରେ ଲୋକଙ୍କ ମତାମତ ଆକଳନ କରିବା ପାଇଁ ଜନତା କର୍ଫ୍ୟୁ ଭଳି ଏକ ଅଭିନବ ମାର୍ଗର ଆଶ୍ରୟ ନେଇଥିଲେ । ଏହାର ଉଦ୍ଦେଶ୍ୟ ଥିଲା, ଲୋକେ ନିଜେ ମହାମାରୀ ସଂପର୍କରେ ସଚେତନ ହୋଇ ସଂକ୍ରମଣ ବିରୋଧରେ ସତର୍କ ରୁହନ୍ତୁ । ଜନତା କର୍ଫ୍ୟୁକୁ ବିପୁଳ ଜନସମର୍ଥନ ମିଳିବା ପରେ ପ୍ରଧାନମନ୍ତ୍ରୀ ୨୦୨୦ ମାର୍ଚ୍ଚ ୨୪ରେ ଦେଶବ୍ୟାପୀ ସଂପୂର୍ଣ୍ଣ ଲକ୍‌ଡାଉନ ଲାଗୁ କରିଥିଲେ । ସେତେବେଳେ ଭାରତରେ ସଂକ୍ରମିତଙ୍କ ସଂଖ୍ୟା ଥିଲା ମାତ୍ର ୫୦୦ । ଉଭୟ ସରକାର ଏବଂ ପ୍ରଧାନମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ଲୋକେ ବେଶ୍ ପସନ୍ଦ କରିଥିଲେ । ଯେଉଁ ଲକ୍‌ଡାଉନ ଜାରି କରାଯାଇଥିଲା, ତାହା କେବଳ ଭୂତାଣୁ ସଂକ୍ରମଣ ପ୍ରକ୍ରିୟାକୁ ପ୍ରତିହତ କରିବାକୁ ଉଦ୍ଦିଷ୍ଟ ନ ଥିଲା । ଲକ୍‌ଡାଉନ ସମୟକୁ ସରକାର ବ୍ୟବହାର କରି ଆକ୍ରାନ୍ତମାନଙ୍କ ଚିକିତ୍ସା ଓ ସଂକ୍ରମଣକୁ ରୋକିବା ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୃଷ୍ଟି କରିବାରେ ନିୟୋଜିତ କରିଥିଲେ । କେବଳ ଲକ୍‌ଡାଉନ ସମୟରେ ଦେଶରେ ୧୫୩୬୨ କରୋନା ଚିକିତ୍ସା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୃଷ୍ଟି ହୋଇଥିଲା । ଏହି ସମୟରେ ଦେଶରେ ୧୫.୪୦ ଲକ୍ଷ ଆଇସୋଲେସନ ବେଡ୍, ୨.୭୦ ଲକ୍ଷ ଅକ୍ସିଜେନ ସୁବିଧା ଥିବା ବେଡ୍ ଏବଂ ୭୮ ହଜାର ଆଇସିୟୁ ବେଡ୍ ସୁବିଧା ସୃଷ୍ଟି କରାଯାଇଥିଲା । କରୋନାଜନିତ ଜରୁରୀ ସ୍ୱାସ୍ଥ୍ୟ ଆବଶ୍ୟକତା ପୂରଣ ପାଇଁ ସରକାର ଏସବୁ ସୁବିଧା କରିବାରେ ସମର୍ଥ ହୋଇଥିଲେ । ଏହା ବ୍ୟତୀତ ସରକାର ବିଭିନ୍ନ ରାଜ୍ୟ ସରକାରଗୁଡ଼ିକୁ ୩୨ ହଜାର ଭେଣ୍ଟିଲେଟର, ୩.୭୦ କୋଟି ଏନ୍-୯୫ ମାସ୍କ ଏବଂ ୧.୬୦ କୋଟି ପିପିଇ କିଟ୍ ଯୋଗାଇ ଦେଇଥିଲେ ।

ମହାମାରୀ ଆରମ୍ଭର ପ୍ରାରମ୍ଭିକ କାଳରେ ସରକାର ବେଶ୍ ଆଗୁଆ ଭାବେ ତତ୍ପରତାର ସହିତ ଏହି ବ୍ୟାଧିର ସଂକ୍ରମଣ ଓ ମୁକାବିଲା ସଂପର୍କରେ ଆଲୋଚନା କରିବା ପାଇଁ ଏକାଧିକ କ୍ୟାବିନେଟ୍ ବୈଠକ ଡାକିଥିଲେ । ଯଥେଷ୍ଟ ଆଗରୁ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ କରୋନା ମହାମାରୀର ସ୍ଥିତି, ଏହାର ମୁକାବିଲା, ଚିକିତ୍ସା ସୁବିଧା, ତଦାରଖ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ବିଷୟରେ ନିରନ୍ତର ଆଲୋଚନା କରାଯାଇଥିଲା ।

କରୋନା ମହାମାରୀର ସ୍ୱଭାବ ଓ ପ୍ରଭାବ ଅତ୍ୟନ୍ତ ଭୟାନକ ଥିଲା । ଲୋକଙ୍କ ଜୀବନ ପ୍ରତି ଗୁରୁତର ବିପଦ ସୃଷ୍ଟି କରିବା ସହ ଏହା ଦେଶର ସମଗ୍ର ଅର୍ଥନୀତି ଉପରେ ଏକ କଳାବାଦଲ ଢାଙ୍କି ଦେଇଥିଲା । ତେବେ ମହାମାରୀ ରୋକିବା ପାଇଁ ସରକାର ଯେତେବେଳେ ବିଭିନ୍ନ ପଦକ୍ଷେପ ଗ୍ରହଣ କଲେ ଏବଂ ସ୍ୱାଭାବିକ ଜୀବନଯାତ୍ରା ପ୍ରଭାବିତ ହେଲା, ତାହାର ପ୍ରଭାବ ଗରିବ ଲୋକଙ୍କ ଉପରେ ଯେପରି ନ ପଡ଼େ, ସେଥିପାଇଁ ସରକାର ଯଥେଷ୍ଟ ଆଗରୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିଥିଲେ । ମୋଦି ସରକାର ତୁରନ୍ତ ୧.୭୦ ଲକ୍ଷ କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ୍ ଘୋଷଣା କରି ମହିଳା, ଗରିବ, ବରିଷ୍ଠ ନାଗରିକ ଏବଂ ଚାଷୀମାନଙ୍କ ପାଇଁ ମାଗଣା ଖାଦ୍ୟଶସ୍ୟ ତଥା ନଗଦ ଅର୍ଥ ସହାୟତା ଯୋଗାଣ ନିଶ୍ଚିତ କଲେ । ଏହା ଫଳରେ ପ୍ରାୟ ୪୨ କୋଟି ଗରିବ ଲୋକଙ୍କୁ ଯେଉଁ ଅର୍ଥ ଓ ଖାଦ୍ୟ ଯୋଗାଇ ଦିଆଗଲା, ତାହାର ମୂଲ୍ୟ ଥିଲା ୬୮୮୨୦ କୋଟି ଟଙ୍କା । ସେହିଭଳି ପିଏମ୍ କିଷାନ ଯୋଜନାରେ ଦେଶର ୯ କୋଟି ଚାଷୀଙ୍କୁ ୧୭୮୯୧ କୋଟି ଟଙ୍କାର ସହାୟତା, ୨୦ କୋଟି ମହିଳା ଜନଧନ ଆକାଉଣ୍ଟଧାରୀଙ୍କୁ ୩୧ ହଜାର କୋଟି ଟଙ୍କା, ୨.୮୧ କୋଟି ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କୁ ଭତ୍ତା ବାବଦରେ ୨୮୧୪.୫୦ କୋଟି ଟଙ୍କା ତଥା ୧.୮୨ କୋଟି ନିର୍ମାଣ ଶ୍ରମିକଙ୍କୁ ୪୯୮୭.୧୮ କୋଟି ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯାଇଥିଲା । ସେହିଭଳି ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେଶର ପ୍ରାୟ ୮୦ କୋଟି ଲୋକ ନଭେମ୍ବର ପର୍ଯ୍ୟନ୍ତ ମାସକୁ ମାସ ଖାଦ୍ୟଶସ୍ୟ ଓ ଡାଲି ବିନାମୂଲ୍ୟରେ ପାଇଥିଲେ ।

ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଥିଲା 'ଜାନ୍ ହୈ ତୋ ଜାହାନ୍ ହୈ', ଅର୍ଥାତ୍ ମହାମାରୀରୁ ଲୋକଙ୍କ ଜୀବନ ରକ୍ଷା କରିବା ଏବଂ 'ଜାନ୍ ଭି, ଜାହାନ୍ ଭି', ଅର୍ଥାତ୍ ଲୋକଙ୍କୁ ଦାରିଦ୍ର୍ୟରୁ ରକ୍ଷାକରିବା । ଏହା ସତ୍ତ୍ୱେ ଏହି ଭୟଙ୍କର ମହାମାରୀ ଦ୍ୱାରା ଭାରତ ପ୍ରଭାବିତ ହୋଇଛି । ଅର୍ଥନୀତି ଓ ଜନଜୀବନ ଉପରେ ଏହାର ପ୍ରଭାବ ପଡ଼ିଛି । ଏସବୁ ସତ୍ତ୍ୱେ ଏକ ମହାମାରୀର ସଫଳ ମୁକାବିଲା ଏବଂ ଏକ ଦୁଃସମୟରେ ଲୋକଙ୍କ ପାଖରେ ଛିଡ଼ା ହୋଇ ସରକାର ତାଙ୍କର ଅଙ୍ଗୀକୃତ ନେତୃତ୍ୱକୁ ପ୍ରମାଣିତ କରିଆସିଛନ୍ତି । କରୋନାମୁକ୍ତ ଏକ ବିଶ୍ୱ ଗଠନ ଦିଗରେ ଯେଉଁ ଉଦ୍ୟମ ଚାଲିଛି, ତାହାର ସଫଳତା ଟିକା ଉପରେ ବିଶେଷ ନିର୍ଭର କରୁଛି । ଏହି ସମ୍ଭାବନା ମଧ୍ୟ ଦୂର ଦିଗ୍‌ବଳୟରେ ପ୍ରାୟତଃ ଦୃଶ୍ୟମାନ ହେଲାଣି । ଖୁବ୍‌ଶୀଘ୍ର ଟିକା ଆସିଯିବ ବୋଲି ଆଶା କରାଯାଉଛି । ନିକଟରେ ପ୍ରଧାନମନ୍ତ୍ରୀ ମୋଦିଙ୍କର ଟିକା ପରୀକ୍ଷଣ ଓ ପ୍ରସ୍ତୁତୀକରଣ କାର୍ଯ୍ୟ ଚାଲିଥିବା ଦେଶର ୩ଟି ନଗର ପରିଦର୍ଶନରୁ ଏହି ବାର୍ତ୍ତାଟି ଅବଶ୍ୟ ସୂଚିତ ହେଉଛି ।

(ଶ୍ରୀ ମାଳବ୍ୟ ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଓ ଡ. ଦାଶ ଉପ-ନିର୍ଦ୍ଦେଶକ)

# ଗୋଲରାଗଡ଼ର ବନସ୍ପତି

ଭାଗୀରଥି ସ୍ୱାଇଁ

ପୁରୀ ଜିଲା କାକଟପୁର ବ୍ଲକ ଅଧୀନସ୍ଥ ଅବଦାନ ଗ୍ରାମପଞ୍ଚାୟତର ଗୋଲରା ଗ୍ରାମରେ ଭାରତୀୟ ଆୟୁର୍ବିଜ୍ଞାନ ଜଗତର ପ୍ରାଣ କେନ୍ଦ୍ର ପ୍ରାକୃତିକ ସୌନ୍ଦର୍ଯ୍ୟ, ମନୋରମ, ବନସ୍ପତି ସମୂହ ବୃକ୍ଷରାଜିରେ ପରିପୂର୍ଣ୍ଣ ଗୋଲରାଗଡ଼ । ଏହି ବନସ୍ପତିଭରା ପ୍ରାଚୀନ ପ୍ରାକୃତିକ ବୃକ୍ଷରାଜିର ଗୋଲରାଗଡ଼ ଦୁଇହଜାର ବର୍ଷ ପୂର୍ବେ ମୈତ୍ରୟ ବନ ନାମରେ ଖ୍ୟାତି ଲାଭ କରିଥିଲା । ଏଠାରେ ସାମନ୍ତରାଜାମାନେ ରାଜୁତି କରୁଥିଲେ । ଏହା ଅଧୀନରେ ସତର ଗୋଟି ଗଡ଼ ଓ ବାସ୍ତରି ଗୋଟି ମୌଜା ରହିଥିବା ଐତିହାସିକମାନେ ମତବ୍ୟକ୍ତ କରନ୍ତି । ଗଡ଼ ଦାୟିତ୍ୱରେ ଥିବା ସାମନ୍ତରାଜାମାନେ ଉତ୍କଳୀୟ ନୌବାଣିଜ୍ୟକୁ ସମୃଦ୍ଧ କରି ସମୁଦ୍ର ପଥରେ ଏହାର ସୁରକ୍ଷା ଦାୟିତ୍ୱ ନିର୍ବାହ କରୁଥିଲେ । ଗୋଲରାଗଡ଼ର ଇଷ୍ଟଦେବୀ ହେଉଛନ୍ତି ମା' ଚିତ୍ରେଶ୍ୱରୀ । ମାଆ ବନ୍ଦର ଦେବୀ ନାମରେ ମଧ୍ୟ ସୁପ୍ରସିଦ୍ଧ । ଏମାନଙ୍କର ଦେବତା ଥିଲେ ଉତ୍ପଳେଶ୍ୱର, ଯାହା କି ବର୍ତ୍ତମାନ କାକଟପୁର ବ୍ଲକ ଅଧୀନସ୍ଥ ଉତ୍ପଳା ଗ୍ରାମରେ ଅବସ୍ଥାନ କରୁଛନ୍ତି । କେଶରୀ ବଂଶ, ଗଙ୍ଗବଂଶ, ସୂର୍ଯ୍ୟବଂଶ ଓ ଭୋଇବଂଶ ରାଜୁତି କାଳରେ ଗୋଲରାଗଡ଼ର ସାମନ୍ତରାଜାମାନେ ସେମାନଙ୍କ ଅଧୀନରେ କାର୍ଯ୍ୟକରି କରଦ ରାଜା ଭାବରେ ପରିଚିତ ଥିଲେ । ଏହି ସାମନ୍ତରାଜାମାନେ ମୁଖ୍ୟତଃ ଗଙ୍ଗବଂଶର ଥିଲେ ବୋଲି କେତେକ ଗବେଷକମାନେ ମତବ୍ୟକ୍ତ କରିଛନ୍ତି । ସୂର୍ଯ୍ୟମନ୍ଦିରର ସଫେଇ କାର୍ଯ୍ୟରେ ଗୋଲରାଗଡ଼ର ସାମନ୍ତରାଜା କଣିଆ ମୌଜାର ଦୁଇଶହ ଜଣ ବେଠିଆଙ୍କୁ ନିୟୋଜିତ କରିଥିବାର ଜଗନ୍ନାଥ ଦାସଙ୍କ ରଚିତ ପୁରାଣ କଥିକାରେ ବର୍ଣ୍ଣିତ ହୋଇଛି । ପରବର୍ତ୍ତୀ ସମୟରେ ମହିପ୍ରକାଶ ମଠ ବ୍ରିଟିଶ ସରକାରଙ୍କଠାରୁ ଉକ୍ତ ଅଞ୍ଚଳକୁ ନିଲାମ ନେଇ ଖଜଣା ଆଦାୟ କରୁଥିଲେ । ଏହି ଖଜଣାର ଷାଠିଏ ଭାଗ ବ୍ରିଟିଶ ସରକାରଙ୍କୁ ଦେଉଥିବା ବେଳେ ଅବଶିଷ୍ଟ ଚାଳିଶ ଭାଗ ପୁରୀ ଗଜପତିଙ୍କୁ ଦେଉଥିଲେ ବୋଲି ଐତିହାସିକ ତଥ୍ୟରୁ ଜଣାପଡେ । ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ବନସ୍ପତି ସମୂହ ଜଙ୍ଗଲ ଅତିବ ପ୍ରାଚୀନ । ୧୭୦୦ ଖ୍ରୀ.ଷ୍ଟରେ ବ୍ରିଟିଶ ସରକାର ଗୋଲରାଗଡ଼କୁ ଅଧୀନସ୍ଥ କରି ଧ୍ୱଂସ ସ୍ତୂପରେ ପରିଣତ କରିଥିଲେ ।

ଗଡ଼ର ସାମନ୍ତରାଜାଙ୍କ ବଂଶଜ ପ୍ରତାପ ଚନ୍ଦ୍ର ବୀରବର ମର୍ଦ୍ଦରାଜ ଏବେ ଗୋଲରା ଗ୍ରାମରେ ବସବାସ କରୁଛନ୍ତି । ଏହା ହିଁ ଗୋଲରାଗଡ଼ର କିମ୍ବଦନ୍ତୀ । ଅପରପକ୍ଷରେ କାହିଁ କେଉଁ ଆବହମାନ କାଳରୁ ପ୍ରକୃତିରାଣୀର ମାନସ ସନ୍ତାନ ଭାବେ ସୃଷ୍ଟ ଏହିଁ ପ୍ରାକୃତିକ ଭରା ଗୋଲରା ଝାଡ ଜଙ୍ଗଲ ; ଯାହା ଭାରତୀୟ ଆୟୁର୍ବେଦିକ ଜଗତ ପାଇଁ ଭଗବାନଙ୍କ ବରଦାନ ସଦୃଶ୍ୟ । ବନସ୍ପତିର ଭୂସ୍ୱର୍ଗ ଗୋଲରାକୁ ସ୍ୱର୍ଗୀୟ ନନ୍ଦନକାନନ ନାମରେ ନାମିତ କରିବାର ଯଥାର୍ଥତା ରହିଛି । ଏହି ପ୍ରାଚୀନ ଐତିହ୍ୟ ଭରା ଜଙ୍ଗଲରେ ରହିଛି ବହୁବିଧ ବନସ୍ପତି ସମୂହ ; ଯାହା ମାନବ ସମାଜ ପାଇଁ ପ୍ରକୃତିରାଣୀର ରତ୍ନମଣୀ ସଦୃଶ୍ୟ । ଏହି ପ୍ରାଚୀନ ବନସ୍ପତିଭରା ଜଙ୍ଗଲକୁ ଭାରତବର୍ଷର ଆୟୁର୍ବିଜ୍ଞାନର ପ୍ରାଣକେନ୍ଦ୍ର ଭାବରେ ଅଭିହିତ କରିବାର ଯଥାର୍ଥତା ରହିଛି । ଏହାର ପରିସୀମା ୬୦୦ ବାଟି । ଏଠାରେ ବହୁ ଦୁର୍ଲଭ ଜଡିବୁଟି, ଔଷଧୀୟ ଗୁଳ୍ମ ସହ ରହିଛି ବିଭିନ୍ନ ଦୁରାରୋଗ୍ୟର ସଫଳ ଉପଚାର ନିମନ୍ତେ ବନସ୍ପତି ସମୂହ ; ଯାହା ଆୟୁର୍ବିଜ୍ଞାନ ଜଗତ ପାଇଁ ଅମୂଲ୍ୟ ରତ୍ନମଣୀ ସଦୃଶ୍ୟ । ପ୍ରାଚୀନ ମୈତ୍ରୟ ବନ ତଥା ଅଧୁନା ଗୋଲରା ଗଡ ପ୍ରାକୃତିକ ବନର ବନସ୍ପତି ସମହ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ଅତ୍ୟନ୍ତ ଉପାଦେୟ ଓ ଗୁରୁତ୍ୱପୂର୍ଣ୍ଣ ଏଥିରେ ଦ୍ୱିମତ ନାହିଁ । ଏହି ପ୍ରାଚୀନ ବନରେ ହାଡଭଙ୍ଗାର ସଫଳ ଉପଚାର ପାଇଁ ରହିଛି ବଣ ସେବତୀ । ସେହିଭଳି ଭୃଙ୍ଗରାଜ ଲଟା, ପାଣି ଆମ୍ବୁଆ, କୋଚିଲା, ଶଗଡବାଟୁଆ, ଅମରପୋଇ, ବିଶଲ୍ୟକରଣୀ ସମେତ ବହୁ ଦୁର୍ଲଭ ଜଡିବୁଟି ବନସ୍ପତି ଭରା ବୃକ୍ଷରାଜି ଭରପୂର ହୋଇ ରହିଅଛି । ଏହି ଜଙ୍ଗଲରୁ ଦୁର୍ଲଭ କୋଚିଲା ମଞ୍ଜି ଚୋରା ଚାଲାଣ ହେବାରେ ଲାଗିଛି । ସଂରକ୍ଷଣ ଅଭାବରୁ ଆୟୁର୍ବିଜ୍ଞାନର ପ୍ରାଣକେନ୍ଦ୍ର ଗୋଲରା ଏବେ ଅବକ୍ଷୟମୁଖୀ । ୧୯୮୫-୮୬ ମସିହାରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବନ ବିଭାଗ ଏହାର ସୀମା ନିର୍ଦ୍ଧାରଣ ପାଇଁ ପ୍ରକାଶିତ କରିଥିବା ସରକାରୀ ନିର୍ଦ୍ଦେଶନାମାର କାର୍ଯ୍ୟକାରୀ ହୋଇପାରି ନାହିଁ ; ଯାହାଦ୍ୱରା ଏହି ପ୍ରାକୃତିକ ବନର ଦୁଇ ଶହ ଏକର ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଅଛି । ଏଠାରେ ରହିଥିବା ଦୁର୍ଲଭ ବନସ୍ପତିମାନ ସଂରକ୍ଷଣ ଅଭାବରୁ ବିଲୁପ୍ତ ହେବାରେ ଲାଗିଛି । ଏହି ଜଙ୍ଗଲରେ ହାତୀ, ବାଘ, କୃଷ୍ଣକାୟ ହରିଣ, ବାଲି ହରିଣ ସମେତ ବିଭିନ୍ନ ବିରଳ ପ୍ରଜାତିର ସରୀସୃପମାନେ ବସବାସ କରୁଥିଲେ । ମାତ୍ର ସଂରକ୍ଷଣ ଅଭାବରୁ ହାତୀ ଓ ବାଘ ଭଳି ବିରଳ ଜୀବଜନ୍ତୁ ଆଉ ଦେଖିବାକୁ ମିଳୁ ନାହିଁ । ଗୋଲରାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଭୂତଗୌରବ ଫେରାଇ ଆଣି ଏହି ବନସ୍ପତି ସମୂହ ଜଙ୍ଗଲର ପୁନଃ ସଂରକ୍ଷଣ କରିବା ଜରୁରୀ ହୋଇପଡ଼ିଛି । ଗୋଲରା ପ୍ରାକୃତିକ ବନର ବନସ୍ପତି ସମୂହକୁ ପରଖିବା ପାଇଁ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିବା ସହ କ୍ଷେତ୍ର ପରିଦର୍ଶନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି । ଏହାର ପ୍ରାକୃତିକ ଓ ଦୁର୍ଲଭ ବନସ୍ପତି ସମୂହକୁ ଆୟୁର୍ବେଦିକ ଚିକିତ୍ସା ପାଇଁ ଉପଯୋଗ କରିପାରିଲେ ତାହା ମାନବ କଲ୍ୟାଣ ଦିଗରେ ବିଶେଷ ସହାୟକ ହୋଇ ପାରିବ ।

କୋଣାର୍କ, ପୁରୀ
ମୋ-୯୪୩୮୦୪୦୮୭୧

## ଏଇ ଭାରତରେ

ଧାନଚାଷ କେଉଁଠି ହୁଏ ବୋଲି ଯାହାକୁ ପଚାରିବେ, ଉତ୍ତର ପାଇବେ ବିଲରେ ହୁଏ । କିନ୍ତୁ ଘର ଅଗଣାରେ ପ୍ଲାଷ୍ଟିକ ବୋତଲରେ ଧାନଚାଷ ହେଉଛି । ବିଶ୍ୱାସ ହେଉ ନ ଥିଲେ ବି ସତ । ଏମିତି ପଦ୍ଧତିରେ ଚାଷ କରୁଛନ୍ତି କେରଳ କୋଟ୍ଟାୟାମ ଜିଲାର ଟାଇଟସ୍ ଶାମ ଜୋଶେଫ ଓ ତାଙ୍କ ପତ୍ନୀ । ଲକ୍‌ଡାଉନ ସମୟରେ ଧାନଚାଷର ଏଭଳି ଏକ ଅଭିନବ ଉପାୟ ସେମାନଙ୍କ ମୁଣ୍ଡରେ ଢୁକିଥିଲା । ତାଙ୍କ ଆଖପାଖ ଅଞ୍ଚଳରେ କେହି ଧାନଚାଷ କରୁନଥିବାରୁ ସେମାନେ ଘର ଅଗଣାରେ ପ୍ଲାଷ୍ଟିକ ବୋତଲରେ ଚାଷ ଆରମ୍ଭ କରିଥିଲେ । ୧୭୫ଟି ମିନେରାଲ ୱାଟର ବୋତଲ ସଂଗ୍ରହ କରି ସେଥିରେ ଚାଷ କରିଛନ୍ତି । ତାହାକୁ ଲମ୍ବାଭାବରେ କାଟି ତଳ ଭାଗରେ ପାଣି ରଖିବା ପରେ ଉପର ଭାଗକୁ ତଳକୁ ନୁଆଁଇ ଆଣି ସେଥିରେ ଗୋବର ଖତ ଓ ମାଟି ଭରି ଧାନଗଛ ଉତାରି ଗତ ମାସରେ ସେଥିରୁ ଧାନ ଅମଳ କରିଛନ୍ତି । ଏଥିରେ ସେମାନେ କୌଣସି କୀଟନାଶକ ବ୍ୟବହାର କରିନାହାନ୍ତି । ଦିନକୁ ଥରେ ସେମାନେ ପାଣି ଦେଉଥିଲେ । ଏହି ପଦ୍ଧତିରେ ଅଧିକ ଧାନ ନ ମିଳିଲେ ବି ପ୍ଲାଷ୍ଟିକ ବର୍ଜ୍ୟର ଉପଯୋଗ ହୋଇପାରିବ ବୋଲି କହନ୍ତି ୪୭ ବର୍ଷୀୟ ଟାଇଟସ । କେବଳ ଏତିକି ନୁହେଁ , ସେ ଅଗଣାରେ ପରିବା ଓ ମାଛଚାଷ କରୁଛନ୍ତି । ଦୁଇଟି କୁଣ୍ଡରେ ୭୦୦ ମାଛ ରଖିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧ ଡିସେମ୍ବର ୧୯୯୫

- ଆଫଗାନିସ୍ତାନର ରାଜଧାନୀ କାବୁଲ ଉପରେ ତାଲିବାନ ବିଦ୍ରୋହୀମାନେ ରକେଟ୍ ଆକ୍ରମଣ କରିବା ଫଳରେ ୧୭ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ।
- ପୂର୍ବତନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଦିନେଶ ସିଂହଙ୍କ ୭୨ ବର୍ଷ ବୟସରେ ପରଲୋକ ।
- ପୋଲାଣ୍ଡର ରାଷ୍ଟ୍ରଦୂତ ଏମ୍. କ୍ରାଜିସନୋସ୍ତ୍ରୋପଙ୍କ ସମେତ ଅନ୍ୟ ୧୩ ଜଣଙ୍କୁ ରାଷ୍ଟ୍ରପତି ଶଙ୍କର ଦୟାଳ ଶର୍ମା ହିନ୍ଦୀ ଭାଷା ପ୍ରତି ସେମାନଙ୍କ ଅତୁଳନୀୟ ଅବଦାନ ପାଇଁ ହିନ୍ଦୀ ସେବୀ ସମ୍ମାନ ପ୍ରଦାନ କରିଛନ୍ତି ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | 4 | | | | 7 | | | | | C | | | 5 |
| | | | 4 | D | | 6 | | 2 | | | A | | | 3 |
| | | 1 | | | E | | | 3 | | | D | 6 | 9 | 7 |
| C | | D | 3 | | | 4 | A | | | 0 | | | | |
| | | 7 | | | C | | | 9 | | | 3 | | 8 | |
| 8 | | | 6 | E | | | 9 | | | | | | | D |
| | | | | 9 | | | | 6 | | | | 7 | 2 | |
| | | | | | | | | | 5 | | 2 | | 0 | |
| | 2 | C | D | | 3 | | | 1 | | 6 | 9 | 5 | | |
| E | | 3 | | 0 | | | | 4 | | | 1 | 9 | C | |
| | C | | | | | | | | D | | 6 | 4 | | |
| | 6 | | | | 9 | C | | D | | B | 8 | | A | |
| | | 2 | | A | | 8 | | | C | 9 | 5 | | | |
| | | A | | 2 | B | 9 | | | | | 0 | | 3 | |
| | | E | 0 | 8 | | | 3 | | | A | 7 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 6 | 3 | A | 5 | 1 | 8 | E | 7 | 4 | D | 2 | B | 0 | C |
| 1 | 2 | 8 | C | 3 | 0 | 4 | 9 | 5 | A | B | 7 | D | 6 | E |
| 5 | 4 | D | 7 | 2 | 8 | 6 | B | 1 | 0 | E | C | A | 9 | 3 |
| B | 0 | 7 | E | 9 | D | A | 3 | C | 1 | 8 | 6 | 4 | 2 | 5 |
| A | C | E | 4 | B | 6 | 2 | D | 0 | 9 | 5 | 3 | 8 | 1 | 7 |
| 7 | 9 | 6 | B | 4 | C | D | 1 | 3 | 8 | A | E | 2 | 5 | 0 |
| D | 5 | A | 2 | 8 | 9 | E | C | 6 | 7 | 1 | 0 | 3 | B | 4 |
| 4 | 1 | B | 0 | E | 3 | 5 | 2 | A | D | 6 | 9 | 7 | C | 8 |
| 8 | E | C | 6 | D | 7 | B | 0 | 4 | 3 | 2 | 5 | 1 | A | 9 |
| 0 | 3 | 2 | 5 | 1 | A | 9 | 7 | 8 | C | 4 | B | 6 | E | D |
| 2 | 8 | 4 | 1 | 0 | B | 3 | 6 | 9 | 5 | C | D | E | 7 | A |
| 3 | B | 9 | 8 | 6 | 5 | 0 | A | D | E | 7 | 1 | C | 4 | 2 |
| E | D | 0 | 9 | C | 2 | 7 | 4 | B | 6 | 3 | A | 5 | 8 | 1 |
| 6 | 7 | 1 | 3 | A | 4 | C | 5 | E | 2 | 9 | 8 | 0 | D | B |
| C | A | 5 | D | 7 | E | 1 | 8 | 2 | B | 0 | 4 | 9 | 3 | 6 |

ଗତକାଲିର ଉତ୍ତର

# ଛାଡ଼ଖାଇ ମାହାତ୍ମ୍ୟ


ଡ. କୁଳାଙ୍ଗାର

ଛାଡ଼ଖାଇ ଶବ୍ଦଟି ଉଚ୍ଚାରଣ ମାତ୍ରେ ସଂଖ୍ୟାଧିକ ଲୋକଙ୍କର ପାଟିରେ ପାଣି ଭରିଯାଏ । ନ ହୁଅନ୍ତା ବା କିପରି ? ମଣିଷ ମାତ୍ରେ ହିଁ ଆଇଁଷିଆ ଯେ ! ସେହି ଆଇଁଷିଆମାନଙ୍କର ମହାପର୍ବ ହେଉଛି ଛାଡ଼ଖାଇ । ଏଇଦିନ ସମସ୍ତେ ଖୁସ୍ । ମାସସାରା ଆଇଁଷ ଛାଡ଼ିଥାଆନ୍ତୁ କି ନ ଛାଡ଼ିଥାଆନ୍ତୁ ଏଇଦିନ କିନ୍ତୁ ଅଧିକାଂଶ ସାଦା ଖାଇବା ଛାଡ଼ି ଦେଇଥାଆନ୍ତି ।

ତେବେ ଏ ଛାଡ଼ଖାଇ ଶବ୍ଦଟି ଓଡ଼ିଆଙ୍କଠାରେ ଭରି ରହିଥିବା ମସଗୁଲିଆ ଭାବକୁ ପ୍ରକାଶ କରିଥାଏ । ଛାଡ଼ଖାଇ କହିଲେ ନ ଜାଣିଥିବା ଲୋକଟି ଭାବିବ ବୋଧେ ଏଇଟା ଖାଇବା ଛାଡ଼ିବାର ଦିନ ହୋଇଥିବ ! ଯୋଉ ଦିନଟି ଲୋକେ ଖାଇବା ଛାଡ଼ି ଦେଉଥିବେ !! ପ୍ରକୃତରେ କିନ୍ତୁ ଏଇଦିନ ବେଶି ଖିଆଖିଇ !!!

ନାଆଁଟି ସିନା ଛାଡ଼ଖାଇ ; ଏଇ ଦିନଟି କାହାକୁ କିନ୍ତୁ ଛାଡ଼ନାଇଁ । ବୋଧ ହୁଏ ସେଇଥି ପାଇଁ ଏଇ ଦିନଟିର ନାମଟି ଛାଡ଼ଖାଇ ! ଏମିତି ହୋଇଥାଇ ପାରେ ; ପଶୁପକ୍ଷୀମାନେ କହୁଥିବେ କାହାକୁ ବାହାରକୁ ଛାଡ଼ନାଇଁ ମଣିଷମାନେ ଖାଇଦେବେ ।

ପୂର୍ବରୁ ଲୋକେ ତୃଣଭୋଜୀ ଥିବେ । ଦିନ ଦିନ ଧରି ସାଦା ଖାଇ ଆସିଥିବେ । ହଠାତ୍ ଲୋକଙ୍କ ଭିତରେ ଜଣେ ଆଇଁଷିଆଙ୍କର ଆବିର୍ଭାବ ହୋଇଥିବ । ସିଏ ବହୁ ଆନ୍ଦୋଳନ କରିବା ପରେ ଏଇ ଦିନ ବୋଧ ହୁଏ ସଫଳ ହୋଇଥିବେ ! ଭାରତଛାଡ ଆନ୍ଦୋଳନ ପରି ଏଇଦିନଟି ସାଦାଛାଡ଼ ଦିବସ ରୂପେ ସେଇ ଦିନଠାରୁ ପାଳନ ହେଉଥାଇ ପାରେ । ଛାଡ଼ଭାଇ ଆଜିଠୁ ଆଇଁଷ ଖାଇବା ବୋଲି ଏ ଦିବସଟି ସ୍ମରଣୀୟ ହୋଇଥାଇ ପାରେ ।

ତାହାକୁ ସ୍ମରଣୀୟ କରିବା ପାଇଁ ଏବଂ ପୂର୍ବ ପୁରୁଷଙ୍କ ସ୍ମୃତିରେ ଆମେ ପୂର୍ବମାସଟିକୁ ପୁଣ୍ୟ ଓ ପବିତ୍ର ମାସ ଭାବରେ ସାଦା ଖାଇ ପାଳନ କରୁଥାଇ ପାରୁ ।

ଏହାକୁ ସୁଚାରୁ ରୂପେ ପାଳନ କରିବା ପାଇଁ ବିଭିନ୍ନ ଲୋକ ବିଭିନ୍ନ ପ୍ରକାର ଉପାୟମାନ ଅବଲମ୍ବନ କରିଥାଆନ୍ତି । କେତେ ଲୋକ ତ କାର୍ତ୍ତିକ ମାସ ଆରମ୍ଭରୁ ସାଦା ଖାଇବା ସହିତ ଘରେ ଛେଳି, ମେଣ୍ଢା ଅବା ଘୁଷୁରିଟିଏକୁ ଛାଡ଼ଖାଇ ପାଳନ କରିବା ଉଦ୍ଦେଶ୍ୟରେ ପାଳନ କରିଥାଆନ୍ତି । ବହୁଲୋକ ପଞ୍ଚକ ପାଞ୍ଚଦିନଟି ହିଁ ସାଦା ଖାଇ ପାଳନ କରିଥାଆନ୍ତି । କିନ୍ତୁ ଜଣାପଡେନି କେତେବେଳେ ଏଇ ପାଞ୍ଚଦିନ ଛାଡ଼ଖାଇ ପାଳନ ଯୋଗାଡ଼ରେ ବିତି ଯାଇଥାଏ ।

ହତ୍ୟା କରିବା ମଣିଷର ସହଜାତ ପ୍ରବୃତ୍ତି । ଏହାକୁ ଖୋଲାଖୋଲି ପ୍ରଦର୍ଶନ କରିବାର ପର୍ବଟି ହେଲା ଛାଡ଼ଖାଇ । ଏହା ନିରୀହ ଉପରେ ସବଳ ବିଜୟ ରୂପେ ପାଳନ ହେଉଅଛି । ଛାଡ଼ଖାଇ ପୂର୍ବଦିନ ଛେଳି ତା' ଛୁଆମାନଙ୍କୁ ଧରି ମେଁ ମେଁ କରି କାନ୍ଦିଲା !

ଛୁଆ ପଚାରିଲେ- ମାଆଲୋ ମାଆ... ତୁ କାନ୍ଦୁଚୁ କିଆଁ ? ମାଆଛେଳି କହିଲା- କାଲି ମଣିଷମାନେ ଛାଡ଼ଖାଇ ପାଳିବେ ତେଣୁ ମୁଁ ମରିବି । ଛୁଆମାନେ କହିଲେ- ଆଉ ଆମେ ? ମାଆଛେଳି କହିଲା- ତମେ ଛୋଟଗୁଡା ଆରବର୍ଷକୁ ତମ ପାଳି । ସେତେବେଳକୁ ତୁମ ମାନଙ୍କର ଛୁଆ ହୋଇ ସାରିଥିବେ । ଛୁଆମାନେ କହିଲେ- ଓହ... ଛୁଆଙ୍କୁ ଛାଡ଼ି ମାଆକୁ ମାରିବା ପର୍ବକୁ ତା'ହେଲେ ଛାଡ଼ଖାଇ କହନ୍ତି !!

ପର୍ବରେ ବଳି ପଡ଼ିବା ତ ଆମର ପୁରାତନ ପ୍ରଥା । ଏ ଛାଡ଼ଖାଇ ପର୍ବରେ ତେଣୁ ଅସଂଖ୍ୟ ପଶୁପକ୍ଷୀ ବଳି ପଡ଼ିଥାଆନ୍ତି । ତଫାତ୍ ଏତିକି ଅନ୍ୟ ପର୍ବମାନଙ୍କରେ ଠାକୁର ଠାକୁରାଣୀ ନାମରେ ପଶୁପକ୍ଷୀକୁ ହତ୍ୟାକରି ତାହାକୁ ପ୍ରସାଦ ରୂପେ ଭକ୍ଷଣ କରୁଥିବା ବେଳେ ଛାଡ଼ଖାଇ ପର୍ବରେ କିନ୍ତୁ ମଣିଷ ନିଜରୂପ ପ୍ରଦର୍ଶନ କରି ନିଜ ପାଇଁ ହିଁ ହତ୍ୟା କରି ତାହାଙ୍କୁ ଭୋଜନ କରିଥାଏ । ଅତଏବ ଏହା ମଣିଷ ହୃଦୟରେ ଧର୍ମାନ୍ଧତା ଓ କପଟତା ପରି ମାରାତ୍ମକ ଗୁଣକୁ ରୋକିବାରେ ସହାୟକ ହୋଇଥାଏ ।

କାର୍ତ୍ତିକ ମାସରେ ପାର୍ଟ ଟାଇମ୍ ନିରାମିଷାଶୀଙ୍କ ସଂଖ୍ୟା ବଢ଼ିବାରୁ ଚାରିଆଡେ ଛେଳି, ମେଣ୍ଢା, ଘୁଷୁରି, କୁକୁର, ମାଙ୍କଡ଼, ବିରାଡ଼ି, କୁକୁଡ଼ା, ବଗ, କାଉ, ପାରା, ବଣି, ମୂଷା ଆଦିଙ୍କର ସଂଖ୍ୟା ବହୁ ଗୁଣିତ ହୋଇଥାଏ । କିନ୍ତୁ ଛାଡ଼ଖାଇ ପାଳନ ହେବାଦ୍ୱାରା ଏପରି ପଶୁପକ୍ଷୀମାନେ ଏକା ଥରକରେ ଧ୍ୱଂସ ପାଇଯାଇଥାଆନ୍ତି । ଫଳରେ ମଣିଷଠାରେ ଭୟ କମିବା ସହିତ ପରିବେଶ ସ୍ୱଚ୍ଛ ରହିବାରେ ସହାୟକ ହୋଇଥାଏ । ମାଂସ କ୍ରୟ ଏବଂ ଭକ୍ଷଣରେ ଯଦିଓ ଆମେ ତାହାକୁ କେବଳ ମଟନ ଓ ଚିକେନ ଏଇ ଦୁଇଟି ବର୍ଗରେ ବିଭକ୍ତ କରିଛୁ, ଅସଲରେ କିନ୍ତୁ ଆମେ ଛାଡ଼ଖାଇରେ ବହୁ ପ୍ରକାର ମାଂସ ଖାଇ ଥାଉ । ଖାଇବାକୁ ବାଧ୍ୟ ହୋଇଥାଉ । କାରଣ ଏକାବେଳକେ ଏତେ ଲୋକ ଯଦି ଅଉଲୁ ମାଂସ ଚାହିଁବେ ବିଚରା ମାଂସ ଦୋକାନୀ ଏତେ ବୋଦା ଓ କୁକୁଡ଼ା ଆଣିବ କୋଉଠୁ ? କାହାକୁ ଯଦି ମନା କରିଦେଲା ତେବେ ତାଆର ମନଦୁଃଖ ହେବ । ଅତଏବ ଏପରି ନାନା ରକମର ପଶୁହତ୍ୟା ବହୁଜନ ହିତାୟ, ବହୁଜନ ସୁଖାୟ ! ତା' ଛଡ଼ା ଏପରି ମାଂସ ଭକ୍ଷଣ କରିବା ଦ୍ୱାରା ମଣିଷଠାରେ ଗୁଣକାରୀ ନିରପେକ୍ଷତା ଭାବ ପ୍ରକାଶ ପାଇଥାଏ ।

ମାଛରେ ଅବଶ୍ୟ ବିଶେଷ ଗଫଲତି ନାହିଁ । ଖାଲି ଯାହା ମାସେ ତଳର ବରଫଦିଆ ମାଛ ଉପରେ ସବୁଜ ଦଳକିଛି ପକେଇ ଦେଇ ପୋଖରୀରୁ ଧରା ହୋଇଥିବା ଦେଶୀମାଛ କହି ବିକିଦେବା କଥା । ନ ବିକିବେ ବା କାହିଁକି ? ଆହେ ଆମେ ମାସେକାଳ ଆମିଷ ତ ଖାଇଲେ ନାଇଁ ! ସେତେବେଳେ ଆନ୍ଧ୍ରରୁ ଆସିଥିବା ଟ୍ରକ୍ ଟ୍ରକ୍ ମାଛକୁ ବ୍ୟବସାୟୀମାନେ କ'ଣ ଫୋପାଡିବେ ନା କ'ଣ ? ବହୁ ପରିମାଣରେ ଓଡ଼ିଆମାନେ ଆନ୍ଧ୍ରାମାଛ ଖାଇବା ଦ୍ୱାରା ଏହା ଆମଠାରେ ଭାରତର ମହାନ୍ ସଂଘୀୟ ଭାବନା ପ୍ରକଟିତ କରାଇଥାଏ ।

ଏହିଦିନ ବହୁତ ପରିମାଣରେ ଆମିଷ ବିକ୍ରି ହେବା ସହିତ ଆଳୁ, ପିଆଜ, ରସୁଣ, ଅଦା, ଟମାଟୋ ଓ ମସଲା ମସଲି ବିକ୍ରି ହୋଇଥାଏ । ଆମିଷ ଖାଇବା କାରଣରୁ ମଦ ପିଇବା ମଧ୍ୟ ବଢ଼ିଥାଏ । ଉଭୟ ବାଟରେ ଆମ ରାଜକୋଷକୁ ବେଶ୍ ମୋଟା ଅଙ୍କର ଅର୍ଥ ଯାଇଥାଏ ; ଯାହା ସାମୂହିକ ବିକାଶ କାର୍ଯ୍ୟରେ ଲାଗିଥାଏ । ଅତଏବ ଛାଡ଼ଖାଇ ପର୍ବ ପାଳନ ରାଷ୍ଟ୍ର ନିର୍ମାଣରେ ସହାୟକ ହୋଇଥାଏ ।

ଧୀରେ ଧୀରେ ଏହାର ମାହାତ୍ମ୍ୟକୁ ବୁଝି ବହୁସ୍ଥାନରେ ଛାଡ଼ଖାଇ ମହୋତ୍ସବମାନ ଆୟୋଜନ ହୋଇଗଲାଣି । ଯେଉଁଠି କାର୍ତ୍ତିକ ପୂର୍ଣ୍ଣିମା ସନ୍ଧ୍ୟାରୁ ହିଁ ଲୋକେ ଛାଡ଼ଖାଇ ପାଳନ ଆରମ୍ଭ କରିଦେଇଥାଆନ୍ତି । ମଞ୍ଚରେ ବହୁ କଳାକାର ପୂର୍ଣ୍ଣ ପରିଧାନ ଛାଡ଼ି ଦେଇଥାଆନ୍ତି । ମାଇକି ଆଗରେ ବକ୍ତା ଭାଷଣ ଛୋଟ କରିବା ଛାଡ଼ କରିଦେଇଥାଆନ୍ତି । ଛାଡ଼ିବା ଆମ ଜାତକରେ ନାଇଁ, ତେଣୁ ପ୍ରତିବର୍ଷ ଆମେ କାର୍ତ୍ତିକରେ ଯେତିକି ପୁଣ୍ୟ ଅର୍ଜନ କରୁ ଛାଡ଼ଖାଇ ଦିନଟିରେ ପାପ ମାଧ୍ୟମରେ ସେତକକୁ ଛାଡିଦେଉ ।

ନରସିଂହପୁର, କଟକ
ମୋ- ୮୮୯୫୮୨୫୮୬୩

## ପାଠକ ଶ୍ରେଷ୍ଠ ବିଚାରକ

### ବିସ୍ଥାପିତଙ୍କୁ ସହାୟତା ମିଳୁ

ମହାଶୟ,

ବିଧାନସଭା ଶୀତକାଳୀନ ଅଧିବେଶନ ସମୟରେ କେନ୍ଦୁଝର ଜିଲାର ଚମକପୁର, କଣ୍ଡରା ଏବଂ ବୀରକଳା ଗ୍ରାମପଞ୍ଚାୟତର ୧୬ଟି ଗ୍ରାମର ଲୋକେ ଜିଲାର ବିଭିନ୍ନ ସମସ୍ୟାକୁ ନେଇ ବିଧାନସଭା ସମ୍ମୁଖରେ ପ୍ରତିବାଦ ଏବଂ ଧାରଣା ଦେଇଥିଲେ । ମୁଖ୍ୟ ସମସ୍ୟା ହେଉଛି ସରକାରଙ୍କ ପକ୍ଷରୁ କାନପୁର ଡ୍ୟାମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ । କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ତିନୋଟି ଗ୍ରାମପଞ୍ଚାୟତର ୧୬ଟି ଗ୍ରାମ ଏଥିରେ ପ୍ରଭାବିତ ହୋଇଛନ୍ତି । ୨୦୦୬ ମସିହାର କ୍ଷତିପୂରଣ ବାବଦକୁ ଗ୍ରାମର ଲୋକମାନଙ୍କୁ ଯେଉଁ ଆର୍ଥିକ ସହାୟତା ଦିଆଯାଇଛି ତାହା ସମୁଦ୍ରକୁ ଶଙ୍ଖେ । ୧୪ବର୍ଷ ବିତିଯିବା ପରେ ମଧ ଏହି ଲୋକମାନଙ୍କର ଥଇଥାନ ପ୍ରତି ସରକାର ଧ୍ୟାନ ନ ଦେଇ ପ୍ରଶାସନ ଘରଗୁଡ଼ିକୁ ବାଧ୍ୟକରି ଉଚ୍ଛେଦ କରୁଛନ୍ତି, ଯାହା ଅମାନବୀୟ । ଏହି ବିଷୟରେ ସ୍ଥାନୀୟ ପ୍ରଶାସନକୁ ଜଣାଇବା ପରେ ମଧ ଏଥିପ୍ରତି ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି । ଅନ୍ୟ କେଉଁ ଜାଗାକୁ ଯିବା ବା ଆର୍ଥିକ ସହାୟତା ଏହି ସମସ୍ୟାଗୁଡ଼ିକର ସମାଧାନ କରିପାରିବ ନାହିଁ । ସରକାରଙ୍କୁ ଅନୁରୋଧ ଯେ ପ୍ରଭାବିତ ଗ୍ରାମବାସୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇ ସେମାନଙ୍କର ବାସସ୍ଥାନର ଉପଯୁକ୍ତ ବ୍ୟବସ୍ଥା ସହିତ ରୋଜଗାରର ବ୍ୟବସ୍ଥା କରନ୍ତୁ ।

-ଅସିତ୍ ମହାନ୍ତି, ଯାଜପୁର

### ଚିରନ୍ତନୀ

ପ୍ରବୋଧିବି ଏହି କପୋତ
ସାନ୍ତ୍ୱନା ହେବ ପ୍ରାପତ ,
ଝିଲ୍ଲୀ ଚିରଇ କାତର-ରୋଦନ
ମୋ ବିନା ତା'ର କେ ନାହିଁ
ସେ ତ ମୋ ପଥେ ରହିଛି ଚାହିଁ ।

-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ସଚେତନତା ହିଁ ଚିକିତ୍ସା'

**କଟକ ଅଫିସ, ୩୦।୧୧**

**ଆଜି ବିଶ୍ୱ ଏଡ୍ସ ଦିବସ**

**■ଏଡ୍ସ ପାଇଁ ଟିକା ନାହିଁ**



ପ୍ରଫେସର ଡା. ଜୟନ୍ତ ପଣ୍ଡା

ଏଡ୍ସ ଏକ ଭୂତାଣୁଜନିତ ରୋଗ। ଏଚ୍ଆଇଭି ଭାଇରସ୍ ଏହି ରୋଗ ସଂକ୍ରମଣର କାରଣ। ରାଜ୍ୟରେ ଅକ୍ଟୋବର ୨୦ ସୁଦ୍ଧା ପ୍ରାୟ ୫୨ ହଜାର ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଗଞ୍ଜାମରେ ସର୍ବାଧିକ ଓ ପରେ ଅନୁଗୋଳ, ବାଲେଶ୍ୱର, ବଲାଙ୍ଗୀର, ଭଦ୍ରକ, କୋରାପୁଟ ଓ ଖୋର୍ଦ୍ଧା ଜିଲାରେ ଅଧିକ ସଂଖ୍ୟାରେ ସଂକ୍ରମିତ ଅଛନ୍ତି। ଏହି ରୋଗର ସଚେତନତା ବଢ଼ିଥିବାରୁ କ୍ରମଶଃ ରାଜ୍ୟରେ ପ୍ରତିବର୍ଷ ସଂକ୍ରମିତଙ୍କ ସଂଖ୍ୟା କମିଛି । ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ଏଡ୍ସ ଦିବସ ଭାବେ ପାଳନ କରାଯାଏ । ଚଳିତବର୍ଷର ଥିମ୍ ରହିଛି 'ବିଶ୍ୱ ଏକତା ଏବଂ ସହଭାଗୀ ଦାୟିତ୍ୱ' । ଏହି ପରିପ୍ରେକ୍ଷୀରେ ରାଜ୍ୟର ୩୦ ଜିଲାରୁ ଏକା ସାଙ୍ଗରେ ସଚେତନତା ରଥ ବାହାରିବ। ଏହା ବ୍ୟତୀତ ସରକାରଙ୍କ ପକ୍ଷରୁ ବାଲୁକା କଳା, ଲୋକନୃତ୍ୟ, ବସ୍‌ରେ ଷ୍ଟିକରିଂ, ଜନଗହଳି ସ୍ଥାନରେ ହୋର୍ଡିଂ ଆଦି ଲଗାଯାଇ ଲୋକଙ୍କୁ ସଚେତନ କରାଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଏଡ୍ସ ପାଇଁ ଚିକିତ୍ସା କିମ୍ବା ଟିକା ନାହିଁ । କେବଳ ସଚେତନତା ହିଁ ଚିକିତ୍ସା ବୋଲି ଏସ୍‌ସିବି ମେଡିକାଲ ଭେଷଜ ବିଭାଗର ମୁଖ୍ୟ ପ୍ରଫେସର ଡା. ଜୟନ୍ତ ପଣ୍ଡା କହିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ମେଡିକାଲ କଲେଜ ଓ ଜିଲା ଚିକିତ୍ସାଳୟଗୁଡ଼ିକରେ ଆଣ୍ଟି ରେଟ୍ରୋଭାଇରାଲ ଥେରାପି ସେଣ୍ଟର ଖୋଲାଯାଇଛି। ଏହିସବୁ କେନ୍ଦ୍ରରେ ସଂକ୍ରମିତଙ୍କ ରୋଗ ପ୍ରତିରୋଧକ ଶକ୍ତି ନିୟନ୍ତ୍ରଣ କରାଯିବା ସହ ରୋଗର ସଫଳ ପରିଚାଳନା କରାଯାଇପାରୁଛି । ବର୍ତ୍ତମାନ ଆମର ଲକ୍ଷ୍ୟ ହେଉଛି ରାଜ୍ୟରେ ସଂକ୍ରମିତ ଓ ଏଡ୍ସଜନିତ ମୃତ୍ୟୁସଂଖ୍ୟାକୁ ଶୂନ କରିବା। ଏହି ଉଦ୍ଦେଶ୍ୟ ସଫଳ କରିବାକୁ ହେଲେ ୪ଟି ବିଷୟ (ବିଶୋଧନ ହୋଇ ନ ଥିବା ଛୁଞ୍ଚି କିମ୍ବା ସିରିଞ୍ଜ ବ୍ୟବହାର ନ କରିବା, ଅସୁରକ୍ଷିତ ଯୌନ ସମ୍ପର୍କ ନ ରଖିବା, ବିଶୋଧନ ହୋଇ ନ ଥିବା ରକ୍ତ ଗ୍ରହଣ ନ କରିବା ଓ ସଂକ୍ରମିତ ମା'ଠାରୁ ଗର୍ଭସ୍ଥ ଶିଶୁକୁ ସଂକ୍ରମଣ ବ୍ୟାପିବାକୁ ନ ଦେବା) ପ୍ରତି ସଜାଗତା ରକ୍ଷା କରାଯିବା ଆବଶ୍ୟକ ବୋଲି ପ୍ରଫେସର ପଣ୍ଡା କହିଛନ୍ତି ।

# ରତ୍ନସିଂହାସନରେ ଦାରୁଦିଅଁଙ୍କ ସୁନାବେଶ

**ପୁରୀ ଅଫିସ, ୩୦।୧୧**



ଧର୍ମମାସ କାର୍ତ୍ତିକ ଶେଷ ହୋଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ସୋମବାର ରତ୍ନ ସିଂହାସନରେ ଦାରୁଦିଅଁଙ୍କ ସୁନାବେଶ ତଥା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଛି। ଅବକାଶ ନୀତି ପରେ ଦାରୁବିଗ୍ରହଙ୍କ ସୁନାବେଶ ହୋଇଥିଲା। ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟବସ୍ତ୍ରରେ ଠାକୁରଙ୍କୁ ରାଜରାଜେଶ୍ୱର ବେଶରେ ଭୂଷିତ କରିଥିଲେ। ଏହି ବେଶରେ ଶ୍ରୀବିଗ୍ରହମାନେ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ସୁବର୍ଣ୍ଣ ଶ୍ରୀଭୁଜ, କିରୀଟ, ଶ୍ରୀପୟର, କାନ, କଦମ୍ବମାଳି, ହରିଡ଼ା କଦମ୍ବମାଳି, ବାହାଡ଼ା ମାଳି, ତାବିଜ ମାଳି, ବାଘ ନଖିମାଳି, ସେବତୀ ମାଳି, ହଳମୁଷଳ, ଚକ୍ର, ତ୍ରିଶାଖା, ଅଳକା, ଶ୍ରୀମୁଖ ପଦ୍ମ, ରୁପା ଶଙ୍ଖ, ଓଡ଼ିଆଣୀ, ଚନ୍ଦ୍ର ସୂର୍ଯ୍ୟ, ତିଳକ (ଚିତା), ଘାଘଡ଼ା ମାଳି, କୁଣ୍ଡଳ ଓ ତଡ଼ଗୀ ଲାଗି ହୋଇଥିଲେ। ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଉଥିଲା। ତେବେ ମହାପ୍ରଭୁଙ୍କ ଏହି ବେଶକୁ ଭକ୍ତ ଦେଖିପାରି ନ ଥିଲେ। କରୋନା କଟକଣା ଯୋଗୁ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ବାରଣ ଥିବାରୁ ଏହି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ମାତ୍ର ପତିତପାବନଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏଥିଲାଗି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

# କଟକଣାକୁ ଫୁ, କୁଆଖାଇରେ ଭସାଇଲେ ଡଙ୍ଗା

**ବାଲିଅନ୍ତା,୩୦।୧୧(ଡି.ଏନ୍.ଏ.)**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ନଦୀ ଓ ପୁଷ୍କରଣୀରେ ଜନସମାଗମକୁ ଦୃଷ୍ଟିରେ ରଖି ଡଙ୍ଗା ଭସାଇବା ଉପରେ ପ୍ରଶାସନ ପକ୍ଷରୁ କଟକଣା ଲାଗୁକରାଯାଇଥିଲା। ବିଶେଷକରି ଭୁବନେଶ୍ୱର ମହାନଗର ନିଗମ ଅଧୀନ ନଦୀରେ ଏହି ନିୟମକୁ କଡ଼ାକଡ଼ି ଲାଗୁ କରାଯାଇଥିଲା। କିନ୍ତୁ ପ୍ରଶାସନର ଏହି କଟକଣାକୁ ବାଲିଅନ୍ତା ଅଞ୍ଚଳର ଲୋକମାନେ ନ ମାନି କୁଆଖାଇ ନଦୀରେ ଡଙ୍ଗା ଭସାଇବାର ଦେଖିବାକୁ ମିଳିଥିଲା। ତେବେ ପୂର୍ବବର୍ଷ ତୁଳନାରେ ନଦୀକୂଳରେ ଶ୍ରଦ୍ଧାଳୁଙ୍କ ଭିଡ଼ ନ ଥିଲା। କମ୍ ସଂଖ୍ୟକ ଲୋକ ନିଜ ପିଲାଙ୍କୁ ଧରି ଡଙ୍ଗା ଭସାଇବା ପାଇଁ ଆସିଥିଲେ। ନଦୀରେ ପୋଲିସ ଉପସ୍ଥିତ ଥିଲେ ମଧ୍ୟ ଲୋକଙ୍କୁ କେବଳ ଗଭୀର ପାଣିକୁ ନ ଯିବା ପାଇଁ ବାରଣ କରିଥିଲେ।

# ଜମି ବିବାଦକୁ ନେଇ ୪ ଜଣଙ୍କୁ ଆକ୍ରମଣ

**ଡେଲାଙ୍ଗ,୩୦।୧୧(ଡି.ଏନ୍.ଏ.)**

ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ଗ୍ରାମରେ ଏକ ଜମି ବିବାଦକୁ ନେଇ ସୋମବାର ୨ ପରିବାର ମଧ୍ୟରେ ମାରପିଟ ହେଉଥିବାର ଏକ ଭିଡିଓ ଭାଇରାଲ ହେବାର ଲାଗିଛି । ଏଥିରେ ଗୋଟିଏ ପରିବାରର ୪ ସଦସ୍ୟଙ୍କୁ ଆକ୍ରମଣ କରିଥିବାବେଳେ ୨ଜଣ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଅପରପକ୍ଷରୁ ମଧ୍ୟ ଜଣେ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ପୃଥକ ଭାବେ ନଂ.୨୧୭, ୨୧୮/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହରିରାଜପୁର ଗ୍ରାମର କବିତା ପ୍ରଧାନଙ୍କ ପଡ଼ୋଶୀ ହେମଲତା ପାତ୍ରଙ୍କ ମଧ୍ୟରେ ଜମିକୁ ନେଇ ବିବାଦ ଲାଗିରହିଥିଲା। ସୋମବାର ପୂର୍ବାହ୍ନରେ ହେମଲତା ଘରର ୧୩ ଜଣ ଲୋକ ଏକତ୍ର ହୋଇ ତାଙ୍କ ଘରେ ପଶି କବିତା ଓ ତାଙ୍କ ସ୍ୱାମୀଙ୍କ ସମେତ ପୁଅ ଓ ଝିଅଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ମାଡ଼ ମାରିଥିଲେ। ଆକ୍ରମଣରେ କବିତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବାବେଳେ ସ୍ୱାମୀଙ୍କର ମୁଣ୍ଡ ଫାଟି ଯାଇଥିଲା। ଗ୍ରାମାବସୀ ସେମାନଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ହେଁ ସ୍ୱାମୀ ଓ ସ୍ତ୍ରୀ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସେହିପରି ହେମଲତା ଘରର ମଧ୍ୟ ଜଣେ ଆହତ ହୋଇଥିଲେ। ପରେ ଉଭୟ ପରିବାର ପକ୍ଷରୁ ଥାନାର ଦ୍ୱାରସ୍ଥ ହୋଇଥିଲେ।
























## ସଂକ୍ଷେପରେ

### ସରିଲା କାର୍ତ୍ତିକ, ଆଜି ଛାଡ଼ଖାଇ

**ଅନୁଗୋଳ ଅଫିସ , ୩୦।୧୧:** କାର୍ତ୍ତିକ ମାସ ଶେଷ ହୋଇଯାଇଥିବା ବେଳେ ମଙ୍ଗଳବାର ଛାଡ଼ଖାଇ ପଡୁଛି। ତେଣୁ ମାସେ ହେଲା ଆମିଷ ଖାଇ ନ ଥିବା ଲୋକଙ୍କ ଆଗ୍ରହକୁ ଲକ୍ଷ୍ୟ ରଖି ସହରର ମାଛ ଓ ମାଂସ ବେପାରୀମାନେ ଭଲ ବ୍ୟବସାୟ ପାଇଁ ଲକ୍ଷ୍ୟ ରଖିଛନ୍ତି। ପରଦିନ ବୁଧବାର ଥିବାରୁ ସେଥିପାଇଁ ବ୍ୟବସାୟୀମାନେ ସ୍ୱତନ୍ତ୍ର ଯୋଜନା କରିଛନ୍ତି। କିଛିଦିନ ଆଗରୁ ଖାସି ଓ କୁକୁଡ଼ା କିଣି ସାରିଛନ୍ତି। ତେଣୁ ସକାଳୁ ହିଁ ଅନୁଗୋଳ ସହରର ମାଛ ମାର୍କେଟ, ଶିମିଳିପଡ଼ା, କଲେଜଛକ, ହେମସୁରପଡ଼ା, ଅମଲାପଡ଼ା ଆଦି ଅଞ୍ଚଳରେ ଆମିଷ ପାଇଁ ପ୍ରବଳ ଭିଡ଼ ହେବ। ବଡ଼ ମାଛ ଠାରୁ ଆରମ୍ଭ କରି ଛୋଟ ମାଛ, ଚୁଙ୍ଗୁଡ଼ି, କଙ୍କଡ଼ା ଓ ମାଂସର ଦର ପୂର୍ବାପେକ୍ଷା ଅଧିକ ରହିବ ବୋଲି ବ୍ୟବସାୟୀମାନେ କହିଛନ୍ତି।

### ୩୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ , ୩୦।୧୧:** ଅନୁଗୋଳ ଜିଲାରେ ସୋମବାର ୩୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୦ ହଜାର ୯୦୯ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣଁରପାଳ ବ୍ଲକରୁ ସର୍ବାଧିକ ୧୩, ଛେଣ୍ଡିପଦା ବ୍ଲକରୁ ୧୦, ପାଲଲହଡ଼ା ବ୍ଲକରୁ ୩, ତାଳଚେର ବ୍ଲକରୁ ୪, ଅନୁଗୋଳ ବ୍ଲକରୁ ୪, କିଶୋରନଗର ବ୍ଲକରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୫୪ ଜଣ ସୁସ୍ଥ ହୋଇଛନ୍ତି।

### ଡିଆଇପିଆର୍‌ଓଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଅନୁଗୋଳ ଅଫିସ, ୩୦।୧୧:** ଅନୁଗୋଳ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ସୋମବାର କାର୍ଯ୍ୟରୁ ଅବସର ନେଇଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ତାଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ତାଳଚେର ଉପଖଣ୍ଡ ଡିଆଇପିଆର୍‌ଓ ସୌରଭ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ କିରାଣି ଅନୁସୂୟା ନାୟକ, ରେଡିଓ ଇନ୍ସପେକ୍ଟର ଦୀପାଳୀ ମହାରଣା, ଷ୍ଟେନୋ ରଞ୍ଜନ କୁମାର ବିଶ୍ୱାଳ, ଗ୍ରନ୍ଥାଗାରିକ ମିନତୀ ଦାସ, ଆଠମଲ୍ଲିକ ଉପଖଣ୍ଡ ଗ୍ରନ୍ଥାଗାରିକ ସର୍ବେଶ୍ୱର ମଲ୍ଲିକ, ବାମୁର ଗ୍ରନ୍ଥାଗାରିକ ପହଲ୍ଲାଦ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ସହ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ କ୍ଷୀରୋଦ କୁମାର ଦେବତାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବତୀ ମୃତ

**ରୂପ୍‌ସା, ୩୦।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଥାନା ଦରଡା ଗ୍ରାମର ଜଣେ ଯୁବତୀ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ମୃତ ଯୁବତୀ ହେଲେ ଏକଦଶୀ ସାମଲଙ୍କ ୨୨ବର୍ଷୀୟା ଝିଅ ମଞ୍ଜୁଲତା ସାମଲ । ସେ ଘର କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବସ୍ତା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୯/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି ।

### ଶାଳଗଣ୍ଡି ଜବତ

**ପାଟଣା,୩୦।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ରାଜନଗର ବିଟ୍ ଅନ୍ତର୍ଗତ କୋଡ଼ଖମଣ ଗାଁ ନିକଟ ପଦ୍ମପୁର ସଂରକ୍ଷିତ ଜଙ୍ଗଲରୁ ସୋମବାର ପୂର୍ବାହ୍ନରେ ୬ ଖଣ୍ଡ ଶାଳଗଣ୍ଡି ବନ ବିଭାଗ ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଖିରେଇଟାଙ୍ଗିରୀ ବନପାଳ ଅମୂଲ୍ୟ କୁମାର ସେନାପତି ସୂଚନା ଦେଇଛନ୍ତି। ଜଙ୍ଗଲ ଭିତରେ କେହି କାଠ ମାଫିଆ ବିଳମ୍ବିତ ରାତିରେ ଗଛଗୁଡ଼ିକୁ କାଟି ରଖିଥିବା ବନ ବିଭାଗ ସନ୍ଦେହ କରୁଛି। କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ ଶାଳଗଣ୍ଡିଗୁଡ଼ିକୁ ଜବତ କରି ଖିରେଇଟାଙ୍ଗିରୀ ଫରେଷ୍ଟ କାର୍ଯ୍ୟାଳୟକୁ ନେଇଛି। ବନପାଳ ସେନାପତି, ବନରକ୍ଷୀ ନଗେନ୍ଦ୍ର ଜେନାଙ୍କ ସହ ପାରାଷ୍ଟାଫ ଚଢ଼ାଉରେ ସାମିଲ ଥିଲେ।

### ଦୁର୍ଘଟଣାରେ ଜଣେ ମୃତ

**ହାଟଡିହୀ, ୩୦।୧୧(ଡି.ଏନ.ଏ):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଜଳକଳଙ୍ଗ ଗ୍ରାମର ବାବୁଲି ଜେନା(୩୫)ଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୯ଟା ବେଳେ ଜଳକଳଙ୍ଗ ବଜାର ନିକଟରେ ବାବୁଲି ରାସ୍ତା ପାର ହେଉଥିଲେ। ଏହି ସମୟରେ ଛେନାପଦିରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ହାଟଡିହୀ ଓ ପରେ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ବାସନା ଧାନରେ ମହକୁଛି ଗାଁ ଦାଣ୍ଡ

**ବାରିପଦା ଅଫିସ,୩୦।୧୧**


ବାସନା ଧାନ କ୍ଷେତରେ ମାଲକମଣି।

ବାସନା ଧାନରେ ମହକୁଛି ଗାଁ ଦାଣ୍ଡ। ସୁଗନ୍ଧରେ ଫାଟି ପଡୁଛି ପରିବେଶ। ଯାହାଙ୍କ ପାଇଁ ଏହା ସମ୍ଭବ ହୋଇଛି ସେ ଜଣେ ମହିଳା ଚାଷୀ। ନିଜେ ସ୍ୱାବଲମ୍ବୀ ହେବା ସହିତ ଅଞ୍ଚଳବାସୀଙ୍କୁ ଚାଷର ପ୍ରଣାଳୀ ଜଣାଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଭଳି ସଫଳତା ହାସଲ କରିଥିବା ମହିଳା ଚାଷୀ ହେଲେ ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ବାଲିଡ଼ିହା ପଞ୍ଚାୟତ ଅଧୀନ କିଶାନହାଡ଼ି ଗ୍ରାମର ମାଲକ୍‌ମଣି ସିଂ। ଜୈବିକ ସାର ଏବଂ ଔଷଧ ପ୍ରୟୋଗ କରି ବର୍ଷକୁ ସେ ୪୦ କୁଇଣ୍ଟାଲ ବାସନା ଧାନ ଅମଳ ସହ ୫୦ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ଚାଷ ପ୍ରତି ତାଙ୍କର ପିଲାବେଳୁ ଆଗ୍ରହ ଥିଲା । ଏକ ଚାଷୀ ପରିବାରରେ ସେ ବିବାହ କରିଥିଲେ। ସ୍ୱାମୀଙ୍କ ୭/୮ ଏକ ଜମିରେ ଧାନ ଓ ରବି ଋତୁରେ ମୁଗ ତଥା ପନିପରିବା ଚାଷ ହେଉଥିଲା। ଜଳସେଚନର ସେମିତି ଉପଯୁକ୍ତ ସୁବିଧା ନ ଥିବାରୁ ଧାନ ପରେ ମୁଗ ଚାଷ କରୁଥିଲେ। ତେବେ କୃଷି ବିଭାଗୀୟ ଅଧିକାରୀଙ୍କ ପରାମର୍ଶ ନେଇ ଜୈବିକ ଉପାୟରେ ଚାଷ ପାଇଁ ମାଲକ୍‌ମଣି ମନ ବଳାଇଥିଲେ। ଚାଷରେ ଭଲ ଅମଳ ପାଇଁ ସେ ଜୈବିକ ସାର ବ୍ୟବହାର କରୁଥିବା ବେଳେ ରୋଗ ପୋକ ପାଇଁ ଜୈବ ଔଷଧ ପ୍ରୟୋଗ କରିଥିଲେ।

ସହକାରୀ କୃଷି ଅଧିକାରୀ ସୁଧାଂଶୁ ପଣ୍ଡା ମୁଗ ଚାଷ ପାଇଁ ସରକାରୀ ସୁବିଧା ସୁଯୋଗ ହିସାବରେ ତାଙ୍କୁ ବିହନ, ଜୈବିକ ସାର ଓ ଔଷଧ ଯୋଗାଇ ଦେଇଥିଲେ। ବିନା ତାଲିମରେ ଆଶାତୀତ ଫସଲ ମଧ୍ୟ ଅମଳ ହୋଇଥିଲା। ମୁଗରେ ସାର ପ୍ରୟୋଗ କରୁ ନ ଥିବା ବେଳେ ଧାନ ଚାଷରେ ସାର ପ୍ରୟୋଗ କରିଥିଲେ। ମାଲକମଣିଙ୍କ ଚାଷ ପ୍ରତି ଆଗ୍ରହ ବଢ଼ିବାରୁ କନକ ବାୟୋସାଇନ୍ସ ଓ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ଡ.ଦୀପକ ସାହୁ ଓ ସହକାରୀ କୃଷି ଅଧିକାରୀ ବାସନା ଧାନ ଚାଷ ବିଷୟରେ ତାଙ୍କୁ ବୁଝାଇଥିଲେ। ସମ୍ପୂର୍ଣ୍ଣ ଜୈବିକ ଉପାୟରେ ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ। ବିନା ରାସାୟନିକ ସାରରେ ଫସଲ ଅମଳକୁ ନେଇ ଦ୍ୱନ୍ଦରେ ପଡ଼ିବା ସହିତ ଦୃଢ଼ତାର ସହିତ ଚାଷକାର୍ଯ୍ୟ ଆରମ୍ଭ କରିଥିଲେ। କୌଣସି ସମସ୍ୟା ଉପୁଜିଲେ ବିଭାଗୀୟ ଅଧିକାରୀଙ୍କ ପରାମର୍ଶ ଗ୍ରହଣ କରୁଥିଲେ। ଫସଲର ସୁରକ୍ଷା ନିମନ୍ତେ ଫସଲ ସୁରକ୍ଷା ଅଧିକାରୀ ଡ. ମନୋଜ ଚାନ୍ଦଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରୁଥିଲେ। ବିଭାଗୀୟ ଅଧିକାରୀଙ୍କ ପରାମର୍ଶ ନେଇ ଜୈବିକ ଉପାୟରେ ଚାଷ ପାଇଁ ବିଭିନ୍ନ ଆନୁସଙ୍ଗିକ ସାମଗ୍ରୀ ଯଥା- ଜିଆଖତ, ଜୈବିକ ଖତ, ସଢା ଜୈବାଂଶ ଏବଂ ବେଲ, ତୁଳସୀ, ଅରଖ, ନିମ୍ବ ଓ କରଞ୍ଜ ପତ୍ରରୁ ଜୈବିକ ଔଷଧ ତିଆରି କରିଥିଲେ। ତାଙ୍କଠାରୁ ପ୍ରେରଣା ପାଇ ଗ୍ରାମର ମହିଳାପୁରୁଷମାନେ ତାଲିମ ନେଇ ଅଞ୍ଚଳରେ ବାସନା ଧାନ ଚାଷ କରି ଭଲ ରୋଜଗାର କରି ପାରୁଛନ୍ତି। ସରକାରୀସ୍ତରରେ ଉପଯୁକ୍ତ ତାଲିମ ଯୋଗାଇ ଦିଆଗଲେ ନୂଆ ପ୍ରଣାଳୀରେ ଚାଷ କରିବେ ବୋଲି ମାଲକମଣି କହିଛନ୍ତି ।

# ହରଗୌରୀ ବେଶ ଦେଖିପାରିଲେନି ଶ୍ରଦ୍ଧାଳୁ



**ଆରଡ଼ି, ୩୦।୧୧ (ଡି.ଏନ.ଏ.)**

ରାହାସ ପୂର୍ଣ୍ଣିମା ଅବସରରେ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ଆଖଣ୍ଡଳମଣି ମନ୍ଦିରରେ ସୋମବାର ହରଗୌରୀ ବେଶ ଅନୁଷ୍ଠିତ ହୋଇଥିଲା। ବାବା ଆଖଣ୍ଡଳମଣିଙ୍କୁ ହର ଓ ମାତା ପାର୍ବତୀଙ୍କୁ ଗୌରୀ ବେଶରେ ସଜ୍ଜିତ କରାଯାଇଥିଲା। କୋଭିଡ୍ କଟକଣା ମଧ୍ୟରେ ସେବାୟତମାନେ ବାବାଙ୍କର ଏହି ପାରମ୍ପାରିକ ବେଶ ସମ୍ପାଦନ କରିଥିଲେ। ସୂଚନା ଅନୁଯାୟୀ, ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇଥିଲା। ମଙ୍ଗଳ ଆଳତି ପରେ ବାବାଙ୍କ ପଞ୍ଚାନନ ବେଶ କରାଯାଇଥିଲା। ଦିନତମାମ ନୀତିକାନ୍ତି ଅନୁଯାୟୀ ପୂଜାକର୍ମ ସମ୍ପାଦିତ ହୋଇଥିଲା। ଅପରାହ୍ନ ୪ଟାରେ ବାବାଙ୍କୁ ହରଗୌରୀ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶରେ ପିତ୍ତଳ ଓ ରୁପାରେ ନିର୍ମିତ ଚକ୍ଷୁ, ନାସା, କର୍ଣ୍ଣ, ଅଧର, ହାର, ମୁକୁଟ ଆଦି ଧାରଣ କରିଥିଲେ।

ଚଳିତବର୍ଷ ବାବାଙ୍କର ଏହି ବେଶ ଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି ଶ୍ରଦ୍ଧାଳୁ। ଦୀର୍ଘବର୍ଷ ମଧ୍ୟରେ ଏଭଳି ପରିସ୍ଥିତି କେବେ ଉପୁଜି ନ ଥିଲା ବୋଲି ବରିଷ୍ଠ ସେବାୟତମାନେ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ ପବିତ୍ର ଶିବଗଙ୍ଗା ପୁଷ୍କରିଣୀରେ ଏବର୍ଷ ଶ୍ରଦ୍ଧାଳୁମାନଙ୍କ ଡଙ୍ଗା ଭସାଇବାରେ ପ୍ରଶାସନିକ ରୋକ୍ ଲାଗିଥିଲା। ପୀଠରେ ୧୪୪ ଧାରା ବଳବତ୍ତର ରହିଥିଲା। ପୀଠରେ ୧ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା।

# ପରୀକୁ ନ୍ୟାୟ ଦାବିରେ ବିକ୍ଷୋଭ



ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବାଲିଆପାଳ, ୩୦।୧୧(ସ୍ୱ.ପ୍ର.)**

ପରୀ ହତ୍ୟା ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଗିରଫ ଦାବି ନେଇ ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖାର ଆବାହକ ଅନୁଜ ମହାପାତ୍ରଙ୍କ ନେତୃତ୍ୱରେ ସୋମବାର ବାଲିଆପାଳ ବ୍ଲକ ସମ୍ମୁଖରେ ସୂଚନା ଅଧିକାର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶିଶୁ ସୁରକ୍ଷା ଆଇନ କଡାକଡି କରିବା ସହିତ ପରୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଗିରଫ କରିବା, ଦୋଷୀଙ୍କୁ ଘଣ୍ଟ ଘୋଡାଉଥିବା ମନ୍ତ୍ରୀଙ୍କୁ ବହିଷ୍କାର କରିବା ଆଦି ଦାବି କରାଯାଇଥିଲା। କୁଶଧ୍ୱଜ ଜେନା, ଗୋପାଳ ଗାଙ୍ଗାଇ, ଦେବେନ୍ଦ୍ର ଦାସ, ରାଜକିଶୋର ଦାସ, ଅକ୍ଷୟ ଦାସ, ଶରତ ଚନ୍ଦ୍ର ପାତ୍ର, ହରେକୃଷ୍ଣ ଦାସ, ଗୋପାଳ ମହାଳିକ, ସୁବୋଧ ପାତ୍ର, କାହ୍ନୁଚରଣ ପାତ୍ର, ଅରୁଣ ମଣ୍ଡଳଙ୍କ ସହ ଅନେକ ସୂଚନା ଅଧିକାର କର୍ମୀ ଉପସ୍ଥିତ ଥିଲେ।

# ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ତାଲିମ

**କେନ୍ଦୁଝର,୩୦।୧୧(ଡିଏନ୍ଏ)**

କେନ୍ଦୁଝର ଜିଲାରେ ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ସମ୍ପର୍କିତ ଭର୍ଚୁଆଲ ତାଲିମ ସୋମବାର ୱେବିନାର ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଆଶିଷ ଠାକ୍‌ରେଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ.ଉଦ୍ଧବ ଚନ୍ଦ୍ର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଷ୍ୟସନ୍ତାନ ଗ୍ରହଣ ଏବଂ ଏଥିନିମନ୍ତେ ଥିବା ସରକାରୀ ବିଧି ବ୍ୟବସ୍ଥା, ନିୟମାବଳୀ କିପରି ଜନସାଧାରଣ ଜାଣିପାରିବେ ସେଥିପାଇଁ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ନାୟକ ଯୋଗଦେଇ ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଥିବା ନିୟମାବଳୀର ଯଥାଯଥ ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାଶ ପୋଷ୍ୟସନ୍ତାନଙ୍କୁ ଆଇନତଃ ଗ୍ରହଣ କରିବା ଉପରେ ବୁଝାଇଥିଲେ। ରିସୋର୍ସପର୍ସନ ଭାବେ ରାଜ୍ୟ ପୋଷ୍ୟସନ୍ତାନ ଗ୍ରହଣ ଏଜେନ୍ସିର ପ୍ରୋଗ୍ରାମ ମ୍ୟାନେଜର ଶୁଭଦର୍ଶୀ ଦାସ, ଷ୍ଟେଟ ଆଡପସନ ରିସୋର୍ସ ଏଜେନ୍ସିର ପ୍ରୋଗ୍ରାମ ଅଫିସର ସୁଜାତା ମହାନ୍ତି,'ବସୁନ୍ଧରା'ର ରିସୋର୍ସପର୍ସନ ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାଞ୍ଚ ଫୁଟର ଖମ୍ବ ଆଳୁ


କେନ୍ଦୁଝର ଜିଲା ଘଷିପୁରା ବ୍ଲକ ନିଶ୍ଚିନ୍ତପୁର ସାହିର ଚାଷୀ ସହଦେବ ନାୟକଙ୍କ ବାଡ଼ିରେ ଫଳିଥିବା ୫ ଫୁଟ ଲମ୍ବର ଖମ୍ବ ଆଳୁ । ଏହାର ଓଜନ ୭୦ କେ.ଜି।

# ଦୁର୍ଘଟଣାରେ ୨ ଗୁରୁତର

**ଜଳେଶ୍ୱର, ୩୦।୧୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ରାଜ୍ୟ ରାଜପଥର ଆମ୍ବଳିଅଠାଠାରେ ସୋମବାର କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି । କାର୍ ହଠାତ୍ ଡାହାଣ ପଟକୁ କାଟିବାରୁ ପଛରେ ଆସୁଥିବା ବାଇକ୍ ଧକ୍କା ଦେଇଥିଲା। ଦୁଡପଳ ଗ୍ରାମର ଅଜୟ ଦେ, ଜିତେନ୍ଦ୍ର ପାତ୍ର ୫୦ଫୁଟ ଦୂରକୁ ଘୋଷାରି ହୋଇଯାଇଥିଲେ। ଉଭୟଙ୍କୁ ବାଲେଶ୍ୱର ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

# ପାଟଣା ରେଞ୍ଜରେ ହାତୀ ଉପଦ୍ରବ

**ପାଟଣା,୩୦।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ମଲ୍ଲୀପଶି ବିଟ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ମଲ୍ଲୀପଶି ଗ୍ରାମର ଝାଗୁରୁ ମହାନ୍ତ, ମିତ୍ରଭାନୁ ମହାନ୍ତ, ହଳଧର ମହାନ୍ତ ଓ ଗାୟନ ମହାନ୍ତଙ୍କ ଧାନ ଫସଲ ଖାଇବା ସହ ମାଡ଼ି ଦଳି ନଷ୍ଟ କରିଛନ୍ତି। ହାତୀପଲ ଦିନବେଳା ଅଟେଇ ସଂରକ୍ଷିତ ଜଙ୍ଗଲକୁ ଚାଲି ଯାଉଥିବା ବେଳେ ସନ୍ଧ୍ୟା ହେଲେ ଗାଁ ଭିତରକୁ ପଶି ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ କ୍ଷୟକ୍ଷତି ଆକଳନ କରିଛନ୍ତି।

# ବିହନ କିଟ୍ ବଣ୍ଟନରେ ଅନିୟମିତତା ନେଇ ଅସନ୍ତୋଷ

**ଖଇରା, ୩୦।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଚଳିତବର୍ଷ ଉଦ୍ୟାନ ବିଭାଗ ପକ୍ଷରୁ ମିନି ବିହନ କିଟ୍ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ୩୭ ପଞ୍ଚାୟତ ମଧ୍ୟରୁ ମାତ୍ର ୧୭ ପଞ୍ଚାୟତକୁ ଏହି କିଟ୍ ଯୋଗାଇ ଦିଆଯାଇଛି। ବାକି ପଞ୍ଚାୟତର ଚାଷୀମାନେ ନିରାଶଭାବ ପ୍ରକାଶ କରିଛନ୍ତି। ତୁରନ୍ତ ବାଦ୍ ପଡିଥିବା ପଞ୍ଚାୟତଗୁଡିକୁ ମିନି କିଟ୍ ଯୋଗାଇ ଦିଆଯିବାକୁ ୨୦ପଞ୍ଚାୟତର ଚାଷୀ ଦାବି କରିଛନ୍ତି ।

ଚଳିତବର୍ଷ କରୋନା ମହାମାରୀକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ଉଦ୍ୟାନ ବିଭାଗ ଜରିଆରେ ପରିବା ଚାଷୀଙ୍କୁ ମାଗଣାରେ ବିହନ ଯୋଗାଇ ଦିଆଯିବାକୁ ଘୋଷଣା କରାଯାଇଥିଲା । ଏଥିଲାଗି ସମସ୍ତ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଚାଷୀମାନଙ୍କ ତାଲିକା ଦିଆଯିବା କଥା । ହେଲେ ଉଦ୍ୟାନ ବିଭାଗ ତରବରିଆ ଭାବେ ଅଳ୍ପ କିଛି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କୁ ଡାକି ଚାଷୀ ତାଲିକା ନେଇ ବିହନ କିଟ୍ ବଣ୍ଟନ କରିସାରିଥିବାରୁ ୮୦ଭାଗ ଚାଷୀ ମାଗଣା ବିହନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଉଦ୍ୟାନ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ କରୁଣ୍ଟା, ଶ୍ୟାମସୁନ୍ଦରପୁର, ଅଚ୍ୟୁତପୁର, ଡାଲଙ୍ଗ, ଗଗନଧୂଳି, ଜଳଦା, ନନ୍ଦୁର, ସୁଣ୍ଡିରା, ସାରୁଗାଁ, ବର୍ତ୍ତନା, ବଡନୂଆଗାଁ, ବଡଜୟୀପୁର, ଝିଙ୍କିରିଆ, ମାଣିତ୍ରୀ, ଅନ୍ତରା, ବରଦା, ଡଗରପଡା ପଞ୍ଚାୟତର କେତେଜଣ ଚାଷୀ ମଞ୍ଜି ପାଇବାକୁ ସକ୍ଷମ ହୋଇପାରିଥିବା ବେଳେ ଡୁଙ୍ଗୁରା, ସାରଡାଙ୍ଗ, ଗରସଙ୍ଗ, ମାଖନପୁର ଆଦି ପଞ୍ଚାୟତର ଚାଷୀ ସରକାରଙ୍କ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଜୁଲାଇରେ ଅନୁଷ୍ଠିତ ବୈଠକ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବା ନେଇ ଡୁଙ୍ଗୁରା ପଞ୍ଚାୟତ ସରପଞ୍ଚ କଲ୍ୟାଣୀ ମାଝି ଓ ମାଖନପୁର ପଞ୍ଚାୟତ ସରପଞ୍ଚ ସୁଦର୍ଶନ ସିଂ କହିଛନ୍ତି। ମାତ୍ର କିଛି ଲୋକପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ନେଇ ଖଇରା ବ୍ଲକ ପରିସରରେ ଏହି ବୈଠକ କରାଯାଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ପ୍ରକୃତ ଚାଷୀଙ୍କୁ ଏହି ଯୋଜନାର ଲାଭ ମିଳିପାରି ନ ଥିବା ନେଇ ବିଭିନ୍ନ ପଞ୍ଚାୟତର ଚାଷୀ ସନାତନ ବେହେରା, ଦୀନବନ୍ଧୁ ମାଝି, ଜଳଧର ଜେନା ପ୍ରମୁଖ ଅଭିଯୋଗ ଆଣିଛନ୍ତି । ପୂର୍ବରୁ ବିଭିନ୍ନ ମିଶନ ଯୋଜନାର କାର୍ଯ୍ୟକାରିତାକୁ ନେଇ ବିବାଦରେ ଛନ୍ଦି ହୋଇପଡିଥିବା ଉକ୍ତ ବିଭାଗରେ ପୁଣି ଏକ ଅନିୟମିତତା ବିଭାଗର ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏ ସମ୍ପର୍କରେ ସହକାରୀ ଉଦ୍ୟାନ ଅଧିକାରୀ ରମେଶ ଚନ୍ଦ୍ର ମଲ୍ଲିକଙ୍କୁ ଯୋଗାଯୋଗ କରିବାରେ ସେ ଲୋକପ୍ରତିନିଧିଙ୍କ ମାଧ୍ୟମରେ ଚାଷୀ ତାଲିକା ସଂଗ୍ରହ ପାଇଁ ବିଡିଓଙ୍କୁ ଚିଠି କରିଥିଲେ । ଯେତିକି ଲୋକପ୍ରତିନିଧି ବୈଠକକୁ ଆସି ତାଲିକା ଦେଲେ ସେମାନଙ୍କୁ ମଞ୍ଜି ଦିଆଯାଇଥିବା କହିଛନ୍ତି।

# ଡଙ୍ଗା ଭସାଇବାକୁ ଯିବାବେଳେ ଭାଲୁ ଆକ୍ରମଣ

**ପାଟଣା,୩୦।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଟାଙ୍ଗରପଡ଼ା ପଞ୍ଚାୟତ ଝାଲିଆପଡ଼ା ଗ୍ରାମରେ ଜଣେ ବ୍ୟକ୍ତି ସୋମବାର ଭୋରରୁ କାର୍ତ୍ତିକ ପୂର୍ଣ୍ଣିମାରେ ନାଳକୁ ଡଙ୍ଗା ଭସାଇବାକୁ ଯାଉଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ଆକ୍ରମଣରେ ସେ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ହେଲେ ଗ୍ରାମର ଅନ୍ତର୍ଯ୍ୟାମୀ ମହାନ୍ତ(୫୬ )। ତାଙ୍କୁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଡାହାଣ ଆଖି ଓ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ସୂଚନା ମିଳିଛି।

# ମେଡିକାଲ କଲେଜ ପ୍ରତିଷ୍ଠା ଦାବି


ବନ୍ତ ଛକ ପୋଲ ତଳେ ବିଏସ୍ଏସ୍ କର୍ମକର୍ତ୍ତା ପ୍ଲାକାର୍ଡ ଧରି ପ୍ରତିବାଦ କରୁଛନ୍ତି।

**ଭଦ୍ରକ ଅଫିସ,୩୦।୧୧**

ଭଦ୍ରକ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବିଏସ୍ଏସ୍ (ଭଦ୍ରକ ସୋସିଆଲ ସର୍ଭିସ) ସଙ୍ଗଠନ ପକ୍ଷରୁ ପଥପ୍ରାନ୍ତ ଅଭିନବ ପ୍ରତିବାଦ କରାଯାଇଛି। ସଙ୍ଗଠନର ସଦସ୍ୟମାନେ ବନ୍ତ ଛକ ପୋଲ ତଳେ ଏକତ୍ର ହୋଇ ବିଭିନ୍ନ ପ୍ଲାକାର୍ଡ଼ ଧରି ତୁରନ୍ତ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଉ ବୋଲି ଶାନ୍ତିପୂର୍ଣ୍ଣ ଭାବେ ଦାବି କରିଥିଲେ। ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଭଳି ପଥପ୍ରାନ୍ତ ସଭା କରାଯାଇଥିଲା। ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଘୋଷଣା ନ ହେବା ପର୍ଯ୍ୟନ୍ତ ଧାରଣା, ଧର୍ମଘଟ ପ୍ରତିବାଦର ସ୍ୱର ଜାରି ରହିବ ବୋଲି ସଙ୍ଗଠନ ଚେତାବନୀ ଦେଇଛି। ସୂଚନା ଥାଉକି, କିଛିଦିନ ତଳେ ୩ଟି ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ବେଳେ ଭଦ୍ରକ ଏଥିରୁ ବାଦ୍ ପଡ଼ିଛି।

# 'ପୋଲିସର ନିଷ୍କ୍ରିୟତା ପାଇଁ ଝିଅର ଜୀବନ ଗଲା'

■ନ୍ୟାୟ ପାଇଁ ଏସ୍‌ପିଙ୍କୁ ଚିଠି ଲେଖିଲେ ବାପା
■ଜାତୀୟ ମାନବାଧିକାର କମିଶନରେ ଅଭିଯୋଗ

**କେନ୍ଦୁଝର, ୩୦।୧୧(ସ୍ୱ.ପ୍ର.)**

ପୋଲିସ ଯଦି ଝିଅର ନିଖୋଜ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଖୋଜିଥାନ୍ତା ତେବେ ମୋ ଝିଅର ଜୀବନ ଯାଇ ନ ଥାନ୍ତା। ଏଭଳି ଅଭିଯୋଗ କରିଛନ୍ତି ଭଦ୍ରକ ଜିଲା ସିଲନ୍ଧି ଗ୍ରାମର ବିଦ୍ୟାଧର ଜେନା। ଏ ନେଇ ସେ କେନ୍ଦୁଝର ଏସପି ମିତ୍ରଭାନୁ ମହାପାତ୍ରଙ୍କୁ ଗତ ୨୪ ତାରିଖରେ ଇମେଲ ଜରିଆରେ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ବିଦ୍ୟାଧର ଅଭିଯୋଗ କରିଛନ୍ତି ଯେ, କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ପୁରୁଣା ସହର ଏନ୍ଏଚ୍ କଡ଼ରୁ ମିଳିଥିବା ଖଣ୍ଡବିଖଣ୍ଡିତ ମୃତଦେହ ତାଙ୍କ ନାବାଳିକା ଝିଅର। ତାଙ୍କ ଝିଅ ଆନନ୍ଦପୁର ଥାନା ଅଧୀନ ଫକୀରପୁରରେ ଜଣେ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ସେଠାରୁ ଗତ ଅକ୍ଟୋବର ୧୪ ତାରିଖରେ ଟିଉସନ ଯାଇ ଫେରି ନ ଥିଲେ। ଏ ନେଇ ସେ ଆନନ୍ଦପୁର ଥାନାରେ ଗତ ଅକ୍ଟୋବର ୧୭ରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା (ନଂ.୧୫୧/୨୦) ରୁଜୁ ହୋଇଥିଲା। ସେହିମାସ ୨୦ରେ ତାଙ୍କ ଝିଅକୁ କେନ୍ଦୁଝର ଜିଲା ଟାଉନ ଥାନା ଅଞ୍ଚଳରେ ହତ୍ୟା କରାଯାଇଥିବା ଭଦ୍ରକ ଜିଲା ବନ୍ତ ଥାନା ପୋଲିସଠାରୁ ସୂଚନା ପାଇଥିଲେ। ସେଠାରେ ପହଞ୍ଚି ଝିଅକୁ ବିଭତ୍ସ ଭାବେ ହତ୍ୟା କରାଯାଇଥିବାରୁ ମୃତଦେହ ଦେଖିପାରି ନ ଥିଲେ ହେଁ ସାଙ୍ଗରେ ଯାଇଥିବା ଅନ୍ୟମାନେ ଚିହ୍ନିଥିଲେ। ପୋଲିସ ତୁରନ୍ତ ଖୋଜାଖୋଜି କରିଥିଲେ ଝିଅ ବଞ୍ଚିଯାଇଥାନ୍ତା ବୋଲି ବିଦ୍ୟାଧର କହିଛନ୍ତି। କ'ଣ ପାଇଁ ତାଙ୍କ ଝିଅକୁ ହତ୍ୟା କରାଗଲା ସେ ଜାଣି ନାହାନ୍ତି। ଅଭିଯୁକ୍ତ ଧରାପଡ଼ିଥିଲେ ମଧ୍ୟ ସେ ତାଙ୍କ ଝିଅକୁ ହରାଇଥିବା ନେଇ ଦୁଃଖ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ ନିକଟରେ ମାନବାଧିକାର କର୍ମୀ ହିମାଂଶୁ ନାୟକ ଅଭିଯୋଗ କରିଛନ୍ତି। ମୃତାଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ୩ସପ୍ତାହ ମଧ୍ୟରେ କମିଶନଙ୍କୁ ଜଣାଇବାକୁ ଚିଫ୍ ସେକ୍ରେଟେରୀଙ୍କୁ ଆଦେଶ କରିବାକୁ ନିବେଦନ କରିଛନ୍ତି। ସେହିପରି ଘଟଣାର ସମସ୍ତ ତଦନ୍ତ ରିପୋର୍ଟ, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ୩ ସପ୍ତାହ ମଧ୍ୟରେ କମିଶନଙ୍କୁ ରିପୋର୍ଟ ପ୍ରଦାନ ଲାଗି ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯିବାକୁ ସେ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଫଳକ ଭାଙ୍ଗିଦେଲେ ଦୁର୍ବୃତ୍ତ

**ଅନୁଗୋଳ ଅଫିସ, ୩୦ା୧୧:** ଅନୁଗୋଳ ତାମ୍ରିତ୍ କଲୋନୀ ଠାରୁ ଇଡ୍‌କୋ ଛକ ରାସ୍ତାକୁ ସଂଯୋଗ କରୁଥିବା ମୁଖ୍ୟ କେନାଲ ଉପରେ ସେତୁ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ସୋମବାର ସକାଳ ୧୦ଟାରେ ହୋଇଛି। ବିଧାୟକ ରଜନୀକାନ୍ତ ସିଂହ ଏହି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। କିନ୍ତୁ ଭୋର୍ ୫ଟାରେ ଫୁଲ ସଜ୍ଜା ପୂର୍ବରୁ ଉକ୍ତ ଫଳକ ଭାଙ୍ଗିଦିଆଯାଇଥିବା ଦେଖିବାକୁ ମିଳିଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଏକ ନୂତନ ଫଳକ ଆଣି ଲଗାଯିବା ପରେ ବିଳମ୍ବରେ ଏହି ଶୁଭାରମ୍ଭ କାର୍ଯ୍ୟ ହୋଇଥିଲା। ଏହା ବିରୋଧୀମାନଙ୍କ ହୀନ ମାନସିକତା ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ତେବେ ଉକ୍ତ ଫଳରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ନାମ ନ ଥିବା ଦେଖାଯାଇଛି। ଏ ନେଇ ଯୋଗାଯୋଗ ସମ୍ଭବ ନ ହେବାରୁ ଏମ୍‌ପି ସାହୁଙ୍କ ମତାମତ ମିଳିପାରି ନାହିଁ।

### ବାଲି ବୋଝେଇ ହାଇୱା ଜବତ

ଢେଙ୍କାନାଳ ଅଫିସ,୩୦ା୧୧: ବାଲି ଚୋରାଚାଲାଣ ହେଉଥିବା ବେଳେ ସୋମବାର ଢେଙ୍କାନାଳ ସହରସ୍ଥିତ ୫୫ନଂ ଜାତୀୟ ରାଜପଥର କୋରିଆଁ ବାଇପାସ ଛକଠାରେ ଏକ ହାଇୱାକୁ ସଦର ତହସିଲଦାର ଜବତ କରିଛନ୍ତି। ବ୍ରାହ୍ମଣୀ ନଦୀର ରସାସିଂହ ଘାଟରୁ ଉକ୍ତ ହାଇୱା ଯୋଗେ ବାଲି ଚୋରାଚାଲାଣ କରାଯାଉଥିବା ଖବରପାଇ ସଦର ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗ କର୍ମଚାରୀମାନେ ଚଢ଼ାଉ କରିଥିଲେ। ସେମାନେ କୋରିଆଁ ଛକରୁ ଉକ୍ତ ହାଇୱାକୁ ଜବତ କରି କାର୍ଯ୍ୟାଳୟକୁ ଆଣି ୩୮ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।

### ଅବସର ନେଲେ ମଙ୍ଗଳ ଅଧିକାରୀ

ଢେଙ୍କାନାଳ ଅଫିସ,୩୦ା୧୧: ଢେଙ୍କାନାଳ ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର ସୋମବାର ଅବସର ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ ବର୍ତ୍ତମାନ ସୁଦ୍ଧା କାହାକୁ ନିଯୁକ୍ତି ଦିଆଯାଇନାହିଁ। ସେ ୨୦୧୮ ଫେବୃୟାରୀରେ ଜିଲା ମଙ୍ଗଳ ଅଧିକାରୀ ଭାବେ ଢେଙ୍କାନାଳରେ ଯୋଗ ଦେଇଥିଲେ।

### କିଆକଟା ଛକର ଆଲୋକୀକରଣ

ମାଧପୁର,୩୦ା୧୧: ଆଠମଲ୍ଲିକ ବ୍ଲକ କିଆକଟା ତ୍ରିବେଣୀ ଛକକୁ ସୋମବାର ଆଲୋକୀକରଣ କରାଯାଇଛି। ୧ଲକ୍ଷ ୬୦ ହଜାର ଟଙ୍କା ବ୍ୟୟରେ ଏଠାରେ ଲଗାଯାଇଥିବା ଲାଇଟ୍‌କୁ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ ବଘାର, ଦିଗାମ୍ବର ପ୍ରଧାନ, ସଞ୍ଜୀବ କର୍ମୀ, କରୁଣାକର କର୍ମୀ, ଋଷଭ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ସମ୍ବଲପୁର-ଅନୁଗୋଳ-ବୌଦ୍ଧକୁ ସଂଯୋଗ କରୁଥିବା ଏହି ଛକକୁ ଆଲୋକୀକରଣ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା।

### ପତାକା ସେକ୍ସନରେ ହାତୀ ଉପଦ୍ରବ

ଆଠମଲ୍ଲିକ,୩୦ା୧୧(ଡି.ଏନ.ଏ.): ଅନୁଗୋଳ ଜିଲା ଆଠମଲ୍ଲିକ ସଦର ରେଞ୍ଜ ପତାକା ସେକ୍ସନର ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଲାଗି ରହିଛି। ବିଶେଷକରି ରଣାମୁଣ୍ଡା, କେନ୍ଦୁପାଟି, କମଳପୁର, ରଙ୍ଗପୁର, ଯଦୁପୁର ଓ ପତାକା ଆଦି ଅଞ୍ଚଳରେ ହାତୀ ପଲ ପଶି ବ୍ୟାପକ ଫସଲ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ରେଞ୍ଜ ଅଫିସର କୈଳାଶ ସାହୁ କହିଛନ୍ତି, ବନ ବିଭାଗ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇ ହାତୀ ଘଉଡ଼ାଇବାକୁ ଉଦ୍ୟମ ଜାରି ରହିଛି।

### ୭ ଆକ୍ରାନ୍ତ, ୧୩ ସୁସ୍ଥ

**ଢେଙ୍କାନାଳ ଅଫିସ, ୩୦ା୧୧:** ଢେଙ୍କାନାଳ ଜିଲାରେ ସୋମବାର ୭ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ୍ ୫୬୨୪ ଜଣ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ସେହିପରି ଦିନକରେ ୧୩ ଜଣ ଆରୋଗ୍ୟଲାଭ କରିଥିବାରୁ ଜିଲାରେ ମୋଟ୍ ୫୫୩୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୫, ଓଡାପଡା ବ୍ଲକରୁ ୧ ଓ କାମାକ୍ଷାନଗର ଏନଏସିରୁ ଜଣେ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତମାନଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ ବ୍ଲକରେ ଥିବା କେୟାର ସେଣ୍ଟରଗୁଡିକରେ ଭର୍ତ୍ତି କରାଯାଇଛି।

# ୧୭ ବର୍ଷରେ ୨୦୫୦ ସଂକ୍ରମିତ



- ଆଜି ବିଶ୍ୱ ଏଡ୍‌ସ ଦିବସ
- ଅନୁଗୋଳ ବ୍ଲକରେ ସର୍ବାଧିକ
- ପାଲଲହଡ଼ାରେ ସର୍ବନିମ୍ନ ରୋଗୀ

**ଅନୁଗୋଳ ଅଫିସ, ୩୦ା୧୧**

ସଂଯମ ଓ ସତର୍କତା ଅବଲମ୍ବନ ଦ୍ୱାରା ଏଡ୍‌ସକୁ ରୋକିହେବ। ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରିପାରିଲେ ଜିଲା ଏଡ୍‌ସ ମୁକ୍ତ ହୋଇପାରିବ ବୋଲି ପ୍ରତିବର୍ଷ ବିଶ୍ୱ ଏଡ୍‌ସ ଦିବସରେ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ବାର୍ତ୍ତା ଦିଆଯାଉଛି। କିନ୍ତୁ ଜିଲାରେ ଏଯାଏ ଏଡ୍‌ସ ନିୟନ୍ତ୍ରଣକୁ ଆସିପାରୁ ନାହିଁ। ଗତ ୧୭ ବର୍ଷରେ ଅନୁଗୋଳ ଜିଲାରେ ମୋଟ୍ ୨୦୫୦ ଜଣ ଏଡ୍‌ସ ରୋଗୀଙ୍କୁ ଚିହ୍ନଟ କରାଯାଇଛି। କେବଳ ଗତ ବର୍ଷକ ମଧ୍ୟରେ ୧୩୫ ଜଣ ଆକ୍ରାନ୍ତ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ଜିଲା ଏଡ୍‌ସ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟ୍‌ର ସୂଚନା ମୁତାବକ, ଅନୁଗୋଳ ଜିଲାରେ ୨୦୦୩ ମସିହାରୁ ଏଡ୍‌ସ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଉଛି। ୨୦୦୩ରୁ ଏପର୍ଯ୍ୟନ୍ତ ମୋଟ୍ ୪ ଲକ୍ଷ ୬୬ ହଜାର ୪୯୭ ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଛି। ସେଥିରୁ ୨୦୫୦ ଜଣଙ୍କୁ ପଜିଟିଭ୍ ଚିହ୍ନଟ କରାଯାଇଛି। ଏହି ଆକ୍ରାନ୍ତଙ୍କ ମଧ୍ୟରେ ୬୫୧ ଜଣ ମହିଳା, ୧୨୪୩ ଜଣ ପୁରୁଷ, ୭୬ ବାଳିକା ଓ ୮୦ ବାଳକ ରହିଛନ୍ତି। ପୂର୍ବରୁ ଅନୁଗୋଳ ତାଲିକାର 'ଏ'ରେ ସ୍ଥାନ ପାଇଥିଲା। କିନ୍ତୁ କିଛି ବର୍ଷ ହେବ ଉକ୍ତ ସଂଖ୍ୟାରେ ହ୍ରାସ ଦେଖିବାକୁ ମିଳିଥିଲା। ୨୦୧୩-୧୪ରେ ଜିଲାରେ ମୋଟ୍ ୧୮୯ ଏଡ୍‌ସ ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୨୦୧୪-୧୫ରେ ୧୭୦ ଜଣ, ୨୦୧୫-୧୬ରେ ୧୪୪, ୨୦୧୬-୧୭ରେ ୧୩୧, ୨୦୧୭-୧୮ରେ ୧୧୫ ଜଣଙ୍କ ରକ୍ତରେ ଏଡ୍‌ସ ଭୂତାଣୁ ଠାବ କରାଯାଇଥିଲା। ସେହିପରି ଗତ ବର୍ଷକ ମଧ୍ୟରେ ଜିଲାରୁ ୧୩୫ ଏଡ୍‌ସ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଗତ ମାର୍ଚ୍ଚରୁ ଅକ୍ଟୋବର ମଧ୍ୟରେ ୭୪ ଜଣ ଏଚ୍‌ଆଇଭି ପଜିଟିଭ୍ ବାହାରିବା ଏବେ ଚିନ୍ତା ବଢ଼ାଇ ଦେଇଛି। ଏହି ନୂଆ ସଂକ୍ରମିତଙ୍କ ମଧ୍ୟରେ ୨୩ ଜଣ ମହିଳା ଓ ୫ ଜଣ ଶିଶୁ ରହିଛନ୍ତି। ମୋଟ୍ ସଂଖ୍ୟା ମଧ୍ୟରୁ ୧୫୨୪ ଜଣ ନିୟମିତ ଭାବେ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି। ୧୫୧୭ ଆକ୍ରାନ୍ତ ଠିକ୍‌ଠାକ୍ ଔଷଧ ଖାଉଛନ୍ତି। ଜିଲାର ୮ଟି ବ୍ଲକ ମଧ୍ୟରୁ ଅନୁଗୋଳ, ବଣ୍ଟାପାଳ ଓ ତାଳଚେର ସହରାଞ୍ଚଳରେ ଏହି ରୋଗରେ ଅଧିକ ଲୋକ ଆକ୍ରାନ୍ତ ହେଉଥିବା ସୂଚନା ମିଳିଛି। ୨୦୦୩ରୁ ଏପର୍ଯ୍ୟନ୍ତ ଅନୁଗୋଳ ବ୍ଲକରେ ସର୍ବାଧିକ ୪୧୮ ଜଣ ପଜିଟିଭ୍ ଥିବାବେଳେ ତାଳଚେର ବ୍ଲକରେ ୩୮୧, ବଣ୍ଟାପାଳ ବ୍ଲକରେ ୩୧୮, କିଶୋରନଗର ବ୍ଲକରେ ୧୬୫, ଛେଣ୍ଡିପଦା ବ୍ଲକରେ ୧୫୫, ଆଠମଲ୍ଲିକ ବ୍ଲକରେ ୧୦୨, କଣିହାଁରେ ୮୮ ଓ ପାଲଲହଡ଼ାରେ ୪୯ ଜଣ ରହିଛନ୍ତି। ଶିଳ୍ପ ସହ ଶିକ୍ଷା ଓ ସଚେତନତା କ୍ଷେତ୍ରରେ ଜିଲା ଆଗରେ ଥିଲେ ମଧ୍ୟ ଏଡ୍‌ସ ନିୟନ୍ତ୍ରଣକୁ ଅଣାଯାଇପାରୁ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

#### ସଚେତନତା ହିଁ ହ୍ରାସ କରିପାରିବ



"ଜିଲାରେ ଥିବା ଶିଳ୍ପଗୁଡ଼ିକରେ ରାଜ୍ୟ ବାହାରୁ ବହୁ ଶ୍ରମିକ କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ବିଭିନ୍ନ ସମୟରେ ଏଡ୍‌ସ ସମ୍ପର୍କରେ ସଚେତନ କରାଯାଉଛି। ଏଥିପାଇଁ ୩ଟି ଏନ୍‌ଜିଓ ମଧ୍ୟ କାର୍ଯ୍ୟ କରୁଛି। ଜିଲାରେ ଏଡ୍‌ସ ରୋଗୀଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଅନୁଗୋଳ ଜିଲା ଏ ଗ୍ରେଡ୍‌ରେ ନାହିଁ। ଲୋକମାନେ ଅଧିକ ସଚେତନ ହେଲେ ଏହି ସଂଖ୍ୟା ଆହୁରି ହ୍ରାସ ପାଇବ।

-ପ୍ରମିଳା ହୋତା
ଏଡ୍‌ସ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟ୍ ଅଧିକାରୀ

#### ଏଡ୍‌ସ ଦିବସରେ ହିଁ ତତ୍ପରତା



"ଜିଲାର ଶିଳ୍ପାଞ୍ଚଳକୁ ଦାଦନ ଶ୍ରମିକଙ୍କ ସହ ବହୁ ସଂଖ୍ୟାରେ ଟ୍ରକ୍ ଚାଳକ ଓ ହେଲପର ପ୍ରତିଦିନ ଆସୁଛନ୍ତି। ସେମାନଙ୍କୁ ଇଣ୍ଟିଗ୍ରେଟେଡ୍ କାଉନସେଲିଂ ଆଣ୍ଡ ଟେଷ୍ଟିଂ ସେଣ୍ଟର(ଆଇସିଟିସି)କୁ ଆଣି କାଉନସେଲିଂ ସହ ରକ୍ତ ପରୀକ୍ଷା କରାଯିବା କଥା। କିନ୍ତୁ ତାହା ଉପରେ ଗୁରୁତ୍ୱ ଦିଆ ନ ଯାଇ କେବଳ ଏଡ୍‌ସ ଦିବସରେ ସଚେତନତା ରଥ ବୁଲାଇ କାର୍ଯ୍ୟ ସାରି ଦିଆଯାଉଛି।

-ବିଶ୍ୱରଞ୍ଜନ ପଟ୍ଟନାୟକ, ବୁଦ୍ଧିଜୀବୀ, ଅନୁଗୋଳ

#### ଲିଙ୍କ୍ ୱାର୍କର ସ୍କିମ କାର୍ଯ୍ୟକାରୀ ହେଉ



"ଆମ ପରିଧି ଭିତରେ ଯେତିକି ଅଞ୍ଚଳ ରହିଛି, ସେଠାକାର ଲୋକଙ୍କୁ ସଚେତନ କରିବା ସହ ରକ୍ତ ପରୀକ୍ଷା କରିବାକୁ କୁହାଯାଉଛି। ନ୍ୟାଶନାଲ ଏଡ୍‌ସ୍ କଣ୍ଟ୍ରୋଲ ଅର୍ଗାନାଇଜେଶନ୍(ନାକୋ) ପକ୍ଷରୁ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ଲିଙ୍କ ୱାର୍କର ସ୍କିମ୍ (ଏଲ୍‌ଡବ୍ଲ୍ୟୁଏସ୍) ଅନୁଗୋଳ ଜିଲାରେ ନାହିଁ। ଏହି ସ୍କିମ୍ ଜିଲାରେ କାର୍ଯ୍ୟକାରୀ ହେଲେ ଏଡ୍‌ସ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ହେବ।

-ସସ୍ମିତା ପଟ୍ଟନାୟକ, ଏନ୍‌ଜିଓ ମୁଖ୍ୟ

#### ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ



"ଏଡ୍‌ସର 'ଏ' ଗ୍ରୁପ୍‌ରେ ପୂର୍ବରୁ ଅନୁଗୋଳ ଜିଲା ସାମିଲ ଥିଲା। ଏବେ ଉକ୍ତ ଗ୍ରେଡେଶନ୍‌ରେ ଜିଲା ତଳକୁ ଖସିଛି। କିନ୍ତୁ ଏ ଦିଗରେ ଆହୁରି ଅଧିକ ସଚେତନ କରାଯିବା ଆବଶ୍ୟକତା ରହିଛି। ପୁଳା ପୁଳା ଟଙ୍କା ଖର୍ଚ୍ଚ କରିଦେଲେ କି କେବଳ ଏଡ୍‌ସ ଦିବସ ପାଳନ କଲେ ହେବ ନାହିଁ, ଏ ଦିଗରେ ପ୍ରଶାସନ ଅଧିକ ଗୁରୁତ୍ୱ ଦେବା ଜରୁରୀ।

-ଭୂପେଶ ଚନ୍ଦ୍ର ପ୍ରଧାନ, ଆଇନଜୀବୀ

## ଠିକା ଶ୍ରମିକଙ୍କ ମୃତ୍ୟୁ ପରେ ଉତ୍ତେଜନା

**କଣିହାଁ,୩୦ା୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଡେରେଙ୍ଗସ୍ଥିତ ଜେଆଇଟିପିଏଲ୍‌ର ଏକ ଠିକା ସଂସ୍ଥା ଅଧୀନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବଡ଼ହୀରା ଗ୍ରାମର ଇନ୍ଦ୍ର ପ୍ରଧାନ (୫୫)ଙ୍କ ରବିବାର ମୃତ୍ୟୁ ହୋଇଛି। ସେ କାମ କରୁଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପାଇବା ପରେ ସୋମବାର ପରିବାର ଲୋକେ କ୍ଷତିପୂରଣ ସହ ଜଣଙ୍କୁ ନିଯୁକ୍ତି ଦାବିରେ ପ୍ରକଳ୍ପ ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଗ୍ରାମବାସୀଙ୍କ ସହ ସରପଞ୍ଚ ଲୋକନାଥ ସାହୁ, ତାଳଚେର ଓ ପାଲଲହଡ଼ା ବିଧାୟକଙ୍କ ତରଫରୁ ରଞ୍ଜନ ସାହୁ, ଲିଙ୍ଗରାଜ ମହାନ୍ତି, କାନ୍ଦଲୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ମୃତଦେହ ପହଞ୍ଚିବା ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କଣିହାଁ ତହସିଲଦାର ପତିତପାବନ ଦେବତା, ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ପ୍ରକଳ୍ପ କର୍ତ୍ତୃପକ୍ଷ ମୃତକଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି, କ୍ଷତିପୂରଣ ବାବଦରେ ୯ ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।

## ବହୁମୁଖୀ ଉପଯୋଗିତା ପ୍ରକୋଷ୍ଠ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ,୩୦ା୧୧**

ଢେଙ୍କାନାଳ ସହର ମହିଷାପାଟ ଆଶ୍ରମ ବିଦ୍ୟାଳୟ ପରିସର ଏବଂ ସଦର ବ୍ଲକ ସପ୍ତଶଯ୍ୟା ଆଶ୍ରମ ବିଦ୍ୟାଳୟ ପରିସରରେ ଦୁଇଟି ବହୁମୁଖୀ ଉପଯୋଗିତା ପ୍ରକୋଷ୍ଠ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ୧୦ଲକ୍ଷ ଟଙ୍କା ଲେଖାଏ ବ୍ୟୟରେ ଏହି ଦୁଇଟି ପ୍ରକଳ୍ପ ନିର୍ମାଣ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ସପ୍ତଶଯ୍ୟା ପଞ୍ଚାୟତ ସରପଞ୍ଚ ଯେସଶ ସାହୁଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅଞ୍ଚଳବାସୀ ଯୋଗ ଦେଇଥିଲେ।



ବିଧାୟକ ସୁଧୀର କୁମାର ସାମଲ ମହିଷାପାଟ ଆଶ୍ରମ ବିଦ୍ୟାଳୟ ପ୍ରକୋଷ୍ଠକୁ ଉଦ୍‌ଘାଟନ କରୁଛନ୍ତି।

## ତନାଘନା କଲେ ଏଡିଏମ୍‌ଓ

**ଅନୁଗୋଳ ଅଫିସ, ୩୦ା୧୧**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରବିବାର ଆସିଥିବା ଜଣେ ଗୁରୁତର ମହିଳାଙ୍କୁ ଷ୍ଟ୍ରେଚରରେ ଶୁଆଇ ତାଙ୍କ ସ୍ୱାମୀ ଓ ପୁଅ ଠେଲି ଠେଲି ଓପିଡିକୁ ନେବା ଘଟଣାକୁ ନେଇ ସୋମବାର ଏଡିଏମ୍‌ଓ ମେଡିକାଲ ବିଶ୍ୱ ବିହାରୀ ମହାନ୍ତି ତନାଘନା କରିଛନ୍ତି। ମେଡିକାଲ ହେଲ୍ପ ଡେସ୍କରେ ୧୪ଜଣ କର୍ମଚାରୀ କାମ କରୁଥିଲେ ମଧ୍ୟ ସମ୍ପୃକ୍ତ ମହିଳା ରୋଗୀଙ୍କୁ ଆବଶ୍ୟକ ସହଯୋଗ କରାଯାଇ ନ ଥିବା ସମ୍ପର୍କିତ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ଏଡିଏମ୍‌ଓ ଏହି ତଦନ୍ତ କରିଥିବା ସୂଚନା ମିଳିଛି। ଉକ୍ତ ଘଟଣା ବେଳେ ହେଲ୍ପ ଡେସ୍କ କର୍ମଚାରୀମାନେ କେଉଁଠି ଥିଲେ ତାହାର ଚିଠା ମଗାଇ ଏଡିଏମ୍‌ଓ ଅନୁଧ୍ୟାନ କରିବା ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରିଥିବା ଜଣାପଡ଼ିଛି। ଉକ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଡିଏମ୍‌ଓ ମହାନ୍ତି ପ୍ରକାଶ କରିଛନ୍ତି।


କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଗୋଳ ସହରର ଏକ ପୋଖରୀରେ ଶିଶୁଟି ଡଙ୍ଗା ଭସାଉଛି।

## କାଁ ଭାଁ ଭାସିଲା ଡଙ୍ଗା

**ଅନୁଗୋଳ ଅଫିସ,୩୦ା୧୧**

ସହରରେ କୋଭିଡ୍ କଟକଣା ବଳବତ୍ତର ଥିବାବେଳେ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଯେପରି ଦେବାଳୟ ଓ ଡଙ୍ଗା ଭସା ନିମନ୍ତେ ଜଳାଶୟ ପଠାରେ ଭିଡ଼ ନ ହୁଏ ସେଥିପାଇଁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା। ଏପରି କି ବିଭିନ୍ନ ଅଞ୍ଚଳରେ ପୋଲିସ ମଧ୍ୟ ମୁତୟନ କରାଯାଇଥିଲା। ଏହା ସତ୍ତ୍ୱେ ସହରବାସୀଙ୍କ ମଧ୍ୟରୁ କେତେଜଣ ବିଭିନ୍ନ ଜଳାଶୟରେ ଡଙ୍ଗା ଭସାଇଥିଲେ। ବିଶେଷକରି ସହରର ନାରଣ ସାଗରରେ ଡଙ୍ଗା ଭସାଇବାକୁ ଲୋକଙ୍କ ମଧ୍ୟରେ ସର୍ବଦା ଆଗ୍ରହ ରହୁଥିଲେ ମଧ୍ୟ ଚଳିତବର୍ଷ କାଁ ଭାଁ କେତେଜଣ ଏଠାରେ ଡଙ୍ଗା ଭସାଇଥିବା ଦେଖିବାକୁ ମିଳିଥିଲା। ସେହିପରି ଗ୍ରାମାଞ୍ଚଳର ବିଭିନ୍ନ ଜଳାଶୟରେ ଲୋକେ ସାମାଜିକ ଦୂରତ୍ୱ ରଖି ଡଙ୍ଗା ଭସାଇଥିବା ଦେଖାଯାଇଥିଲା।

## ସୂଚନା ଅଧିକାର ଅଭିଯାନ ପକ୍ଷରୁ ବିକ୍ଷୋଭ

**ଢେଙ୍କାନାଳ ଅଫିସ,୩୦ା୧୧**

ନୟାଗଡ଼ ଜିଲାର ବହୁ ଚର୍ଚ୍ଚିତ ପରୀ ହତ୍ୟାକାଣ୍ଡର ତଦନ୍ତ ସିବିଆଇକୁ ହସ୍ତାନ୍ତର କରାଯିବାକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନ ଢେଙ୍କାନାଳ ଜିଲା ପକ୍ଷରୁ ଦାବି କରାଯାଇଛି। ଏହି ଦାବି ନେଇ ସୋମବାର ମଧ୍ୟାହ୍ନରେ ସହରସ୍ଥିତ ଟାଉନହଲ ଠାରୁ ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ପ୍ରିୟବ୍ରତ ଗଡନାୟକଙ୍କ ନେତୃତ୍ୱରେ ଉପସଭାପତି ରାମକୃଷ୍ଣ ବେହେରା, ସମ୍ପାଦକ ଆଶୁତୋଷ ପଟ୍ଟନାୟକ, ସଂଯୋଜକ ରଞ୍ଜନ ସାହୁ, ବୈକୁଣ୍ଠନାଥ ଦ୍ୱିବେଦୀ, ଅକ୍ଷୟ ପାତ୍ର, କାମାକ୍ଷା ପ୍ରସାଦ ବିହାରୀ, ରମାକାନ୍ତ ଜେନା, ମନୋଜ କୁମାର ରାଉତ, ଜିତେନ୍ଦ୍ର ବିଶ୍ୱାଳ, ପ୍ରିୟରଞ୍ଜନ ଶତପଥୀ, ସୁଶାନ୍ତ ଦଳେଇ, କୁମାରସାନୁ ଜେନା ଓ ଯୋଗେଶଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।



ସୂଚନା ଅଧିକାର ଅଭିଯାନ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ନିରାଶ କଲା କପିଳାସରେ କଟକଣା

**ଢେଙ୍କାନାଳ ଅଫିସ,୩୦ା୧୧**

କୋଭିଡ-୧୯ କଟକଣା ପାଇଁ ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ସାଧାରଣ ଦର୍ଶନ ବ୍ୟବସ୍ଥା ବନ୍ଦ ରହିଛି। କିନ୍ତୁ ଏହା ଜାଣି ନ ଥିବାରୁ ସୋମବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଠାକୁର ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କୁ ଦର୍ଶନ କରିବାକୁ ଆସିଥିବା ବହୁ ଶ୍ରଦ୍ଧାଳୁ ନିରାଶ ହୋଇ ଫେରିଛନ୍ତି। ବାରବାଙ୍କ ଠାରେ ମନ୍ଦିରକୁ ଯାଇଥିବା ରାସ୍ତା ପ୍ରଶାସନ ପକ୍ଷରୁ କାଠ ଓ ବାଉଁଶ ଦ୍ୱାରା ସିଲ୍ କରାଯାଇଛି। ୧୪୪ ଧାରା ଜାରି କରାଯିବା ସହ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଫଳରେ ଆସିଥିବା ଭକ୍ତମାନେ ସେଠାରେ ଦୀପଜାଳି ଫେରିଯିବାକୁ ବାଧ୍ୟ ହୋଇଛନ୍ତି।

- କୋଲକାତାରୁ ଆସି ବାଟରୁ ଫେରିଲେ
- ରାସ୍ତାରେ ଦୀପ ଜାଳିଲେ ଶ୍ରଦ୍ଧାଳୁ
- ସହରରେ ଫିକା ପଡ଼ିଲା ଡଙ୍ଗା ଭସା

ଦୀର୍ଘଦିନ ପରେ କୋଲକାତାରୁ କପିଳାସ ଦର୍ଶନ ପାଇଁ ବହୁ ଭକ୍ତ ଆସିଥିଲେ। ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ମଧ୍ୟ ୭ରୁ ୮ ହଜାର ଲୋକ ପହଞ୍ଚିଥିଲେ। କିନ୍ତୁ ରାସ୍ତା ସିଲ୍ କରାଯାଇଥିବାରୁ ସେମାନେ ବାରବାଙ୍କ ରାସ୍ତା ପାଖରୁ ଫେରିଥିବା ଜଣାପଡ଼ିଛି। ସେହିପରି କାର୍ତ୍ତିକ ପୂର୍ଣ୍ଣିମାକୁ ନଜରରେ ରଖି ଜିଲାର ଅନ୍ୟ ପ୍ରମୁଖ ଶୈବପୀଠ ଗୁଡିକରେ ମଧ୍ୟ ପୋଲିସ ମୁତୟନ କରାଯିବା ସହ ଦର୍ଶନ ଉପରେ କଟକଣା ଲାଗୁ କରାଯାଇଥିଲା। ଜଳାଶୟ ଗୁଡିକ ନିକଟରେ ଭିଡ଼ ଏଡ଼ାଇବାକୁ ପୋଲିସ ମୁତୟନ ହୋଇଥିଲା। ଫଳରେ ଢେଙ୍କାନାଳ ସହରରେ ଡଙ୍ଗାଭସା ଫିକା ପଡିଥିଲା। ତେବେ କିଛି ଜଳାଶୟରେ କାଁ ଭାଁ ଶ୍ରଦ୍ଧାଳୁ ଡଙ୍ଗା ଭସାଇପାରିଥିଲେ। ସହରର ଶ୍ରୀବଳରାମଙ୍କ ମନ୍ଦିର ବନ୍ଦ ରଖାଯାଇଥିବାରୁ ଶ୍ରଦ୍ଧାଳୁମାନେ ବାହାରେ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କହିଛନ୍ତି, କପିଳାସ ପୀଠକୁ କେତେଜଣ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥିଲେ। କଟକଣା ଲାଗୁ ହୋଇଥିବା ଜାଣିବା ପରେ ସେମାନେ ବାଟରୁ ଫେରିଯାଇଥିଲେ। କପିଳାସ ସମେତ ଜିଲାର ସମସ୍ତ ପ୍ରମୁଖ ମନ୍ଦିରରେ କଟକଣା ଜାରି ହୋଇଥିବା ଦେବୋତ୍ତର ନିରୀକ୍ଷକ ପ୍ରକାଶ କରିଛନ୍ତି।


କପିଳାସ ପୀଠକୁ ଯାଇ ନ ପାରି ଶ୍ରଦ୍ଧାଳୁମାନେ ନିରାଶ ହୋଇ ଫେରୁଛନ୍ତି।

# ‘ପରୀ’ ପ୍ରସଙ୍ଗରେ କଂଗ୍ରେସ ଭାଗ ଭାଗ

■ଏସ୍‌ଆଇଟି ତଦନ୍ତରେ କଂଗ୍ରେସ ଖୁସି କହିଥିଲେ ନରସିଂହ
■ସୁର କହିଲେ ଖୁସି ନାହାନ୍ତି, ସାଲୁଜା ଦେଲେ ସମର୍ଥନ
■ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ନିକଟରେ ପରୀ ପ୍ରସଙ୍ଗ ଆଣିଲା ଭାଜପା

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

୧୦ଦିନ ପାଇଁ ଚାଲିଥିବା ବିଧାନସଭାର ଶୀତ ଅଧିବେଶନରେ ବିରୋଧୀ ଭାଜପା ଏବଂ କଂଗ୍ରେସ ପୁରୀ, ବୀରମିତ୍ରପୁର ହାଜତମୃତ୍ୟୁ ଏବଂ ପରୀ ହତ୍ୟାକାଣ୍ଡ ଭଳି ଦୁଇଟି ପ୍ରସଙ୍ଗରେ ପ୍ରବଳ ହଇଚଗୋଳ କରିଥିଲେ। ତେବେ ପରୀ ହତ୍ୟାକାଣ୍ଡ ପ୍ରସଙ୍ଗରେ ପ୍ରଥମେ ବିରୋଧୀ ଅଲଗା ହୋଇଯାଇଥିବାବେଳେ ଏବେ କଂଗ୍ରେସ ବିଧାୟକମାନେ ଦୁଇ ଭାଗ ହୋଇଯାଇଛନ୍ତି। ପରୀ ହତ୍ୟାକାଣ୍ଡ ପ୍ରସଙ୍ଗରେ ରାଜ୍ୟ ସରକାର ଏସ୍‌ଆଇଟି ତଦନ୍ତ କରାଯିବ ବୋଲି ଘୋଷଣା କରିବା ପରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଖବରଦାତା ସମ୍ମିଳନୀ କରି ଦଳର ଦାବିକୁ ସରକାର ଗ୍ରହଣ କରିଥିବା କହିଥିଲେ। ହେଲେ ସୋମବାର ବରିଷ୍ଠ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏହି ପ୍ରସଙ୍ଗରେ ଭିନ୍ନ ମତ ପୋଷଣ କରିଛନ୍ତି। ସୁର କହିଛନ୍ତି, ସରକାରଙ୍କ ଏସ୍‌ଆଇଟି ତଦନ୍ତରେ ସେ ଖୁସି ନାହାନ୍ତି। ଏ ପ୍ରସଙ୍ଗରେ ପ୍ରଥମେ ଭାଜପା ଓ କଂଗ୍ରେସ ବିଧାୟକ ମିଶି ବିଧାନସଭାରେ ହୋହଲ୍ଲା କଲୁ। କିନ୍ତୁ ଠିକ ୨ ଦିନ ପରେ ଏସ୍‌ଆଇଟି ତଦନ୍ତ ଘୋଷଣା କରାଗଲା। ଏହାପରେ ବିଧାୟକ ଦଳ ନେତା କହିଲେ, ମୁଖ୍ୟମନ୍ତ୍ରୀ ଆମ କଥା ରଖିଲେ। ଏସଆଇଟି ଗଠନ ହେଲା ଆମେ ଓହରିଯିବା। ନରସିଂହଙ୍କ କଥା ମାନି ସମସ୍ତେ ଓହରିଗଲୁ। ପୂର୍ବରୁ ଏହି ପ୍ରସଙ୍ଗରେ ପିସିସି ସଭାପତି ସବୁ ଜିଲାରେ ଡିସେମ୍ବର ୧ରେ ଘେରାଉ କରିବାକୁ ଠିକ କରିଥିଲେ। କିନ୍ତୁ ଏସ୍‌ଆଇଟି ଘୋଷଣା ପରେ ଆନ୍ଦୋଳନ କରିବାର ଆବଶ୍ୟକ ନ ଥିବା ନରସିଂହ ଏବଂ ନିରଞ୍ଜନ କଥା ହୋଇଗଲେ। ତେବେ ଏହି ନିଷ୍ପତ୍ତିରେ ଖୁସି ନ ଥିବା ସୁର କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭରସା କରି ନରସିଂହ ଓହରିଗଲେ। କରଣ ଏବଂ ବ୍ରାହ୍ମଣ ଏକ। ଦୁଇ ଜଣଙ୍କ ଭାରି ଯୋଡି ବୋଲି ସୁର କହିଛନ୍ତି।

ସେହିପରି ସୁରଙ୍କ କଥାକୁ ସମର୍ଥନ ଜଣାଇ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ବିଧାୟକ ଦଳ ନେତା ଯାହା ନିଷ୍ପତ୍ତି ନେଲେ ତାହା ମାନିବାକୁ ବାଧ୍ୟ ହେଲୁ। ଅନ୍ୟପକ୍ଷରେ ବିରୋଧି ଦଳ ନେତା ଏବଂ ଭାଜପା ବିଧାୟକ ସିବିଆଇ ତଦନ୍ତ ଓ ମନ୍ତ୍ରୀଙ୍କ ବହିଷ୍କାର ଦାବି କରି ଗୃହକୁ ଚଳାଇ ଦେଲେ ନାହିଁ। ସରକାର ତରିକି ମାସେ ଆଗରୁ ବିଧାନସଭା ବନ୍ଦ କରିଦେଲେ। ଏ ପ୍ରସଙ୍ଗରେ ଭାଜପା ମାଇଲେଜ ନେଉଛି। ସିଏଲ୍‌ପି ନେତା ଯାହା କହିବେ ତାହା କରିବାକୁ ଆମେ ବାଧ୍ୟ। ସିଏଲ୍‌ପି ନେତାଙ୍କ ନିଷ୍ପତ୍ତିରେ ସେ ସନ୍ତୁଷ୍ଟ ନ ଥିବା ସାଲୁଜା କହିଛନ୍ତି। ଏନେଇ ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାଲୁଜା କହିଛନ୍ତି।

ଭାଜପା କିନ୍ତୁ ଏହି ପ୍ରସଙ୍ଗରେ ଏବେ ମଧ୍ୟ ଆନ୍ଦୋଳନକୁ ଜୋରଦାର ଚଳାଇଛି। ବିଜେଡିଠାରୁ ଟଙ୍କା ନେଇ କଂଗ୍ରେସ ବିଧାୟକମାନେ ଚୁପ ବସିଥିବା ଭାଜପା ନେତା ସମ୍ବିତ ପାତ୍ର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ପରୀ ଘଟଣାରେ ଟଙ୍କା ନେଇ କଂଗ୍ରେସର ୯ ବିଧାୟକ ଚୁପ ବସିଛନ୍ତି। ଏହା କଂଗ୍ରେସର ଦୋମୁହାଁ ନୀତି। ହାଥରସରେ ଅପରାଧ ହେଲା ସେଠାକୁ ରାହୁଲ ଗାନ୍ଧୀ ଗଲେ ହେଲେ ପରୀ ଘଟଣାରେ ଚୁପ ଅଛନ୍ତି। ସମ୍ବିତ ସୋମବାର ପୂର୍ବାହ୍ନରେ ଏହି ପ୍ରସଙ୍ଗରେ ଦିଲ୍ଲୀଠାରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ସେହିପରି ପରୀକୁ ନ୍ୟାୟ ଦାବିରେ ସମ୍ବିତଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରିବା ସହ ଦିଲ୍ଲୀସ୍ଥିତ ଓଡ଼ିଶା ଭବନ ସମ୍ମୁଖରେ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି।

# ପୁରୁଣା ସ୍କ୍ରାପ୍, ଷ୍ଟିଲ୍ ପାଇପ୍‌ରେ ବାଇକ୍ ନିର୍ମାଣ

ବ୍ରହ୍ମପୁର ଅଫିସ୍,୩୦।୧୧

ବୟସ କମ୍ ହେଲେ ବି ନିଜର ଦକ୍ଷତା ପ୍ରତିପାଦନ କରିବା ପାଇଁ ସେ ସର୍ବଦା ଚେଷ୍ଟିତ। ସେ ହେଉଛନ୍ତି ବ୍ରହ୍ମପୁର ସହର ଧର୍ମନଗର ନିବାସୀ ଜି.ଜେ.ରବିଙ୍କ ପୁତ୍ର ଜି.ଜେ.ରାଜ୍। ରାଜ୍ ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ର। ଯିଏ କି ଷ୍ଟିଲ୍ ପାଇପ୍,ପୁରୁଣା ଯାନବାହନ ଯନ୍ତ୍ରାଂଶ ଓ ସ୍କ୍ରାପ୍ ମାଧ୍ୟମରେ ନିଜ କୌଶଳରେ ଏକ ଦୁଇ ଚକିଆ ଯାନ ନିର୍ମାଣ କରିବାରେ ସକ୍ଷମ ହୋଇପାରିଛନ୍ତି। ଯାହାର ନାମ ସେ ‘ଗୁପ୍ତ୍ ରାଇଡ଼ର’ରଖିଛନ୍ତି। ଏହି ବାଇକ୍ ନିର୍ମାଣ କରିବା ପାଇଁ ତାଙ୍କୁ ୪ ମାସ ସମୟ ଲାଗିଥିବା ରାଜ୍ କହିଛନ୍ତି। ରାଜ୍‌ଙ୍କ ବାଇକ୍‌ରେ ଏକ ବିଶେଷତ୍ୱ ହେଉଛି ଏହା ଜିଆଇ ଷ୍ଟିଲ୍ ପାଇପ୍ ମାଧ୍ୟମରେ ନିର୍ମାଣ ହୋଇଛି। ତିନୋଟି ଜିଆଇ ଷ୍ଟିଲ୍ ପାଇପ୍‌ରେ ନିର୍ମିତ ହୋଇଥିବା ଏହି ବାଇକ୍‌ରେ ପୁରୁଣା ବାଇକ୍ ଇଞ୍ଜିନ୍, ସସ୍‌ପେନ୍‌ସନ୍ ଓ ଲାଇଟ୍ ମଧ୍ୟ ଖଞ୍ଜାଯାଇଛି, ଯାହାକି ପେଟ୍ରୋଲ ଦ୍ୱାରା ଚାଳିତ ହେଉଛି। ଏକ ଲିଟର ପେଟ୍ରୋଲରେ ୬୦ କିଲୋମିଟର ଯାଏ ଯିବାର କ୍ଷମତା ରହିଛି। ଏହାକୁ ନିର୍ମାଣ କରିବା ପାଇଁ ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସେ କହିଛନ୍ତି।


ରାଜଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ବାଇକ୍

# ପୋଷ୍ଟକାର୍ଡରେ ସ୍ଥାନିତ ହେଲା ଜଉକଣ୍ଢେଇ

ବାଲେଶ୍ୱର ଅଫିସ, ୩୦।୧୧

ବାଲେଶ୍ୱରର କଳା ସଂସ୍କୃତିର ପ୍ରତୀକ ଭାବେ ପରିଚିତ ଜଉକଣ୍ଢେଇକୁ ବିଶ୍ୱ ପୋଷ୍ଟକାର୍ଡ ଦିବସ ଅବସରରେ ପୋଷ୍ଟକାର୍ଡରେ ସ୍ଥାନିତ କରାଯାଇଛି। ଏନେଇ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ଜଲେଶ୍ୱର କନହାର ସୂଚନା ଦେବା ପରେ ବାଲେଶ୍ୱର ଅଞ୍ଚଳର କଳାପ୍ରେମୀ ଖୁସି ହୋଇଛନ୍ତି। ବାଲେଶ୍ୱର ଜିଲାର ପାରମ୍ପରିକ ଲୋକକଳା ଜଉକଣ୍ଢେଇ ଶଙ୍ଖାରି ଜାତିର ଲୋକମାନେ କୌଳିକ ବୃତ୍ତି ଭାବେ ପୁରୁଷାନୁକ୍ରମେ ଗଢିଆସୁଛନ୍ତି। ଭାରତୀୟ ଡାକବିଭାଗ ତରଫରୁ ୧୫୧ତମ ବିଶ୍ୱ ପୋଷ୍ଟକାର୍ଡ ଦିବସ ଅବସରରେ ଅକ୍ଟୋବର ୧ତାରିଖରେ ଭାରତର ବିଭିନ୍ନ ରାଜ୍ୟର ପ୍ରମୁଖ ୧୨ଟି ପାରମ୍ପରିକ କଣ୍ଢେଇକୁ ପୋଷ୍ଟକାର୍ଡରେ ସ୍ଥାନିତ କରି ଅନ୍‌ଲାଇନ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା।



ଏଥିରେ ବାଲେଶ୍ୱରର ଜଉକଣ୍ଢେଇକୁ ସ୍ଥାନିତ କରାଯାଇଛି। ଜଉକଣ୍ଢେଇକୁ ନେଇ ଜଡିତ ବିଭିନ୍ନ ଅନୁଷ୍ଠାନ ଯଥା ବାଲେଶ୍ୱରୀ କଳାକେନ୍ଦ୍ର, ନୂଆବଜାର,ସୋର ଏବଂ କୁରୁଡା ଜଉକଣ୍ଢେଇ ବାହାଘର ଉତ୍ସବ କମିଟି, ଅରଡବଜାର ଜଉଘର ,ମା’ ବୀଣାପାଣି, ମା’ ସୁଭଦ୍ରା ଏସ୍‌ଏଚ୍‌ଜି, ତରତରିର ଲାଖ ସୋସାଇଟି, ବଣ ଧୂଳିର ଫୁଲ ଆଦି ଅନୁଷ୍ଠାନର କର୍ମକର୍ତ୍ତା କୃତଜ୍ଞତା ଜଣାଇଛନ୍ତି। ବାଲେଶ୍ୱର ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର ସୁବାସିନୀ ଜେନା, ଅଳି ପଣ୍ଡା, କୁମାର ଗୋପାଳ, ବ୍ରହ୍ମନାଥ ରଥ, ହୃଷୀକେଶ ସାହୁ, ଉପେନ୍ଦ୍ର ପାତ୍ର, ରଘୁନାଥ ଲେଙ୍କା ପ୍ରମୁଖଙ୍କ ସହ ଲଳିତ କଳା ଏକାଡେମୀର ସଚିବ ଗଜେନ୍ଦ୍ର କୁମାର ସାହୁ , ଖଲ୍ଲିକୋଟ ଆର୍ଟ କଲେଜର ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ଧଉଳି ଆର୍ଟ କଲେଜ ଅଧ୍ୟକ୍ଷ ପଞ୍ଚାନନ ସାମଲ, ସୋର କଳାଘରର ମୁଖ୍ୟ ରାଜବଲ୍ଲଭ ସାହୁ, ପାରମ୍ପରିକ ଜଉକଣ୍ଢେଇ ଶିଳ୍ପୀ ତପନ ନନ୍ଦୀ, ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ, ଜ୍ଞାନଶ୍ରୀର ମୁଖ୍ୟ ପ୍ରଶାନ୍ତ ପଟେଲ, ଜଳେଶ୍ୱର ଆର୍ଟ ଫାଉଣ୍ଡେଶନର ମୁକ୍ତିକାନ୍ତ ନନ୍ଦୀ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଶିଳ୍ପୀ କେଶୁ ଦାସ ଏନେଇ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଡେରାବିଶ ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ଅଭିନନ୍ଦନ। ପୁଣିଥରେ ଏହି ପଞ୍ଚାୟତ ସମିତିକୁ ରାଜ୍ୟରେ ସର୍ବଶ୍ରେଷ୍ଠ ସମିତି ମାନ୍ୟତା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।
ସରୋଜ କାନ୍ତ ସାହୁ
ଅଧ୍ୟକ୍ଷ, ଡେରାବିଶ ପଞ୍ଚାୟତ ସମିତି

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଛୋଟି ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
କୁମାର ଚନ୍ଦ୍ର ବଳ
ସରପଞ୍ଚ
ଛୋଟି ଗ୍ରାମ ପଞ୍ଚାୟତ
ଡେରାବିଶ

With best compliments from :
SRI SADANANDA SETHI
O.A.S. (I) J.B
Tahasildar,
Aska (Ganjam)

ଶୁଭେଚ୍ଛା
“ଧରିତ୍ରୀ”ର ସ୍ୱନକ୍ଷତ୍ର ଦିବସ ଅବସରରେ ମୁନିଗାଡି ପଞ୍ଚାୟତବାସୀଙ୍କ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛି।
ଶ୍ରୀ ମନୋଜ କୁମାର ପୋଲାଇ
ସରପଞ୍ଚ, ମୁନିଗାଡି ଗ୍ରା.ପ
ଆସିକା ବ୍ଲକ୍

With best compliments from :
SRI DHIRESH KUMAR DASH
Inspector In-charge
Gangapur Police Station
Gangapur (Ganjam)

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ଡେରାବିଶ ବ୍ଲକ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତିର ସମସ୍ତ ସଦସ୍ୟ ଓ ଚାଷୀଭାଇଙ୍କୁ ଅଭିନନ୍ଦନ ଜଣାଉଛି।
ମୃତ୍ୟୁଞ୍ଜୟ ଦାଶ
ସମ୍ପାଦକ
କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତି
ଡେରାବିଶ

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଡେରାବିଶ ବ୍ଲକ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ସମସ୍ତ ଚାଷୀ ଭାଇଙ୍କୁ ଅଭିନନ୍ଦନ।
ପ୍ରସନ୍ନ କୁମାର ପାତ୍ର
ସମ୍ପାଦକ,
ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି
ଡେରାବିଶ

“ଧରିତ୍ରୀ” ସ୍ୱନକ୍ଷତ୍ର ଦିବସ ଅବସରରେ ଗଞ୍ଜାମ ଜିଲ୍ଲାର ଆଖୁଚାଷୀ ଭାଇମାନଙ୍କ ସାମଗ୍ରୀକ ସୁଖ ସମୃଦ୍ଧି କାମନା କରୁଛୁ।
ଶ୍ରୀ ସମୀର ପ୍ରଧାନ, ସଭାପତି
ଶ୍ରୀ ପୂର୍ଣ୍ଣଚନ୍ଦ୍ର ବରାଡ, ସମ୍ପାଦକ
ଗଞ୍ଜାମ ଜିଲ୍ଲା ଆଖୁଚାଷୀ ସଂଘ
ଆସିକା (ଗଞ୍ଜାମ)

ଶୁଭେଚ୍ଛା
“ଧରିତ୍ରୀ”ର ସ୍ୱନକ୍ଷତ୍ର ଦିବସ ଅବସରରେ ସିଦ୍ଧନୟୀ ପଞ୍ଚାୟତବାସୀଙ୍କ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛି।
ଶ୍ରୀ ନନ୍ଦ କୁମାର ବିଷୋୟୀ
ସରପଞ୍ଚ, ସିଦ୍ଧନୟୀ ଗ୍ରା.ପ
ଆସିକା ବ୍ଲକ୍

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ମଙ୍ଗଳପୁର ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ପ୍ରଭାତ କୁମାର ମଲ୍ଲିକ
ସରପଞ୍ଚ
ମଙ୍ଗଳପୁର ଗ୍ରାମ ପଞ୍ଚାୟତ
ଡେରାବିଶ

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ସମସ୍ତ ଛାତ୍ରଛାତ୍ରୀଙ୍କ ଭିତରେ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ପାଇଁ ପ୍ରୟାସ ଜାରି ରଖିଥିବା କଳିଙ୍ଗ ଆବାସିକ ବିଦ୍ୟାଳୟର ଅଭିବୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।
ମନୋଜ କୁମାର ପ୍ରଧାନ
ପରିଚାଳନା ନିର୍ଦ୍ଦେଶକ,
କଳିଙ୍ଗ ଆବାସିକ ବିଦ୍ୟାଳୟ
କେଶରପୁର, ଦାନପୁର
କେନ୍ଦ୍ରାପଡ଼ା

ଶୁଭେଚ୍ଛା
“ଧରିତ୍ରୀ”ର ସ୍ୱନକ୍ଷତ୍ର ଦିବସ ଅବସରରେ ଆସିକା ପଞ୍ଚାୟତ ସମିତିର ଜନସାଧାରଣଙ୍କ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛି।
ଶ୍ରୀମତୀ ସୁଜାତା ସ୍ୱାଇଁ
ଉପାଧ୍ୟକ୍ଷା
ପଞ୍ଚାୟତ ସମିତି, ଆସିକା

Hearty Congratulation
on the 47th Birthday of
DHARITRI ORIYA DAILY
A well wisher from Aska

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ କୁଶିଆପାଳ ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ପ୍ରଭାତୀ ସାହୁ
ସରପଞ୍ଚ
କୁଶିଆପାଳ ଗ୍ରାମ ପଞ୍ଚାୟତ
ଡେରାବିଶ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ପ୍ରଭାତୀ ରାଉତ
ସରପଞ୍ଚ,
ଗୋଲରାହାଟ ଗ୍ରାମ ପଞ୍ଚାୟତ
ଡେରାବିଶ

ଶୁଭେଚ୍ଛା
“ଧରିତ୍ରୀ”ର ସ୍ୱନକ୍ଷତ୍ର ଦିବସ ଅବସରରେ ଗୁଣ୍ଡପଡା ପଞ୍ଚାୟତବାସୀଙ୍କ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛି।
ଶ୍ରୀମତୀ ମୋହିନୀ ବେହେରା
ସରପଞ୍ଚ, ଗୁଣ୍ଡପଡା ଗ୍ରା.ପ
ଆସିକା ବ୍ଲକ୍

With best compliments from :
SRI CHITTA RANJAN DAS
FOUNDER & CHAIRMAN : GREAT INDIA GROUP
Admission Open... Admission Open...
Addmission Open for Play School to Std-5
C.B.S.E. International Curriculum
GREAT INDIA INTERNATIONAL SCHOOL
School Campus :
2nd Lane Sri Ram Nagar
Aska Road, Berhampur-760002,
Ganjam, Odisha
Contact : 0680-2222384, 2222984,
E-mail : officedesk@greatindiagroup.co.in
Website : www.greatindiagroup.co.in

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଇନ୍ଦାଳୋ ପଞ୍ଚାୟତର ସମସ୍ତ ମାଆ ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ରଶ୍ମିତା ଜେନା
ସରପଞ୍ଚ,
ଇନ୍ଦାଳୋ ଗ୍ରାମ ପଞ୍ଚାୟତ,
ଡେରାବିଶ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ଟାଟରାଚକଡ଼ା ପଞ୍ଚାୟତର ସମସ୍ତ ମାଆ, ଭାଇ ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ପୂର୍ଣ୍ଣାନନ୍ଦ ବେହେରା
ସରପଞ୍ଚ,
ଟାଟରାଚକଡ଼ା ଗ୍ରାମ ପଞ୍ଚାୟତ,
ଡେରାବିଶ

# ମଣ୍ଡି ବଦଳରେ ମିଲ୍‌କୁ ଯାଉଛି ଧାନ

**ବରଗଡ଼ ଅଫିସ,୩୦।୧୧**

■ ମିଲର୍ସଙ୍କ ମର୍ଜିରେ ଚାଲିଛି ଧାନ କିଣାବିକା
■ ୩ ସପ୍ତାହରେ ବିକ୍ରି ହୋଇଛି ୩୧ପ୍ରତିଶତ ଧାନ
■ ମିଲ୍‌ରେ ଆବଶ୍ୟକତାଠୁ ଅଧିକ ଧାନ ଗଚ୍ଛିତ
■ ତଦନ୍ତ ଦାବି କଲା କୃଷକ ସଙ୍ଗଠନ

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ତିନି ସପ୍ତାହ ବିତିଛି । ହେଲେ ଧାନ କିଣାବିକାରେ ସୁଧାର ଆସିନାହିଁ। ଧାର୍ଯ୍ୟ ଲକ୍ଷ୍ୟଠାରୁ ବର୍ତ୍ତମାନ ସୁଦ୍ଧା ମାତ୍ର ୩୧ ପ୍ରତିଶତ ଧାନ କିଣାଯାଇଛି। ଧାର୍ଯ୍ୟଲକ୍ଷ୍ୟ ଛୁଇଁବାକୁ ଆହୁରି ୬୯ ପ୍ରତିଶତ ଧାନକିଣା ବାକି ରହିଛି। ଇତିମଧ୍ୟରେ ଯେଉଁ ୩୧ ପ୍ରତିଶତ ଧାନକିଣା ଯାଇଛି, ସେଥିରୁ ଅଧିକାଂଶ ମଣ୍ଡି ବଦଳରେ ସିଧାସଳଖ ବିଭିନ୍ନ ରାଇସ୍ ମିଲ୍‌କୁ ଯାଉଛି ଏବଂ ସେହି ଧାନ ବେପାରୀଙ୍କ ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)ଠାରୁ କମ୍ ଦରରେ କିଣାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସେଭଳି କିଛି ଅଭିଯୋଗ ସାମ୍ନାକୁ ଆସିନାହିଁ ଏବଂ ଧାନ କିଣାବିକା ସୁରୁଖୁରୁରେ ଚାଲିଥିବା ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ କହିଛନ୍ତି ।

ବରଗଡ଼ ଜିଲାରେ ଗତ ୯ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ଅତାବିରା, ଗୋଡ଼ଭଗା ଏବଂ ପଦ୍ମପୁର ଆର୍‌ଏମ୍‌ସି ଅଧୀନରେ ରହିଥିବା ମଣ୍ଡି ତଥା ଧାନକ୍ରୟ କେନ୍ଦ୍ର ଗୁଡ଼ିକରେ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଜରିଆରେ ଯୋଗାଣ ନିଗମ ଧାନ କିଣୁଛି ଏବଂ ବର୍ତ୍ତମାନ ୧୧୨ ମିଲର୍ସ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଜିଲାରେ ଏଥର ୪୪ଲକ୍ଷ ୭୫ହଜାର କୁଇଣ୍ଟାଲ ଧାନ କିଣିବାର ଲକ୍ଷ୍ୟ ରହିଛି। ତେବେ ଗତ ତିନି ସପ୍ତାହ ମଧ୍ୟରେ ସେଥିମଧ୍ୟରୁ ମାତ୍ର ୧୪ଲକ୍ଷ ୧୯ହଜାର କୁଇଣ୍ଟାଲ (୩୧.୭୦) ପ୍ରତିଶତ ଧାନକ୍ରୟ ସରିଥିବା ଜିଲା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି ।


ବିକ୍ରି ପାଇଁ ଆସିଥିବା ଧାନକୁ ବରଗଡ଼ ଜିଲା ଗୋଡ଼ଭଗା ମଣ୍ଡିରେ ଅନ୍‌ଲୋଡ କରାଯାଉଛି।

କଳାପାଣିର ଚାଷୀ ଏକାଦଶିଆ ସାହୁ କହିଛନ୍ତି, ସେ ଗତ ୫ତାରିଖରୁ ଧାନ ଅମଳ କରି ସାରିଥିଲେ। ମାତ୍ର ମଣ୍ଡି ଖୋଲିବା ବେଳକୁ ତାଙ୍କୁ ଟୋକନ ମିଳି ନ ଥିଲା ଏବଂ ବିଳମ୍ବରେ ସେ ଧାନ ବିକିଥିବା କହିଛନ୍ତି। ଅତାବିରା ବ୍ଲକର ଚାଷୀନେତା ରବିନ୍ଦ୍ର ବିଶି କହିଛନ୍ତି, ଅତାବିରା, ଗୋଡ଼ଭଗା ଭଳି ଅଳ୍ପ କେତୋଟି ମଣ୍ଡିକୁ ଛାଡ଼ି ଦେଲେ ଅନ୍ୟ ମଣ୍ଡିକୁ ଧାନ ଆସୁନାହିଁ ଏବଂ ସମ୍ପୃକ୍ତ ଅଞ୍ଚଳର ଧାନ ବେପାରୀଙ୍କ ଦ୍ୱାରା କିଣାହୋଇ ସିଧାସଳଖ ବିଭିନ୍ନ ରାଇସ୍ ମିଲକୁ ଯାଉଛି। କେବଳ କାଗଜ କଲମରେ ସେହି ଧାନକୁ ସମ୍ପୃକ୍ତ ମଣ୍ଡିରେ ଫଲ୍ସ ଏଣ୍ଟ୍ରି କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଜୟ କିଶାନ ଆନ୍ଦୋଳନର ରମେଶ ମହାପାତ୍ର କହିଛନ୍ତି, ଯୋଗାଣ ବିଭାଗ ନିୟମିତ ରାଇସ୍ ମିଲ୍ ଗୁଡ଼ିକରେ ଷ୍ଟକ ଯାଞ୍ଚ କରୁନାହିଁ। ଫଳରେ ତାହା ମିଲର୍ସଙ୍କୁ ସୁହାଉଛି। ବାହାରୁ ଏମ୍‌ଏସ୍‌ପିଠାରୁ କମ୍ ଦରରେ ଧାନ କିଣି ମିଲ୍ ଗୁଡ଼ିକରେ ଗଚ୍ଛିତ ରଖାଯାଉଛି। ଏହାର ଭିଜିଲାନ୍ସ କିମ୍ବା ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବତା ପଦାକୁ ଆସିବ ବୋଲି ମହାପାତ୍ର କହିଛନ୍ତି।

# ଆମାଜନ୍‌ରେ ନିର୍ମାଲ୍ୟ ବିକ୍ରିକୁ ବିରୋଧ

**ପୁରୀ ଅଫିସ, ୩୦।୧୧**

■ ଥାନାରେ ଏତଲା ଦେଲେ ସେବାୟତ
■ ତର୍ଜମା ପରେ କାର୍ଯ୍ୟାନୁଷ୍ଠାନ: ନୀତି ପ୍ରଶାସକ

ଅନ୍‌ଲାଇନରେ ମହାପ୍ରଭୁଙ୍କ ଶୁଖିଲା ମହାପ୍ରସାଦ 'ନିର୍ମାଲ୍ୟ' ବିକ୍ରି ହେଉଛି। ଆମାଜନ୍ ଏହାକୁ ବିକ୍ରି କରୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ନିର୍ମାଲ୍ୟ ବିକ୍ରି କରିବା ଲାଗି ଆମାଜନ୍ ଶ୍ରୀମନ୍ଦିର ପ୍ରଶାସନଠାରୁ କୌଣସି ଅନୁମତି ପାଇନାହିଁ। ସେହିପରି ପୁରୀରେ ୧୦ ଟଙ୍କାରେ ମିଳୁଥିବା ନିର୍ମାଲ୍ୟକୁ ୪୯୯ ଟଙ୍କାରେ ବିକ୍ରି କରାଯାଉଛି। ୱେବ୍‌ସାଇଟରେ ଏହା ପୁରୀ ଶ୍ରୀଜଗନ୍ନାଥ ନିର୍ମାଲ୍ୟ ମହାପ୍ରସାଦ ବୋଲି ଉଲ୍ଲେଖ ରହିଛି। ଶ୍ରୀମନ୍ଦିର ପ୍ରଶାସନ ବିନା ଅନୁମତିରେ ଏମିତି ବାରମ୍ବାର ଘଟଣା ଘଟୁଥିବାବେଳେ ଏହାକୁ ନେଇ ସେବାୟତ ଏବଂ ଭକ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ବିଶେଷକରି ଅଭିଯୋଗ ଆସିବା ପରେ ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବାରୁ କେତେକ ସଂସ୍ଥା ଏବଂ ବ୍ୟକ୍ତିବିଶେଷ ଏଭଳି ମନମୁଖି ଚଳାଇଛନ୍ତି। ଏହା ବିରୋଧରେ ସୋମବାର ଶ୍ରୀମନ୍ଦିରର ସେବାୟତ ଶମ୍ଭୁନାଥ ଖୁଣ୍ଟିଆ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଅପରପକ୍ଷେ ଶ୍ରୀମନ୍ଦିର ପ୍ରଶାସନ ଅନ୍‌ଲାଇନରେ ନିର୍ମାଲ୍ୟ ବିକ୍ରି ଲାଗି ଆମାଜନ୍‌କୁ ଅନୁମତି ଦେଇନାହିଁ ବୋଲି ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ମହାପ୍ରଭୁଙ୍କ ମହାପ୍ରସାଦ ହେଉ ଅବା ଶୁଖିଲା ଭୋଗ କିମ୍ବା ନିର୍ମାଲ୍ୟକୁ ଅନ୍‌ଲାଇନରେ ବିକ୍ରି କରିବା ପଛରେ କାହାର ହାତ ରହୁଛି।

ସେବକ ଖୁଣ୍ଟିଆ ସିଂହଦ୍ୱାର ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ଆମାଜନ୍ କମ୍ପାନୀ ନିର୍ମାଲ୍ୟକୁ ମାତ୍ରାଧିକ ଦରରେ ବିକ୍ରି କରୁଛି। ଶ୍ରୀମନ୍ଦିର ପ୍ରଶାସନର ବିନା ଅନୁମତିରେ ବହୁବର୍ଷ ହେଲା ଏପରି ବିକ୍ରି କରାଯାଉଥିବା ନିଶ୍ଚିତ କ୍ଷୋଭ ଓ ପରିତାପର ବିଷୟ। ନିର୍ମାଲ୍ୟ ପ୍ରତି ଲୋକଙ୍କର ଗଭୀର ଆସ୍ଥା ଓ ବିଶ୍ୱାସ ରହିଛି। ପ୍ରାଣବାୟୁ ଯିବାର ଯଥେଷ୍ଟ ପୂର୍ବରୁ ପାଟିରେ ନିର୍ମାଲ୍ୟ ଦିଆଯାଇଥାଏ। ମାତ୍ର ସେହି ନିର୍ମାଲ୍ୟକୁ ଆମାଜନ୍ ଅନ୍‌ଲାଇନରେ ବିକ୍ରି କରିବା ସମୟରେ ଏହାର ଶୁଦ୍ଧତା ଓ ପବିତ୍ରତା କିପରି ରହୁଛି ବୋଲି ଖୁଣ୍ଟିଆ ପ୍ରଶ୍ନ କରିଛନ୍ତି। ତେଣୁ ଆମାଜନ୍ ବିରୋଧରେ ବିହିତ ପଦକ୍ଷେପ ଗ୍ରହଣ ଲାଗି ସେ ପୋଲିସକୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ସାହୁ କହିଛନ୍ତି, ନିର୍ମାଲ୍ୟ ଅନ୍‌ଲାଇନରେ ବିକ୍ରି କରିବା ଲାଗି ଆମାଜନ୍‌କୁ ଶ୍ରୀମନ୍ଦିର ପ୍ରଶାସନ ଅନୁମତି ଦେଇନାହିଁ। ଏହି ଘଟଣା ଏବେ ନଜରକୁ ଆସିଛି। ଏହାର ଆଇନଗତ ଦିଗ ଉପରେ ତର୍ଜମା କରାଯାଉଛି। ତର୍ଜମା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୫ହଜାର ତଳେ ସକ୍ରିୟ କରୋନା ଆକ୍ରାନ୍ତ

## ସନ୍ତୋଷ ବ୍ୟକ୍ତ କଲେ, ପରାମର୍ଶଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ରାଜ୍ୟରେ କରୋନା ଏବେ ତଳମୁହାଁ ହେବାରେ ଲାଗିଛି। ଦୈନିକ ସଂକ୍ରମିତ ସଂଖ୍ୟା ହ୍ରାସ ପାଉଥିବାରୁ ସକ୍ରିୟ ରୋଗୀଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ରାଜ୍ୟରେ ଏବେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୫ହଜାର ତଳକୁ ଖସିଛି। ଶେଷ ୨୪ ଘଣ୍ଟାରେ ୪୧୮ଜଣ ଆକ୍ରାନ୍ତ ହୋଇଥିବାବେଳେ ୮୦୯ ସୁସ୍ଥ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୩,୧୮,୭୨୫ରେ ପହଞ୍ଚିଥିବାବେଳେ ଆରୋଗ୍ୟ ସଂଖ୍ୟା ୩,୧୨,୦୬୫କୁ ବୃଦ୍ଧି ପାଇଛି। ସେହିଭଳି ଆଉ ୫ଜଣଙ୍କ ମୃତ୍ୟୁ ଘଟିଥିବାରୁ ଏହି ସଂଖ୍ୟା ୧୭୩୯ ଛୁଇଁଛି। ବର୍ତ୍ତମାନ ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୮୬୮କୁ ଖସି ଆସିଛି। ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୪୪୪ଜଣ ରହିଥିବାବେଳେ କଟକ ୩୯୪, ଅନୁଗୋଳ ୩୫୧ ଓ ଅନ୍ୟସବୁ ଜିଲାରେ ଏହାଠାରୁ କମ୍ ସଂଖ୍ୟକ ସକ୍ରିୟ ରୋଗୀ ରହିଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ତଥ୍ୟ ଅନୁସାରେ, ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ସୁନ୍ଦରଗଡ଼ରେ ସର୍ବାଧିକ ୪୧ଜଣ ରହିଥିବାବେଳେ ଅନୁଗୋଳ ୩୪, ମୟୂରଭଞ୍ଜ ୩୨, କଟକ ୨୫, ଖୋର୍ଦ୍ଧା ଓ ନୂଆପଡ଼ାରେ ୨୩ଜଣ ଲେଖାଏ, ଯାଜପୁର ୨୦ ଓ ବାକିସବୁ ଜିଲାରେ ଏହାଠାରୁ କମ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ୫ ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୩ଜଣ ଥିବାବେଳେ ନୂଆପଡ଼ାରୁ ୨ଜଣ ରହିଛନ୍ତି। ଜୁଲାଇ ୧୬ ତାରିଖ ପରଠୁ ରାଜ୍ୟରେ ଦୈନିକ କୋଭିଡ୍ ରୋଗୀଙ୍କ ସଂଖ୍ୟା ୫୦୦ରୁ କମ୍ ରହୁଥିବାରୁ ଓ ଏବେ ମୃତ୍ୟୁ ସଂଖ୍ୟା କମିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କୋଭିଡ୍ ବିରୋଧରେ ଓଡ଼ିଶାର ସଂଗ୍ରାମକୁ ସଶକ୍ତ କରିବାରେ କୋଭିଡ୍ ଯୋଦ୍ଧାଙ୍କ ଅକ୍ଳାନ୍ତ ପରିଶ୍ରମ ଓ ତ୍ୟାଗକୁ ପ୍ରଶଂସା କରିବା ସହ ଜନସାଧାରଣଙ୍କୁ ଆତ୍ମସନ୍ତୁଷ୍ଟ ନ ହୋଇ ମାସ୍କକୁ ସର୍ବୋତ୍କୃଷ୍ଟ ପ୍ରତିଷେଧକ ଭାବରେ ସ୍ମରଣ ରଖିବାକୁ ପରାମର୍ଶ ଦେଇଛନ୍ତି।

# ଦନ୍ତାହାତୀର ମୃତଦେହ ଉଦ୍ଧାର

**ସମ୍ବଲପୁର,୩୦।୧୧(ବ୍ୟୁରୋ)**

■ ଘଟଣାସ୍ଥଳରେ ଡିଏଫ୍‌ଓ, ଏସିଏଫ୍‌ଙ୍କ ଅନୁଧ୍ୟାନ
■ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ସୂଚନା
■ ବର୍ଷେ ଭିତରେ ୩ ଦନ୍ତାଙ୍କ ମୃତ୍ୟୁ

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅଧୀନ ଯାଦୁଲୁଇସିଂ ଗ୍ରାମ୍ୟ ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହକୁ ସୋମବାର ଉଦ୍ଧାର କରାଯାଇଛି। ମାନେଶ୍ୱର ଭେଟେରିନାରୀ ସର୍ଜନ (ଭିଏସ୍) ସେଠାକୁ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବା ପରେ ମୃତ ହାତୀକୁ ପୋତି ଦିଆଯାଇଛି। ଏହାପୂର୍ବରୁ ହାତୀର ଦୁଇଟି ଦାନ୍ତକୁ କାଢି ଦିଆଯାଇଥିଲା। ଖବର ପାଇ ସମ୍ବଲପୁର ଡିଏଫ୍‌ଓ ଡ. ସଞ୍ଜୀତ କୁମାର, ଏସିଏଫ୍ ମଦନଲାଲ ଶର୍ମା ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ମୃତ ହାତୀର ବୟସ ପ୍ରାୟ ୧୪ ବର୍ଷ ହେବ। ହାତୀର ଶରୀରରେ କୌଣସି କ୍ଷତ ନ ଥିଲା। ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ହାତୀର ମୃତ୍ୟୁ ଘଟିଥିବା ଡିଏଫ୍‌ଓ କୁମାର ସୂଚନା ଦେଇଛନ୍ତି। ବର୍ଷକ ଭିତରେ ବିଭିନ୍ନ କାରଣରୁ ଏହି ରେଞ୍ଜ୍‌ରେ ୩ଟି ହାତୀଙ୍କ ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ, ରବିବାର ବିଳମ୍ବିତ ରାତିରେ ୧୮ଟି ହାତୀ ଥିବା ଏକ ପଲ ସହିତ ମୃତ ଦନ୍ତାହାତୀଟି ବସିଆପଡା ଓ ବର୍ଗେଟିକ୍ରା ଗ୍ରାମରେ ଧାନ ଖାଉଥିଲେ। ଲୋକମାନେ ସେମାନଙ୍କୁ ବନ ବିଭାଗ ସହାୟତାରେ ନିକଟସ୍ଥ ଜଙ୍ଗଲ ଭିତରକୁ ଘଉଡାଇଥିଲେ। ହେଲେ ସୋମବାର ସକାଳେ ଜଙ୍ଗଲରେ ଦନ୍ତାର ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା।


ସମ୍ବଲପୁର ବନଖଣ୍ଡ ଯାଦୁଲୁଇସିଂରେ ମୃତ ଦନ୍ତା ହାତୀ।

# ଠିକା ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

## ବଲାଣୀ ସେଲ୍ ଖଣି କମ୍ପାନୀ ଫାଟକ ଆଗରେ ଧାରଣା

**କେନ୍ଦୁଝର/ବଡବିଲ, ୩୦।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ବାଲାଣୀସ୍ଥିତ ସେଲ ଖଣି କମ୍ପାନୀରେ ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରବର୍ଗ, କର୍ମଚାରୀ ସଂଘ କ୍ଷତିପୂରଣ ଓ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରିଥିଲେ। ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ଯାଏଁ ସେଲ୍ କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ନ ନେବାରୁ ସମସ୍ତ ଠିକା କର୍ମଚାରୀ ଓ ସ୍ଥାନୀୟ ଶ୍ରମିକ ସଂଘ ସେଲ୍ ଫାଟକ ଆଗରେ ଧାରଣା ଦେଇଥିଲେ। ମୃତ ଶ୍ରମିକଙ୍କ ପରିବାର ସଦସ୍ୟଙ୍କୁ ଚାକିରି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମୃତ ଠିକା କର୍ମଚାରୀ ହେଲେ କାଳିଚରଣ ଦାସ। ସେ କମ୍ପାନୀର ୱାସିଂ ପ୍ଲାଣ୍ଟରେ କାର୍ଯ୍ୟ କରୁଥିଲେ। ସୋମବାର ସକାଳ ୫ଟା ୩୦ରେ କାର୍ଯ୍ୟରତ ଅବସ୍ଥାରେ ସେ ଏକ ଉଚ୍ଚ ସ୍ଥାନରୁ ପଡ଼ିଯାଇଥିଲେ। ସେଠାରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ସେଲ୍ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।



ସେଲ୍ ଫାଟକ ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ହୋହଲ୍ଲା କରୁଛନ୍ତି।

## ସଂକ୍ଷେପରେ

### ଇଟାଭାଟିରେ ନାବାଳିକାଙ୍କୁ ବଳାତ୍କାର ପରେ ବିଷ ପିଆଇଦେଲେ

#### ଥାନାରେ ଏତଲା

ସଜନାଗଡ଼, ୩୦।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଥିବା ଏକ ଇଟାଭାଟିରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ବିଷ ପିଆଇ ଦିଆଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏନେଇ ନାବାଳିକାଙ୍କ ଦାଦା ନୀଳଗିରି ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଇଟାଭାଟିରେ ମା' ବାପାଙ୍କ ସହ ସମ୍ପୃକ୍ତ ନାବାଳିକା କାମ କରି ଆସୁଥିଲେ। ସେଠାରେ କାମ କରୁଥିବା ଜଣେ କର୍ମଚାରୀ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କୁ ବଳାତ୍କାର କରିଥିଲେ। ପରିବାର ଲୋକ ଏ ବିଷୟରେ ଜାଣିବା ପରେ ଝିଅକୁ ତାଗିଦ୍ କରିଥିଲେ। ସୋମବାର ସକାଳେ ତାଙ୍କୁ ବିଷ ପିଆଇ ଦିଆଯାଇଥିବା ନାବାଳିକାଙ୍କ ଦାଦା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଅଟୋରେ ନୀଳଗିରି ମେଡିକାଲ ଅଣାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଝିଅଙ୍କୁ ହରାଇ ପରିବାର ଲୋକେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିପଡ଼ିଛନ୍ତି। ପୋଲିସ ବାଲେଶ୍ୱର ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଆଇଆଇସି ପ୍ରଭଞ୍ଜନ ବେହେରା କହିଛନ୍ତି, ତାଙ୍କ ଦାଦାଙ୍କ ପକ୍ଷରୁ ଏତଲା ଦିଆଯାଇଥିଲେ ମଧ ତାହା ଯଥେଷ୍ଟ ନୁହେଁ, ନାବାଳିକାଙ୍କ ମା' ବାପା ଅଭିଯୋଗ କରିବା ପରେ ତଦନ୍ତ ତ୍ୱରାନ୍ୱିତ କରାଯିବ। କେବଳ ମେଡିକାଲ ତଥ୍ୟକୁ ଭିତ୍ତି କରି ପ୍ରାଥମିକ ତଦନ୍ତ କରାଯାଇଛି।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ସାକ୍ଷୀଗୋପାଳ, ୩୦।୧୧(ଡି.ଏନ.ଏ): ସତ୍ୟବାଦୀ ଥାନା ଅଧୀନ ପଞ୍ଚନାୟିକିଆ ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ବାଇକ ଆରୋହୀ ସୁକାନ୍ତ କୁମାର ଭୋଇ(୪୨)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ। ବାଇକ ପଛରେ ବସିଥିବା ଅମର ବାରିକ (୪୫) ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ଦୁହେଁ ବାଇକରେ ଭୁବନେଶ୍ୱରରୁ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସତ୍ୟବାଦୀ ପୋଲିସ ସୁକାନ୍ତଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିବା ଜଣାପଡ଼ିଛି।

### ଗଞ୍ଜେଇ ଚାଲାଣବେଳେ ୨ ସୁରଟ ଫେରନ୍ତା ଗିରଫ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ): ଗଞ୍ଜେଇ ଚୋରା ଚାଲାଣବେଳେ ଭୁବନେଶ୍ୱର ରେଳ ଷ୍ଟେଶନରେ ଦୁଇଜଣ ସୁରଟ ଫେରନ୍ତା ଧରାପଡି ଗିରଫ ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ବୁଗୁଡା ଅଞ୍ଚଳର ଗୋପବନ୍ଧୁ ପ୍ରଧାନ(୨୯) ଓ ସୁଶାନ୍ତ କୁମାର ପଣ୍ଡା(୨୫)। ପୋଲିସ ସେମାନଙ୍କ ନିକଟରୁ ୨୫ କେଜି ଗଞ୍ଜେଇ ଜବତ କରିଛି। ସୋମବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜିଆର୍‌ପି ଥାନା ଅଧିକାରୀ କାଳୁ ସେଠୀ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଗୋପବନ୍ଧୁ ଓ ସୁଶାନ୍ତ ସୁରଟସ୍ଥିତ ଏକ ସୁତା କଳରେ ଲେବର ଭାବେ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ୍ ସମୟରେ କାମଧନ୍ଦା ବନ୍ଦ ହୋଇଯାଇଥିଲା। କରୋନା ସଂକ୍ରମଣ ବ୍ୟାପୁଥିବାବେଳେ ସେମାନେ ସୁରଟରୁ ନିଜ ଭିଟାମାଟି ଗଞ୍ଜାମକୁ ଫେରିଥିଲେ। ତେବେ କିଛିଦିନ ଘରେ ରହିବା ପରେ ପୁଣି ସୁରଟକୁ ଯାଉଥିଲେ। ସାଙ୍ଗରେ ଗଞ୍ଜେଇ ଲୁଚାଇ ନେଇ ସେଠାରେ ବେପାର କରିବାର ଯୋଜନା କରିଥିଲେ। ଏଥିପାଇଁ ସେମାନେ ଗଞ୍ଜାମରୁ ଗଞ୍ଜେଇ ଧରି ଏକ ବସ୍‌ରେ ଭୁବନେଶ୍ୱର ଆସିବା ପରେ ଉଭୟ ଅଟୋରେ ଷ୍ଟେଶନରେ ପହଞ୍ଚିଥିଲେ। ତେବେ ବ୍ୟାଗେଜ୍ ସ୍କାନରେ ବ୍ୟାଗ୍ ଯାଞ୍ଚ କରି ଷ୍ଟେଶନ ଭିତରକୁ ଯିବା ସମୟରେ ଆର୍‌ପିଏଫ କନ୍‌ଷ୍ଟେବଲ ତୁଳସୀ ସାହୁଙ୍କ ସନ୍ଦେହ ହୋଇଥିଲା। ଉଭୟଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା। ଆସ୍କା ଅଞ୍ଚଳର ଶଙ୍କର ମହାନ୍ତିଙ୍କଠାରୁ ଗଞ୍ଜେଇ ଆଣିଥିବା ନେଇ ସେମାନେ ପୋଲିସକୁ କହିଥିଲେ। ଏହାପରେ ଆର୍‌ପିଏଫ୍ ପକ୍ଷରୁ ଉଭୟଙ୍କୁ ଜିଆର୍‌ପିକୁ ହସ୍ତାନ୍ତର କରାଯାଇଥିଲା।

# ଆଜିଠୁ ଖୋଲିବ ସମସ୍ତ ମେଡିକାଲ କଲେଜ

**କଟକ ଅଫିସ, ୩୦।୧୧**

## ନର୍ସିଂ କଲେଜ ଖୋଲିବା ନେଇ ସନ୍ଦେହ

ଆଜିଠୁ ସମସ୍ତ ମେଡିକାଲ କଲେଜ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । ଏଥିସହ ସବୁ ମେଡିକାଲ କଲେଜରେ ଥିବା ନର୍ସିଂ ସମେତ ଅନ୍ୟାନ୍ୟ ପାରାମେଡିକାଲ ଅନୁଷ୍ଠାନ ମଧ୍ୟ ଖୋଲାଯିବ। ହେଲେ ଏହିଦିନ ଏସ୍‌ସିବି ମେଡିକାଲ ପରିସରରେ ଥିବା ନର୍ସିଂ କଲେଜ ଖୋଲିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। କାରଣ ଉକ୍ତ କଲେଜ ଓ ହଷ୍ଟେଲକୁ କରୋନା ପରିଚାଳନା ନିମନ୍ତେ ଦୀର୍ଘଦିନ ଧରି ଏସ୍‌ସିବି କର୍ମଚାରୀଙ୍କ ସଙ୍ଗରୋଧ କେନ୍ଦ୍ର ଭାବେ ବ୍ୟବହାର କରାଯାଉଛି। କୋଭିଡ୍ ହସ୍ପିଟାଲରେ ଡ୍ୟୁଟି କରୁଥିବା ଡାକ୍ତର, ପିଜି ଛାତ୍ର ଓ ସ୍ୱାସ୍ଥ୍ୟକର୍ମୀ ୧୫ ଦିନିଆ ରୋଷ୍ଟର ଡ୍ୟୁଟି ପରେ ଏଠାରେ ସଙ୍ଗରୋଧରେ ରହୁଛନ୍ତି। ଏମାନଙ୍କ କୋଭିଡ୍ ପରୀକ୍ଷା ପାଇଁ ପ୍ରିନ୍ସିପାଲଙ୍କ ପ୍ରକୋଷ୍ଠ ସାମ୍ନାରେ ନମୁନା ସଂଗ୍ରହ କରାଯାଉଛି। ସେହିପରି ଡିସେମ୍ବର ୧ରୁ ୫ ଦିନ ଧରି ଏଠାରେ ନୂତନ ବ୍ୟାଚ୍‌ର ଆଡମିସନ ନିମନ୍ତେ କାଉନ୍‌ସେଲିଂ ଆରମ୍ଭ ହେବ। ଏଭଳି ସ୍ଥିତିରେ ନର୍ସିଂ କଲେଜ ଖୋଲିବା ଏକ ପ୍ରକାର ସମ୍ଭାବନା ନ ଥିବା ଜଣାପଡୁଛି। ଏ ସମ୍ପର୍କରେ ମତାମତ ସଂଗ୍ରହ ପାଇଁ ଏସ୍‌ସିବି ମେଡିକାଲ ଅଧକ୍ଷ ଦଣ୍ଡେଶ୍ୱର ହୋତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ଉତ୍ତର ମିଳି ନ ଥିଲା ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ

**ପାରଳାଖେମୁଣ୍ଡି/ଆର୍.ଉଦୟଗିରି, ୩୦।୧୧(ଡି.ଏନ୍.ଏ.)**

ଗଜପତି ଜିଲା ଅଡ଼ବା ଥାନା ବିରିକୋଟ ଗ୍ରାମ ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ଜୀବନ ଯାଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଛେଲିଗଡ଼ ଗ୍ରାମର ରେଗନ ବିରୋ (୩୧) ଓ ଦମାଦୁଆ ଗ୍ରାମର ସିନୁ ନାୟକ (୧୭)। ରେଗନଙ୍କ ବାପା ଅଶ୍ୱସନ ବିରୋ, ଦମାଦୁଆ ଗ୍ରାମର ସକିନ ମଲ୍ଲିକ ଓ ସୁମିତ ମାଝିଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

ଛେଲିଗଡ ଗ୍ରାମରୁ ରେଗନ ଓ ତାଙ୍କ ବାପା ଏକ ବାଇକ୍ ଯୋଗେ ସମ୍ବଲପୁର ଅଭିମୁଖେ ଯାଉଥିଲେ। ଦମାଦୁଆ ଆଲିଗଣ୍ଡା ମଧ୍ୟରେ ଥିବା ବୁଲାଣି ରାସ୍ତାରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ଶ୍ରୀନୁ, ସକିନ ଓ ସୁମିତଙ୍କ ସହ ସେମାନଙ୍କର ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ରେଗନଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଅନ୍ୟ ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମୋହନା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସିନୁଙ୍କ ମୃତ୍ୟୁ ଘଟିଥିଲା। ଅଶ୍ୱସନ, ସକିନ ଓ ସୁମିତଙ୍କୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। ଅଡ଼ବା ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଯାଇଛି। ଏ ନେଇ ଅଡବା ଥାନାରେ ନଂ.୧୨୭/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି।

**PANCHAYAT SAMITI OFFICE, BOUDH**
**INVITATION TENDER CALL NOTICE**

No. 3396 Date: 29.11.2020

The Block Development Officer, Boudh on behalf of Governor of Odisha invites Percentage of Rate composite Bid in single cover system for the work **"Construction of Pilgrim Amenities and Community Centre at Jagannath Temple, Boudh"** from the Class "B" & "A" contractors as mentioned in Col.- 6 (Six), registered with the State Government and contractors of equivalent grade/class registered with Central Government/MES/Railway, to be eventually drawn up in PWD P-1 form for execution of Building (Composite Work i.e. Civil Work, P.H. Work and E.I. Works). The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in the appropriate class of eligibility before signing the agreement. Bidders may submit bids through Registered/Speed Post for any one or all. The details of eligibility criteria, EMD, enclosure documents etc. along with the list of project and date and time of sale, receipt and opening of bid documents can be viewed and downloaded from district website i.e. **http://www.boudh.nic.in**.
Sale & Receipt of Bid documents: 10.12.2020 to 23.12.2020 (Upto 5.00 P.M.)
Opening of Bid Documents: 24.12.2020 at 11.00 A.M.

Sd./- Block Development Officer, Boudh

**ପୌର ପରିଷଦ, ହିଞ୍ଜିଳିକାଟୁ**
ଧରିତ୍ରୀ ପତ୍ରିକାର ସ୍ୱନକ୍ଷତ୍ର ପାଇଁ ଅଭିନନ୍ଦନ।
**କରୋନା ସଚେତନତା ବାର୍ତ୍ତା**

ଏତଦ୍ୱାରା ହିଞ୍ଜିଳିକାଟୁ ପୌର ପରିଷଦ ତରଫରୁ ସମସ୍ତ ବ୍ୟବସାୟୀ ବନ୍ଧୁମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବର୍ତ୍ତମାନ ଶୀତ ଋତୁ ଥିବାରୁ କରୋନାର ମାତ୍ରା ପୁଣିଥରେ ବଢ଼ିବାରେ ଲାଗିଛି। ତେଣୁ ଗଞ୍ଜାମ ଜିଲ୍ଲାପାଳଙ୍କ ଆଦେଶ ସଂଖ୍ୟା– ୮୩୯୭, ତା୦୨।୧୧।୨୦୨୦ ପ୍ରକାରେ ହିଞ୍ଜିଳିକାଟୁ ସହର ମଧ୍ୟରେ ନିମ୍ନଲିଖିତ ସର୍ତ୍ତଗୁଡ଼ିକ ପାଳନ କରିବା ପାଇଁ ହିଞ୍ଜିଳିକାଟୁ ପୌର ପରିଷଦ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଅଛି।

- ନିଜ ଦୋକାନ ସାମ୍ନାରେ ବାଉଁଶ ବ୍ୟାରିକେଡ୍ କରନ୍ତୁ।
- ମାସ୍କ, ଗ୍ଲୋଭ୍ସ ପିନ୍ଧନ୍ତୁ ଓ ସାନିଟାଇଜର ବ୍ୟବହାର କରନ୍ତୁ।
- ମାସ୍କ ନାହିଁ ତ ଜିନିଷ ନାହିଁର ବ୍ୟାନର ଦୋକାନ ସାମ୍ନାରେ ଲଗାନ୍ତୁ।
- ଦୁଇ ମିଟର ବ୍ୟବଧାନରେ ସାମାଜିକ ଦୂରତ୍ୱର ଗୋଲେଇ ଟାଣନ୍ତୁ।
- କଣ୍ଟାକ୍ଟ ରେଜିଷ୍ଟର ମେଣ୍ଟେନ କରନ୍ତୁ।
- ଗ୍ରାହକମାନେ ସାନିଟାଇଜ୍ କରିବା ନିମନ୍ତେ ଦୋକାନ ମାଲିକ ବ୍ୟବସ୍ଥା କରିବେ।
- ପ୍ରଥମତଃ ଏହି ନିୟମ ଉଲ୍ଲଂଘନ କଲେ ୧୦୦୦/– ଟଙ୍କା ଜୋରିମାନା ଓ ୭ଦିନ ନିମନ୍ତେ ଦୋକାନ ସିଲ୍ କରାଯିବ ଏବଂ ପରବର୍ତ୍ତୀ ସମୟରେ ଉଲ୍ଲଂଘନ କଲେ ଏକ ମାସ ନିମନ୍ତେ ଦୋକାନ ସିଲ୍ କରାଯିବା ସହ ଆପଣଙ୍କ ବିରୁଦ୍ଧରେ FIR ଦିଆଯିବ।
- ମଦଦୋକାନ ମାଲିକମାନେ ଯଦି ଏହି ନିୟମ ଉଲ୍ଲଂଘନ କରନ୍ତି ତେବେ ପ୍ରଥମଥର ନିମନ୍ତେ ଟ.୫୦,୦୦୦/–ଙ୍କା ଓ ୧୦ଦିନ ନିମନ୍ତେ ଦୋକାନ ସିଲ୍ କରାଯିବ ଏବଂ ପରବର୍ତ୍ତୀ ସମୟରେ ଉଲ୍ଲଂଘନ କଲେ ଟ.୧,୦୦,୦୦୦/– ଟଙ୍କା ଜୋରିମାନା ସହ ଏକ ମାସ ନିମନ୍ତେ ଦୋକାନ ସିଲ୍ କରାଯିବା ସହ ଆପଣଙ୍କ ବିରୁଦ୍ଧରେ FIR ଦିଆଯିବ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
ପୌର ପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ

**CLASSIFIED DISPLAY**
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ
ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ

(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହରଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ମଙ୍ଗଳବାର, ଡିସେମ୍ବର ୧, ୨୦୨୦

# ପୁଣି ନକଲି ଘିଅ କାରଖାନା ଠାବ

- କୋଟିଏ ଟଙ୍କାର ସାମଗ୍ରୀ ଜବତ
- କାରଖାନା ପରିଚାଳକ, କର୍ମଚାରୀ ଅଟକ

କଟକ ଅଫିସ,୩୦।୧୧–

କଟକ ସହର ଓ ଏହାର ଆଖପାଖ ଅଞ୍ଚଳରେ ଗତ ୫ ଦିନ ମଧ୍ୟରେ ଚଢ଼ାଉ କରାଯାଇ ୫ଟି ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନା ଠାବ କରାଯାଇଛି। ରବିବାର କଟକ ସଦର ଥାନା ଅଧୀନ ୪୨ ମୌଜା ଶ୍ରୀରାମ ଗ୍ରାମରେ ଥିବା ଅପମିଶ୍ରିତ ଘିଅ ଓ ତେଲ କାରଖାନାଉପରେ ଚଢାଉ କରାଯାଇଥିବାବେଳେ ସୋମବାର ଜଗତପୁର ଥାନା ଅଞ୍ଚଳରେ ଥିବା ନକଲି ଘିଅ କାରଖାନାକୁ ପୋଲିସ ଠାବ କରିଛି। ସେଠାରୁ ୧୦ କୁଇଣ୍ଟାଲ ନକଲି ଘିଅ, ୩ ହଜାର ଲିଟର ପାମୋଲିନ୍ ତେଲ, ରିଫାଇନ୍, ରାସାୟନିକ ପଦାର୍ଥ, ରଙ୍ଗ ଓ ମେଶିନ୍‌କୁ ଜବତ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଡିସିପିଙ୍କ କାର୍ଯ୍ୟାଳୟରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ୨୦୧୧ରୁ ଏହି କମ୍ପାନୀ ଚାଲିଥିବା ନେଇ ପୋଲିସ ସୂଚନା ଦେଇଛି। ଅପମିଶ୍ରିତ ସାମଗ୍ରୀ ରହିଥିବା ପ୍ୟାକେଟ୍‌ରେ ଲେଖାଥିବା ମାନୁଫାକ୍‌ଚରିଂ ତାରିଖରେ ତାଳମେଳ ନାହିଁ। ତେବେ ଚଢ଼ାଉ ପୂର୍ବରୁ କାରଖାନା ମାଲିକ ଫେରାର ହୋଇଯାଇଥିବାବେଳେ ପରିଚାଳକ ଓ ଜଣେ କର୍ମଚାରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ଏହି ଚଢାଉରେ ଡିସିପି ପ୍ରତୀକ୍ ସିଂ, ଏସିପି ଅମରେନ୍ଦ୍ର ପଣ୍ଡା, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ, ମାପ ଓ ଓଜନ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ । ଗତ ଦୁଇ ମାସ ମଧ୍ୟରେ କମିଶନରେଟ୍ ପୋଲିସ ୧୫ଟି ଅପମିଶ୍ରିତ ଓ ନକଲି କାରଖାନା ଉପରେ ଚଢାଉ କରି ୫ କୋଟି ଟଙ୍କାର ସାମଗ୍ରୀ ଜବତ କରିବା ସହ ୧୬ ଜଣଙ୍କୁ ଗିରଫ କରିଥିବା ଡିସିପି ସିଂ ସୂଚନା ଦେଇଛନ୍ତି।



ନକଲି ଘିଅ କାରଖାନାରେ ପୋଲିସ ଯାଞ୍ଚ କରୁଛି ।

ସୂଚନାଯୋଗ୍ୟ, କଟକର ବିଭିନ୍ନ କାରଖାନାରେ ନକଲି ସାମଗ୍ରୀ ପ୍ରସ୍ତୁତ କରାଯାଇ ରାଜ୍ୟର ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ପଠାଯାଉଛି। ଦୀର୍ଘଦିନ ହେବ ଏଭଳି ବେଆଇନ କାର୍ଯ୍ୟ ଚାଲୁଥିଲେ ମଧ୍ୟ ପୋଲିସ ଏ ସମ୍ପର୍କରେ ସୁରାକ ପାଇପାରୁନାହିଁ। ଯାହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ପାଇବା ପରେ ପୋଲିସ କେତେକ କାରଖାନା ଉପରେ ଚଢାଉ କରୁଛି। ହେଲେ ଏଭଳି ବେଆଇନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବାରେ ବିଫଳ ହୋଇଛି। ଆଗାମୀ ଦିନରେ ଏଭଳି ନକଲି ଓ ଅପମିଶ୍ରଣ ସାମଗ୍ରୀ ତିଆରି ହେଉଥିବା କାରଖାନା ଉପରେ ପୋଲିସ ଏବଂ ପ୍ରଶାସନ ଚଢାଉ ଜାରି ରଖିବା ପାଇଁ ସହରବାସୀ ଦାବି କରିଛନ୍ତି।

## ଡାକ୍ତରଙ୍କ ଅନୁପସ୍ଥିତିରେ ପ୍ରସବକୁ ନେଇ ହୋହଲ୍ଲା

ବାରଙ୍ଗ,୩୦।୧୧(ଡି.ଏନ୍.ଏ.)

ତ୍ରିଶୁଳିଆ ଛକରେ ଥିବା ଏକ ଘରୋଇ ଡାକ୍ତରଖାନାରେ ଗତ ୫ଦିନ ତଳେ ଜଣେ ଶିଶୁ ଜନ୍ମ ପରେ ଅବସ୍ଥା ବିଗିଡିବାରୁ ଶିଶୁଭବନ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକ ସୋମବାର ଉକ୍ତ ଘରୋଇ ଡାକ୍ତରଖାନାକୁ ଆସି ଡାକ୍ତରଙ୍କ ଅନୁପସ୍ଥିତିରେ ପ୍ରସବ କରାଇଥିବା ଅଭିଯୋଗ କରି ହୋହଲ୍ଲା କରିଥିଲେ। ବାରଙ୍ଗ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ପରିବାରକୁ ବୁଝାଶୁଝା କରୁଥିବାର ଜଣାପଡିଛି । ବାରଙ୍ଗ ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ଜୟଦେବ ସ୍ୱାଇଁଙ୍କ ସ୍ତ୍ରୀଙ୍କର ଗର୍ଭ ଯନ୍ତ୍ରଣା ହେବାରୁ ଗତ ୨୪ତାରିଖ ରାତିରେ ତ୍ରିଶୁଳିଆ ନିକଟରେ ଥିବା ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ଅନୁପସ୍ଥିତି ଥିବାରୁ ଅନ୍ୟ କର୍ମଚାରୀମାନେ ପ୍ରସବ କରାଇଥିଲେ। କିନ୍ତୁ ୨୫ତାରିଖ ନବଜାତକର ଅବସ୍ଥା ଗୁରୁତର ହେବାରୁ ପରିବାରଲୋକ ଶିଶୁଭବନ ନେଇଥିଲେ। କିନ୍ତୁ ସେଠାରେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଡାକ୍ତରଙ୍କଠାରୁ ଖବର ପାଇଥିଲେ। ଏଥିରେ ଜୟଦେବ ଓ ତାଙ୍କ ପରିବାରଲୋକ ଉତ୍ତ୍ୟକ୍ତ ହୋଇ ବେସରକାରୀ ଡାକ୍ତରଖାନାକୁ ଆସି ହୋହଲ୍ଲା କରିଥିଲେ।

## ପିକ୍‌ଅପ୍–ବାଇକ୍ ଧକ୍କା, ୨ ମୃତ

ବଇଣ୍ଡା,୩୦।୧୧(ଡି.ଏନ.ଏ.)–

ଅନୁଗୋଳ ଜିଲା କିଶୋରନଗର ଥାନା ହିମିତିରା ନିକଟରେ ସୋମବାର ଏକ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବା ଯୋଗୁ ରେଢ଼ାଖୋଲ ଥାନା ଚାରବାଟି ଗ୍ରାମର ବିନୋଦ ସ୍ୱାଇଁ ଓ ନାଣ୍ଡିମାଳ ଗ୍ରାମର ବୁଲୁ ରାଉଳଙ୍କ ମୃତ୍ୟୁ ହୋଇଛି। ଉଭୟେ ବାଇକ୍ ଯୋଗେ ଅଙ୍ଗପଡ଼ାରୁ ରେଢ଼ାଖୋଲ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଭ୍ୟାନ୍ (ନଂ. ଓଡି୧୯ପି–୭୭୧୯) ଧକ୍କା ଦେଇଥିଲା। କିଶୋରନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କ ମୃତ୍ୟୁ ଘଟିଛି । ପୋଲିସ ଏକ ମାମଲା ରୁଜୁ କରିଛି।

ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତର ସମସ୍ତ ଗୁରୁଜନ, ଛୋଟ ବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି।
ସୁମନ୍ତ ବେହେରା
ସରପଞ୍ଚ, କୁରୁମଟାପ, ଆଠମଲ୍ଲିକ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଆଠମଲ୍ଲିକ ସାମ୍ବାଦିକ ସଂଘର ସମସ୍ତ ସାମ୍ବାଦିକମାନଙ୍କୁ ଶୁଭେଚ୍ଛା ଜଣାଉଛି। ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ। ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରନ୍ତୁ ।
ସୁଶାନ୍ତ କୁମାର ମହାପାତ୍ର (ପିନା)
ସଭାପତି, ଆଠମଲ୍ଲିକ ସାମ୍ବାଦିକ ସଂଘ
ଆଠମଲ୍ଲିକ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ସମସ୍ତ ତହସିଲ ପ୍ରଜାମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ
କିଶୋର ନଗର ତହସିଲ (ଶାଖା), ଅନୁଗୋଳ

ଧରିତ୍ରୀ ଖବରକାଗଜର ୫୭ତମ ଜନ୍ମଦିନରେ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।
ଇଂ. ଅଜୟ କୁମାର ଝା
କନିଷ୍ଠ ଯନ୍ତ୍ରୀ
ପାଟଣା ବ୍ଲକ
କେନ୍ଦୁଝର

ମାଁ ତାରିଣୀ ସାଇ ପ୍ରିୟା ନାୟକଙ୍କ ଚଲାପଥ କୁସୁମିତ କରନ୍ତୁ।
ଜେଜେବାପା ପବିତ୍ର ମୋହନ ନାୟକ, ଜେଜେମା' ପଦ୍ମିନୀ ନାୟକ, ଯମୁନାପଶି, ପାଟଣା ବ୍ଲକ, କେନ୍ଦୁଝର

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ନୟାଗଡ଼ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ରଣଜିତ୍ ଦାଶ (ଜିତୁ)
କଂଗ୍ରେସ ଜିଲ୍ଲା ସଭାପତି
ନୟାଗଡ଼

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ମହିସରା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।
କାମାକ୍ଷାପ୍ରସାଦ ନାୟକ
ରମ୍ଭେଇ, ବାଟିଯୋଡ଼ା
ଧର୍ମଶାଳା

ନିରପେକ୍ଷ ଖବର ପ୍ରକାଶନ କ୍ଷେତ୍ରରେ ଧରିତ୍ରୀର ଭୂମିକା ଅତୁଳନୀୟ। ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ଅଜସ୍ର ଶୁଭେଚ୍ଛା ।
ମିନତୀ ରାଣୀ ବେହେରା
ଅଧକ୍ଷା, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟ
ଆଙ୍କୋ, ରୂପ୍‌ସା, ବାଲେଶ୍ୱର

ଆସନ୍ତା ନବବର୍ଷ ୨୦୨୧ ନୟାଗଡ଼ ସହରବାସୀଙ୍କ ପାଇଁ ସୁଖ, ସମୃଦ୍ଧି ଓ ପ୍ରଗତିର ବର୍ଷ ହେଉ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଅଜୟ କୁମାର ସାହୁ (କଲୁ)
ନୟାଗଡ଼

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଦେବେନ୍ଦ୍ର ସାହୁ (ସୁନି)
ପ୍ରୋପ୍ରାଇଟର
କଳିଙ୍ଗ ଇଣ୍ଟରପ୍ରାଇଜେସ୍, ବାଲିସାହି
ଚଢ଼େଇଧରା (ତାରିଣୀ ଛକ)

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକାମାନଙ୍କୁ ଶୁଭେଚ୍ଛା ।
ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଅଙ୍ଗପଡ଼ା, ଅନୁଗୋଳ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ମହିସରା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଶ୍ରୀଯୁକ୍ତ ଚକ୍ରଧର ବେହେରା
ସରପଞ୍ଚ
ମହିସରା ପଞ୍ଚାୟତ
ଧର୍ମଶାଳା ବ୍ଲକ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକାମାନଙ୍କୁ ଶୁଭେଚ୍ଛା ।
ADMINISTRATIVE BLOCK
ଜନତା ମହାବିଦ୍ୟାଳୟ
ବଇଣ୍ଡା, ଅନୁଗୋଳ, କିଶୋରନଗର

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଖୋର୍ଦ୍ଧା ଜିଲ୍ଲାବାସୀଙ୍କୁ ଶୁଭକାମନା।
ଧଜ ସାମନ୍ତରାୟ
ଖୋର୍ଦ୍ଧା

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଅଗଣିତ ପାଠକ, ପାଠିକାଙ୍କୁ ଆନ୍ତରିକ ଶୁଭେଚ୍ଛା। ମାଁ ସମଲେଶ୍ୱରୀ ସମସ୍ତଙ୍କ ଚଲାପଥ କୁସୁମିତ କରନ୍ତୁ।
ଦେବେଶ ଆଚାର୍ଯ୍ୟ
ବିଧାୟକ ତଥା ଅଧ୍ୟକ୍ଷ
ଜିଲ୍ଲା ଯୋଜନା କମିଟି, ବରଗଡ଼

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠିକାପାଠକ ଓ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ସମସ୍ତ ଗୁରୁଜନ, ଛୋଟ ବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି। ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ। ସମସ୍ତେ କରୋନାକୁ ମୁକାବିଲା କରିବା ସହ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରନ୍ତୁ ।
ରମେଶ ଚନ୍ଦ୍ର ସାଏ
ବିଧାୟକ, ଆଠମଲ୍ଲିକ

## ସଂକ୍ଷେପରେ

### ଆସନ୍ତା ତ୍ରୈମାସରେ ଜିଡିପି ଉନ୍ନତ ହେବ: ଅମିତ ଶାହା

**ଅହମ୍ମଦାବାଦ,୩୦।୧୧:** ଆସନ୍ତା ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ଉନ୍ନତ ସ୍ଥିତିକୁ ଫେରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଶା ପ୍ରକଟ କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଅର୍ଥନୈତିକ ସୁଧାର ଲାଗି କଠିନ ପରିଶ୍ରମ କରୁଛନ୍ତି। କରୋନା ମହାମାରୀ ପରେ କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ବିଭିନ୍ନ ପ୍ୟାକେଜ ଘୋଷଣା କରାଯାଇଥିବା ଅହମ୍ମଦାବାଦ ଏକ ଓଭରବ୍ରିଜ୍ ପ୍ରକଳ୍ପକୁ ଭର୍ଚୁଆଲ ଭାବେ ଉଦ୍‌ଘାଟନ କରି ଶାହା ଏହା କହିଛନ୍ତି। ଅର୍ଥ ବ୍ୟବସ୍ଥାରେ ଦୀର୍ଘମିଆଦୀ ପ୍ରଭାବ ଆଣିବା ଦିଗରେ ବିଭିନ୍ନ ନୀତି ନିର୍ଦ୍ଧାରଣ କରାଯାଉଛି। କୃଷି କ୍ଷେତ୍ର, ବିଦ୍ୟୁତ୍, ଶିଳ୍ପନୀତି ଏବଂ ବିକାଶ ହେବା ଭଳି ନୀତି ଉପରେ ସରକାର ଧ୍ୟାନ ରଖିଛନ୍ତି। ୨୦ ଲକ୍ଷ କୋଟିର ପ୍ୟାକେଜ ଗରିବଙ୍କ ମଙ୍ଗଳ ଏବଂ ଅର୍ଥ ବ୍ୟବସ୍ଥା ଲାଗି ଲାଭକାରୀ ହେବ। ବର୍ତ୍ତମାନ ଜିଡିପି ୭% ନିମ୍ନରେ ରହିଛି। ଏହା ଆଗାମୀ ତ୍ରୈମାସରେ ଟ୍ରାକ୍‌କୁ ଫେରି ଆସିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ୯% ଖସିବ ଜିଡିପି: ଏସ୍‌ଆଣ୍ଡପି

**ନୂଆଦିଲ୍ଲୀ,୩୦।୧୧**




- ଆକଳନ ଅପରିବର୍ତ୍ତିତ ରଖିଲା
- ଆସନ୍ତା ଆର୍ଥିକବର୍ଷ ଅଭିବୃଦ୍ଧି ୧୦% ରହିପାରେ

ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଆକଳନକୁ ବିଶ୍ୱ ସ୍ତରୀୟ ଏଜେନ୍ସି ଏସ୍ ଆଣ୍ଡ ପି ଅପରିବର୍ତ୍ତିତ ରଖିଛି। ଭାରତର ଜିଡିପି ୯% ଖସିବ ବୋଲି ଏହା ପୂର୍ବରୁ କହିଥିଲା। ସୋମବାର ଏହି ଏଜେନ୍ସି ସୋମବାର ନୂଆ ରିପୋର୍ଟ ଜାରି କରିଛି। ହେଲେ ଭାରତର ଜିଡିପିରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଏହା କହିଛି। ଅର୍ଥାତ୍ ଜିଡିପି ୯% ହ୍ରାସ ହେବା ନେଇ ଏହା ଆକଳନ କରିଛି। ଏହାବାଦ ଆସନ୍ତା ଆର୍ଥିକ ବର୍ଷରେ ଭାରତର ଜିଡିପି ୧୦% ବଢ଼ିବା ନେଇ ଏହା ରିପୋର୍ଟରେ କହିଛି। ଚଳିତ ଆର୍ଥିକ ବର୍ଷ କରୋନା ମହାମାରୀ ସାରା ବିଶ୍ୱକୁ କବଳିତ କରି ରଖିଛି। ଫଳରେ ଜିଡିପି ପ୍ରଥମ ତ୍ରୈମାସରେ -୨୩.୯% ଖସିଥିଲା। ନିକଟରେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଭାରତର ଜିଡିପି ଡାଟା ଜାରି କରିଥିଲା।

ଦ୍ୱିତୀୟ ତ୍ରୈମାସ ଜିଡିପି ୭.୫% ଖସିଥିବା ଏଥିରେ କୁହାଯାଇଛି। ଏହାକୁ ବିଚାରକଲେ ଦ୍ୱିତୀୟ ତ୍ରୈମାସରେ ଜିଡିପି ପୂର୍ବ ତ୍ରୈମାସରେ କମ୍ ଖସିଛି। ହେଲେ ଅର୍ଥ ବ୍ୟବସ୍ଥା ଚାପରୁ ସମ୍ପୂର୍ଣ୍ଣ ବାହାରି ପାରିନାହିଁ। ଏଭଳି ସ୍ଥିତିରେ ରେଟିଂ ଏଜେନ୍ସିଗୁଡ଼ିକ ଆଗାମୀ ଆର୍ଥିକ ବର୍ଷରେ ଭାରତର ଜିଡିପି ଉନ୍ନତ ହେବ ବୋଲି କହୁଛନ୍ତି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ଜିଡିପି ୯.୫% ଖସିବ ବୋଲି ରିଜର୍ଭ ବ୍ୟାଙ୍କ କହିସାରିଛି। ଚାହିଦା ଫେରୁଥିବାରୁ ଶିଳ୍ପ କ୍ଷେତ୍ରର ଚାହିଦା ଗୋଟିଏ ବର୍ଷ ତଳ ସ୍ତରକୁ ଫେରିଥିବା ଏହି ଏଜେନ୍ସି କହିଛି।

ଏସ୍ ଆଣ୍ଡ ପି ଏହାର ରିପୋର୍ଟରେ କହିଛି, ୨୦୨୧ରେ ମୁଦ୍ରାସ୍ଫୀତି ୨ରୁ ୬% ମଧ୍ୟରେ ରହିପାରେ। ଲକ୍‌ଡାଉନ ଯୋଗୁ ବଜାରରେ କଟକଣା ଲାଗିଥିବା ଯୋଗୁ ଖାଦ୍ୟ ଯୋଗାଣ ଏବଂ ଯୋଗାଣ ଚେନ୍ ପ୍ରଭାବିତ ରହିଥିଲା। ହେଲେ ଏଥିରେ ବର୍ତ୍ତମାନ ପରିବର୍ତ୍ତନ ଆସିଛି। କଟକଣା କମିବା ଯୋଗୁ ବଜାରରେ ଏହାର ପ୍ରଭାବ ଏତେଟା ନାହିଁ। ଏ କ୍ଷେତ୍ରରେ ରହିଥିବା ସମସ୍ୟା ଆଗାମୀ ଦିନରେ କମିବା ନେଇ ଏହି ଏଜେନ୍ସି ଆକଳନ କରିଛି। ବର୍ତ୍ତମାନ ମୁଦ୍ରାସ୍ଫୀତି ୬% ହାରରେ ରହିଛି। ଏହାକୁ ନିୟନ୍ତ୍ରଣକୁ ଆଣିବା ଏକ ଚ୍ୟାଲେଞ୍ଜ। ବଜାର ଉପରେ ଚାପ ରହିବା ଯୋଗୁ ରିଜର୍ଭ ବ୍ୟାଙ୍କ ରେପୋ କମାଇ ନ ପାରେ ବୋଲି ଏହି ଏଜେନ୍ସି ପ୍ରକାଶ କରିଛି।

# ରାଜ୍ ଇଲେକ୍ଟ୍ରୋନିକ୍ସର ସ୍ୱତନ୍ତ୍ର ରିହାତି

**ଭୁବନେଶ୍ୱର,୩୦।୧୧**

କରୋନା ମହାମାରୀ କାରଣରୁ ସାରା ଦେଶରେ ମାନ୍ଦାବସ୍ଥା ଜାରି ରହିଛି। ଏହି ସମୟରେ ମଧ୍ୟ ବାହାଘର ଓ ଗୃହ ପ୍ରବେଶ ଭଳି ଶୁଭ କାର୍ଯ୍ୟ ଜାରି ରହିଛି। ଲୋକଙ୍କ ଆବଶ୍ୟକତାକୁ ନଜରରେ ରଖି ରାଜ୍ୟର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍ ରାଜ୍ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ସ୍ୱତନ୍ତ୍ର ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଜରିଆରେ ଗ୍ରାହକ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣାକିଣି କରିପାରିବେ। ଗ୍ରାହକଙ୍କୁ ସ୍ୱଳ୍ପ ବଜେଟରେ ସାମଗ୍ରୀ ପ୍ରଦାନ କରିବା ଲାଗି ବ୍ୟବସ୍ଥା କରାଯାଇଛି। ଶୋ'ରୁମ ପକ୍ଷରୁ ୩୦,୯୯୯ ଟଙ୍କାରେ ଏକ ପ୍ୟାକେଜ ଘୋଷଣା କରାଯାଇଛି। ଏହି ପ୍ୟାକେଜ ଜରିଆରେ ଗ୍ରାହକ ଟିଭି, ୱାଶିଂମେଶିନ ଓ ରେଫ୍ରିଜରେଟର ଭଳି ବହୁମୂଲ୍ୟ ସାମଗ୍ରୀ କିଣିପାରିବେ। ସେହିଭଳି ବିଭିନ୍ନ ବର୍ଗର ଏସି ପାଇଁ ମଧ୍ୟ ପ୍ରାୟ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଏହି ସ୍ୱତନ୍ତ୍ର ଅଫର ସମ୍ପର୍କରେ ରାଜ୍ ଇଲେକଟ୍ରୋନିକ୍ସର ସ୍ୱତ୍ୱାଧିକାରୀ ପ୍ରକାଶ ବିଶ୍ୱାଳ କହିଛନ୍ତି, ଚଳିତ ବାହାଘର ଋତୁ ସହିତ ନୂତନ ଗୃହ ପ୍ରବେଶ ସହିତ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ପାଇଁ ଗ୍ରାହକଙ୍କ ଲାଗି ବିଭିନ୍ନ ସୁବିଧା ପ୍ରଦାନ କରାଯାଉଛି। ପ୍ରାୟ ୪୦% ରିହାତି ମଧ୍ୟରେ ସବୁ ବର୍ଗର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଯୋଗାଇ ଦିଆଯାଉଛି। ସେହିଭଳି ବିଭିନ୍ନ ଫାଇନାନ୍ସର ସ୍ୱଳ୍ପ ଇଏମ୍‌ଆଇରେ ଗ୍ରାହକ ସାମଗ୍ରୀ ନେଇପାରିବେ। ଶୋ'ରୁମ୍‌ରେ କରୋନା କଟକଣା ସହ ସରକାରୀ ଗାଇଡ୍‌ଲାଇନ ପାଳନ କରାଯାଉଛି। ଅର୍ଡର କରିଥିବା ସାମଗ୍ରୀଗୁଡ଼ିକୁ ଗ୍ରାହକଙ୍କ ଠିକଣାରେ ପହଞ୍ଚାଇବା ବ୍ୟବସ୍ଥା କରାଯାଉଥିବା ବିଶ୍ୱାଳ କହିଛନ୍ତି।

RAJ ELECTRONICS
ODISHA's No.1 Retail Chain Store
ଦୀର୍ଘ 42 ବର୍ଷଧରି ସମଗ୍ର ଓଡ଼ିଶାବାସୀଙ୍କ ଘରେ ଘରେ ପରିଚିତ

# ରୁଚି ଫ୍ରୋଜିଟର ୨ ନୂଆ ଷ୍ଟୋର

**ଭୁବନେଶ୍ୱର,୩୦।୧୧**



ରୁଚି ପକ୍ଷରୁ ଭୁବନେଶ୍ୱରରେ ସୋମବାର ଫ୍ରୋଜିଟର ୨ଟି ନୂଆ ଆଉଟଲେଟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ପଟିଆ ଇନ୍ଦିରା ପ୍ୟାଲେସ ଶପ୍ ନମ୍ବର ୩ ଏବଂ ଶହୀଦନଗରରେ ସି-୮ ଠାରେ ନୂଆ ଆଉଟଲେଟଗୁଡ଼ିକ ଅବସ୍ଥିତ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ଆଦିତ୍ୟ ବାହିନୀ-ଗୋବର୍ଦ୍ଧନ ମଠ ପୁରୀର ପଣ୍ଡିତ ମାତୃପ୍ରସାଦ ମିଶ୍ରଙ୍କ ସମେତ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱତ୍ୱାଧିକାରୀ ବିଶ୍ୱଜିତ ରଥଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଷ୍ଟୋରରେ ପିଜା, ବର୍ଗର, ରୋଲ, ସାଣ୍ଡଉଇଚ, ପାସ୍ତା, କେକ୍, ନୁଡଲ୍ସ, ବିରିୟାନୀ, ପୋଡ଼ପିଠା ଏବଂ ଖିରି ଭଳି ଅନେକ ଖାଦ୍ୟପଦାର୍ଥ ଏଠାରେ ଉପଲବ୍ଧ ହେଉଛି। ଡିସେମ୍ବର ୩୧ ପର୍ଯ୍ୟନ୍ତ ସବୁ ସାମଗ୍ରୀ ଉପରେ ଗ୍ରାହକଙ୍କ ପାଇଁ ୧୦% ରିହାତି ମିଳିବ। ଅନ୍ୟମାନଙ୍କ ମଧ୍ୟରେ ଫ୍ରୋଜିଟର ଫାଇନାନ୍ସ ହେଡ୍ ଶ୍ରୀକାନ୍ତ, ଲୋକ ସମ୍ପର୍କ ଅଧିକାରୀ ରୋମିତ ମହାନ୍ତି ଏବଂ ଆଉଟଲେଟ ମ୍ୟାନେଜର ଅବିନାଶ ସିଂହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସବୁ ସେବା ପାଇବେ ଲକ୍ଷ୍ମୀବିଳାସ ବ୍ୟାଙ୍କ ଗ୍ରାହକ:ଡିବିଏସ୍

**ନୂଆଦିଲ୍ଲୀ,୩୦।୧୧:** ଡିବିଏସ୍ ଇଣ୍ଡିଆ ସହ ଘରୋଇ କ୍ଷେତ୍ର ଲକ୍ଷ୍ମୀବିଳାସ ବ୍ୟାଙ୍କର ମିଶ୍ରଣ ହୋଇଛି। ଲକ୍ଷ୍ମୀବିଳାସ ବ୍ୟାଙ୍କର ଗ୍ରାହକ ସବୁପ୍ରକାର ସେବା ଲାଭ କରିପାରିବେ ବୋଲି ଡିବିଏସ୍ ଇଣ୍ଡିଆ ପକ୍ଷରୁ ସୋମବାର କୁହାଯାଇଛି। ସଞ୍ଚୟ ଏବଂ ସ୍ଥାୟୀ ଜମା ଉପରେ ସୁଧହାର ଗ୍ରାହକଙ୍କୁ ପୂର୍ବ ଭଳି ମିଳିବ। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଡିବିଏସ୍ ଇଣ୍ଡିଆ ବ୍ୟାଙ୍କ ସିଙ୍ଗାପୁର ଭିତ୍ତିକ ଡିବିଏସ୍ ହୋଲ୍ଡିଂର ଏକ ସହଯୋଗୀ କମ୍ପାନୀ। ଲକ୍ଷ୍ମୀବିଳାସ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ିବା ପରେ ଏହାକୁ ଡିବିଏସ୍ ସହ ମିଶ୍ରଣ ନେଇ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ପ୍ରସ୍ତାବ ଦେଇଥିଲା। ନିକଟରେ କ୍ୟାବିନେଟ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲା। ଚଳିତ ମାସ ୨୭ରୁ ଏହି ଏହା କାର୍ଯ୍ୟକାରୀ ହୋଇଥିବା ଜଣାପଡିଛି।

# ଭାରତ ମସଲାର ବାଲିଯାତ୍ରା ଅଫର

**ଭୁବନେଶ୍ୱର,୩୦।୧୧**



ଉତ୍କଳର ପରମ୍ପରାକୁ ବଜାଇ ରଖିବାରେ ଭାରତ ମସଲା ଯୋଗଦାନ ଦେଇ ଆସିଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ କଳିଙ୍ଗର ନୌବାଣିଜ୍ୟ ପରମ୍ପରା କଟକସ୍ଥିତ ବାଲିଯାତ୍ରା ଉତ୍ସବକୁ କୋଭିଡ୍ କଟକଣା ଓ ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ପାଳନ ନିଷ୍ପତ୍ତିକୁ କମ୍ପାନୀ ସ୍ୱାଗତ ଜଣାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ବିଭିନ୍ନ ସ୍ଥାନରେ ଆଉଟଲେଟମାନ ଖୋଲିବା ଯୋଜନା ରଖାଯାଇଛି। ଫଳରେ ଭାରତ ମସଲା ସିଧା ସଳଖ ଗ୍ରାହକଙ୍କ ସହ ଯୋଡ଼ିହୋଇପାରିବ। ଏହି ଉତ୍ସବ ନଭେମ୍ବର ୩୦ କାର୍ତ୍ତିକ ପୂର୍ଣ୍ଣମାଠାରୁ ଡିସେମ୍ବର ୧୨ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟରେ ସହରର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କେନ୍ଦ୍ର ବ୍ୟତୀତ ମର୍ଡର୍ନ ମାର୍ଟରେ ମଧ୍ୟ ଗ୍ରାହକଙ୍କୁ ଗୋଟିଏରେ ଆଉ ଗୋଟିଏ ମସଲା ବା ଖାଦ୍ୟ ସାମଗ୍ରୀ ମିଳିବ। ସ୍ୱତନ୍ତ୍ର ଆଉଟଲେଟ ଓ ନିର୍ଦ୍ଦିଷ୍ଟ ମଲ୍‌ରୁ ଅଫରର ଲାଭ ନେବା ପାଇଁ ଗ୍ରାହକମାନଙ୍କୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ନିବେଦନ କରିଛନ୍ତି। ସେ କହିଛନ୍ତି, କମ୍ପାନୀ ଉପରେ ବିଶ୍ୱାସ ରଖିଥିବା ଗ୍ରାହକମାନଙ୍କୁ ଉତ୍ତମମାନର ମସଲା

**ଗ୍ରାହକଙ୍କ ସହ ଯୋଡି ହେବ**

ସହ ହାଇଜେନିକ ଫୁଡ୍ ଯୋଗାଣ ନେଇ ପଦକ୍ଷେପ ନିଆଯାଉଛି। ବିଶ୍ୱସନୀୟ ଓ ଶୁଦ୍ଧତାକୁ ଗୁରୁତ୍ୱ ଦିଆଯାଉଛି। ଫଳରେ ବିଶ୍ୱ ଦରବାରରେ ଭାରତର ସୁନାମକୁ ଅକ୍ଷୁଣ୍ଣ ରଖି ସାଲିସ ବିହୀନ ବ୍ୟବସାୟକୁ ସଂସ୍ଥା ବିସ୍ତାର କରିବାରେ ସକ୍ଷମ ହୋଇଛି। ବାଲିଯାତ୍ରା ଅବସରରେ କମ୍ପାନୀ ଭଲ କାରବାର କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ଖେଳ ଖବର

### ଟେଣ୍ଡୁଲକରଙ୍କ ସହାୟତା

**ମୁମ୍ବାଇ, ୩୦।୧୧ (ପି.ଟି.):** ଭାରତୀୟ କ୍ରିକେଟ ଆଇକନ ସଚିନ ଟେଣ୍ଡୁଲକର ଗୁରୁତର ରୋଗରେ ପୀଡ଼ିତ ୬ଟି ରାଜ୍ୟର ୧୦୦ ଜଣ ଅନଗ୍ରସର ଶିଶୁଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବେ। ଇକାମ ନାମକ ଫାଉଣ୍ଡେଶନ ସହିତ ପାର୍ଟନରଶିପ୍‌ରେ ସେ ଏହି କାର୍ଯ୍ୟ କରିବେ। ଟେଣ୍ଡୁଲକର ଯେଉଁ ୬ଟି ରାଜ୍ୟ ଅନଗ୍ରସର ପରିବାରର ଶିଶୁଙ୍କୁ ସହାୟତା କରିବେ ସେଗୁଡ଼ିକ ହେଲା ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଆସାମ, କର୍ନାଟକ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ। ଗୁରୁତର ରୋଗରେ ପୀଡ଼ିତ ଶିଶୁମାନଙ୍କୁ ସରକାରୀ ଓ ଟ୍ରଷ୍ଟ ହସ୍ପିଟାଲରେ ଚିକିତ୍ସା ବ୍ୟବସ୍ଥା କରାଯିବ। ଚିକିତ୍ସା ବାବଦରେ ଖର୍ଚ୍ଚ ଟେଣ୍ଡୁଲକରଙ୍କ ଫାଉଣ୍ଡେଶନରୁ ମିଳିବ। ଚଳିତ ମାସ ପ୍ରାରମ୍ଭରେ ଆସାମ ରାଜ୍ୟର କରିମଗଞ୍ଜ ଜିଲା ଅନ୍ତର୍ଗତ ମାକୁଣ୍ଡା ହସ୍ପିଟାଲରେ ପେଡିଆଟ୍ରିକ୍ ସରଞ୍ଜାମ କ୍ରୟ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହାଦ୍ୱାରା ପ୍ରତିବର୍ଷ ୨୦୦୦ରୁ ଅଧିକ ଶିଶୁ ଉପକୃତ ହେବେ ବୋଲି ଆଶା କରାଯାଉଛି।

### ମାରାଡୋନାଙ୍କ ମୃତ୍ୟୁ ଘଟଣାର ତଦନ୍ତ

**ବୁଏନସଏରିଜ୍, ୩୦।୧୧(ଏପି):** ଡିଏଗୋ ମାରାଡୋନାଙ୍କ ମୃତ୍ୟୁକୁ ନେଇ ଆର୍ଜେଣ୍ଟିନା ପୋଲିସ କିମ୍ବଦନ୍ତୀ ଫୁଟ୍‌ବଲରଙ୍କ ବାସଭବନ ଏବଂ କାର୍ଯ୍ୟାଳୟରେ ତଦନ୍ତ ଆରମ୍ଭ କରିଦେଇଛନ୍ତି। ୬୦ବର୍ଷୀୟ ଫୁଟ୍‌ବଲ ଷ୍ଟାରଙ୍କ ବ୍ୟକ୍ତିଗତ ଡାକ୍ତର ସ୍ନାୟୁ ବିଶେଷଜ୍ଞ ଲେପୋଲ୍ଡୋ ଲକ୍‌ଙ୍କୁ ତଦନ୍ତର ଅଂଶବଶେଷ କରାଯାଇଛି। ମାରାଡୋନାଙ୍କ ବିୟୋଗରେ ସମଗ୍ର ଦେଶରେ ଶୋକର ଛାୟା ଖେଳିଯାଇଥିଲା। ତଦନ୍ତକାରୀ ଦଳ ତାଙ୍କ ସମ୍ପର୍କୀୟମାନଙ୍କ ବୟାନ ରେକର୍ଡ କରୁଛି। ତାଙ୍କ ମେଡିକାଲ ରେକର୍ଡକୁ ମଧ୍ୟ ଯାଞ୍ଚ କରି ଦେଖୁଛି। ମାରାଡୋନାଙ୍କର ବୁଏନ୍ସଆୟାର୍ସ ବାହାରେ ଏକ ବାସଗୃହରେ ହୃଦ୍‌ଘାତରେ ପ୍ରାଣହାନି ଘଟିଥିଲା। ଏହାପୂର୍ବରୁ ନଭେମ୍ବର ୩ରେ ତାଙ୍କ ମସ୍ତିଷ୍କରେ ସଫଳ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରୁ ସେ ଆରୋଗ୍ୟ ଲାଭ କରିଥିଲେ ମଧ୍ୟ। ହେଲେ ତାଙ୍କର ଅତ୍ୟଧିକ ଆଲ୍‌କୋହଲ୍ ଏବଂ ଡ୍ରଗ୍ସ ସେବନ ଆଦି ଅନ୍ୟ କେତେକ ସମସ୍ୟା ରହିଥିଲା।

# ଭାରତୀୟ ମହିଳା ଫୁଟ୍‌ବଲ ଦଳର ଟ୍ରେନିଂ ଆଜିଠାରୁ

**ନୂଆଦିଲ୍ଲୀ, ୩୦।୧୧(ପି.ଟି.)**



ଓଡ଼ିଶା ମହିଳା ଫୁଟବଲ ଦଳ।

ଦୀର୍ଘ ୯ ମାସର ବ୍ୟବଧାନ ପରେ ଭାରତୀୟ ମହିଳା ଫୁଟବଲ ଦଳର ଟ୍ରେନିଂ ମଙ୍ଗଳବାର ଗୋଆରେ ଆରମ୍ଭ ହେବାକୁ ଯାଉଛି। କୋଭିଡ-୧୯ ସ୍ଥିତିକୁ ଦୃଷ୍ଟିରେ ରଖି ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷରୁ ଟ୍ରେନିଂ ସ୍ଥଳରେ ଜୈବ ସୁରକ୍ଷିତ ପରିବେଶ ସୃଷ୍ଟି କରାଯାଇଛି। ଟିମ୍ ଡାକ୍ତର ଡ. ଶେର୍ଭିନ ଶେରିଫ ଏଥିପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ପ୍ରସ୍ତୁତ କରିଛନ୍ତି। ବିଭିନ୍ନ ଦୃଷ୍ଟିକୋଣକୁ ବିଚାରକୁ ନିଆଯାଇ ପ୍ରସ୍ତୁତ ପ୍ରୋଟୋକଲ ଅନୁସାରେ ଜାତୀୟ କୋଚ୍ ମୋମୋଲ ରକିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ୟାମ୍ପ ପରିଚାଳିତ ହେବ। ୨୦୨୨ ଏଏଫସି ଏସିଆନ କପ୍‌କୁ ଆଖିଆଗରେ ରଖି ଭାରତୀୟ ଦଳ ଟ୍ରେନିଂ ଆରମ୍ଭ କରିବାକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛି ବୋଲି ରକି କହିଛନ୍ତି।

"ଭାରତୀୟ ମହିଳା ଦଳ ଖେଳିଆସୁଥିବା ବଡ଼ ଟୁର୍ନାମେଣ୍ଟ ମଧ୍ୟରୁ ଏଏଫସି ମହିଳା ଏସିଆନ କପ୍ ଅନ୍ୟତମ। ଆମେ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଅଂଶଗ୍ରହଣ କରୁଛୁ, ମାତ୍ର ଏଏଫସି ମହିଳା ଏସିଆନ କପ୍ ଏକ ଭିନ୍ନ ଧରଣର ପ୍ରତିଯୋଗିତା। ପ୍ରସ୍ତୁତି ପାଇଁ ଏକ ବର୍ଷ ସମୟ ଥିଲେ ହେଁ ଉପମହାଦେଶୀୟ ପାୱାର ହାଉସ୍‌ଗୁଡ଼ିକ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହଜ ନୁହେଁ। ପଡ଼ିଆରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅଧିକ ଦାୟିତ୍ୱସମ୍ପନ୍ନ ହେବାକୁ ପଡ଼ିଥାଏ। ତେଣୁ ଭଲ ପ୍ରସ୍ତୁତି ହେଲେ ଯାଇ ଆମେ ଅନ୍ୟ ଦଳଗୁଡ଼ିକୁ ଚ୍ୟାଲେଞ୍ଜ ଦେଇ ପାରିବୁ ବୋଲି ରକି" ପ୍ରକାଶ କରିଛନ୍ତି। ଏସଓପି ଅନୁସାରେ କ୍ୟାମ୍ପରେ ଭାଗ ନେବାକୁ ଯାଉଥିବା ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ଘର ଛାଡ଼ିବାର ୩ ଦିନ ପୂର୍ବରୁ କୋଭିଡ-୧୯ ପରୀକ୍ଷା (ଆରଟି-ପିସିଆର) କରାଇବା ବାଧ୍ୟତାମୂଳକ। ଯେଉଁମାନଙ୍କର ରିପୋର୍ଟ ନେଗେଟିଭ୍ ଆସିବ ସେମାନେ ସାବଧାନତା ଅବଲମ୍ବନକରି ଭ୍ରମଣ କରିପାରିବେ। ଗୋଆରେ ପହଞ୍ଚିବାପରେ ସେମାନଙ୍କର ର୍ୟାପିଡ୍ ଆଣ୍ଟିଜେନ୍ ଟେଷ୍ଟ (ଆରଏଟି) ହେବ। ରିପୋର୍ଟ ନେଗେଟିଭ୍ ଆସିଲେ ସେମାନେ ନିଜ ରୁମ୍‌କୁ ଯାଇ ୭ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। କୋଭିଡ-୧୯ର କୌଣସି ଲକ୍ଷଣ ନ ଥିଲେ କ୍ୱାରାଣ୍ଟାଇନ୍ ଅବଧି ସମାପ୍ତ ହେବାପରେ ଅର୍ଥାତ୍ ୮ମ ଦିବସରେ ସେମାନେ ଆଉ ଏକ ଆରଟି-ପିସିଆର ଟେଷ୍ଟର ସମ୍ମୁଖୀନ ହେବେ। ରିପୋର୍ଟ ନେଗେଟିଭ୍ ଆସିବାପରେ ଖେଳାଳିମାନେ କ୍ୟାମ୍ପରେ ଯୋଗ ଦେବେ।

# ଗାଙ୍ଗୁଲି ଲିଭିନ୍‌ଗାର୍ଡର ବ୍ରାଣ୍ଡ୍ ଆମ୍ବାସାଡର

**ଭୁବନେଶ୍ୱର, ୩୦।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**



ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସଭାପତି ତଥା ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ସ୍ୱାସ୍ଥ୍ୟରକ୍ଷା ବ୍ରାଣ୍ଡ୍ ଲିଭିନ୍‌ଗାର୍ଡ ଏଜିର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି ପାଇଛନ୍ତି। ଏହି କମ୍ପାନୀ ଉନ୍ନତମାନର ମାସ୍କ ଓ ଗ୍ଲୋଭ୍ସ ପ୍ରସ୍ତୁତ କରିଥାଏ। ମୁଖ୍ୟ କାର୍ଯ୍ୟାଳୟ ସୁଇଜରଲାଣ୍ଡରେ ରହିଥିବାବେଳେ ଭାରତ ସମେତ ଜର୍ମାନୀ, ୟୁଏସ୍‌ଏ, ସିଙ୍ଗାପୁର, ଜାପାନ ଓ ଦକ୍ଷିଣ ଆଫ୍ରିକାରେ ଏହାର ଶାଖା ରହିଛି। କମ୍ପାନୀ ଦ୍ୱାରା ପ୍ରସ୍ତୁତ ମାସ୍କ ଓ ଗ୍ଲୋଭ୍ସ କୋଭିଡ୍ ପାଇଁ କେବଳ ପ୍ରତିଷେଧମୂଳକ ନୁହେଁ ବରଂ ସୁରକ୍ଷା ପ୍ରଦାନକାରୀ ମଧ୍ୟ। ବାରମ୍ବାର ସଫା କରିବା ଦ୍ୱାରା ମାସ୍କ ୬ ମାସ ପର୍ଯ୍ୟନ୍ତ ବ୍ୟବହାରଯୋଗ୍ୟ ବୋଲି କମ୍ପାନୀ ତରଫରୁ ଦାବି କରାଯାଇଛି। ଲିଭିନ୍‌ଗାର୍ଡର ପ୍ରତିଷ୍ଠାତା, ଉଦ୍ଭାବକ ତଥା ସିଇଓ ସଞ୍ଜୀବ ସ୍ୱାମୀ, ମାର୍କେଟିଂ ବରିଷ୍ଠ ଉପସଭାପତି ମିସ୍ ଭିକ୍ଟୋରିଆ ବେନ୍ସଜାକ୍, ନିର୍ଦ୍ଦେଶକ ତଥା ବରିଷ୍ଠ ଉପସଭାପତି (ବିକ୍ରି) ଏସିଆ ଅଙ୍କିତ ମିତ୍ତଲ ପ୍ରମୁଖଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ଗାଙ୍ଗୁଲିଙ୍କୁ କମ୍ପାନୀ ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରାଯାଇଥିଲା।

## ବର୍ଷାରେ ଧୋଇଗଲା ତୃତୀୟ ଟି୨୦

**ମାଉଣ୍ଟ ମାଙ୍ଗୁନୁଇ(ନ୍ୟୁଜିଲାଣ୍ଡ), ୩୦।୧୧(ପି.ଟି.):** ନ୍ୟୁଜିଲାଣ୍ଡ-ୱେଷ୍ଟଇଣ୍ଡିଜ ତୃତୀୟ ଟି୨୦ କ୍ରିକେଟ ମ୍ୟାଚ ସୋମବାର ବର୍ଷାରେ ଧୋଇ ଯାଇଛି। ମ୍ୟାଚରେ କେବଳ ୨.୨ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ୱେଷ୍ଟଇଣ୍ଡିଜ ୧ ଉଇକେଟ ହରାଇ ୨୫ ରନ ସଂଗ୍ରହ କରିଥିଲା।

# ଓସିଏ ଆୟୋଜନ କରିବ ଟି୨୦ ଲିଗ୍

**ଭୁବନେଶ୍ୱର, ୩୦।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** କଟକସ୍ଥିତ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କ୍ଲବ ପରିସରରେ ଏହାର କର୍ମକର୍ତ୍ତା, ଫାଇନାନ୍ସ କମିଟି ଓ ଟୁର୍ନାମେଣ୍ଟ କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କ୍ରିକେଟର ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମି ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍) ଟି୨୦ ଏବଂ ବିସିସିଆଇ ଦ୍ୱାରା ହେବାକୁଥିବା ସୟଦ ମୁସ୍ତାକ ଅଲୀ ଟ୍ରଫି ଲାଗି ପ୍ରସ୍ତୁତି ଲାଗି ଏକ ସିଲେକ୍ସନ ଟ୍ରାଏଲ ପାଇଁ ଓସିଏ ଯୋଜନା କରିଛି। ଟ୍ରାଏଲ ମ୍ୟାଚ ପାଇଁ ସିଲେକ୍ସନ କମିଟି ୧୬୮ କ୍ରିକେଟରଙ୍କୁ ମନୋନୀତ କରିବ। ଟିସିଏମ୍ ସ୍ପୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍‌ର ସହଯୋଗରେ ଓସିଏଲ୍ ଟି୨୦ ଲିଗ୍ ଆୟୋଜନ ହେବ। ଟିସିଏମ୍ ଆଇପିଏଲ୍, ଆଇସିସି ବିଶ୍ୱକପ୍, ଖେଲୋ ଇଣ୍ଡିଆ ଓ ଆଇଏସ୍‌ଏଲ୍ ଭଳି ଇଭେଣ୍ଟ ସହିତ କାର୍ଯ୍ୟକରି ଆସିଛି। ଓଡ଼ିଶାର ଶ୍ରେଷ୍ଠ ୮୪ ଖେଳାଳିଙ୍କୁ ୬ଟି ଦଳରେ ବିଭକ୍ତ କରାଯାଇ ଓସିଏଲ୍ ଟି୨୦ ଲିଗ୍ ଖେଳାଯିବ। ଏଥିଲାଗି ଖେଳାଳି ମନୋନୟନ ପାଇଁ ଡିସେମ୍ବର ୫ରୁ ଟ୍ରାଏଲ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମହିଳା କ୍ରିକେଟର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବ୍ୟଦର୍ଶିନୀ ଓସିଏର ଏକମାତ୍ର ଖେଳାଳି ଭାବେ ୟୁଏଇରେ ଅନୁଷ୍ଠିତ ମହିଳା ଟି୨୦ ଚ୍ୟାଲେଞ୍ଜରେ ଟିମ୍ ଭେଲୋସିଟି ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଏହି ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।



ଓସିଏ ପକ୍ଷରୁ ସୋମବାର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ମହେଶ ଭଟ୍ଟଙ୍କ ୯୦ ଦଶକର ସୁପର ହିଟ୍ ଫିଲ୍ମ 'ଆଶିକୀ'ରେ ହିରୋ ଭୂମିକା ତୁଲାଇ ଦର୍ଶକଙ୍କ ମନ ମୋହିଥିବା ଅଭିନେତା ରାହୁଲ ରୟ (୫୨)ଙ୍କୁ ବ୍ରେନ୍‌ଷ୍ଟ୍ରୋକ୍ ହେବାରୁ ତାଙ୍କୁ ଚିକିତ୍ସା ଲାଗି ମୁମ୍ବାଇର ନାନାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ସେ ଗୁରୁତର ଅବସ୍ଥାରେ ହସ୍ପିଟାଲ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। କାର୍ଗିଲରେ ଫିଲ୍ମ 'ଏଲ୍ଏସି' ଶୁଟିଂବେଳେ ତାଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ହୋଇଥିଲା। ଅତ୍ୟଧିକ ଥଣ୍ଡା ଯୋଗୁ ଏଭଳି ହୋଇଥିବା ଅନୁମାନ କରାଯାଉଛି। ଏସମ୍ପର୍କରେ ତାଙ୍କ ଭାଇ ରୋମୀର ସୂଚନା ଦେଇଛନ୍ତି। ଫଳରେ ରାହୁଲଙ୍କ ପ୍ରଶଂସକ ଭାଙ୍ଗି ପଡ଼ିଛନ୍ତି।



# ପାର୍ଟି ବଦଳରେ ପଇସା





**ନୂଆଦିଲ୍ଲୀ:** ବିବାହ ପାର୍ଟିରେ ଭୋଜି ହିଁ ମୁଖ୍ୟ ଆକର୍ଷଣ। ଧୁମ୍‌ଧାମରେ ବିବାହ କରିବାକୁ ଯାଉଥିବା କପଲମାନେ ଏଥିପାଇଁ ବହୁଦିନରୁ ଯୋଜନା କରିଥାନ୍ତି। କିନ୍ତୁ ଏବେ କରୋନା ପାଇଁ ଏକ ଭିନ୍ନ ଉପାୟରେ ନିଜ ବିବାହ ଭୋଜି ଦେଇଛନ୍ତି ଆମେରିକାର କପଲ ଇମିଲି ବୁଗ୍ ଏବଂ ବିଲେ ଲିଓସ୍। ଭୋଜିକୁ ନିମନ୍ତ୍ରଣ ଦେବା ବଦଳରେ ସେମାନେ ବିଭିନ୍ନ ଅନୁଷ୍ଠାନରେ ଭୋଜନ ନିମନ୍ତେ ଅର୍ଥ ଦାନ କରିଛନ୍ତି। ସେମାନଙ୍କର ଏହି ନିଷ୍ପତ୍ତି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆମେରିକାର ଇଲିଓନିସ୍‌ର ଇମିଲି ବୁଗ୍ ଏବଂ ବିଲେ ଲିଓସ୍ ତାଙ୍କ ବିବାହକୁ ଧୁମଧାମରେ କରିବା ପାଇଁ ବହୁଦିନରୁ ଯୋଜନା କରିଥିଲେ। ଏଥିପାଇଁ ନିମନ୍ତ୍ରଣ ପତ୍ର ବି ଛପାଇ ଦେଇଥିଲେ। କିନ୍ତୁ କରୋନା ଭାଇରସ୍ ପାଇଁ ଅଧିକ ଲୋକଙ୍କୁ ଡାକି ପାର୍ଟି କରିବା ବଦଳରେ ସେମାନେ ଖାଇବା ନିମନ୍ତେ ବିଭିନ୍ନ ଲୋକଙ୍କ ତାଲିକା କରି ଅର୍ଥ ଦାନ କରିଛନ୍ତି। ଭୋଜି ଆୟୋଜନ କରିବା ବଦଳରେ ସେହି ନିମନ୍ତେ ଥିବା ଅର୍ଥକୁ ସେ କିଛି ଲୋକଙ୍କ ଖାଦ୍ୟ ଖର୍ଚ୍ଚ ତୁଲାଇବା ପାଇଁ ଦାନ କରି ଦେଇଛନ୍ତି। ଅର୍ଥାତ୍ କହିବାକୁ ଗଲେ ଭୋଜି ଖାଇବାକୁ ଦେବା ବଦଳରେ ସେ ସେହି ଅନୁପାତରେ ଟଙ୍କା ଦେଇ ଦେଇଛନ୍ତି। ଆଉ ସେ ଭୋଜି ଦେଇଛନ୍ତି ଖାଦ୍ୟ ଯୋଗାଡ଼ କରିବାକୁ ଅସମର୍ଥ ଥିବା କିଛି ଲୋକଙ୍କୁ। ଉଭୟ ବୁଗ୍ ଏବଂ ଲିଓସ୍ ବିବାହ ଦିନ ସାଧାରଣଭାବରେ ବିବାହ କରିଛନ୍ତି ଏବଂ ଭୋଜି ଦେବା ବଦଳରେ ବିଭିନ୍ନ ଅନୁଷ୍ଠାନରେ ଏକ ମିଲ୍‌ର ଖାଦ୍ୟ ଖର୍ଚ୍ଚ ନିମନ୍ତେ ଅର୍ଥ ଦାନ କରିଛନ୍ତି। ଏହି କପଲଙ୍କର ବିବାହ ଭୋଜିର ଷ୍ଟାଇଲ ନେଇ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେମାନଙ୍କର ଏହି ନିଷ୍ପତ୍ତିକୁ ଲୋକେ ଢେର୍ ପ୍ରଶଂସା କରିଛନ୍ତି। ପ୍ରକୃତରେ ଏହି ଦୁଇଜଣ ହିଁ ଅସଲି ହିରୋ ଭଳି କାମ କରିଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି ବୋଲି ସୋସିଆଲ ମିଡିଆରେ ଲୋକେ ମତ ଦେଇଛନ୍ତି।

# ବିରଳ କଇଁଛ ଉଦ୍ଧାର



ଗୁଆହାଟୀ: ଏକ ବିଲୁପ୍ତ ପ୍ରଜାତିର କଇଁଛ ଆସାମର ଏକ ମାଛ ବଜାରରୁ ଉଦ୍ଧାର କରାଯାଇଛି। ବିକ୍ରି ପାଇଁ ରଖାଯାଇଥିବା କଇଁଛଟିକୁ ସୋମବାର ଜଣେ ପ୍ରଫେସର ଉଦ୍ଧାର କରିଛନ୍ତି। ଆସାମ ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନ ଏବଂ ଜୈବ ସୂଚନା ବିଜ୍ଞାନ ବିଭାଗୀୟ ମୁଖ୍ୟ ଶ୍ରାବଣୀ ଗିରି ମାଛ ବଜାର ଯାଇଥିବାବେଳେ ଜଣେ ବ୍ୟବସାୟୀ ଏକ ବିରଳ ପ୍ରଜାତିର ଜୀବିତ କଇଁଛ(ଇଣ୍ଡିଆନ୍ ପିକକ୍ ସଫ୍ଟ-ଶେଲ୍ ଟର୍ଟଲ୍) ବିକ୍ରି ପାଇଁ ରଖାଯାଇଥିବା ଦେଖିବାକୁ ପାଇଥିଲେ। ପ୍ରଫେସରଙ୍କୁ ଦେଖି ବ୍ୟବସାୟୀ ଜଣଙ୍କ କଇଁଛଟିକୁ କାଟି ବିକିବା ପାଇଁ ଯାଉଥିଲେ। ଏହା ଦେଖି ପ୍ରଫେସର ଗିରି ବ୍ୟବସାୟୀଙ୍କୁ ଅଟକାଇଥିଲେ। ୪ହଜାର ଟଙ୍କା ଦେଇ ସେ କଇଁଛଟିକୁ ଜୀବିତ ଅବସ୍ଥାରେ କିଣି ଘରକୁ ଆଣିଥିଲେ। ପରେ ସେ କଇଁଛଟିକୁ ତା'ର ପ୍ରାକୃତିକ ବାସସ୍ଥାନରେ ଛାଡ଼ିବା ନିମନ୍ତେ ବନ ବିଭାଗକୁ ଖବର ଦେଇଥିଲେ ବୋଲି କାଛାର୍ ବନଖଣ୍ଡ ଅଧିକାରୀ କହିଛନ୍ତି। ବିଭାଗ ପକ୍ଷରୁ ପ୍ରଫେସରଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଛି। ଏଥିସହ ମତ୍ସ୍ୟ ବିଭାଗ ସହାୟତାରେ ମତ୍ସ୍ୟଜୀବୀଙ୍କୁ କଇଁଛ ସୁରକ୍ଷା ପାଇଁ ସଚେତନ କରିବାକୁ ବନବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଇଣ୍ଡିଆନ୍ ପିକକ୍ ସଫ୍ଟ-ଶେଲ୍ ଟର୍ଟଲ୍ ଦକ୍ଷିଣ ଏସିଆରେ ଦେଖିବାକୁ ମିଳିଥାନ୍ତି। ଏହା ବିଲୁପ୍ତ ପ୍ରଜାତିଭାବେ ଆଇୟୁସିଏନ୍(ଇଣ୍ଟରନ୍ୟାଶନାଲ ୟୁନିଅନ ଫର୍ କନ୍‌ଜରଭେସନ ଅଫ୍ ନେଚର)ର ରେଡ୍ ଲିଷ୍ଟରେ ରହିଛି।




7TH Happy BIRTHDAY WISH
Ayusman Koustuv Bidyapati
Balarampur, Kujang, J.S.PUR
May God bless you in all respects.
-:Well Wishers:-
Bapa, Mama, Maa, Jejaji and Brother Ansar.
D-19020



43rd Happy Birthday
Ayusman K.P.S. Bidyapati
Balarampur, Kujang, J.S.PUR
May God bless you in all respects.
-:Well Wishers:-
Mother, Sisters and Friends.
D-19019




# ପ୍ରଥମ ଫିଲ୍ମରେ ୧୭ ଚୁମ୍ବନ

**ମୁମ୍ବାଇ:** ୨୦୦୩ ମସିହାରେ ଫିଲ୍ମ 'ଖ୍ୱାହିଶ୍' ସହିତ ବଲିଉଡ୍‌ରେ ଡେବ୍ୟୁ କରିଥିଲେ ଅଭିନେତ୍ରୀ ମଲ୍ଲିକା ସେରାୱତ୍। ପ୍ରଥମ ଚଳଚ୍ଚିତ୍ରରେ ୧୭ଟି ଚୁମ୍ବନ ଦୃଶ୍ୟ ସହିତ ମଲ୍ଲିକା କ୍ୟାରିୟର ଆରମ୍ଭ କରିଥିଲେ। ତେବେ ମଲ୍ଲିକା ଫିଲ୍ମ 'ମର୍ଡର'ରୁ ଖ୍ୟାତି ଅର୍ଜନ କରିଥିଲେ। ଏଥିରେ କେବଳ ଫିଲ୍ମର ଗୀତ ସୁପରହିଟ୍ ହୋଇ ନ ଥିଲା, ମଲ୍ଲିକା-ଇମ୍ରାନ୍‌ଙ୍କ ଯୋଡ଼ିକୁ ପ୍ରଶଂସକ ବହୁତ ପସନ୍ଦ କରିଥିଲେ। ତେବେ ମଲ୍ଲିକାଙ୍କ ପ୍ରକୃତ ନାମ ହେଉଛି ରିମା ଲାମ୍ବା। ସେ ତାଙ୍କ ନାମ ରିମାରୁ ମଲ୍ଲିକାକୁ ପରିବର୍ତ୍ତନ କରିଥିଲେ। ଏହା ସହିତ ତାଙ୍କ ବିଷୟରେ ମଧ୍ୟ କୁହାଯାଇଛି ଯେ, ମଲ୍ଲିକା ବଲିଉଡ୍‌ରେ ଡେବ୍ୟୁ ପୂର୍ବରୁ ବିବାହ କରିଥିଲେ। ପରେ ତାଙ୍କର ଛାଡପତ୍ର ହୋଇଥିଲା। ପାଠପଢ଼ା ଶେଷ କରିବା ପରେ ମଲ୍ଲିକା ଜଣେ ଏୟାରହୋଷ୍ଟେସ୍ ଭାବରେ କାମ କରିଥିବା କୁହାଯାଉଛି। ଯେଉଁଠାରେ ସେ ପାଇଲଟ୍ କରଣ ସିଂ ଗିଲ୍‌ଙ୍କୁ ଭେଟିଥିଲେ। କରଣଙ୍କ ସହ ବନ୍ଧୁତା ଆରମ୍ଭ ହୋଇଥିଲା। ଧୀରେ ଧୀରେ ଏହି ବନ୍ଧୁତା ପ୍ରେମରେ ପରିଣତ ହେଲା। ପରେ ବିବାହ ମଧ୍ୟ ହେଲା। କିନ୍ତୁ ପ୍ରାୟ ଏକ ବର୍ଷ ପରେ ମଲ୍ଲିକା ଏବଂ କରଣଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଆସିଲା। ଉଭୟ ପରସ୍ପରକୁ ଛାଡ଼ପତ୍ର ଦେଇଥିଲେ । ତଥାପି, ମଲ୍ଲିକା ଏହାକୁ କେବେ ପ୍ରକାଶ କରିନାହାନ୍ତି । ସେ ଏପରି ପ୍ରଶ୍ନର କୌଣସି ଉତ୍ତର ଦିଅନ୍ତି ନାହିଁ। ସର୍ବଦା ନିଜକୁ ଅବିବାହିତା ବୋଲି କହିଥାନ୍ତି।

# କେକ୍ ଲେଡି କେଥ୍ ରିୟାନ୍





**ନୂଆଦିଲ୍ଲୀ:** ଦେଶ ପାଇଁ ପ୍ରାଣବଳି ଦେଉଥିବା ସୈନିକମାନଙ୍କୁ ସମସ୍ତେ ସମ୍ମାନ ଦେଇଥାନ୍ତି। କିନ୍ତୁ କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ସୈନିକମାନଙ୍କ ସଂଘର୍ଷପୂର୍ଣ୍ଣ ଜୀବନରେ କିଛିଟା ଖୁସି ଭରି ଦେବା ପାଇଁ ଅନେକ ପ୍ରକାରରେ ଉଦ୍ୟମ କରିଥାନ୍ତି। ଠିକ୍ ଯେମିତି କେକ୍ ଲେଡି। ଆହତ ସୈନିକମାନଙ୍କୁ ନିଜ ହାତ ତିଆରି କେକ୍ ଖୁଆଇ ଖୁସି ବାଣ୍ଟୁଛନ୍ତି ବ୍ରିଟେନର କେଥ୍ ରିୟାନ୍। ସେଥିପାଇଁ ତ ଏବେ ସମସ୍ତଙ୍କ ପାଇଁ ସେ ପାଲଟିଛନ୍ତି କେକ୍ ଲେଡି।

ବ୍ରିଟେନର ଡାକ୍ତରଖାନାରେ ସୈନିକମାନଙ୍କୁ ଭେଟି ସେମାନଙ୍କୁ ନିଜ ହାତ ତିଆରି କେକ୍ ଖୁଆନ୍ତି କେଥ୍ ରିୟାନ୍। ୧୧ ବର୍ଷ ହେଲାଣି ସେ ଏହିପରି ଡାକ୍ତରଖାନାକୁ ଆସି ସୈନିକମାନଙ୍କୁ ଭେଟୁଛନ୍ତି। କେବଳ ସୈନିକମାନଙ୍କୁ ଭେଟିବା ପାଇଁ ସେ ଡାକ୍ତରଖାନା ଭିତରକୁ ୧୨୬୦ ଥର ଆସି ସାରିଲେଣି। ଆଉ ଏହି ସମୟ ଭିତରେ ସେ ୧୦ ଲକ୍ଷରୁ ଅଧିକ କେକ୍ ଖୁଆଇ ସାରିଲେଣି। ଏକ ଆକସ୍ମିକ ଘଟଣାକ୍ରମରେ ରିୟାନଙ୍କର ଏହି କେକ୍ ବାଣ୍ଟିବା କାମ ଆରମ୍ଭ ହୋଇଥିଲା। ୨୦୦୯ ମସିହାରେ ଥରେ ରିୟାନ ତାଙ୍କ ଅସୁସ୍ଥ ଭଉଣୀଙ୍କୁ ଭେଟିବା ପାଇଁ ହସ୍ପିଟାଲକୁ ଯାଇଥିଲେ। ସେଠାରେ ସେ ତାଙ୍କ ଭଉଣୀକୁ କେକ୍ ଖୁଆଇବା ସହ ପାଖରେ ଥିବା ଆହତ ସୈନିକମାନଙ୍କୁ ମଧ୍ୟ କେକ୍ ବାଣ୍ଟିଥିଲେ। କିନ୍ତୁ ସେଦିନ ସୈନିକମାନେ ମଜାରେ କହିଥିଲେ କି ସେମାନଙ୍କ ପାଇଁ ଅଲଗା କେକ୍ ଦରକାର। ଏହି ପଦିଏ କଥା ହିଁ ରିୟାନଙ୍କ ହୃଦୟକୁ ଦୋହଲାଇ ଦେଇଥିଲା। ତା' ପରଦିନ ସେ ଅଲଗା କେକ୍ ନେଇ ହସ୍ପିଟାଲରେ ଥିବା ୩୫ଜଣ ସୈନିକଙ୍କୁ ବାଣ୍ଟିଥିଲେ। ଏହା ପରଠାରୁ ସେ ପ୍ରତିଦିନ କେକ୍ ଆଣି ହସ୍ପିଟାଲରେ ଥିବା ସୈନିକମାନଙ୍କ ସହିତ ବାଣ୍ଟିବା ଆରମ୍ଭ କରିଥିଲେ। ଆହତ ସୈନିକମାନଙ୍କ ସହିତ ଧୀରେ ଧୀରେ ତାଙ୍କର ନିବିଡ଼ ସମ୍ପର୍କ ସୃଷ୍ଟି ହୋଇଥିଲା ଏବଂ ସେମାନେ ଭଲ ହେବା ପରେ ବିଭିନ୍ନ କାର୍ଯ୍ୟକ୍ରମରେ ରିୟାନଙ୍କୁ ଡାକୁଛନ୍ତି। ଏମିତି କି କେତେଜଣ ରିୟାନଙ୍କ ଘରକୁ ଆସି ତାଙ୍କ ସହିତ ସମୟ କାଟୁଛନ୍ତି।

# ୪୦ ବର୍ଷରେ ୨୩ ସନ୍ତାନର ଜନକ



ସିଡନୀ: ଅଷ୍ଟ୍ରେଲିଆରେ ରହୁଥିବା ଆଲାନ ଫାନ ନାମକ ଜଣେ ଯୁବକ ଶୁକ୍ରାଣୁ ଦାନ ପାଇଁ ନିଜ ଦେଶରେ ବେଶ ଲୋକପ୍ରିୟତା ଅର୍ଜନ କରିଛନ୍ତି। ପ୍ରଥମେ ସେ ନିଜ ଖୁସି ପାଇଁ ଶୁକ୍ରାଣୁ ଦାନ କରୁଥିଲେ, କିନ୍ତୁ ପରେ ସେ ଏହାକୁ ଏକ ପେସା ଭାବେ ଗ୍ରହଣ କରିଥିଲେ। ଯୁବକଙ୍କ ଏହି କାର୍ଯ୍ୟର ତଦନ୍ତ ଆରମ୍ଭ ହୋଇଛି। ଯୁବକ ଜଣକ କହିଛନ୍ତି ଯେ, ତାଙ୍କର କାର୍ଯ୍ୟକ୍ଷମ ଶୁକ୍ରାଣୁ ହେତୁ ମହିଳାମାନେ ତାଙ୍କୁ ପସନ୍ଦ କରନ୍ତି। ଆଲାନ ନିଜେ ଦୁଇ ସନ୍ତାନର ପିତା। କିନ୍ତୁ ସେ ବ୍ୟକ୍ତିଗତ ଭାବରେ ଶୁକ୍ରାଣୁ ଦାନ କରିଆସୁଛନ୍ତି ଏବଂ ଏଥିରୁ ପ୍ରାୟ ୨୩ ପିଲା ଜନ୍ମ ନେଇଛନ୍ତି। ସେ ପଞ୍ଜୀକୃତ ଫର୍ଟିଲିଟି ସେଣ୍ଟରରେ ଶୁକ୍ରାଣୁ ମଧ୍ୟ ଦାନ କରନ୍ତି। ଅଷ୍ଟ୍ରେଲିଆର ବ୍ରିସ୍ବେନରେ ରହୁଥିବା ୪୦ ବର୍ଷର ଆଲାନଙ୍କୁ ଏବେ ପରୀକ୍ଷା କରାଯାଉଛି। କେତେକ ପ୍ରଜନନ କ୍ଲିନିକ ଆଲାନଙ୍କ ନାଁରେ ଅଭିଯୋଗ ଆଣିଥିଲେ। ଆଲାନଙ୍କ ନାଁରେ ଅବୈଧ କ୍ଲିନିକକୁ ଶୁକ୍ରାଣୁ ଦାନ କରିଥିବା ଏବଂ ନିର୍ଦ୍ଧାରିତ ସୀମାଠାରୁ ଅଧିକ ସନ୍ତାନ ଜନ୍ମ କରୁଥିବା ଅଭିଯୋଗ ହୋଇଛି। ଅଷ୍ଟ୍ରେଲିଆର ଭିକ୍ଟୋରିଆ ନିୟମ ଅନୁଯାୟୀ, ଜଣେ ବ୍ୟକ୍ତି କେବଳ ୧୦ଟି ସନ୍ତାନ ସୃଷ୍ଟି କରିପାରିବ। ଏଥି ସହିତ ଆଲାନ କହିଛନ୍ତି ଯେ, ମହିଳାମାନଙ୍କୁ ମନା କରିବା ତାଙ୍କ ପାଇଁ ବହୁତ କଷ୍ଟକର। ଏହି କାରଣରୁ ସେ ଗୋଟିଏ ଦିନରେ ତିନିଜଣ ମହିଳାଙ୍କୁ ଶୁକ୍ରାଣୁ ଦାନ କରନ୍ତି।

# 'କଡ଼କନାଥ'ର ଚାହିଦା ବଢ଼ୁଛି



**ଭୋପାଳ:** ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ମିଳୁଥିବା ଚିକେନର ଏକ ବିଶେଷ ପ୍ରଜାତିର ନାଁ କଡ଼କନାଥ। ବର୍ତ୍ତମାନ ବଜାରରେ ଏହାର ଚାହିଦା ବୃଦ୍ଧି ପାଇଛି। ମଧ୍ୟପ୍ରଦେଶର ଆଦିବାସୀ ବହୁଳ ଜାବୁଆ ଜିଲାରେ ମିଳୁଛି ଏହି ନିଆରା କଳା ରଙ୍ଗର କୁକୁଡ଼ା। କରୋନା ସଂକ୍ରମଣ ବୃଦ୍ଧି ହେତୁ ଆଜିକାଲି ଏହି କଳା କୁକୁଡ଼ାର ଚାହିଦା ବୃଦ୍ଧି ପାଇଛି। ବିଶେଷ କଥା ହେଉଛି, ଏହି କୁକୁଡ଼ା ମାଂସ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ବୋଲି ବିବେଚନା କରାଯାଏ। ଖାଲି ଏତିକି ନୁହେଁ, କମ ଚର୍ବି ଏବଂ ଅଧିକ ପ୍ରୋଟିନ ଯୋଗୁ ଏହାର ମାଂସ ହାର୍ଟ, ଶ୍ୱାସକ୍ରିୟା ଏବଂ ରକ୍ତହୀନତା ରୋଗରେ ପୀଡ଼ିତ ଲୋକଙ୍କ ପାଇଁ ମଧ୍ୟ ଖୁବ ଲାଭଦାୟକ। ଚାହିଦାକୁ ଦୃଷ୍ଟିରେ ରଖି କୁକୁଡ଼ା ଚାଷ ମାଲିକଙ୍କ ଆୟ ବୃଦ୍ଧି କରିବାକୁ ରାଜ୍ୟ ସରକାର ଏହାର ଉତ୍ପାଦନ ତଥା ବିକ୍ରୟ ବୃଦ୍ଧି ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ପ୍ରଜାତିର କୁକୁଡ଼ା ଉତ୍ପାଦନ ବୃଦ୍ଧି ପାଇଁ ସମବାୟ ଚାଷକୁ ପ୍ରୋତ୍ସାହିତ କରାଯାଉଛି। ଜାବୁଆର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତୋମର କହିଛନ୍ତି, ଦେଶର ବିଭିନ୍ନ ସ୍ଥାନରୁ କୁକୁଡ଼ା ମାଲିକମାନେ କଡ଼କନାଥ କୁକୁଡ଼ା କିଣିବାକୁ ଆସୁଛନ୍ତି। ତେବେ କରୋନା ଭୂତାଣୁ ସହ ଏହି କୁକୁଡ଼ା ମାଂସ ଲଢ଼ିଥାଏ ବୋଲି ଖାଉଥିବା ଲୋକେ କହୁଛନ୍ତି। ମାତ୍ର ବୈଜ୍ଞାନିକମାନେ ଏହାର ଏପର୍ଯ୍ୟନ୍ତ ଅଧ୍ୟୟନ କରିନାହାନ୍ତି। କିନ୍ତୁ ଏହି ପ୍ରଜାତିର କୁକୁଡ଼ାଙ୍କଠାରେ ଅଧିକ ପ୍ରୋଟିନ ଥାଏ ଏବଂ ଅନ୍ୟ କୁକୁଡ଼ାମାନଙ୍କ ତୁଳନାରେ ଚର୍ବି ଏବଂ କୋଲେଷ୍ଟରଲ ପରିମାଣ କମ ରହିଥାଏ ଏହା ନିଶ୍ଚିତ। ଦିଲ୍ଲୀରେ ଏହି ପ୍ରଜାତିର କୁକୁଡ଼ା ମୂଲ୍ୟ ପ୍ରାୟ ୮୫୦ ଟଙ୍କା ରହିଛି।

# ସଚେତନତା ଓ ନିୟନ୍ତ୍ରିତ ଜୀବନଶୈଳୀ ଜରୁରୀ

## ବିଶ୍ୱ ଏଡ୍‌ସ ଦିବସ ଆଜି





**ନୂଆଦିଲ୍ଲୀ/ୱାଶିଂଟନ:** ପୃଥିବୀରେ ଏଡସ୍ ମହାମାରୀ ବିଭିନ୍ନ ବିକଶିତ ରାଷ୍ଟ୍ରଙ୍କୁ ଚିନ୍ତାରେ ପକାଇଛି। ଏ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଡିସେମ୍ବର ୧ରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଥାଏ। ୧୯୯୫ ଠାରୁ ଆମେରିକାରେ ଡିସେମ୍ବର ୧ ଦିନଟିକୁ ସରକାରୀ ତାଲିକାଭୁକ୍ତ କରାଯାଇଥିଲା। ସଚେତନତା ଦ୍ୱାରା କିଭଳି ଏହାର ସଂକ୍ରମଣକୁ ପ୍ରତିରୋଧ କରାଯାଇ ପାରିବ ତାହା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। 'ଏଣ୍ଡିଙ୍ଗ୍ ଦି ଏଚ୍ଆଇଭି/ଏଡସ୍ ଇପିଡ଼େମିକ୍: ରିସିଲିଏନ୍ସ ଆଣ୍ଡ ଇମ୍ପାକ୍ଟ' ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି। ଏହି ରୋଗରୁ ଆରୋଗ୍ୟ ହେବା ଅସମ୍ଭବ। ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ସହିତ ନିୟନ୍ତ୍ରିତ ଜୀବନ ଶୈଳୀ ଆପଣେଇ ପାରିଲେ ରୋଗୀ ବହୁ ବର୍ଷ ବଞ୍ଚି ରହିଥାଏ। ବିନା ଚିକିତ୍ସାରେ ହାରାହାରି ୧୦ ବର୍ଷ ପର୍ଯ୍ୟନ୍ତ ରୋଗୀ ବଞ୍ଚି ରହିଥାନ୍ତି। ଆମେରିକାର ସେଣ୍ଟର ଫର୍ ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ସନ ଦ୍ୱାରା ଏହାର ଚିହ୍ନଟ କରାଯାଇଥିଲା । ଗତ ୧୯୮୧ରୁ ୨୦୦୭ ମଧ୍ୟରେ ଏହି ରୋଗରେ ଆକ୍ରାନ୍ତ ହୋଇ ୨୫ ନିୟୁତରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ୩୩.୨ ନିୟୁତ ଲୋକ ଏହା ଦ୍ୱାରା ଆକ୍ରାନ୍ତ ହୋଇଥିବା ଜାତିସଂଘ ଦ୍ୱାରା ପ୍ରକାଶିତ ରିପୋର୍ଟ ଦର୍ଶାଯାଇଛି। ମୃତକଙ୍କ ମଧ୍ୟରେ ୨ ଲକ୍ଷ ୭୦ ହଜାର ଶିଶୁ ରହିଛନ୍ତି। ସେହିପରି ୨୦୧୪ରେ ପ୍ରାୟ ୩୬.୯ ନିୟୁତ ଲୋକ ଏହାଦ୍ୱାରା ସଂକ୍ରମିତ ହୋଇଥିଲେ। ୨୦୧୪ ସୁଦ୍ଧା ପୃଥିବୀରେ ୩୯ ନିୟୁତ ଲୋକଙ୍କର ଏଥିଯୋଗୁ ମୃତ୍ୟୁ ଘଟିଛି। ଏହା ମୁଖ୍ୟତଃ ଅସୁରକ୍ଷିତ ଶାରୀରିକ ସମ୍ପର୍କ, ବ୍ଲଡ୍ ଟ୍ରାନ୍ସଫ୍ୟୁଜନ, ଅସୁରକ୍ଷିତ ଇଞ୍ଜେକ୍‌ଶନ ଛୁଞ୍ଚି ବ୍ୟବହାର ଦ୍ୱାରା ଜଣଙ୍କଠାରୁ ଅନ୍ୟଜଣଙ୍କୁ ସଂକ୍ରମିତ ହୋଇଥାଏ। ଏଡସ୍ ହୋଇଥିବା ମା'ଠାରୁ ଏହା ଶିଶୁକୁ ସଂକ୍ରମିତ ହୋଇଥାଏ। ସ୍ତନ୍ୟପାନଦ୍ୱାରା ଏହା ସଂକ୍ରମିତ ହୋଇଥାଏ । ତେବେ ଆଖିର ଲୁହ,ପାଟିର ଲାଳ ଅବା ସ୍ପର୍ଶ ଦ୍ୱାରା ଏହା ସଂକ୍ରମଣ ହୋଇ ନ ଥାଏ।


ମନେ ପଡ଼ନ୍ତି
Prof. (Dr.) Chittaranjan Kar
"Death ends a Life, Not a relationship"



Remembered By :
Sampark Whatsapp Group
Abhas, Aurobind, Ajay, Ashu, Atly, Bena, Bibeka, Biju, Bijaya, Badal, Chitta, Debabrata, Durga, Felu, Hemanta, Jaga, Kapila, Kisu, Kilu, Khuntia, Mantu, Muna, Manu, Nilu, Nirmal, Naran, Parsu, Prasana, Prasanta, Pama, Rama, Ranjan, Sachi, Samal, Shontosh, Subrat & Umesh.
D- 70039




# ଶୀତରେ ତ୍ୱଚାର ଯତ୍ନ

**ଶୀତଦିନେ ସାମାନ୍ୟ ଅବହେଳା ତ୍ୱଚାକୁ ରୁକ୍ଷ କରିଦିଏ। ତେଣୁ ଏ ଦିନେ ଏହାକୁ ନରମ ଏବଂ ଚିକ୍କଣ ରଖିବା ଲାଗି ବିଶେଷ ଯତ୍ନ ନେବା ଆବଶ୍ୟକ। ଏଥିପାଇଁ କେତୋଟି ସାଧାରଣ ଘରୋଇ ଉପଚାର ଜାଣି ରଖନ୍ତୁ...**

➡ଶୀତଦିନେ ପରିବେଶ ଶୁଷ୍କ ଥିବା ବେଳେ କମ୍ ପାଣି ପିଇବା ଯୋଗୁ ଶରୀରର ଜଳୀୟାଂଶ କମିବା ଦ୍ୱାରା ତ୍ୱଚା ଅଧିକ ରୁକ୍ଷ ହୋଇ ଫାଟିଥାଏ। ତେଣୁ ପ୍ରଚୁର ପାଣି ପିଅନ୍ତୁ। ନଖ ଉଷୁମ ପାଣିରେ କେଇ ବୁନ୍ଦା ଲେମ୍ବୁ ରସ ମିଶାଇ ପିଇବା ମଧ ଲାଭଦାୟକ।

➡ଯଦିଓ ଏ ଦିନେ ଉଷୁମ ପାଣିରେ ଗାଧୋଇବାକୁ ଭଲ ଲାଗିଥାଏ, ହେଲେ ଅଧିକ ଉଷୁମ ପାଣିରେ ଗାଧୋଇବା ଦ୍ୱାରା ତ୍ୱଚାର ତୈଳୀୟାଂଶ ଚାଲିଯାଇ ଅଧିକ ରୁକ୍ଷ ହୋଇଯାଏ। ତେଣୁ ସାମାନ୍ୟ ନଖ ଉଷୁମ ପାଣି ବ୍ୟବହାର କରନ୍ତୁ। ହେଲେ ମନେ ରଖନ୍ତୁ ଗାଧୋଇବାର ତୁରନ୍ତ ପରେ ତ୍ୱଚା ସମ୍ପୂର୍ଣ୍ଣ ଶୁଖିବା ପୂର୍ବରୁ ମଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ।

➡ହାତ, ପାଦ, କହୁଣି ଏବଂ ଆଣ୍ଠୁର ତ୍ୱଚା ଶରୀରର ଅନ୍ୟ ଭାଗ ତୁଳନାରେ ଶୀଘ୍ର ଶୁଷ୍କ ହୋଇଯାଏ। ତେଣୁ ଏହାକୁ ନରମ ରଖିବା ଲାଗି ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ମଶ୍ଚରାଇଜିଂ ବାମ୍ କିମ୍ବା କ୍ରିମ୍ ଲଗାନ୍ତୁ।

➡ଏ ଦିନେ ତ୍ୱଚାରୁ ଅଧିକ ଡେଡ୍ ସେଲ୍ ବାହାରିଥାଏ। ତ୍ୱଚାର ନମନୀୟତା ବଜାୟ ରଖିବା ଲାଗି ଏହାକୁ ସଫା କରିବା ଆବଶ୍ୟକ। ତେଣୁ ଗାଧୋଇବା ସମୟରେ ଏକ୍ସଫୋଲିଏଟିଂ ବଡିୱାଶ୍ ବ୍ୟବହାର କରନ୍ତୁ। ଏକ୍ସଫୋଲିଏଟିଂ ମାସ୍କ ବି ଭଲ କାମ କରିଥାଏ।

➡ଏ ଦିନେ ଋତୁଭିତ୍ତିକ ପନିପରିବା, ଫଳ ପ୍ରଚୁର ପରିମାଣରେ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈ ଘିଅ, ଭିଟାମିନ୍ ଇ, ସି ଏବଂ ଓମେଗା ୩ର ମାତ୍ରା ବଢାନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ମୁଲାୟମ ରଖିବାରେ ସାହାଯ୍ୟ କରିବ।



# ପିଲାଙ୍କ ପାଇଁ

**ଏବେ ବି କରୋନା ଲାଗି ଅଧିକାଂଶ ମା' ସୁରକ୍ଷା ଦୃଷ୍ଟିରୁ ପିଲାଙ୍କୁ ବାହାର କିଣା ଖାଦ୍ୟ ଦେଉ ନାହାନ୍ତି। ଏମିତିରେ ପ୍ରତିଦିନ ପିଲାଙ୍କୁ ସେମାନଙ୍କର ମନପସନ୍ଦର ଖାଦ୍ୟ ଘରେ ପ୍ରସ୍ତୁତ କରି ଖୁଆଇବା ମା'ମାନଙ୍କ ଲାଗି ସାଜିଛି ଏକ ବଡ଼ ଚ୍ୟାଲେଞ୍ଜ। ତେବେ ଯଦିଓ ଏହା କଷ୍ଟ, ହେଲେ ଅସମ୍ଭବ ନୁହେଁ, କାରଣ ବର୍ତ୍ତମାନ ପ୍ରତ୍ୟେକ ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀ ଶିଖିବା ଲାଗି କୁକିଂ ଗୁରୁ ସାଜିଛି ୟୁଟ୍ୟୁବ୍...**



ପିଲାମାନଙ୍କୁ ସବୁବେଳେ ଦରକାର ଭଳିକି ଭଳି ଖାଦ୍ୟ। ରୁଟି, ଭାତ, ଡାଲି, ତରକାରି ଭଳି ପାରମ୍ପରିକ ଖାଦ୍ୟ ପରିବର୍ତ୍ତେ ସେମାନଙ୍କର ବେଶି ପସନ୍ଦ ଆଖିକୁ ଆକର୍ଷଣୀୟ ଦିଶୁଥିବା ତଥା ପାଟିକୁ ଅଧିକ ସ୍ୱାଦିଷ୍ଟ ଲାଗୁଥିବା ରୋଲ୍, ଚାଓମିନ୍, ପିଜା, ବର୍ଗର ଆଦି। ତେବେ ଏଭଳି ଖାଦ୍ୟ ମାର୍କେଟ୍‌ରେ ଖୁବ୍ ସହଜରେ ମିଳିଯାଉଥିବାରୁ ଅଭିଭାବକମାନଙ୍କୁ ବି ପିଲାଙ୍କ ଡିମାଣ୍ଡ ପୂରଣ କରିବା ସହଜ। ହେଲେ ଦୀର୍ଘ କିଛି ମାସ ଧରି ଲାଗି ରହିଛି କରୋନା ଭୟ। ଯେଉଁଥିପାଇଁ ବର୍ତ୍ତମାନ ସୁଦ୍ଧା ବି ଅଧିକାଂଶ ମା' ସୁରକ୍ଷା ଦୃଷ୍ଟିରୁ ପିଲାଙ୍କୁ ବାହାର କିଣା ଖାଦ୍ୟ ଦେଉ ନାହାନ୍ତି। ଏଣେ ପିଲାଙ୍କୁ ତାଙ୍କ ଡିମାଣ୍ଡ ଅନୁସାରେ ପ୍ରତିଦିନ ଭଳିକି ଭଳି ସ୍ୱାଦିଷ୍ଟ ବ୍ୟଞ୍ଜନ ନ ଦେଲେ ସେମାନଙ୍କୁ ସମ୍ଭାଳିବା ଏକପ୍ରକାର ମୁସ୍କିଲ୍। ତା'ଛଡ଼ା ଏଭଳି



ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀ ସମସ୍ତଙ୍କୁ ଜଣା ନ ଥିବାରୁ ପିଲାଙ୍କ ପାଇଁ ଏଭଳି ଖାଦ୍ୟ ପ୍ରସ୍ତୁତି କରିବା ମା'ମାନଙ୍କ ଲାଗି ପାଲଟିଛି ଚିନ୍ତାର କାରଣ। ହେଲେ ମା'ମାନଙ୍କର ଏହି ଟେନ୍‌ଶନ୍ ଦୂର କରିବାରେ ବର୍ତ୍ତମାନ ବେଶ୍ ସାହାଯ୍ୟ କରୁଛି ୟୁଟ୍ୟୁବ୍। ପିଲାଙ୍କ ମନ ପସନ୍ଦର ଯେକୌଣସି ଖାଦ୍ୟ ପ୍ରସ୍ତୁତ କରିବା ଲାଗି ଚାହିଁଲେ ସହଜରେ ଏହାର ପ୍ରସ୍ତୁତି ପ୍ରଣାଳୀ ଇଣ୍ଟରନେଟ୍‌ରୁ ତତ୍କ୍ଷଣାତ୍ ଶିଖିହୋଇପାରୁଛି। ଏଥିରେ ଫଟୋ ଓ ଭିଡ଼ିଓ ସହିତ ପୃଥିବୀର ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀ ଜାଣି ହେଉଛି। ପ୍ରତିଷ୍ଠିତ ସେଫ୍‌ମାନଙ୍କ ରେସିପି ବୁକ୍ ଯେକୌଣସି ସମୟରେ ପଢି ହେଉଛି ଏବଂ ଡାଉନ୍‌ଲୋଡ୍ କରି ରଖିହେଉଛି କିମ୍ବା ପ୍ରିଣ୍ଟ ବାହାର କରି ପାଖରେ ରଖି ମଧ ହେଉଛି। ତା'ଛଡା ବର୍ତ୍ତମାନ ରୋଷେଇ ଭିଡିଓ ବିଶେଷ କରି ୟୁଟ୍ୟୁବ୍ ଭିଡିଓ ଦେଖି ରୋଷେଇ ଶିଖିବାର ସବୁଠୁ ଅଧିକ ଫାଇଦା ଉଠାଉଛନ୍ତି ମା'ମାନେ। ଏଥିରେ ଭିଜୁଆଲ୍ ସହ ଭଏସ୍ କମାଣ୍ଡ( ଇଂଲିଶ୍, ହିନ୍ଦୀ, ଓଡିଆ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଭାଷାରେ ମଧ ଉପଲବ୍ଧ) ଥିବାରୁ ଶିଖିବା ଖୁବ୍ ସରଳ ହୋଇପାରୁଛି। କୁକିଂ ୱିଥ୍ ଡଗ୍, ମଞ୍ଜୁଲାସ୍ କିଚେନ୍, ୟୁ ସକ୍ ଆଟ୍ କୁକିଂ, ସେଫ୍ ଷ୍ଟେପ୍ସ ଭଳି ଅନେକ ସବୁଠାରୁ ଅଧିକ ଲୋକପ୍ରିୟ କୁକିଂ ଚ୍ୟାନେଲ୍ ରହିଛି। ସେହିପରି ସଞ୍ଜୀବ କପୁର, ରଜଥ୍ ସାଇକୁମାର, ନିଶା ମଧୁଲିକା, ବିକାଶ ଖାନ୍ନା, ଶିଳ୍ପୀ, ସଞ୍ଜୟ ଥୁମାଙ୍କ ଭଳି ଅନେକ ଇଣ୍ଡିଆନ୍ ସେଫ୍‌ଙ୍କ କୁକିଂ ଭିଡିଓରୁ ମଧ ପ୍ରତିଷ୍ଠିତ ସେଫ୍‌ମାନଙ୍କ କୁକିଂ ରେସିପି ଭିଡିଓ ଦେଖିବା ସହ ଡାଉନ୍‌ଲୋଡ୍ କରି ପରବର୍ତ୍ତୀ ସମୟରେ ରେଫରେନ୍ସ ଲାଗି ରଖାଯାଇପାରୁଛି । କେବଳ ଏତିକି ନୁହେଁ, ବର୍ତ୍ତମାନ ଅନେକ ୟୁଟ୍ୟୁବର୍ ଏବଂ ବ୍ଲଗରଙ୍କ ରୋଷେଇ ଶିକ୍ଷା ଭିଡ଼ିଓ ମା'ମାନଙ୍କ ଲାଗି ପାଲଟିଛି ଟେନଶନ୍ ଫ୍ରି ଫର୍ମୁଲା।

## କ'ଣ କରନ୍ତି ଏମାନେ...

### ଚ୍ୟାଲେଞ୍ଜଠୁ କମ୍ ନୁହେଁ



*–ମିନାକ୍ଷୀ ବେହେରା(ଶିକ୍ଷୟିତ୍ରୀ, ରାଧାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ, କୁରୁଣ୍ଟି, କଟକ )*

ଭଳିକି ଭଳି ସ୍ୱାଦିଷ୍ଟ ବ୍ୟଞ୍ଜନ କାହାକୁ ବା ଭଲ ନ ଲାଗେ। ଆଉ ଯଦି ଛୋଟ ପିଲାଙ୍କ କଥା ଆସେ ତେବେ ସେମାନଙ୍କ ପସନ୍ଦ ଅନୁସାରେ ଖାଦ୍ୟ ଯୋଗାଇବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। କାରଣ ଟେଷ୍ଟ ପସନ୍ଦ ନ ଆସିଲେ ପିଲା ଏହାକୁ ଆଦୌ ଖାଇବେ ନାହିଁ। ତେଣୁ ବର୍ତ୍ତମାନ କରୋନା ଲାଗି ପିଲାଙ୍କୁ ବାହାର ଖାଦ୍ୟ ଦେଉ ନ ଥିବାରୁ ସେମାନଙ୍କର ବିଭିନ୍ନ ଖାଦ୍ୟର ଡିମାଣ୍ଡ ଘରେ ପୂରଣ କରିବାକୁ ପଡୁଛି। ଯେଉଁଥିପାଇଁ ମୁଁ ବିଭିନ୍ନ ୟୁଟ୍ୟୁବ୍ ଚ୍ୟାନେଲ୍ ବିଶେଷ କରି ଇଣ୍ଡିଆନ୍ ବ୍ଲଗ୍‌ରଙ୍କ ଭିଡିଓ ଦେଖୁଛି। ଯଦିଓ ଏଥିରେ ପରିଶ୍ରମ ଅଧିକ ହେଉଛି ହେଲେ ପିଲାଙ୍କୁ ଘରେ ହେଲ୍‌ଦି ଖାଦ୍ୟ ପ୍ରସ୍ତୁତ କରି ଖୁଆଇପାରୁଥିବାରୁ ଖୁସି ଲାଗୁଛି।

### ୟୁଟ୍ୟୁବ୍ ସାଜିଛି ଗୁରୁ



*–ସଞ୍ଜୁକ୍ତା ପାଣ୍ଡେ(ଗୃହଣୀ, ବାଲିଆପଣ୍ଡା, ଭୁବନେଶ୍ୱର)*

ଛୋଟ ପିଲାଙ୍କୁ ସବୁବେଳେ ମାର୍କେଟ୍‌ରେ ମିଳୁଥିବା ନୂଆ ନୂଆ ଖାଦ୍ୟ ପସନ୍ଦ। ହେଲେ ବର୍ତ୍ତମାନ ବାହାର ଖାଦ୍ୟ ଦେବାକୁ ଭୟ ଲାଗୁଛି। ତେଣୁ ଝିଅ ପାଇଁ ଘରେ ହିଁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରୁଛି। ଏସବୁ ଖାଦ୍ୟ ଶିଖିବା ଲାଗି ୟୁଟ୍ୟୁବ୍ ମୋର ଟେକ୍ ଗୁରୁ ସାଜିଛି। ସେ ଯାହା ଖାଇବାକୁ ଡିମାଣ୍ଡ କରୁଛି, ତାହା କିଭଳି ଅଳ୍ପ ତେଲ ମସଲାରେ ପ୍ରସ୍ତୁତ ହୋଇପାରିବ ସେଥିପାଇଁ ଏକାଧିକ ସେଫ୍‌ଙ୍କ ଭିଡିଓ ଦେଖିଥାଏ।

### ଏକାଧିକ ରେସିପି ଶିଖିବା ହେଉଛି ସହଜ



*–ସ୍ମିତା ମହାପାତ୍ର(ଗୃହିଣୀ, ଓଲ୍ଡଟାଉନ୍, ଭୁବନେଶ୍ୱର)*

ପୂର୍ବରୁ ପିଲାମାନେ ମଝିରେ ମଝିରେ ଟିଫିନ୍ ଷ୍ଟଲ୍, ଫୁଡ୍ ଷ୍ଟଲ୍, ହୋଟେଲ୍ କିମ୍ବା ରେଷ୍ଟୁରାଣ୍ଟ ଯାଇ ବିଭିନ୍ନ ପ୍ରକାର ଖାଦ୍ୟ ଖାଉଥିଲେ। ହେଲେ ବର୍ତ୍ତମାନ କରୋନା ଲାଗି ବାହାର ଖାଦ୍ୟ ଦେଉନାହିଁ। ତେବେ ଏଭଳି ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ଜଣା ନ ଥିବା ବେଳେ ଏହାକୁ ଘରେ ଠିକ୍ ଭାଗମାପରେ ସମସ୍ତ ସାମଗ୍ରୀ ବ୍ୟବହାର କରି ପ୍ରସ୍ତୁତ କରିବା ଆଉ ସେହିଭଳି ସ୍ୱାଦ ପାଇବା ମୋ ପାଇଁ ପ୍ରଥମେ ଚିନ୍ତାର କାରଣ ସାଜିଥିଲା। ହେଲେ ବର୍ତ୍ତମାନର ଟେକ୍ନିକାଲ୍ ଯୁଗରେ ସେ ଅସୁବିଧା ନାହିଁ। କାରଣ ଇଣ୍ଟରନେଟ୍‌ରୁ ପ୍ରତ୍ୟେକ ଆଇଟମ୍‌ର ରେସିପି ସହଜରେ ମିଳିଯାଉଛି। ୟୁଟ୍ୟୁବ୍‌ରୁ ଭିଡିଓରେ ଭିଜୁଆଲ୍ ସହ ଆଞ୍ଚଳିକ ଭାଷାରେ ଭଏସ୍ କମାଣ୍ଡ ଥିବା ଭିଡିଓ ଦେଖି ନିଜେ ରାନ୍ଧିବା ସହଜ ହେଉଛି।

# ହେୟାର କଟ୍ ଫ୍ୟାଶନ୍

**ଷ୍ଟାଇଲିଶ୍ ଲୁକ୍ ପାଇଁ ବର୍ତ୍ତମାନ ହେୟାର କଟିଂ ପ୍ରତି ମହିଳାମାନେ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି । ହେଲେ ହେୟାରକଟିଂ ସମୟରେ କେତୋଟି ସାମନ୍ୟ ଭୁଲ୍ ଆପଣଙ୍କ ଲୁକ୍ ବିଗାଡ଼ି ଦେଇପାରେ। ତେଣୁ ଫେସ୍‌ର ସେପ୍ ଅନୁଯାୟୀ କେଉଁ ହେୟାର୍ କଟ ଷ୍ଟାଇଲିଶ୍ ଲୁକ୍ ଦେବ ଜାଣି ରଖନ୍ତୁ...**



**ରାଉଣ୍ଡ ଫେସ୍:** ଏହି ସେପ୍‌ର ଫେସ୍ ପାଇଁ ଛୋଟ ବା ଗାଲ ପର୍ଯ୍ୟନ୍ତ କଟାଯାଇଥିବା ହେୟାର ଷ୍ଟାଇଲ ସୁଟ୍ କରି ନ ଥାଏ। ବିଶେଷ କରି କର୍ଲି ହେୟାରରେ ଏଭଳି ହେୟାର କଟ୍ କଲେ ମୁହଁ ଅପେକ୍ଷାକୃତ ବଡ ଲାଗିଥାଏ। ଷ୍ଟ୍ରେଟ୍ ଏବଂ ଲଙ୍ଗ୍ ହେୟାର କଟ୍ ବିଶେଷ କରି ଲଙ୍ଗ ଲେୟାର ବ୍ୟାଙ୍ଗ୍ କଟ୍ ଏଭଳି ଫେସ୍‌କୁ ଅଧିକ ଆକର୍ଷଣୀୟ କରିଥାଏ।

**ଓଭାଲ ଫେସ୍:** ଏଭଳି ଫେସ୍ ସେପ୍‌ର ମହିଳାମାନେ ସାଧାରଣତଃ ଅଧିକାଂଶ ହେୟାର କଟ୍‌ରେ ଷ୍ଟାଇଲିସ୍ ଲାଗିଥାନ୍ତି। ହେଲେ ମନେ ରଖନ୍ତୁ ଯଦି ଆପଣଙ୍କର ମୋଟା ଏବଂ କର୍ଲି ହେୟାର୍ ତେବେ ବ୍ଲଣ୍ଟ କଟ୍‌ରେ ଆପଣଙ୍କ ମୁହଁ ଅଧିକ ଲମ୍ବା ଲାଗିବ। କିନ୍ତୁ ଆପଣ ଚାହିଁଲେ ବ୍ଲଣ୍ଟ ବ୍ୟାଙ୍ଗ୍ କିମ୍ବା ସାଇଡ୍ ବ୍ୟାଙ୍ଗ୍ ବବ୍ କଟ୍ କରିପାରିବେ।

**ଲଙ୍ଗ୍ ଫେସ୍:** ଏଭଳି ଫେସ୍‌କୁ ଲଙ୍ଗ୍ ପରିବର୍ତ୍ତେ ଶର୍ଟ ହେୟାର୍ କଟ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ। ଯଦି ଲଙ୍ଗ୍ ହେୟାର ଷ୍ଟାଇଲ୍ ପସନ୍ଦ ତେବେ ଏଭଳି ଫେସ୍ ଶେପ୍ ଲାଗି ଲଙ୍ଗ୍ ଲେୟାର କିମ୍ବା ଷ୍ଟେପ୍ କଟ୍ ସାଙ୍ଗକୁ ଚିକ୍‌ବୋନ୍ ପର୍ଯ୍ୟନ୍ତ ଫ୍ରଣ୍ଟ କଟ୍ କରନ୍ତୁ। ଏହାଦ୍ୱାରା ମୁହଁ ଗୋଲ ଏବଂ ସୁନ୍ଦର ଲାଗିବ।



**ଖାଦ୍ୟ ରୁଚି**

## କୋକୋନଟ୍ କୁକିଜ୍



**ଆବଶ୍ୟକ ସାମଗ୍ରୀ:** ଏକ କପ୍ ମଇଦା, ୧/୨ ଟି ସ୍ପୁନ୍ ବେକିଂ ପାଉଡ଼ର, ୧/୨ କପ୍ ଚିନି ଗୁଣ୍ଡ, ୧/୨ କପ୍ ବଟର, ୨–୩ ବୁନ୍ଦା ଭାନିଲା ଏସେନ୍ସ, ୩/୪ କପ୍ ଦରଶୁଖିଲା ନଡ଼ିଆ ପାଉଡ଼ର, ୧ ଟେବଲ୍ ସ୍ପୁନ୍ କ୍ଷୀର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଓଭନକୁ ୩୫୦ ଡିଗ୍ରୀ ଫାରେନ୍‌ହାଇଟ୍‌ରେ ୧୦–୧୨ ମିନିଟ୍ ପର୍ଯ୍ୟନ୍ତ ଗରମ କରି ଦିଅନ୍ତୁ। ଏକ ପାତ୍ରରେ ମଇଦା ଏବଂ ବେକିଂ ପାଉଡ଼ର ଏକାଠି ଗୋଳାଇ ଦିଅନ୍ତୁ। ଏକ ବଡ଼ ଛଣା ସାହାଯ୍ୟରେ ଏହାକୁ ଚଲାଇ ଦିଅନ୍ତୁ ଯେପରି କୌଣସି ଖଦଡ଼ା ନ ରହେ। ଅନ୍ୟ ଏକ ପାତ୍ରରେ ବଟର ଏବଂ ଗୁଣ୍ଡ ଚିନିକୁ ଭଲ ଭାବେ ମିଶାଇ ଦିଅନ୍ତୁ। ବଟର ଯଦି ବିନା ଲୁଣ ହୋଇଥାଏ ସାମାନ୍ୟ ଲୁଣ ପକାନ୍ତୁ। ଏହି ମିଶ୍ରଣରେ ଭାନିଲା ଏସେନ୍ସ ଏବଂ ନଡ଼ିଆଗୁଣ୍ଡ ପକାଇ ମିଶାନ୍ତୁ। ବର୍ତ୍ତମାନ ମଇଦା ଏବଂ ବେକିଂ ପାଉଡ଼ର ମିଶ୍ରଣକୁ ପକାଇ ଗୋଳାନ୍ତୁ। ଶେଷରେ ସେଥିରେ ଆବଶ୍ୟକତା ଅନୁଯାୟୀ ଅଳ୍ପ ଅଳ୍ପ କ୍ଷୀର ମିଶାଇ ଚକଟନ୍ତୁ ଯେପରି ମିଶ୍ରଣକୁ ହାତରେ ଗୋଲ କରିହେବ। ବେକିଂ ଟ୍ରେ ଉପରେ ତେଲ କିମ୍ବା ଆଲୁମିନିଅମ୍ ଫଏଲ୍ ଲଗାଇ ଗୋଲ କରିଥିବା ମିଶ୍ରଣକୁ ଚାପି ପେଡା ଭଳି ଏହା ଉପରେ ରଖନ୍ତୁ। ପୂର୍ବରୁ ଗରମ କରିଥିବା ଓଭନ୍‌ରେ ଟ୍ରେକୁ ରଖି ସେହି ତାପମାତ୍ରାରେ ୧୮–୨୦ ମିନିଟ୍ ରଖନ୍ତୁ। ଏହା ଅଳ୍ପ ଫୁଲିବା ସହ ରଙ୍ଗ ସାମାନ୍ୟ ହଳଦିଆ ଦେଖାଗଲେ ଟ୍ରେକୁ ବାହାରକୁ କାଢି ସାଧାରଣ ତାପମାତ୍ରାରେ ଥଣ୍ଡା ହେବା ପାଇଁ ଛାଡ଼ିଦିଅନ୍ତୁ। କିଛି ସମୟ ପରେ କୁକିଜ୍ ମୁଡ୍‌ମୁଡ୍ ହୋଇଗଲେ ନିଜେ ଖାଇବା ସହ ଅନ୍ୟମାନଙ୍କୁ ଖୁଆଇବାର ଆନନ୍ଦ ନିଅନ୍ତୁ। ଏହା ନରମ ନ ହେବା ଲାଗି ଏହାକୁ ଏୟାର୍ ଟାଇଟ୍ ଡବାରେ ଷ୍ଟୋର କରି ରଖିପାରିବେ।

# ନିଶା ସେବନ କରୁଥିଲେ

**ବର୍ତ୍ତମାନ କେତେକ ମହିଳା ମଡର୍ନ ଲାଇଫ୍‌ଷ୍ଟାଇଲ୍ ଆଳରେ ନିଶା ସେବନ ଓ ଧୂମପାନ ଭଳି ବଦଭ୍ୟାସକୁ ଆପଣେଇ ନେଉଥିବା ଦେଖିବାକୁ ମିଳୁଛି। ହେଲେ ଏହା ଯେ ପରବର୍ତ୍ତୀ ସମୟରେ ସେମାନଙ୍କ ଲାଗି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି ସେ ଦିଗରେ ସେମାନେ ସଚେତନ ନୁହନ୍ତି। ତେଣୁ ଜାଣି ରଖନ୍ତୁ ଏଭଳି ବଦଭ୍ୟାସର ଶରୀର ପ୍ରତି ଥିବା ନକାରାତ୍ମକ ପ୍ରଭାବ ସମ୍ପର୍କରେ...**



➔ବର୍ତ୍ତମାନ ପାଠ ପଢା ଏବଂ ଜବ୍ ଲାଗି ଯାଉଥିବା ଅନେକ କିଶୋରୀ ଓ ଯୁବତୀମାନେ ଧୂମପାନ କରିବାକୁ ଏକ ଷ୍ଟାଇଲ୍ ଭାବେ ଗ୍ରହଣ କରି ନେଉଥିବା ଦେଖିବାକୁ ମିଳୁଛି। ହେଲେ ଏହାଦ୍ୱାରା ମାସିକ ଋତୁସ୍ରାବରେ ଅନିୟମିତତା, ଶରୀର ବୃଦ୍ଧିରେ ବ୍ୟାହତ ଏବଂ ପରବର୍ତ୍ତୀ ସମୟରେ ବନ୍ଧ୍ୟାତ୍ୱର କାରଣ ସାଜୁଛି।

➔ ନିଶାଦ୍ରବ୍ୟରେ ଥିବା ନିକୋଟିନ୍ ଓ ବିଭିନ୍ନ ପ୍ରକାରର କ୍ୟାନ୍‌ସର ରୋଗ ସୃଷ୍ଟିକାରୀ କାର୍‌ସିନୋଜେନ୍, ହୃଦ୍‌ରୋଗ, ଫୁସ୍‌ଫୁସ୍‌ର କର୍କଟରୋଗ ଏବଂ ମସ୍ତିଷ୍କାଘାତ ଆଦି ରୋଗର କାରଣ ସାଜିଥାଏ।

➔କେବଳ ଏତିକି ନୁହେଁ ନିଶା ଗ୍ରହଣ କରିବା ଦ୍ୱାରା ଜରାୟୁକୁ ରକ୍ତ ଯୋଗାଉଥିବା ଧମନୀ ଅଣଓସାରିଆ ହୋଇଯାଏ। ଫଳରେ ଗର୍ଭପାତ କିମ୍ବା ଗର୍ଭରେ ଶିଶୁ ଭଲ ଭାବେ ବଢି ପାରୁ ନ ଥିବାରୁ ଅପରିଣତ ଶିଶୁ ବା ବିକଳାଙ୍ଗ ଶିଶୁ ଜନ୍ମ ହୋଇଥାଏ। ଏମିତି କି କେତେକଙ୍କ କ୍ଷେତ୍ରରେ ଗର୍ଭରେ ଶିଶୁର ମୃତ୍ୟୁ ହୋଇଥାଏ।

➔ବର୍ତ୍ତମାନ ଅଧିକାଂଶ ବୟସ୍କା ମହିଳାଙ୍କୁ ଧୂମପାନ କିମ୍ବା ଅନ୍ୟ ନିଶାଦ୍ରବ୍ୟ ଗହଣ କରୁଥିବା ଦେଖିବାକୁ ମିଳୁଛି। ହେଲେ ୫୦



ବର୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କଠାରେ ଏହି ଅଭ୍ୟାସ ଆଣ୍ଠୁ, ଗଣ୍ଠି ବାତ ସହ ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍ ଆଦିର କାରଣ ସାଜିଥାଏ। ମାଢିରୁ ରକ୍ତକ୍ଷରଣ ହେବା ସହ ଦାନ୍ତ ଓ ମାଢି ଦୁର୍ବଳ ହୋଇ ଶୀଘ୍ର ପଡ଼ିଯାଏ।

➔ମାସିକ ଋତୁସ୍ରାବର ବିରତି ପରେ ଧୂମପାନ କରୁଥିବା ମହିଳାମାନଙ୍କଠାରେ କାଶ, ଶ୍ୱାସ, ହୃଦ୍‌ରୋଗ ଓ ଫୁସ୍‌ଫୁସ୍ କର୍କଟ ରୋଗ ସହ ୟୁରିନାରୀ ଟ୍ରାକ୍ ଇନ୍‌ଫେକ୍ସନ ଭଳି ରୋଗ ଦେଖାଦେଇଥାଏ।

➔ଧୂମପାନ ବୟସ୍କ ମହିଳାଙ୍କଠାରେ ମୋତିଆବିନ୍ଦୁ ଭଳି ସମସ୍ୟା ବି ସୃଷ୍ଟି କରିଥାଏ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ଡିସେମ୍ବର ୧/୨୦୨୦ Tuesday, December 1/ 2020

# ୱାର୍ନର ଓହରିଲେ, କମିନ୍ସଙ୍କୁ ବିଶ୍ରାମ

**ସିଡ୍‌ନୀ, ୩୦।୧୧(ପି.ଟି.)**

ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ନର ଭାରତ ବିପକ୍ଷ ଅବଶିଷ୍ଟ ସୀମିତ ଓଭର କ୍ରିକେଟ ସିରିଜରୁ ଓହରିଯାଇଛନ୍ତି। ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ ଅବସରରେ ସେ ଉରୁସନ୍ଧିରେ ଆଘାତ ପାଇଥିଲେ। ସେହିପରି ଫାଷ୍ଟ ବୋଲର ପ୍ୟାଟ୍ କମିନ୍ସଙ୍କୁ ମଧ୍ୟ ଅବଶିଷ୍ଟ ସୀମିତ ଓଭର କ୍ରିକେଟରେ ଦେଖିବାକୁ ମିଳିବେ ନାହିଁ। ୱାର୍କଲୋଡ୍ ମ୍ୟାନେଜମେଣ୍ଟକୁ ଦୃଷ୍ଟିରେ ରଖାଯାଇ ତାଙ୍କୁ ବିଶ୍ରାମ ଦିଆଯାଇଛି।

ୱାର୍ନର ପ୍ରଥମ ୨ଟି ଦିନିକିଆରେ ୬୯ ଓ ୮୩ ରନ ସ୍କୋର କରିଥିଲେ। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ରବିବାର ଫିଲ୍ଡିଂ କରୁଥିବାବେଳେ ସେ ଆଘାତପ୍ରାପ୍ତ ହୋଇଥିଲେ। ଏହି ମ୍ୟାଚକୁ ଅଷ୍ଟ୍ରେଲିଆ ୫୧ ରନରେ ଜିତିବା ସହ ଆଗୁଆ ସିରିଜ ବିଜୟୀ ହୋଇଥିଲା। ୱାର୍ନର ଏବେ ଘରକୁ ଫେରି ରିହାବିଲିଟେଶନରେ ରହିବେ। ଡିସେମ୍ବର ୧୭ରୁ ଆଡିଲେଡ୍‌ରେ ଆରମ୍ଭ କରି ରଖିବା ଆମର ମୁଖ୍ୟ ଲକ୍ଷ୍ୟ'' ବୋଲି ଲାଙ୍ଗର କହିଛନ୍ତି। ବିଗ୍‌ବାଶ୍ ଲିଗ୍‌ର ୨ଟି ସିରିଜରେ ଅଗ୍ରଣୀ ରନ୍ ସ୍କୋରର ବାମହାତୀ ବ୍ୟାଟ୍ସମ୍ୟାନ ଡି' ଆର୍ସି ଶର୍ଟ ଅଷ୍ଟ୍ରେଲିଆ ଦଳରେ ସାମିଲ ହୋଇଛନ୍ତି। ସେ ୱାର୍ନରଙ୍କ ସ୍ଥାନନେବେ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୩ୟ ଦିନିକିଆ ବୁଧବାର ଖେଳାଯିବ। ଏହାପରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଅନୁଷ୍ଠିତ ହେବ।

ଗତ ଅଗଷ୍ଟରେ ଇଂଲଣ୍ଡ ଟୁର୍‌ରେ ଯାଇଥିବା ଅଷ୍ଟ୍ରେଲିଆ ଦଳର ସଦସ୍ୟ ଥିବା କମିନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ କୋଲକାତା ନାଇଟ ରାଇଡର୍ସ ପକ୍ଷରୁ ଖେଳିଥିଲେ। ଭାରତ ବିପକ୍ଷ ଗତ ପ୍ରଥମ ଦିନିକିଆରେ ସେ ପ୍ରଭାବହୀନ ରହିଥିଲେ। ମାତ୍ର ଦ୍ୱିତୀୟ ଦିନିକିଆରେ ୬୭ ରନ ବିନିମୟରେ ୩ଟି ଉଇକେଟ ନେଇଥିଲେ। ପ୍ରଥମ ଦିନିକିଆ ଅବସରରେ ଆଘାତ ଯୋଗୁ ଦ୍ୱିତୀୟ ଦିନିକିଆ ଖେଳି ପାରି ନ ଥିବା


ଡେଭିଡ୍ ୱାର୍ନର ଓ ପ୍ୟାଟ୍ କମିନ୍ସ।

ହେବାକୁ ଯାଉଥିବା ପ୍ରଥମ ଟେଷ୍ଟ ବେଳକୁ ସେ ଦଳକୁ ଫେରିବା ସମ୍ଭାବନା ରହିଛି। ''ପ୍ୟାଟ୍ ଓ ଡାଭି ଆମ ଟେଷ୍ଟ ସିରିଜ ଯୋଜନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ'' ବୋଲି କୋଚ୍ ଜଷ୍ଟିନ ଲାଙ୍ଗର କହିଥିବା ଅଷ୍ଟ୍ରେଲିଆ ମିଡିଆରୁ ପ୍ରକାଶ। ଡାଭି ଫିଟ୍ ହେବା ଉପରେ ଫୋକସ କରିବେ ଏବଂ ପ୍ୟାଟ୍ ଟେଷ୍ଟ ସିରିଜ ବେଳକୁ ଶାରୀରିକ ଓ ମାନସିକ ସ୍ତରରେ ଫିଟ୍ ରହିବା ଅତି ଜରୁରୀ। ସମ୍ପ୍ରତି ଦ୍ୱିପାକ୍ଷିକ ସିରିଜଗୁଡ଼ିକରୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ମିଳୁଥିବାରୁ ଆଗାମୀ ଘରୋଇ ଟେଷ୍ଟ ଗୁଡ଼ିକ ଆମପାଇଁ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଏହି ଦୁଇ ଖେଳାଳିଙ୍କୁ ପ୍ରସ୍ତୁତ ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ ଦଳରେ ଅପରିବର୍ତ୍ତିତ ରହିଛନ୍ତି। ମାତ୍ର ଆଇପିଏଲ ଅବସରରେ ପାଦରେ ଆଘାତ ପାଇଥିବା ଅଲରାଉଣ୍ଡର ମିଚେଲ ମାର୍ଶ ଆସନ୍ତା ରବିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଭାରତ-ଏ ବିପକ୍ଷ ୱାର୍ମଅପ୍ ମ୍ୟାଚରେ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ତେବେ ଅଷ୍ଟ୍ରେଲିଆ-ଏରେ ତାଙ୍କ ବଦଳ ଖେଳାଳିଙ୍କ ନାମ ପ୍ରକାଶ କରାଯାଇନାହିଁ। ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଷ୍ଟାଣ୍ଡିଂରେ ଅଷ୍ଟ୍ରେଲିଆ ୩ ସିରିଜରୁ ୨୯୬ ପଏଣ୍ଟ ପାଇଛି। ଭାରତ ୪ ସିରିଜରୁ ୩୬୦ ପଏଣ୍ଟ ହାସଲ କରିଛି।

# ଗୋଆ-ନର୍ଥଇଷ୍ଟ ମ୍ୟାଚ ଡ୍ର

**ଫତୋର୍ଦା, ୩୦।୧୧**

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ସୋମବାର ଅନୁଷ୍ଠିତ ଏଫସି ଗୋଆ ଓ ନର୍ଥଇଷ୍ଟ ୟୁନାଇଟେଡ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ଏହି ମ୍ୟାଚର ଫଳାଫଳ ସହିତ ନର୍ଥଇଷ୍ଟ ଏପର୍ଯ୍ୟନ୍ତ ଲିଗ୍‌ରେ ଅପରାଜେୟ ରହିଛି। ୩ ମ୍ୟାଚରୁ ଏହି ଦଳ ୧ ବିଜୟ ଓ ୨ ଡ୍ର ସହ ୫ ପଏଣ୍ଟ ପାଇଛି। ପ୍ରଥମ ମ୍ୟାଚରେ ମୁମ୍ବାଇ ସିଟି ଏଫସିକୁ ୧-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ନର୍ଥଇଷ୍ଟ କେରଳ ବ୍ଲାଷ୍ଟର୍ସ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଥିଲା। ଅନ୍ୟପକ୍ଷରେ ଗତ ସଂସ୍କରଣର ଲିଗ୍ ଟେବୁଲ ଟପ୍ପର ଗୋଆ ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ପାଇନାହିଁ। ଦଳ ୩ଟି ମ୍ୟାଚ ଖେଳି ସାରିଥିଲେ ହେଁ ମାତ୍ର ୨ ପଏଣ୍ଟରେ ସନ୍ତୁଷ୍ଟ ରହିଛି। ବେଙ୍ଗାଲୁରୁ ଏଫସି ବିପକ୍ଷ ପ୍ରଥମ ମ୍ୟାଚକୁ ଗୋଆ ୨-୨ରେ ଡ୍ର ରଖିଥିବାବେଳେ ଦ୍ୱିତୀୟ ମ୍ୟାଚରେ ମୁମ୍ବାଇ ସିଟି ଏଫସି ନିକଟରୁ ୦-୧ ଗୋଲରେ ହାରି ଯାଇଥିଲା। ପଏଣ୍ଟ ଟେବୁଲରେ ନର୍ଥଇଷ୍ଟ ଏବେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଗୋଆ ୭ମ ସ୍ଥାନ ପାଇଛି।

ଟୁର୍ନାମେଣ୍ଟରେ ନିଜର ପ୍ରଥମ ୨ଟି ମ୍ୟାଚରେ ଅପରାଜେୟ ରହିଥିବା ନର୍ଥଇଷ୍ଟ ୟୁନାଇଟେଡ ଏଠାରେ ମଧ୍ୟ ଆରମ୍ଭରୁ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଏଫସି ଗୋଆ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ମଧ୍ୟ ଅଧଘଣ୍ଟା ପର୍ଯ୍ୟନ୍ତ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ନର୍ଥଇଷ୍ଟର ଇଦ୍ରିସା ସିଲା ପ୍ରତିପକ୍ଷ ବକ୍ସ ମଧ୍ୟରେ



ଇଦ୍ରିସା ସିଲାଙ୍କୁ ନର୍ଥଇଷ୍ଟ ୟୁନାଇଟେଡ୍ ଖେଳାଳିଙ୍କ ବଧେଇ। ଗୋଲ୍ ଦେବା ପରେ ଖୁସି ମନାଉଛନ୍ତି ଏଫ୍‌ସି ଗୋଆର ଆଙ୍ଗୁଲୋ ଆଲ୍‌ବୋନିଗା।

ଥିବାବେଳେ ୩୮ତମ ମିନିଟରେ ତାଙ୍କ ନିକଟକୁ ଡାହାଣ ପଟରୁ ଏକ କ୍ରସ୍‌ପାସ୍ ଦେଇଥିଲେ ବ୍ରିଟୋ ପି.ଏମ.। ମାତ୍ର ସିଲା ବଲ୍‌କୁ ଟଚ୍ କରିବା ପୂର୍ବରୁ ଗୋଆ ଦଳର ଇଭାନ ଗାରିଡୋ ଗୋଞ୍ଜାଲେଜ ପଛରୁ ଟାଣି ତାଙ୍କୁ ତଳେ ପକାଇ ଦେଇଥିଲେ। ଫଳରେ ରେଫରି ନର୍ଥଇଷ୍ଟକୁ ପେନାଲ୍ଟି ସୁଯୋଗ ଦେଇଥିଲେ। ସିଲା ଡାହାଣପଟ କର୍ନରରେ ଲୋ ଶଟ୍ ମାରି ଗୋଲ କରିଥିଲେ ହେଁ ରେଫରି ତାହାକୁ ନାକଚ କରିଥିଲେ ଏବଂ ଆଉଥରେ ପେନାଲ୍ଟି ଶଟ୍ ମାରିବାକୁ ପରାମର୍ଶ ଦେଇଥିଲେ।

**ଇଣ୍ଡିଆନ ସୁପରଲିଗ୍**

କାରଣ ସିଲା ଶଟ୍ ମାରିବା ପୂର୍ବରୁ ବକ୍ସ ଭିତରେ ଗୋଆରେ ଲାଲରେମପୁଇଆ ଫନାଇ ଚାର୍ଜ କରିବାକୁ ଆଗଭର ହୋଇଯାଇଥିଲେ। ଦ୍ୱିତୀୟ ଉଦ୍ୟମରେ ମଧ୍ୟ ସିଲା ସଫଳ ହୋଇଥିଲେ। ଏଥର ସେ ଶଟ୍‌କୁ ସିଧା ପୋଷ୍ଟର ମଧ୍ୟଭାଗକୁ ମାରିଥିବାବେଳେ ଗୋଲକିପର ମହମ୍ମଦ ନୱାଜ ବାମପଟକୁ ଡାଇଭ୍ ମାରିଥିଲେ। ୪୦ତମ ମିନିଟରେ ଗୋଲ ବଳରେ ନର୍ଥଇଷ୍ଟ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଦଳର ଏହି ଖୁସି ବେଶୀ ସମୟ ତିଷ୍ଠି ନ ଥିଲା। ଏହାର ୩ ମିନିଟ ଅର୍ଥାତ୍ ୪୩ତମ ମିନିଟରେ ଗୋଆ ଗୋଲଟି ପରିଶୋଧ କରି ଦେଇଥିଲା। ବାମପଟରୁ ଆଗକୁ ବଢୁଥିବା ଗୋଆର ବ୍ରେଣ୍ଡନ ଫର୍ନାଣ୍ଡିଜ୍ ନର୍ଥଇଷ୍ଟ ଖେଳାଳିଙ୍କୁ ଚକ୍‌ମା ଦେଇ ବଲ୍‌କୁ ବକ୍ସ ଏରିଆକୁ ପଠାଇବାରେ ସକ୍ଷମ ହୋଇଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଆଙ୍ଗୁଲୋ ଆଲ୍‌ବୋନିଗା ବଲ୍‌କୁ ନେଟ୍ ମଧ୍ୟକୁ ପଠାଇବାରେ କୌଣସି ଭୁଲ କରି ନ ଥିଲେ। ଚଳିତ ଲିଗ୍‌ରେ ଆଙ୍ଗୁଲୋଙ୍କର ଏହାଥିଲା ତୃତୀୟ ଗୋଲ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ସ୍କୋର ୧-୧ ସ୍ଥିତିରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲେ ହେଁ ଉଭୟ ଦଳ ସମକକ୍ଷ ପ୍ରଦର୍ଶନ କରିଥିଲେ। ଉଭୟ ଦଳର କୋଚ୍ ଏକାଧିକ ଖେଳାଳି ପରିବର୍ତ୍ତନ କରିଥିଲେ ହେଁ ଗୋଲ ସ୍କୋର ହୋଇପାରି ନ ଥିଲା। ୯୦ ମିନିଟ ପରେ ୫ ମିନିଟର ଇଞ୍ଜୁରି ଟାଇମ୍ ମିଳିଥିଲା। ମାତ୍ର ଏଥିରେ ମଧ୍ୟ ଗୋଲ ଦେବାରେ ସକ୍ଷମ ନ ହେବାରୁ ଦୁଇଦଳ ପଏଣ୍ଟ ଭାଗ କରିଥିଲେ।

# ରାମଚନ୍ଦ୍ରନ ୱାର୍ଲ୍ଡ ଟ୍ରାଇଥଲନ ଅଡିଟ୍ କମିଟିକୁ ମନୋନୀତ

**ଚେନ୍ନାଇ, ୩୦।୧୧ (ପି.ଟି.):** ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ପୂର୍ବତନ ସଭାପତି ଏନ୍. ରାମଚନ୍ଦ୍ରନ ୱାର୍ଲ୍ଡ ଟ୍ରାଇଥଲନ ଅଡିଟ୍ କମିଟିର ଜଣେ ଅନ୍ୟତମ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ରାମଚନ୍ଦ୍ରନ



ଭାରତୀୟ ଟ୍ରାଇଥଲନ ଫେଡେରେଶନର ସିଇଓ ଅଛନ୍ତି। ନଭେମ୍ବର ୨୯ରେ ପ୍ରଥମଥର ଭର୍ଚୁଆଲି ୱାର୍ଲ୍ଡ ଟ୍ରାଇଥଲନ କଂଗ୍ରେସ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଅଡିଟ୍ କମିଟିରେ ମୋଟ ୧୧ଜଣ ସଦସ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ନିର୍ବାଚିତ ହୋଇଥିବା ୫ଜଣଙ୍କ ମଧ୍ୟରେ ରାମଚନ୍ଦ୍ରନ ହେଉଛନ୍ତି ଅନ୍ୟତମ। ରାମଚନ୍ଦ୍ରନ ଉଭୟ ତାମିଲନାଡୁ ଅଲିମ୍ପିକ ଆସୋସିଏଶନ ଏବଂ ତାମିଲନାଡୁ ଟ୍ରାଇଥଲନ ଆସୋସିଏଶନର ସଭାପତି ଅଛନ୍ତି। ଅନ୍ୟପକ୍ଷରେ ମାରିସୋଲ କାସାଡୋ ୱାର୍ଲ୍ଡ ଟ୍ରାଇଥଲନର ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି।

# ୪ ବକ୍ସର ଟପ୍ସରେ ସାମିଲ

**ନୂଆଦିଲ୍ଲୀ, ୩୦।୧୧(ପି.ଟି.):** ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ୪ଜଣ ଭାରତୀୟ ବକ୍ସରଙ୍କୁ କ୍ରୀଡ଼ା ମନ୍ତ୍ରଣାଳୟର ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ରେ ସାମିଲ କରାଯାଇଛି। ମହିଳା ବିଭାଗରେ ଏହି ଏଲିଟ୍ ଗ୍ରୁପ୍‌ରେ ଏମ୍.ସି. ମେରୀକମ୍‌ଙ୍କ ସହ ଯୋଗ ଦେଇଛନ୍ତି ବିଶ୍ୱ ବ୍ରୋଞ୍ଜ ବିଜୟିନୀ ସିମରନଜିତ୍ କୌର (୬୦କେଜି) ଓ ଏସିଆନ ପଦକ ବିଜୟିନୀ ପୂଜରା ରାଣୀ (୭୫କେଜି)। ପୁରୁଷ ବିଭାଗରେ ଏସିଆନ ରୌପ୍ୟ ବିଜେତା ଆଶିଷ କୁମାର (୭୫କେଜି) ଏବଂ ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା ସତୀଶ କୁମାର (+୯୧କେଜି) ଟପ୍ସରେ ସ୍ଥାନ ପାଇଛନ୍ତି। ଏହି ଗ୍ରୁପ୍‌ରେ ପୂର୍ବରୁ ଅମିତ ଫଙ୍ଗାଲ (୫୨କେଜି), ମନୀଷ କୌଶିକ (୬୩କେଜି) ଏବଂ ବିକାଶ କ୍ରିଶନ(୬୯କେଜି) ରହିଛନ୍ତି। ମହିଳା କୋର୍ ଗ୍ରୁପ୍‌ରେ ପୂର୍ବରୁ ଲଭଲିନା ବର୍ଗୋହେନ୍ ଏବଂ କାଭିନ୍ଦର ସିଂ ବିଷ୍ଟ ମଧ୍ୟ ଏହି କୋର୍ ଗ୍ରୁପ୍‌ରେ ରହିଛନ୍ତି। ନିଖତ ଜରିନ୍(୫୧କେଜି), ସୋନିଆ ଚହଲ(୫୭କେଜି) ଏବଂ ଶିବ ଥାପା ପ୍ରମୁଖ କୋର୍ ଗ୍ରୁପ୍‌ରୁ ଟପ୍ସ ଡେଭଲପମେଣ୍ଟାଲ ଗ୍ରୁପ୍‌କୁ ସ୍ଥାନାନ୍ତର ହୋଇଛନ୍ତି। ଜରିନ ଓ ମେରୀକମ୍‌ଙ୍କର ସମାନ କାଟେଗୋରି ହୋଇଥିବାବେଳେ ୬୩କେଜି ଶ୍ରେଣୀରେ ସ୍ଥାନ ପାଇଁ ଥାପାଙ୍କୁ କୌଶିକଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ।

# ପ୍ରଥମ ବିଜୟ ଲକ୍ଷ୍ୟରେ ଇଷ୍ଟବେଙ୍ଗଲ

**ବାମ୍ବୋଲିମ୍, ୩୦।୧୧**

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ମଙ୍ଗଳବାର ଇଷ୍ଟବେଙ୍ଗଲ ଓ ମୁମ୍ବାଇ ସିଟି ଏଫସି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ଥରପାଇଁ ଆଇଏସ୍‌ଏଲ୍‌ରେ ପଦାର୍ପଣ କରିଥିବା ଇଷ୍ଟବେଙ୍ଗଲ ନିଜ ପ୍ରଥମ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଏଟିକେ ମୋହନବାଗାନଠାରୁ ୦-୨ ଗୋଲରେ ହାରି ଯାଇଥିଲା। ତେଣୁ ଆଗାମୀ ମ୍ୟାଚରେ ବିଜୟ ହାସଲ ଏହି ଦଳର ମୁଖ୍ୟ ଲକ୍ଷ୍ୟ। ମୁମ୍ବାଇ ସିଟି ଏଫସି ଏପର୍ଯ୍ୟନ୍ତ ୨ଟି ମ୍ୟାଚ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇଛି। ଦଳ ଏହାର ପ୍ରଥମ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡ ନିକଟରୁ ୦-୧ ଗୋଲରେ ହାରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଶକ୍ତିଶାଳୀ ଏଫସି ଗୋଆକୁ ୧-୦ ଗୋଲରେ ହରାଇ ମନୋବଳ ଦୃଢ଼ କରିଛି। ତେଣୁ ଏହି ଦଳ ଆଗାମୀ ମ୍ୟାଚରେ କଡ଼ା ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତ। ଆଇଏସ୍‌ଏଲରେ ମୁମ୍ବାଇ ସିଟି ଏଫସିର ଲେଫ୍ଟବ୍ୟାକ୍ ମନ୍ଦର ରାଓ ଦେଶାଇଙ୍କର ଏହା ହେବ ୧୦୦ତମ ମ୍ୟାଚ।

ଅନେକ ପ୍ରତିବନ୍ଧକ ସତ୍ତ୍ୱେ ରୋବି ଫ୍ଲାୱାରଙ୍କ ପ୍ରଶିକ୍ଷଣପ୍ରାପ୍ତ ଇଷ୍ଟବେଙ୍ଗଲ ପ୍ରଥମ ମ୍ୟାଚରେ ଭଲ ଖେଳିଥିଲା। ଶେଷ ମୁହୂର୍ତ୍ତରେ ଆଇଏସ୍‌ଏଲ ଟିକେଟ ପାଇଥିବା ଇଷ୍ଟବେଙ୍ଗଲ ଦଳକୁ ପ୍ରସ୍ତୁତ କରିବା ପାଇଁ ଫ୍ଲାୱାର ଏକ ମାସରୁ କମ୍ ସମୟ ପାଇଥିଲେ। ମୋହନବାଗାନଠାରୁ ହାରିଥିଲେ ହେଁ ଦଳର ବଲ୍ ପୋଜେସନ ପ୍ରଭାବୀ ଥିଲା। ମିଡ୍‌ଫିଲ୍ଡରେ ଆଣ୍ଟୋନୀ ପିଲ୍‌କିଙ୍ଗଟନଙ୍କ ପ୍ରଦର୍ଶନ ଚମତ୍କାର ଥିଲା। ତେବେ ଫ୍ରଣ୍ଟରେ ବଲୱନ୍ତ ସିଂଙ୍କ ଫିନିଶିଂ ପାୱାରର ଅଭାବ ଦଳପାଇଁ ମହଙ୍ଗା ପଡ଼ିଥିଲା। ଏଟିକେ ଦଳ ବେଶ୍ ସନ୍ତୁଳିତ ଥିବାରୁ ଫ୍ଲାୱାର ଡିଫେନ୍ସିଭ୍ ରଣନୀତି ଅବଲମ୍ବନ କରିଥିଲେ। ଫଳରେ ବଲୱନ୍ତ ଏକମାତ୍ର ଷ୍ଟ୍ରାଇକର ଦାୟିତ୍ୱ ନିର୍ବାହ କରିଥିଲେ। ଅଭିଜ୍ଞ ଜେଜେ ଲାଲପେଖଲୁଆଙ୍କୁ ବାହାରେ ବସାଇବା


ମୁମ୍ବାଇ ସିଟି କୋଚ୍ ସର୍ଗିଓ ଲୋବେରା।

ପରି କେତେକ ନିଷ୍ପତ୍ତି କାମ ଦେଲାନାହିଁ। ସର୍ଗିଓ ଲୋବେରାଙ୍କ ପ୍ରଶିକ୍ଷଣପ୍ରାପ୍ତ ମୁମ୍ବାଇ ସିଟି ଏଫସି ଗତ ମ୍ୟାଚରେ ଗୋଆପରି ଦଳକୁ ହରାଇଛି ବୋଲି ମନେ ରଖିବାକୁ ହେବ। ତେଣୁ ଫ୍ଲାୱାରଙ୍କ ନବଗଠିତ ଦଳର ଫରୱାର୍ଡ ଲାଇନ୍ ସୁଯୋଗର ସଦ୍‌ବ୍ୟବହାର କଲେ ଯାଇ ବିଜୟ ସମ୍ଭବ ହୋଇ ପାରିବ। ପିଲକିଙ୍ଗଟନଙ୍କ ବ୍ୟତୀତ ଇଷ୍ଟବେଙ୍ଗଲର ଜର୍ମାନୀ ମିଡ୍ ଫିଲ୍ଡର ମାଥି ଷ୍ଟେଇନ୍‌ମ୍ୟାନ ମଧ୍ୟ ଭଲ ଫର୍ମରେ ଅଛନ୍ତି। ତେବେ ତାଙ୍କୁ ଭାରତୀୟ ଖେଳାଳିମାନେ ଉପଯୁକ୍ତ ସହାୟତା ଦେବା ଆବଶ୍ୟକ। ଇଷ୍ଟବେଙ୍ଗଲ ଏବେ ୧୧ ଦଳ ବିଶିଷ୍ଟ ପଏଣ୍ଟ ଟେବୁଲର ନିମ୍ନରେ ରହିଛି। ତେବେ ଭଲ ପ୍ରଦର୍ଶନ କରି ଦଳ ଖୁବ୍‌ଶୀଘ୍ର ଟେବୁଲର ଉପରକୁ ଉଠିବ ବୋଲି ଫ୍ଲାୱାର ଦୃଢ଼ ଆଶାୟୀ ଅଛନ୍ତି।

ମୁମ୍ବାଇ ସିଟି ଏଫସି ପ୍ରଥମ ମ୍ୟାଚରେ ଦିଗହୀନ ଶଟ୍‌ମାନ ମାରି ପରାଜିତ ହୋଇଥିଲା। ଗୋଆ ବିପକ୍ଷ ମ୍ୟାଚରେ ଯଦିଓ ଦଳ ଗୋଲ ସ୍କୋର କରିଥିଲା ତେବେ ଏବେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ ଦେଇ ପାରିନାହିଁ। ଆଡାମ ଲି ଫଣ୍ଡ୍ରି ଏବଂ ବାର୍ଥୋଲୋମେଉ ଓଗ୍‌ବେଚେଙ୍କ କମ୍ବିନେଶନ କାମ ଦେଇନାହିଁ। ଇଷ୍ଟବେଙ୍ଗଲ ଲିଗ୍‌ରେ ନୂଆ ଦଳ। ମାତ୍ର ଏହି ଦଳରେ ଅନେକ ଅଭିଜ୍ଞ ଖେଳାଳି ଅଛନ୍ତି। ଏହାର ଡିଫେନ୍ସ ବିଭାଗ ଦୃଢ଼ ଥିବାରୁ ଆଗାମୀ ମ୍ୟାଚ ରୋମାଞ୍ଚକ ହେବ। ଏହା ବିପକ୍ଷରେ ବିଜୟ ହାସଲ ପାଇଁ ଆମେ ଯୋଜନା ପ୍ରସ୍ତୁତ କରିଛୁ ବୋଲି ସ୍ପାନିଶ୍ କୋଚ୍ ଲୋବେରା କହିଛନ୍ତି। '' ନିଜ ପ୍ରଦର୍ଶନ ସ୍ତରରେ ଉନ୍ନତି ଏବଂ ତ୍ରୁଟିରୁ ଶିକ୍ଷାଲାଭ କରିବା ଉପରେ ଆମେ ଫୋକସ କରୁଛୁ। ଗତ ୨ଟି ଗେମ୍‌ରେ ଆମର ତାହା ଯୋଜନା ରହିଥିଲା ଏବଂ ଅଗାମୀ ମ୍ୟାଚରେ ମଧ୍ୟ ଅପରିବର୍ତ୍ତିତ ରହିବ। ଆମେ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହିଁବୁ, ମାତ୍ର ତାହା ସହଜ ନୁହେଁ। ଇଷ୍ଟବେଙ୍ଗଲ ଏକ ସଙ୍ଗଠିତ ଦଳ। ଏହା ବିପକ୍ଷରେ ଗ୍ୟାପ୍ ପାଇବା ସହଜ ହେବନାହିଁ। ତେଣୁ ଆମକୁ ସ୍ମାର୍ଟ ଫୁଟବଲ ଖେଳିବାକୁ ପଡ଼ିବ'' ବୋଲି ଲୋବେରା ପ୍ରକାଶ କରିଛନ୍ତି।


ସୋମବାର ଇଷ୍ଟବେଙ୍ଗଲ ଦଳର ଖେଳାଳିଙ୍କ ଅଭ୍ୟାସ।




40
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ